# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଏପ୍ରିଲ ୧୭/୨୦୧୯ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, April 17/ 2019 ★★

୧୫୩ ଭାଗ ୧୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






ଆମର 'କାଳିଆ' ଯୋଜନାରେ ଏ ପର୍ଯ୍ୟନ୍ତ ୪୦ ଲକ୍ଷ ଚାଷୀ ଉପକାର ପାଇଲେଣି।
ଆଉ ୨୫ ଲକ୍ଷ ଚାଷୀଙ୍କ ଲିଷ୍ଟ ତିଆରି ହୋଇଛି।
ଲିଷ୍ଟରେ ଥିବା ସବୁ ଚାଷୀ ଯୋଜନାର ଲାଭ ପାଇବେ।
କେହି ବି ଜଣେ ଚାଷୀ ବଞ୍ଚିତ ହେବେ ନାହିଁ। ଏବେ ନୁହେଁ କି କେବେ ନୁହେଁ।

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।







# ଫେଲ୍ ମାରୁଛି ଓଡ଼ିଶା ଟୁରିଜମ୍‌ର ଡିଜିଟାଲ କ୍ୟାମ୍ପେନ୍

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ଡିଜିଟାଲ ମାର୍କେଟିଂ ପାଇଁ ଖୁବ୍‌ଶୀଘ୍ର ପର୍ଯ୍ୟଟନ ବିଭାଗ ଏକ ସ୍ୱତନ୍ତ୍ର ଟିମ୍ କରିବ। ସ୍ୱତନ୍ତ୍ର ବଜେଟ୍‌ରେ ଡିଜିଟାଲ ମିଡିଆରେ ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର କରାଯିବ। ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ବର୍ତ୍ତମାନ ସମୟରେ ଡିଜିଟାଲ ପ୍ଲାଟଫର୍ମ ଏକ ଉତ୍କୃଷ୍ଟ ମାଧ୍ୟମ ହୋଇଥିବାରୁ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ୱେବ୍‌ସାଇଟ୍‌ରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ, ଅନ୍ୟ ରାଜ୍ୟର ପର୍ଯ୍ୟଟନ ବିଭାଗ ଭଳି ଓଡ଼ିଶା ପର୍ଯ୍ୟଟନ ମଧ୍ୟ ନିଜକୁ ଆକ୍ଟିଭ୍ ରଖିବ। ବାରମ୍ବାର ଏହିକଥା ଦୋହରାଇ ଆସୁଥିଲେ ବିଭାଗର ବରିଷ୍ଠ ଅଧିକାରୀମାନେ। ଗତ ଏକବର୍ଷ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ନିଜର ଡିଜିଟାଲ କ୍ୟାମ୍ପେନ୍‌କୁ ଜୋରଦାର କରିଥିଲେ ମଧ୍ୟ ଏବେ ଏହାର ଏକ ନକରାତ୍ମକ ଦିଗ ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଅଭିଯୋଗ କିମ୍ବା ଉଚିତ ପରାମର୍ଶ ଦେଲେ ଓଡ଼ିଶା ଟୁରିଜମ୍ ଅଭିଯୋଗକାରୀଙ୍କୁ ବ୍ଲକ୍ କରିଦେଉଛି। କେବଳ ବ୍ଲକ୍ ନୁହେଁ, ଅଫିସିଆଲ ହ୍ୟାଣ୍ଡେଲ୍ ସହ ଅନ୍ୟ କେତୋଟି ଫେକ୍ ହ୍ୟାଣ୍ଡେଲ୍‌ର ବ୍ୟବହାର କରି ବ୍ୟକ୍ତିଗତ ଭାବେ ଅନୁପଯୋଗୀ ମେସେଜ୍ ମଧ୍ୟ ପଠାଉଥିବା ଅଭିଯୋଗ ଉଠିଛି।

ଦିନେ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍ ପାଇଁ ଦେଶ ବିଦେଶରେ ପରିଚିତ ହୋଇଥିବା ଓଡ଼ିଶା ଟୁରିଜମ୍ ଏବେ 'ଫିଡ୍‌ବ୍ୟାକ୍ ବାଇ ମର୍ନିଂ, ବ୍ଲକ୍‌ଡ ବାଇ ଇଭିନିଂ' କ୍ୟାମ୍ପେନ୍‌ରେ ଟ୍ରୋଲ ହେଉଛି। ସୋସିଆଲ ମିଡିଆରେ ଅଭିଯୋଗ କିମ୍ବା ପରାମର୍ଶ ଦେଉଥିବା ଲୋକଙ୍କୁ

## ଅଭିଯୋଗ କଲେ ଟୁଇଟର୍‌ରୁ ବ୍ଲକ୍




ନିଜ ହ୍ୟାଣ୍ଡେଲ୍‌ରୁ ବ୍ଲକ୍ କରି ପର୍ଯ୍ୟଟନ ବିଭାଗକୁ ଏଭଳି ହଟହଟା ହେବାକୁ ପଡ଼ିଛି। ଜଣେ କି ଦୁଇଜଣ ନୁହେଁ, ଏକାଧିକ ଟୁଇଟର୍ ବ୍ୟବହାରକାରୀ ଓଡ଼ିଶା ଟୁରିଜମ୍‌ର ଅଫିସିଆଲ ହ୍ୟାଣ୍ଡେଲ୍‌ରୁ ବ୍ଲକ୍ ହୋଇଥିବା ଅଭିଯୋଗ କରିଛନ୍ତି। ଏଥିଲାଗି ଟୁଇଟର୍‌ରେ 'ବ୍ଲକ୍‌ଡ ବାଇ ଓଡ଼ିଶା ଟୁରିଜମ୍' ହାସଟ୍ୟାଗ୍ ଟ୍ରେଣ୍ଡ କରୁଛି। କେତେଜଣ ଅଣଓଡ଼ିଆଙ୍କ ଦ୍ୱାରା ଓଡ଼ିଶା ଟୁରିଜମ୍‌ର ସୋସିଆଲ ମିଡିଆ ପରିଚାଳିତ ହେଉଥିବାରୁ ଏଭଳି ସମସ୍ୟା ହେଉଥିବା ବ୍ୟବହାରକାରୀମାନେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଯୁବବର୍ଗଙ୍କ ପାଇଁ ପର୍ଯ୍ୟଟନ ଶିଳ୍ପର ବ୍ୟାପକତା ବୃଦ୍ଧି ପାଉଥିବାରୁ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟେକ୍ନୋଲୋଜିରେ ଉନ୍ନତ ହେବାର ଆବଶ୍ୟକତା ରହିଛି। ବର୍ତ୍ତମାନର ଯୁବପିଢ଼ି ୫୦ ପ୍ରତିଶତ ସମୟ ସୋସିଆଲ ମିଡିଆରେ ଅତିବାହିତ କରୁଥିବା ବେଳେ ଏହା ମାଧ୍ୟମରେ ପର୍ଯ୍ୟଟନର ପ୍ରଚାର ପ୍ରସାର କରାଯିବା ଆବଶ୍ୟକ ବୋଲି ରାଜ୍ୟର ଟୁର୍ ଅପରେଟର୍ ଏବଂ ହୋଟେଲିୟର୍‌ମାନେ ବାରମ୍ବାର ଦାବି କରିଆସୁଛନ୍ତି। ଏଥିଲାଗି ଓଡ଼ିଶା ପର୍ଯ୍ୟଟନ ଏକ ସ୍ୱତନ୍ତ୍ର ଡିଜିଟାଲ ମାର୍କେଟିଂ ଟିମ୍ ରଖିବା ସହ ଅତିକମ୍‌ରେ ବଜେଟ୍‌ର ୨୦ ପ୍ରତିଶତ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ଖର୍ଚ୍ଚ କରିବାକୁ ଦାବି ହୋଇଛି। ଏ ନେଇ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ)କୁ ମଧ୍ୟ ବାରମ୍ବାର କୁହାଯାଇଛି। ହେଲେ ଡିଜିଟାଲ ପ୍ଲାଟଫର୍ମରେ ଏକ ସରକାରୀ ବିଭାଗର ଏଭଳି ନକରାତ୍ମକ ବ୍ୟବହାର ଓଡ଼ିଶା ପର୍ଯ୍ୟଟନର ଛବିକୁ ଖରାପ କରିନି, ବରଂ ଏଥିପାଇଁ ନିନ୍ଦା ମୁଣ୍ଡାଇବାକୁ ପଡ଼ିଛି। ସେପଟେ ରାଜ୍ୟର ୩୫୭ ପର୍ଯ୍ୟଟନସ୍ଥଳୀରେ ମୌଳିକ ସୁବିଧା ଉପଲବ୍ଧ ନ ଥିବାବେଳେ ନାଇଟ୍ ଲାଇଫ୍, ରକ୍ ବ୍ୟାଣ୍ଡ, କାର୍ ରାଲି, ଆଡ୍‌ଭେଞ୍ଚର ସ୍ପୋର୍ଟସ୍, ବ୍ରାଣ୍ଡିଂ ଓ ମାର୍କେଟିଂ, ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର, ଷ୍ଟାର୍ ହୋଟେଲ ଆଦିର ଅଭାବ ଯୁବ ପର୍ଯ୍ୟଟକଙ୍କୁ ନିରାଶ କରୁଛି।

■ ଲୁହାପଥର ଲିଜ୍ ମାମଲା

# ଓଡ଼ିଶା ସମେତ ୩ ରାଜ୍ୟ, କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୧୬।୪

ସାରା ଦେଶରେ ରହିଥିବା ୩୫୮ ଲୁହା ପଥର ଖଣିର ଆବଣ୍ଟନ, ସମ୍ପ୍ରସାରଣ ଅଥବା ଜାରି ରହିଥିବା ଲିଜକୁ ବାତିଲ କରିବା ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ଓଡ଼ିଶା, କର୍ଣ୍ଣାଟକ, ଝାଡ଼ଖଣ୍ଡ ସମେତ କେନ୍ଦ୍ର ସରକାର ଓ ସିବିଆଇକୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଏସ୍‌ଏ ବୋବଡେ ଏବଂ ଜଷ୍ଟିସ ଏସ୍.ଅବଦୁଲ ନାଜିରଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲାରେ ସର୍ବୋଚ୍ଚ ଅଦାଲତକୁ ସହାୟତା କରିବା ପାଇଁ ବରିଷ୍ଠ ଓକିଲ ପି.ଏସ୍.ନରସିଂହାଙ୍କୁ ଆମିକସ୍ କ୍ୟୁରି ବା କୋର୍ଟ ମିତ୍ର ଭାବେ ନିଯୁକ୍ତ କରିଛନ୍ତି।

ଆବେଦନକାରୀ ମନୋହର ଲାଲ ଶର୍ମା ଦର୍ଶାଇଛନ୍ତି ଯେ, ବଡ଼ ଧରଣର ଡୋନେଶନ ବଦଳରେ ୨୮୮ ଖଣିର ଲିଜ୍‌କୁ ବୃଦ୍ଧି କରାଯାଇଥିବା ଜଣାପଡିଛି। ଏହାଦ୍ୱାରା ସରକାରଙ୍କ ରାଜକୋଷର ପ୍ରାୟ ୪ ଲକ୍ଷ କୋଟି ଟଙ୍କାର କ୍ଷତି ଘଟିଛି। ଲିଜ ବାତିଲ କରିବା ସହ ଲିଜଧାରୀ ଓ ଖଣି କମ୍ପାନୀଙ୍କଠାରୁ ଏହି ଅର୍ଥ ଆଦାୟ କରିବା, ଅଦାଲତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରିବା, ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ମାମଲା ରୁଜୁ କରିବା ଲାଗି ସେ ନିବେଦନ କରିଛନ୍ତି। ଏହାଛଡ଼ା ୨୦୧୫ରେ ଏମ୍‌ଏମ୍‌ଡିଆର ଆଇନରେ ସଂଶୋଧନ କରାଯାଇ ଯୋଡା ଯାଇଥିବା ଧାରା ୮'କ'କୁ ରଦ୍ଦ କରିବାକୁ ଶର୍ମା ନିବେଦନ କରିଛନ୍ତି। କାରଣ ଏହାଦ୍ୱାରା ସମ୍ବିଧାନର ଧାରା ୧୪ ଏବଂ ୨୧ର ବିରୁଦ୍ଧାଚରଣ କରୁଛି। ଏହାଦ୍ୱାରା ବ୍ୟାପକ ହାରରେ ଆର୍ଥିକ ଅନୀୟମିତତା ହେଉଛି ଓ ସାଧାରଣ ଜନତା ଓ ସରକାର କ୍ଷତି ସହୁଛନ୍ତି। ଉଲ୍ଲେଖଥାଉ କି, ଉକ୍ତ ଆଇନର ଧାରା ୮'କ' ଅନୁଯାୟୀ ପ୍ରତ୍ୟେକ ଖଣି ଲିଜ ୫୦ ବର୍ଷ ପାଇଁ ଦିଆଯିବ ଏବଂ ସମୟସୀମା ଅତିକ୍ରମ କରିବା ପରେ ଆଇନାନୁଯାୟୀ ଏଗଡ଼ିକର ନିଲାମ ହେବ।

## ଅଭିଯୁକ୍ତଙ୍କୁ ଧରି ଛେଚିଲେ ଲୋକେ

**ବାରିପଦା ଅଫିସ,୧୬।୪:** ବାରିପଦା ସହରରେ ବିଜୁ ପଟ୍ଟନାୟକ ଗୋଲେଇଠାରେ ମଙ୍ଗଳବାର ଜଣେ ଯୁବକ ଜଣେ ଯୁବତୀଙ୍କୁ ଟଣାଓଟରା କରି ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଏକ ଇଲେକ୍ଟ୍ରି ଖୁଣ୍ଟରେ ତାଙ୍କୁ ବାନ୍ଧି ମାଡ ମାରିଥିଲେ। ଅଭିଯୁକ୍ତ ଯୁବକ ଭୁଲ ସ୍ୱୀକାର କରିବା ପରେ ଲୋକେ ତାଙ୍କୁ ଛାଡି ଦେଇଥିଲେ। ଏନେଇ ପୋଲିସ ପାଖରେ କିଛି ସୂଚନା ନ ଥିବା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି।

## ଅଂଶୁଘାତରେ ଚାଷୀ ମୃତ୍ୟୁ ଅଭିଯୋଗ

**ବଡ଼ମ୍ବା,୧୬।୪(ଡି.ଏନ.ଏ.):** ଅଂଶୁଘାତରେ ମଙ୍ଗଳବାର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କଟକ ଜିଲା ବଡ଼ମ୍ବା ଥାନା ଅଧୀନ ଖଳିଡ଼ିପ ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ(୬୨)। ସେ ସବୁଦିନଭଳି ବିଲକୁ କାମ କରିବାକୁ ଯାଇଥିଲେ। ହେଲେ ମଧ୍ୟାହ୍ନ ସୁଦ୍ଧା ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ବିଲକୁ ଯାଇଥିଲେ। ଏହି ସମୟରେ ପ୍ରଫୁଲ୍ଲ ବିଲରେ ସଂଜ୍ଞାହୀନ ହୋଇ ପଡ଼ିଥିବା ଦେଖିଥିଲେ। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଫୁଲ୍ଲଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଅଭିଯୋଗ କରିଛନ୍ତି। ଖବର ପାଇ ବଡ଼ମ୍ବା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୫/୧୯ରୁଜୁ ହୋଇଛି।

ଜନ୍ମଦିନ ଶୁଭେଚ୍ଛା

ଅବନିଶ୍
ପ୍ଲଟ୍ ନଂ.୧୨୪୮/୧୪୭୬, ବାଙ୍କୁଆଳ, ଭୁବନେଶ୍ୱର
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋ ଭବିଷ୍ୟତ ଜୀବନ ହସଖୁସି, ଧନଧାନ୍ୟରେ ଭରିରହୁ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ବନ୍ଧୁ ଓ ପରିବାରବର୍ଗ।
ଧ-୧୨୧୬୩

ଜନ୍ମଦିନ ଶୁଭେଚ୍ଛା

ସାଇ ଶ୍ରଦ୍ଧା ପଟ୍ଟନାୟକ
CDA, Sector– 7, Plot No.E/159, Cuttack
ଜନ୍ମବାର୍ଷିକ ଅବସରରେ ପ୍ରଭୁ ସାଇବାବାଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଶୁଭେଚ୍ଛା ସହ: ବାପା, ବୋଉ, ପରିବାରବର୍ଗ।
ଧ-୬୩୨୧୬

ଜନ୍ମଦିନ ଶୁଭେଚ୍ଛା

(ପୁପୁନ୍)
ପ୍ରଭୁ ପ୍ରସାଦ ଦାସ
ଶ୍ରୀରାମ ନଗର, ଓଲ୍ଡ ଟାଉନ
ଆଜି ତୋର ଶୁଭ ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ତିନି ଜେଜେ, ତିନି ମା, ଅଜା, ଆଈ, ମାମୁ, ବଡ ବାବା, ବଡ ମାମା, ବାବା, ମାମା, ଦାଦା, ଖୁଡ଼ୀ, ଅପା, ପିଇସା, ସୋମ, ବବ୍‌ଲି, ଛବ୍‌ଲି, ଲକି, ଖୁସି, ସାଇ, ତିତ୍‌ଲି ଏବଂ ଓମ୍।
ଧ-୫୮୦୭୮

୭ମ ଜନ୍ମଦିନ ଶୁଭେଚ୍ଛା

ଶୁଭମ ଭୋଇ (ସିପୁ)
ଜଗନ୍ନାଥପୁର, ବାଲିପାଟଣା, ଖୋର୍ଦ୍ଧା
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ:
ଜେଜେ ମା, ବୋଉ।
ଧ-୬୫୮୮୧









DHARITRI
ସମ୍ବଲପୁର, ବୁଧବାର, ଏପ୍ରିଲ ୧୭/୨୦୧୯ | Sambalpur, Wednesday, April 17/ 2019 | ପୃଷ୍ଠା-୧



**ସଙ୍ଗୀତା ଅଧିନାୟିକା**

ମହାରାଷ୍ଟ୍ରର କୋହ୍ଲାପୁରଠାରେ ହେବାକୁଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍ ପାଇଁ ସଙ୍ଗୀତା ଦାସ ଓଡ଼ିଶା ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ୧୬

୦୨

**ଅଶ୍ୱତ୍ଥମା ଚରିତ୍ରରେ ଭିକି**

ଅଭିନେତା ଭିକି କୌଶଲ ନିର୍ଦ୍ଦେଶକ ଆଦତ୍ୟ ଧରଙ୍କ ପରବର୍ତ୍ତୀ ଫିଲ୍ମରେ ଅଶ୍ୱତ୍ଥମା ଭୂମିକାରେ ଅଭିନୟ କରିବେ।






# କୁଶଭଦ୍ରାରେ ବୁଡ଼ି ୩ କଲେଜ ଛାତ୍ର ନିଖୋଜ

ନିମାପଡ଼ା,୧୬।୪(ଡି.ଏନ୍.ଏ.)

କୁଶଭଦ୍ରା ନଦୀରେ ଗାଧୋଇବା ବେଳେ ୩ଜଣ କଲେଜ ଛାତ୍ର ବୁଡ଼ିଯାଇଥିବା ଜଣାପଡିଛି। ମଙ୍ଗଳବାର ଏଭଳି ଏକ ଘଟଣା ଘଟିଛି ପୁରୀ ଜିଲା ନିମାପଡ଼ା ଅଞ୍ଚଳରେ। ନିମାପଡ଼ାସ୍ଥିତ ସ୍ୱାଧୀନ ରେସିଡେନ୍ସିଆଲ କଲେଜର ଯୁକ୍ତ ୩ ବିଜ୍ଞାନରେ ପଢୁଥିବା ଶ୍ୟାମସୁନ୍ଦରପୁରର ଜ୍ୟୋତିରଞ୍ଜନ ସାହୁ ତାଙ୍କ ଦୁଇସାଙ୍ଗଙ୍କ ସହ ଗାଧୋଇବା ପାଇଁ କୁଶଭଦ୍ରା ନଦୀର ଧୀରପୁର ବାଲିଘାଟ ଗଣ୍ଡକୁ ଯାଇଥିଲେ। ଗାଧୋଇବା ବେଳେ ହଠାତ ୩ ସାଙ୍ଗଙ୍କ ଗୋଡ ଖସିଯିବାରୁ ☞ପୃଷ୍ଠା-୧୨



ସମ୍ବଲପୁରରେ ଭାଜପା ପକ୍ଷରୁ ମଙ୍ଗଳବାର ଆୟୋଜିତ ବିଜୟ ସଂକଳ୍ପ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଏମ୍‌ପି ପ୍ରାର୍ଥୀ ନୀତେଶ ଗଙ୍ଗଦେବ ଓ ଜୟନାରାୟଣ ମିଶ୍ର ପ୍ରମୁଖ ।

# ୧୮ରୁ ଗ୍ରୀଷ୍ମକାଳୀନ ଛୁଟି

## ବନ୍ଦ ରହିବ ସବୁ ସରକାରୀ, ବେସରକାରୀ ସ୍କୁଲ

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଦ୍ୟାଳୟଗୁଡ଼ିକ ପାଇଁ ଆଗୁଆ ଗ୍ରୀଷ୍ମକାଳୀନ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏପ୍ରିଲ ୧୮ରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ମଙ୍ଗଳବାର ଘୋଷଣା କରିଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଏକ ଚିଠି ଦିଆଯାଇଛି। ବର୍ତ୍ତମାନ ରାଜ୍ୟର ଅନେକ ଜିଲାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ୨ରୁ ମେ ୫ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ସ୍କୁଲ ଚାଲିବା ସହ ପୂର୍ବାହ୍ନ ୧୦ଟାରେ ମଧ୍ୟାହ୍ନ ଭୋଜନ ଦିଆଯିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ମେ ୬ରୁ ଖରା ଛୁଟି ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ରାଜ୍ୟରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ସାଧାରଣ ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇପଡୁଛି। ସକାଳ ୮ଟାରୁ ଖରା ତାତି ଧୀରେ ଧୀରେ ବଢ଼ି ପୂର୍ବାହ୍ନ ୧୦ଟାରେ ଅସମ୍ଭାଳ ହୋଇପଡୁଛି। ଏହି ସମୟରେ ଛୋଟ ପିଲାମାନେ ବିଦ୍ୟାଳୟ ଆସି ଘରକୁ ଫେରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସମସ୍ୟାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଆଗୁଆ ସ୍କୁଲ ଛୁଟି ଘୋଷଣା କରିଛନ୍ତି।

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ସବୁଆଡ଼େ କ୍ଷତି

# ‘ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା କରିବି’



ବରଗଡ଼ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ବରଗଡ଼ ଅଫିସ,୧୬।୪

କାଳିଆ ଯୋଜନାରେ ୪୦ଲକ୍ଷ ଚାଷୀ ଉପକୃତ ହେଲେଣି। ହେଲେ କେନ୍ଦ୍ରର ଭାଜପା ସରକାର ଏହି ଯୋଜନାକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। କିନ୍ତୁ ସେ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି ମଙ୍ଗଳବାର ବରଗଡ଼ ଲୋକମଣ୍ଡପ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସେ କହିଥିଲେ, ବିଜେଡି ସରକାର ଆସିବାର ପ୍ରଥମ ଦିନହିଁ ବାକି ସବୁ ଚାଷୀଙ୍କୁ ୨ଟି କିସ୍ତିର ୧୦ହଜାର ଟଙ୍କା ମିଳିବ। ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨ଗୁଣା କରିବାକୁ ଘୋଷାଣା କରିଥିଲା। ତାହା ଭଲ କଥା, ଚାଷୀମାନେ ମଧ୍ୟ ଅପେକ୍ଷା କଲେ। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ଅନ୍ୟପକ୍ଷେ ୨୦୧୬ରେ ସେ କେନ୍ଦ୍ରକୁ ଏକ ଚିଠି ଲେଖିଥିବାବେଳେ ବିଧାନସଭା ଗୃହ କମିଟି ମଧ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ଫେରାଦ ହୋଇଥିଲା। ମାତ୍ର ୨ବର୍ଷ ବିତିଗଲା ପଛେ କେନ୍ଦ୍ର ସରକାର ୨ମିନିଟ୍ ସମୟ ଦେଲେ ନାହିଁ କି କେନ୍ଦ୍ରରେ ରହିଥିବା ଓଡ଼ିଶାର ☞ପୃଷ୍ଠା-୧୨

# ‘ଚାଉଳ ଦେଉଛୁ ଆମେ, ଫାଇଦା ନେଉଛି ରାଜ୍ୟ’

ସମ୍ବଲପୁର,୧୬।୪(ବ୍ୟୁରୋ)

**ସମ୍ବଲପୁରରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ମୋଦି**

- ରାଜ୍ୟ ସରକାର କେବଳ ଡାକ କର୍ମଚାରୀ
- ୨୦୨୨ ସୁଦ୍ଧା ସବୁ ଯୋଗ୍ୟ ପରିବାରକୁ ପକ୍କାଘର
- ମାଛଚାଷ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଖୋଲିବ
- ନଦୀଗୁଡ଼ିକର ସଂଯୋଗୀକରଣ କରାଯିବ

ଖଣି ଦୁର୍ନୀତି ଭଳି ଅନେକ ଦୁର୍ନୀତିରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ରହିଛି। କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ ନିଜ ଯୋଜନା କହି ଲୋକଙ୍କୁ ଠକି ଚାଲିଛନ୍ତି ରାଜ୍ୟ ସରକାର। ଲୋକାଭିମୁଖୀ ‘ଆୟୁଷ୍ମାନ୍ ଭାରତ’ ଯୋଜନା ରାଜ୍ୟରେ ଲାଗୁ କରିଦିଆଗଲା ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ‘ପିଏମ୍ କିଷାନ’ ଯୋଜନା ପାଇଁ ଚାଷୀଙ୍କ ଉପଯୁକ୍ତ ତାଲିକା ଦିଆଗଲା ନାହିଁ। ମାତ୍ର ସାଢ଼େ ୮ଲକ୍ଷ ଚାଷୀଙ୍କ ଖାତାକୁ କେନ୍ଦ୍ର ସରକାର ସିଧାସଳଖ ଟଙ୍କା ଜମା କରିପାରିଛନ୍ତି। ରାଜ୍ୟରେ କୃଷକଙ୍କ ପାଇଁ ଏକ ଯୋଜନା କରି କୋଟି କୋଟି ଟଙ୍କାର ଦୁର୍ନୀତି କରାଗଲା, ଯାହା ଓଡ଼ିଶାବାସୀ ଜାଣିଛନ୍ତି। କେନ୍ଦ୍ରର ଅନେକ ଯୋଜନାକୁ ରାଜ୍ୟରେ ଲାଗୁ କରିଦିଆଯାଉ ନାହିଁ। ଫଳରେ ରାଜ୍ୟବାସୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଦୁର୍ନୀତିଗ୍ରସ୍ତ ସରକାରର ପରିବର୍ତ୍ତନ ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ନିର୍ବାଚନରେ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଗଢ଼ିବା ପାଇଁ ☞ପୃଷ୍ଠା-୧୨




**ଆଜିର ମନ୍ତବ୍ୟ**

“ନିର୍ବାଚନରେ ପରାଜୟ ସୁନିଶ୍ଚିତ ବୋଲି ଜାଣିବା ପରେ ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଉଛନ୍ତି ବିରୋଧୀ।

-ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

■ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ

# ୧୮ରେ ୨୭୯ ପ୍ରାର୍ଥୀଙ୍କ ଭାଗ୍ୟପରୀକ୍ଷା

- ୫ ଲୋକ ସଭା, ୩୫ ବିଧାନସଭା ଆସନରେ ହେବ ଭୋଟଗ୍ରହଣ
- ମତଦାନ କରିବେ ୭୬,୯୩,୧୨୩ ଭୋଟର

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ଆସନ୍ତା ୧୮ ତାରିଖରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ସେଥିପାଇଁ ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ନିର୍ବାଚନ ପ୍ରଚାର ଶେଷ ହୋଇଛି। ମତଦାନ ପରିଚାଳନା ପାଇଁ କର୍ମଚାରୀମାନେ ନିର୍ବାଚନ ସାମଗ୍ରୀ ଧରି ଗନ୍ତବ୍ୟସ୍ଥଳକୁ ଗସ୍ତ କରିଛନ୍ତି। ଏହି ଦ୍ୱିତୀୟ ପର୍ଯ୍ୟାୟରେ ୫ ଲୋକ ସଭା ଆସନ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ, ଆସିକା ଏବଂ ଏହା ଅଧୀନ ୩୫ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ୩୫ ବିଧାନସଭା ଆସନ ପାଇଁ ୨୪୪ ଏବଂ ୫ ଲୋକ ସଭା ଆସନ ପାଇଁ ୩୫ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୋଟ ୨୭୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ୭୬ ଲକ୍ଷ ୯୩ ହଜାର ୧୨୩ ଭୋଟର।

ଏହି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ☞ପୃଷ୍ଠା-୧୨

**କେଉଁଠି ହେବ ଭୋଟ**

**୫ ଲୋକ ସଭା ଆସନ**

ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ ଏବଂ ଆସିକା

**୩୫ ବିଧାନସଭା ଆସନ**

ପଦମ୍‌ପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲୀ, ବ୍ରଜରାଜନଗର, ଝାରସୁଗୁଡ଼ା, ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲ୍ଲୀ, ରାଉରକେଲା, ରାଜଗାଙ୍ଗପୁର, ବଣାଇ, ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜି, ବାଲିଗୁଡା, ଜି.ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି।




NECC NATIONAL EGG CO-ORDINATION COMMITTEE | Vencobb CHICKEN

16.04.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 88 | 142 | 152 |
| DKL | 89 | 144 | 154 |
| BDK | 89 | 144 | 154 |
| BLS | 90 | 145 | 155 |
| ANG | 89 | 144 | 154 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଜ୍ୟୋତି
ପରିବାରବର୍ଗ


ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭୁବନେଶ୍ୱର ସର୍ବାଧିକ ଉତ୍ତପ୍ତ ସହର

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ପ୍ରବଳ ଖରା ତାତିରେ ଜଳୁଛି ସାରା ଓଡ଼ିଶା। ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ହନ୍ତସନ୍ତ ହୋଇଗଲାଣି। ମଙ୍ଗଳବାର ରାଜଧାନୀ ଭୁବନେଶ୍ୱର ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିଲା। ଏପରି କି, ଟିଟିଲାଗଡ଼ ଓ ତାଳଚେରକୁ ପଛରେ ପକାଇ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହର ଭାବେ ରେକର୍ଡ ହୋଇଛି। ଏଠାରେ ତାପମାତ୍ରା ସର୍ବାଧିକ ୪୩.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ମୁଣ୍ଡଫଟା ଖରା ସାଙ୍ଗକୁ ତତଲା ହାୱା ରାଜଧାନୀବାସୀଙ୍କୁ ଅସ୍ତବ୍ୟସ୍ତ କଲାଣି। ପୂର୍ବାହ୍ନ ୧୧ଟା ବେଳକୁ ରାସ୍ତାଘାଟ ସବୁ ଶୂନ୍‌ଶାନ ହୋଇଯାଉଛି। ବୁଧବାର ମଧ୍ୟ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୨୫ ଡିଗ୍ରୀ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ମଙ୍ଗଳବାର ରାଜ୍ୟର ୮ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ତାଳଚେରରେ ୪୩.୩ ଡିଗ୍ରୀ, ଅନୁଗୋଳରେ ୪୨.୭ ଡିଗ୍ରୀ, ଟିଟିଲାଗଡ଼ରେ ୪୨ ଡିଗ୍ରୀ, କଟକରେ ୪୧.୧ ଡିଗ୍ରୀ, ମାଲକାନଗିରିରେ ୪୦.୮ ଡିଗ୍ରୀ, ଚାନ୍ଦବାଲିରେ ୪୦.୫ ଡିଗ୍ରୀ ଓ ଝାରସୁଗୁଡ଼ାରେ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଉପକୂଳ ଓଡ଼ିଶାବାସୀ ମଧ୍ୟ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଆସନ୍ତା ୨ରୁ ୩ଦିନ ପର୍ଯ୍ୟନ୍ତ ଏହିଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ। ତେବେ ଦିନବେଳା ତାପମାତ୍ରା ୨ରୁ ୩ ଡିଗ୍ରୀ ଖସିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବୁଧବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ନୂଆପଡ଼ା, ନବରଙ୍ଗପୁର ଓ କଳାହାଣ୍ଡିର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପବନ ସାଙ୍ଗକୁ ସାମାନ୍ୟ ବର୍ଷା ହେବା ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ବର୍ଷା ସହ ଘଡ଼ଘଡ଼ି ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୁରୁବାର ମଧ୍ୟ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ବର୍ଷା ସହ ପବନର ବେଗ ବଢ଼ିପାରେ। ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ସମ୍ବଲପୁର ଓ ଦେବଗଡ଼ର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ହେବା ସମ୍ଭାବନା ରହିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ହେବାର ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ଜଳୁଛି ସାରା ଓଡ଼ିଶା

- ୪୩.୭ ଡିଗ୍ରୀରେ ରାଜଧାନୀ
- ୪୦ ଡିଗ୍ରୀ ଟପିଲା ୮ ସହର



# ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ

**ଫୁଲବାଣୀ ଅଫିସ, ୧୬।୪**

କନ୍ଧମାଳ ପୋଲିସ ନିକଟରେ ଜଣେ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଗୋଚ୍ଛାପଡା ଥାନା ପାହିରାଜୁ ପଞ୍ଚାୟତ ବରହଲା ଗ୍ରାମର ଭରତ କହଁର ଓରଫ ରାକେଶ। ଭରତ ୨୦୧୮ ମାର୍ଚ୍ଚ ୮ରୁ ୨୦୧୯ ଏପ୍ରିଲ ୧୩ ପର୍ଯ୍ୟନ୍ତ କେକେବିଏନ ଡିଭିଜନ କାଡାଙ୍ଗା ଏରିଆ କମିଟିରେ କାର୍ଯ୍ୟ କରୁଥିଲେ। ଗାଡିମାସ୍କା କ୍ୟାମ୍ପ, ଗାଗରପଟାରେ ଗୁଳି ବିନିମୟ, ସୁଡ୍ରୁକୁମ୍ପା ରବୀନ୍ଦ୍ର ମଲ୍ଲିକ ହତ୍ୟା ଘଟଣାରେ ଭରତ ସମ୍ପୃକ୍ତ ଥିଲେ। ତାଙ୍କ ନାମରେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଥିଲା। ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସପି ପ୍ରତୀକ ସିଂ ଏହି ସୂଚନା ଦେଇଛନ୍ତି। ସରକାରଙ୍କ ଯୋଜନା ଅନୁସାରେ ଭରତଙ୍କ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।


ଆତ୍ମ ସମର୍ପଣ କରିଥିବା ଭରତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

# ମିସ୍ ଟ୍ରାଡିଶନାଲ୍ ଟାଇଟଲ୍ ଜିତିଲେ ଓଡ଼ିଆ ଝିଅ ଶିବାନୀ

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ମୁମ୍ବାଇ ମହାନଗର ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେଇ ମିସ୍ ଟ୍ରାଡିଶନାଲ୍ ବିଭାଗରେ ବିଜୟୀ ହୋଇଛନ୍ତି ଓଡ଼ିଆ ଝିଅ ଶିବାନୀ ମିଶ୍ର। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଶିବାନୀ ଏହି ପ୍ରତିଯୋଗିତାରେ ଓଡ଼ିଶାର ସଂସ୍କୃତି, ପରମ୍ପରା, ଚଳଣି ଓ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପ୍ରଦର୍ଶିତ କରି ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁମ୍ବାଇରେ ରହି ମଧ୍ୟ ଓଡ଼ିଶାର କଳା ଓ ସଂସ୍କୃତିକୁ ଭୁଲି ନ ଥିବାରୁ ତାଙ୍କୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। ବମ୍ବେ ଓଡ଼ିଆ ମହାସଂଘ ସଭାପତି ତଥା ସେଠାରୁ ପ୍ରକାଶ ପାଉଥିବା ଏକମାତ୍ର ଓଡ଼ିଆ ଖବରକାଗଜ 'ମୁମ୍ବାଇ ଓଡ଼ିଆ ସମାଜ'ର ମୁଖ୍ୟ ସମ୍ପାଦକ ଡ. ବିପିନ ବିହାରୀ ମିଶ୍ର ଓ ଡ. ସୁକାନ୍ତି ମିଶ୍ରଙ୍କ କନିଷ୍ଠା କନ୍ୟା ହେଉଛନ୍ତି ଶିବାନୀ। ତାଙ୍କ ବଡ଼ ଭଉଣୀ ଶେଲ୍‌ଭି ମିଶ୍ର ଏୟାର ଇଣ୍ଡିଆରେ ଜଣେ ଦକ୍ଷ ପାଇଲଟ ଭାବେ ଜଣାଶୁଣା।



# ଅଶ୍ୱତ୍ଥମା ଚରିତ୍ରରେ ଅଭିନୟ କରିବେ ଭିକି

ମୁମ୍ବାଇ: ଅଭିନେତା ଭିକି କୌଶଲ ପୁନଶ୍ଚ 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍'ର ନିର୍ଦ୍ଦେଶକ ଆଦତ୍ୟ ଧରଙ୍କ ପରବର୍ତ୍ତୀ ଫିଲ୍ମରେ ଅଶ୍ୱତ୍ଥମା ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏହି ପ୍ରୋଜେକ୍ଟରେ ଭିକିଙ୍କ ସହିତ କାମ କରିବାକୁ ଯାଉଥିବା ଆଦିତ୍ୟ ସୁନିଶ୍ଚିତ କରାଇଛନ୍ତି। ଉକ୍ତ ଫିଲ୍ମ ଏକ ପିରିୟଡ ଡ୍ରାମା ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ନିର୍ଦ୍ଦେଶକଙ୍କ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ ଏହା ଏକ ପିରିୟଡ ଫିଲ୍ମ ନୁହେଁ। ଏହା ଆଧୁନିକ ସମୟର ଏକ ସୁପରହିରୋ ଆକ୍ସନ ଫିଲ୍ମ। ମହାଭାରତର କଥାବସ୍ତୁ ଅନୁସାରେ ଅଶ୍ୱତ୍ଥମା ହେଉଛନ୍ତି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର। ସେ କୁରୁକ୍ଷେତ୍ର ଯୁଦ୍ଧରେ କୌରବଙ୍କ ସାଥିରେ ରହି ପାଣ୍ଡବଙ୍କ ବିରୋଧରେ ଯୁଦ୍ଧ କରିଥିଲେ। ବର୍ତ୍ତମାନ ନିର୍ଦ୍ଦେଶକ ଉକ୍ତ ଫିଲ୍ମ ସମ୍ପର୍କରେ ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ଏହାର ଶୁଟିଂ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ। ତେବେ ଏହାର ରିଲିଜ ୨୦୨୦ ମଧ୍ୟଭାଗରେ ହେବା ଲକ୍ଷ୍ୟ ରଖାଯାଇଛି। ଭିକି ମଧ୍ୟ ସୁଜିତ୍ ସର୍କାରଙ୍କ ଉଦ୍ଧାମ ସିଂ ବାୟୋପିକ୍‌ରେ 'ତଖତ୍' ଭୂମିକାରେ ଏବଂ କରନ୍ ଜୋହରଙ୍କ ନିର୍ଦ୍ଦେଶିତ ଏକ ହରର୍ ଫିଲ୍ମରେ ଦୃଶ୍ୟମାନ ହେବେ।



### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଇସ୍ପାତ ଆମଦାନି ୪.୭% ବୃଦ୍ଧି ଘଟି ୭.୮୪ ନିୟୁତ ଟନ୍ ଛୁଇଁଛି। – **ଇସ୍ପାତ ମନ୍ତ୍ରଣାଳୟ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରବିଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ମନ ଅନୁଯାୟୀ କାମ ସମ୍ପନ୍ନ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଧନାଧିପ ଏକାଦଶସ୍ଥ ହେତୁ ବିବାଦର ଅବସାନ ଘଟିବ। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କେତୁଯୁକ୍ତ ଶନିଙ୍କ ଯୋଗୁ ଆଇନ ଅଦାଲତ ସମ୍ପର୍କରେ ଟେନସନ୍ ବୃଦ୍ଧି ପାଇବ।

**ବୃଷ** ପାପଗ୍ରହ ପ୍ରଭାବରୁ ମୁକ୍ତ ଚତୁର୍ଥସ୍ଥ ଚନ୍ଦ୍ର ପାରିବାରିକ ସ୍ଥିରତା ସାଙ୍ଗକୁ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ। ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗ ହେବାରେ ନିଜ ପରିସରସ୍ଥ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆବଶ୍ୟକତା ଅନୁଯାୟୀ କୌଣସି ନୂତନ ଜିନିଷ, ବସ୍ତ୍ରାଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବିବାହ ହେତୁକ ଦୁଶ୍ଚିନ୍ତା ମନକୁ ସାମୟିକ ଭାରାକ୍ରାନ୍ତ କରିପାରେ।

**ମିଥୁନ** ଆଜି ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ରହିଥିବାରୁ କୌଣସି ବିବାଦୀୟ ମନ୍ତବ୍ୟ ଦେଇ ସମସ୍ୟା ଭିତରକୁ ଟାଣି ହୋଇଯାଇପାରନ୍ତି। ବଳହୀନ ରାଶ୍ୟାଧିପତି ଅନ୍ୟମାନଙ୍କ ସାହାଯ୍ୟ ନେଇ ସନ୍ତାନ ହେତୁକ ଦୁଶ୍ଚିନ୍ତାର ସମାଧାନ କରିବାକୁ ଚେଷ୍ଟା କରିବେ। ଉଚ୍ଚସ୍ଥ ଶୁକ୍ରଙ୍କ ପ୍ରଭାବରେ ହୋଟେଲ, ରେଷ୍ଟୁରାଣ୍ଟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** ଧନସ୍ଥାନରେ ଚନ୍ଦ୍ର ଓ ଧନାଧିପତି ଉଚ୍ଚସ୍ଥ ହେତୁ ଅର୍ଥପ୍ରାପ୍ତି ସାଙ୍ଗକୁ କର୍ମସାଧନ, ବିଶିଷ୍ଟବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନରୁ ଖୁସି ରହିବେ। ନୂତନ ଯାନବାହନ କିମ୍ବା ବିଳାସ ଉପକରଣ କ୍ରୟ କରିବା, କଳ କାରଖାନା, ଫ୍ଲାଟ ବ୍ୟବସାୟ କ୍ଷେତ୍ରରୁ ସୁଫଳ ପାଇବେ। ନିଜଦ୍ୱାରା ଉପକୃତ ହୋଇଥିବା ଲୋକମାନଙ୍କ ବେଖାତିର ଓ ବେପରୁଆ ମନୋଭାବରୁ କ୍ଷୁବ୍ଧ ହେବେ।

**ସିଂହ** ରାଶିରେ ମନ କାରକ ବ୍ୟୟାଧିପ ଚନ୍ଦ୍ର ଏବଂ ଏକାଦଶରୁ ରାହୁଙ୍କ ଦୃଷ୍ଟି ଶିକ୍ଷା, ଆଲୋଚନା ଓ ଯୋଗାଯୋଗ କ୍ଷେତ୍ରରେ ସଫଳତା ପାଇ ନ ପାରନ୍ତି। ତଥାପି ରବିଙ୍କ ପ୍ରଭାବରୁ ସମସ୍ୟା ରହିଥିଲେ ମଧ୍ୟ ସମାଧାନର ରାସ୍ତା ଖୋଲିଯିବ। ନୂତନ କର୍ମାରମ୍ଭ, ଗବେଷଣା, ଅଧ୍ୟୟନ, ଅଧ୍ୟାପନା ଓ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା** ବ୍ୟୟଭାବାଧିପତି ରବି ଅଷ୍ଟମ ଭାବରେ ଅବସ୍ଥାନ କରି ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ସମସ୍ୟା ମଧ୍ୟରେ ଆଶା ପୂରଣ ହୋଇପାରିବ। ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ପରିବାର ସଦସ୍ୟମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିବେ। ସାମାଜିକ ସ୍ତରରେ ସାହାଯ୍ୟକାରୀ ମନୋଭାବାପନ୍ନରୁ ପ୍ରଶଂସିତ ହେବେ।

**ତୁଳା** ଭାଗ୍ୟସ୍ଥାନରେ ଅଷ୍ଟମାଧିପତି ଓ ଭାଗ୍ୟସ୍ଥାନକୁ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ହେତୁ ଚେଷ୍ଟା କରୁଥିବା କାମରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଦେଖାଦେବ। କୌଣସି ପ୍ରକାରର ଅଭାବ ଅସୁବିଧା ନ ଥିଲେ ମଧ୍ୟ ମାନସିକ ଅଶାନ୍ତି ସୃଷ୍ଟି କରିପାରେ। ତଥାପି ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସାମନା କରି ପାରିବାରିକ ଓ କର୍ମକ୍ଷେତ୍ରକୁ ସଜାଡି ନେବାର ପ୍ରୟତ୍ନ କରିବେ।

**ବିଛା** ଆଜି ଚନ୍ଦ୍ରଙ୍କ ସ୍ଥିତି ବହୁତ ଭଲ ରହିଥିବାରୁ ମନସ୍କାମନା ପୂର୍ଣ୍ଣ ହେବା ସହ ମାନସିକ ସ୍ତରରେ ଶାନ୍ତି ଅନୁଭବ କରିବେ। ପରିଚିତ ବ୍ୟକ୍ତିମାନଙ୍କ ସହ ଆଜିର ଆଲୋଚନା ପ୍ରୀତିପ୍ରଦ ରହିବ। ପାରିବାରିକ ସମସ୍ୟା ସମାଧାନରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସରଳବିଶ୍ୱାସ କରିବା ଦ୍ୱାରା ଧନହାନି ସାଙ୍ଗକୁ କୌଣସି ମହିଳାଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ଧନୁ** ଦୁଃସ୍ଥାନାଧିପ ଚନ୍ଦ୍ର ଧର୍ମଭାବରେ ରହି ଆପଣଙ୍କ ଚେଷ୍ଟା, ଆଶା ଓ ଅଭିଳାଷକୁ ଅପୂର୍ଣ୍ଣ ରଖିପାରନ୍ତି। ଅବଶ୍ୟ ସାମାନ୍ୟିକ ସ୍ୱାସ୍ଥ୍ୟହାନି ହେଲେ ମଧ୍ୟ ବିଶେଷ ଗୁରୁତର ହେବନାହିଁ। ଆଲୋଚନା କ୍ଷେତ୍ରରେ ଉନ୍ନତ ମାନର ବୁଝାମଣା ହେତୁ ପୂର୍ବାଷାଢା ନକ୍ଷତ୍ର ସକାଶେ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। ପାରିବାରିକ, ପ୍ରଶାସନ ଓ ଯାତ୍ରା ଓ ଶିଳ୍ପ, ବାଣିଜ୍ୟରୁ ମଧ୍ୟ ଶୁଭଫଳ ପାଇବେ।

**ମକର** ସାମୟିକ ଭାବରେ ଚନ୍ଦ୍ରଙ୍କ ରାଶି ପରିବର୍ତ୍ତନ ଆପଣଙ୍କ ପାଇଁ ଦୈହିକ ଓ ମାନସିକ ଅସୁସ୍ଥତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଆପଣଙ୍କ କାର୍ଯ୍ୟ ସାଧନ, ବ୍ୟବସାୟ, ରାଜନୀତି ଓ ପ୍ରଶାସନିକ କ୍ଷେତ୍ର ପାଇଁ ମନ୍ଦ ହେବନି। ଆନୁଷ୍ଠାନିକ, ସାଙ୍ଗଠନିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କୁମ୍ଭ** ଭାଗ୍ୟାଧିପତି ଶୁକ୍ର ଉଚ୍ଚ ଧନ ସ୍ଥାନରେ ଥିବାରୁ ଅର୍ଥଲାଭ ସହ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତିରେ ବ୍ୟସ୍ତ ହୋଇ ରୁକ୍ଷ ବ୍ୟବହାର ପ୍ରଦର୍ଶନ ଦ୍ୱାରା ବନ୍ଧୁଙ୍କ ମନରେ ଆଘାତ ଆସିପାରେ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** ରାଶିରେ ବୁଧ ଓ ଶୁକ୍ର ଥିଲେ ମଧ୍ୟ ଚନ୍ଦ୍ରଙ୍କ ସ୍ଥିତି ବିଶେଷ ଭଲ ନ ଥିବାରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟିପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହିବା ଭଲ ହେବ। ତଥାପି ରେବତୀ ନକ୍ଷତ୍ର ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ବୁଧବାର, ଶ୍ରୀମନ୍ଦିରରେ ଦମନକ ଯାତ୍ରା, ଦୟଣା ଚୋରି ନୀତି, ରାମଲୀଳା, ମାୟାମୃଗ ପ୍ରସ୍ତାବ, ଏପ୍ରିଲ ୧୭ ତାରିଖ, ବିଶ୍ୱ ହେମୋଫୋଲିଆ ଦିବସ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର–ଉତ୍ତରାଫାଲଗୁନୀ/ ସିଂହ, କର୍କଟ ରାଶିର ଘାତବାର, ସକାଳ ଘ୬।୩୪ମି. ଗତେ, କନ୍ୟା ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୦୦ମି. ଗତେ ଘ୮।୩୪ମି. ମଧ୍ୟେ, ଘ୨।୫୩ମି. ଗତେ ଘ୪।୨୮ମି. ମଧ୍ୟେ ଅମୃତ ବେଳା।


# classifieds




**BRIDE WANTED**

ଇଣ୍ଡିଆନ ସ୍କୁଲ ଅଫ୍ ମାଇନ୍ସରୁ ପାସ୍ କରିଥିବା ଆଲାଏଡ଼୍ ବ୍ରାହ୍ମଣ ପାତ୍ର ପାଇଁ ଡ଼ାକ୍ତର ଝିଅ ଦରକାର। ଯୋଗାଯୋଗ: ୯୪୩୭୦୧୦୯୮୯, ୮୦୧୮୮୪୫୪୦୪. D-12110

Now Matrimonial ads. only on Wednesday & Sunday
Book 1 Get 1 FREE

Wanted suitable Bangalore service Brahmin girl for Bangalore service software Engineer boy, 1990, 5'10": 9439630459, 8079961511. D-12130

Divorcee groom class-1 officer 38, clerk 42 (caste-no-bar). Contact: 7873374269. D-66430

**GROOM WANTED**

୨୩ ବୟସ୍କା ଛାଡ଼ପତ୍ରପ୍ରାପ୍ତ, ପୁଅ ସନ୍ତାନଥିବା ସୁନ୍ଦର ବ୍ରାହ୍ମଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ପାଇଁ ପୁଅ ଦରକାର। ୭୦୦୮୦୮୦୯୬୭. ଧ- ୬୦୮୨୯

ଖଣ୍ଡାୟତ 47 ବର୍ଷ, Post Officeରେ SA, ଛାଡ଼ପତ୍ର ଥିବା ଝିଅ ପାଇଁ ସାଧାରଣ ଘରର ବରପାତ୍ର ଆବଶ୍ୟକ ଯେକୌଣସି ଜାତିର। 8895411143. D-63766

real estate

**SALE**

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

Plot sale Patia sqft.- 1,090/-, Sundarpada- 300/-, Pitapalli- 620/-. 7377735755. D-12111

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

Yellowzone Gharabari plots BDA area Badagada canal road sqft. 2300/-. 7735738102. D-12167

2BHK simplex 1200 sqft. land 12,80,000/- 5km. from BJEM-II monthly Installment 10,000/-. 7735738102. D-12168

2BHK simplex 24,50,000/- finishing Hanspal, Gharabari plot Rangabazar, Atala: 9556261421. D- 66431

Book 3BHK duplex having land area 1300 sqft. and construction area 1900 sqft. at Jagamara, Bhubaneswar. Price- 72 lakhs. 9078151122. D-66087

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜୀବ ବିଜ୍ଞାନରେ ଡକ୍ଟରେଟ୍ ଲାଭ



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗରେ "Identification of morphological, histological and enzymatic markers in some exotic and native earthworm species for the detection of soil contamination due to agrochemicals and industrial wastes" ଉପରେ ଉଚ୍ଚତର ଗବେଷଣା କରି ସୂର୍ଯ୍ୟଶିଖା ସାମଲ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଡିଗ୍ରୀ ଲାଭ କରିଛନ୍ତି। ଡକ୍ଟର ସୂର୍ଯ୍ୟଶିଖା ଉକ୍ତ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ଡକ୍ଟର ସୁନନ୍ଦା ସାହୁ ଓ OUATର ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ରଙ୍କ ମିଳିତ ତତ୍ତ୍ୱାବଧାନରେ Science & Technology Dept., Odisha ରୁ Fellowship ପାଇ ଗବେଷଣା କରୁଥିଲେ। ତାଙ୍କର ନିବନ୍ଧଟି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର C.P. Srivastava ଏବଂ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର J.K. Dutta ଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ସୂର୍ଯ୍ୟଶିଖାଙ୍କର ଅନେକ ଗବେଷଣା ଜନିତ ନିବନ୍ଧ ବିଭିନ୍ନ ଆନ୍ତର୍ଜାତିକ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। BHU, NISER, KIIT ଠାରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତିକ ଓ ଜାତିୟ ସମ୍ମିଳନୀରେ ଡକ୍ଟର ସୂର୍ଯ୍ୟଶିଖାଙ୍କୁ ତାଙ୍କର ଉଚ୍ଚକୋଟିର ଗବେଷଣା ନିମନ୍ତେ ସମ୍ମାନିତ କରାଯାଇଛି। ସେ ଭୁବନେଶ୍ୱର ଶାନ୍ତି ନଗର ନିବାସୀ ଶ୍ରୀଯୁକ୍ତ କମଳ କାନ୍ତ ସାମଲ ଏବଂ ଶ୍ରୀମତୀ ସରୋଜନଳିନୀ ପଟ୍ଟନାୟକଙ୍କ ଜ୍ୟେଷ୍ଠା କନ୍ୟା ଏବଂ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲର ପୂର୍ବତନ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ୰ କାହ୍ନୁଚରଣ ସାମଲ ଏବଂ ୰ଶୋଭାରାଣୀ ସାମଲଙ୍କ ନାତୁଣୀ ଅଟନ୍ତି। ଡକ୍ଟର ସୂର୍ଯ୍ୟଶିଖା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କଲେଜ ଅଫ୍ ବେସିକ ସାଇନ୍ସର ପ୍ରାଣୀବିଜ୍ଞାନ ବିଭାଗରେ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟରତ। ସେ ତାଙ୍କର ସଫଳତାର ଶ୍ରେୟ ନିଜ ପିତା-ମାତା, ସାନଭଉଣୀ ରଶ୍ମିରେଖା ସାମଲ, ପିଉସୀ ଡକ୍ଟର ମଣିମାଳା ସାମଲ, ଗାଇଡ୍, କୋ-ଗାଇଡ୍, ଏବଂ ସମସ୍ତ ହିତାକାଂକ୍ଷିଙ୍କୁ ଜଣାଇ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜଣାଉଛନ୍ତି। D-66432

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର**
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୯।୦୧।୧୯୬୩
ତିରୋଧାନ: ୧୦।୦୪।୨୦୧୯

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**:ଶୋକସନ୍ତପ୍ତ:**
ପୁତ୍ର-ଆଦିତ୍ୟ, ଅରବିନ୍ଦ, ଜ୍ୱାଇଁ-ଦିପ୍ତାଂଶୁ କିରଣ କର, ଝିଅ-ଅରୁନ୍ଧତି, ବନ୍ଧୁ ଓ ବୈଦ୍ୟ ପରିବାରବର୍ଗ। ଧ-୧୨୧୭୯

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୁଶାନ୍ତ କୁମାର ଜେନା**
ପଟିଆଗଡ଼, ଭୁବନେଶ୍ୱର
ଆବିର୍ଭାବ: ୨୭।୦୩।୧୯୬୨
ତିରୋଧାନ: ୦୭।୦୪।୨୦୧୯

ଏତେ ଶୀଘ୍ର ସବୁ ମାୟା ଭୁଲି ତୁମେ ବାହୁଡ଼ିଗଲ ବିଶ୍ୱାସ କରି ହେଉନାହିଁ। ଏକାଦଶାହ ତିଥିରେ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଶୋକସନ୍ତପ୍ତ: ପତ୍ନୀ- ନିରୁପମା, ଭାଇ- ଜଗୁ, ପୁତ୍ର- ରାକା, ଗୁଲୁ, ପିଙ୍କୁ, ବୁଲୁ, କନ୍ୟା- ବୁଲ୍‌ବୁଲ୍, ବୋହୂ- ସୋନି, ମଧୁ, ଭଣଜା- ବିଟୁ, ଲିଟୁ, ଭଉଣୀ ଓ ଭିଣୋଇ- ପ୍ରଦୀପ, ବିଗୁଲି, ଭାଇବୋହୂ- ମିତା, ମାମା, ନାତି- ରିଷି, ଆତ୍ମୀୟସ୍ୱଜନ, ବନ୍ଧୁ ପରିବାରବର୍ଗ। ଧ-୧୨୧୭୮

### ଏକାଦଶାହ



**ସ୍ୱର୍ଗତା ସୁଧାରାଣୀ ପଟ୍ଟନାୟକ**
ତା ୧୯।୧୦।୧୯୨୩ – ତା ୦୮।୦୪।୨୦୧୯
ସ୍ୱା- ସ୍ୱର୍ଗତ ମହେଶ୍ୱର ପଟ୍ଟନାୟକ
(ବଡ଼ମ୍ବାଗଡ଼ - କଟକ)

ମା, ଚାହୁଁ ଚାହୁଁ ଏଗାର ଦିନ ବିତିଗଲା ତୁ ଆଉ ପାରିକୁ ଚାଲିଯିବାର। ଲାଗୁଛି ପ୍ରତି ମୁହୂର୍ତ୍ତରେ ତୁ ରହିଛୁ ଆମ ପାଖରେ, ଆମ ଚିନ୍ତା ଓ ଚେତନାରେ। କର୍ମ, ଭକ୍ତି ଓ ଜ୍ଞାନର ତୁ ଥିଲୁ ପବିତ୍ର ତ୍ରିବେଣୀ। ତୋ'ର ଅଚଳ ଈଶ୍ୱର ଭକ୍ତି, ଦୃଢ଼ ଆତ୍ମବିଶ୍ୱାସ ଏବଂ କର୍ତ୍ତବ୍ୟପରାୟଣତା ଆମ ଚଲାପଥରେ ପାଥେୟ ହେଉ। ତୋ'ର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ତାଙ୍କ ପାଦପଦ୍ମରେ ଆଶ୍ରୟ ଦେଇଥାନ୍ତୁ, ଆମର ବିଭୁ ଚରଣରେ ଏତିକି ପ୍ରାର୍ଥନା। ପୁତ୍ର ଓ ପୁତ୍ରବଧୂ - ମୃତ୍ୟୁଞ୍ଜୟ-କନକ, ହରିଶ୍ଚନ୍ଦ୍ର-ପରାଶ, ଗୋପବନ୍ଧୁ-ଶ୍ୱେତା, ଜଗତ୍‌ବନ୍ଧୁ-ଜ୍ୟୋସ୍ନା, ବିଭୁଦ, ସବ୍ୟସାଚୀ-ଗାୟତ୍ରୀ, କନ୍ୟା ଓ ଜାମାତା- ଇନ୍ଦୁରେଖା-ଅମିୟ, ପ୍ରିୟମ୍ବଦା-ବିଜୟ, ଅନସୂୟା-ଅକ୍ଷୟ, ରଶ୍ମିରେଖା-ତୁଷାରଙ୍କ ସମେତ ଶୋକାତୁର ପରିବାର ସଦସ୍ୟଗଣ। ଧ-୧୨୧୮୫



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍






■ ବେଲ୍‌ବଣ୍ଡ ଦେବା ପାଇଁ ଲାଞ୍ଚ

# ଭିଜିଲାନ୍ସ ଜାଲରେ ବାଲେଶ୍ୱର ଟାଉନ୍‌ଥାନା ଏଏସ୍‌ଆଇ

ବାଲେଶ୍ୱର ଅଫିସ, ୧୬।୪



ନରହରି ମହାଳିକ

ଏକ ମାରପିଟ୍ ମାମଲାରେ ଜାମିନ ବଣ୍ଡ ଦେବା ଲାଗି ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ଟାଉନ ଥାନା ଏଏସ୍‌ଆଇ ନରହରି ମହାଳିକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଏଥିପାଇଁ ସେ ପ୍ରଥମେ ୧୫ହଜାର ଟଙ୍କା ଓ ପରେ ୭୦ହଜାର ଟଙ୍କା ଚେକ୍ ନେବା ପରେ ମଧ୍ୟ ଆଉ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ।

ଟାଉନ ଥାନାରେ ଏକ ମାରପିଟ୍ ମାମଲା (ନଂ. ୪୦/୨୦୧୯)ରେ ଛନ୍ଦି ହୋଇଥିବା ଭଉଣୀଭାଇଙ୍କୁ ତାଙ୍କର ସମ୍ପର୍କୀୟ ସକିଲ ଅହମ୍ମଦ ହାଇକୋର୍ଟରୁ ବେଲ୍ କରିଥିଲେ। ବେଲ୍‌ବଣ୍ଡ ଦେବା ପାଇଁ ଅହମ୍ମଦ ଏଏସ୍‌ଆଇ ମହାଳିକଙ୍କୁ ୧୫ହଜାର ଟଙ୍କା ଓ ୭୦ହଜାର ଟଙ୍କାର ବ୍ୟାଙ୍କ ଚେକ୍ ଦେଇଥିଲେ ମଧ୍ୟ ସେ ବାରମ୍ବାର ହଇରାଣ କରିଆସୁଥିଲେ। ଏଥିପାଇଁ ଏଏସ୍‌ଆଇ ପୁଣି ୧୦ହଜାର ଟଙ୍କା ମାଗିଥିଲେ। ଅହମ୍ମଦ ଏଥିରେ ଅତିଷ୍ଠ ହୋଇ ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ନିର୍ମଳ କୁମାର ମହାନ୍ତି ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ ଅହମ୍ମଦ ଏଏସ୍‌ଆଇ ମହାଳିକଙ୍କୁ ଟାଉନ ଥାନା ନିକଟସ୍ଥ କ୍ରିଷ୍ଣା ସୁଇଟ୍ ଷ୍ଟୋରରେ ଟଙ୍କା ଦେଉଥିଲା ବେଳେ ଭଦ୍ରକ ଡିଏସ୍‌ପି ସଞ୍ଜୟ କୁମାର ଦାସମହାପାତ୍ର, ବାଲେଶ୍ୱର ଇନ୍ସପେକ୍ଟର ଅନିରୁଦ୍ଧ ନାୟକ ଓ ମାନସୀ ଜେନା, ବାରିପଦା ଇନ୍ସପେକ୍ଟର ପ୍ରଦୀପ କୁମାର ସାମନ୍ତଙ୍କ ସହ ଅନ୍ୟ ଅଧିକାରୀମାନେ ଲାଞ୍ଚ ଟଙ୍କା ଜବତ ସହ ତାଙ୍କୁ ଗିରଫ କରିଥିଲେ। ୨ଜଣ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ ବାଲେଶ୍ୱର ଭିଜିଲାନ୍ସ ଅଫିସରେ ମାମଲା (ନଂ.୮/୧୯) ରୁଜୁ କରାଯାଇଛି। ଏଏସ୍‌ଆଇ ମହାଳିକଙ୍କ ଅଫିସ୍ ଓ ଆଇଟିଆଇସ୍ଥିତ ବାସଭବନରେ ଚଢ଼ାଉ ଜାରି ରହିଛି।

# ଆଜି ଠାକୁରମୁଣ୍ଡା ଆସିବେ ମୁଖ୍ୟମନ୍ତ୍ରୀ

ବାରିପଦା ଅଫିସ,୧୬।୪

କେନ୍ଦୁଝର ଲୋକସଭା କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଲାଗି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠାକୁରମୁଣ୍ଡାକୁ ବୁଧବାର ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଠାକୁରମୁଣ୍ଡା ପଣସଡିହାଠାରେ ଆୟୋଜିତ ସମାବେଶ ତଥା ସାଧାରଣ ସଭାରେ ସେ ଉଦ୍‌ବୋଧନ ଦେବେ। ସକାଳ ୯ଟା ୪୫ମିନିଟ୍‌ରେ ସେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଏୟାରପୋର୍ଟରୁ ବାହାରି ୧୦ଟା ୧୫ରେ ଠାକୁରମୁଣ୍ଡାରେ ପହଞ୍ଚିବେ। ସଭା କାର୍ଯ୍ୟ ସାରି ପୂର୍ବାହ୍ନ ୧୦ଟା ୪୦ମିନିଟ୍ ବେଳକୁ କେନ୍ଦୁଝର ଜିଲା ସାହାରପଡା ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଥିବା ଦଳ ସୂତ୍ରରୁ ଜଣାପଡିଛି।




## ପ୍ରଥମ ମହିଳା ଛଉ ନୃତ୍ୟଶିଳ୍ପୀ ସୁମିତ୍ରାଙ୍କ ପରଲୋକ

**ବାରିପଦା ଅଫିସ,୧୬।୪:** ମୟୂରଭଞ୍ଜ ଜିଲାର ପାରମ୍ପରିକ ଛଉ ନୃତ୍ୟରେ ପ୍ରଥମ ମହିଳା କଳାକାର ଭାବେ ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା ବିଶିଷ୍ଟ ନୃତ୍ୟଶିଳ୍ପୀ ସୁମିତ୍ରା ଦେବୀଙ୍କର ବାରିପଦା ବାଘଡାରୋଡ଼ସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁବିଶିଷ୍ଟ କଳାକାର , ଛଉ ନୃତ୍ୟଶିଳ୍ପୀ ଓ ସ୍ଥାନୀୟ ଲୋକେ ଆସି ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ସୁମିତ୍ରା ୯ ବର୍ଷ ବୟସରେ ଛଉ ନୃତ୍ୟ ଶିଖିବା ଆରମ୍ଭ କରିଥିଲେ। ସେତେବେଳେ ଝିଅପିଲା ଘରୁ ଗୋଡ କାଢିବା ସହଜ ନ ଥିଲା। ହେଲେ କୌଣସି କଟକଣା ଓ ବାଧାବନ୍ଧନ ସୁମିତ୍ରାଙ୍କ କଳା ପ୍ରତିଭାକୁ ଅଟକାଇ ପାରି ନ ଥିଲା। ସେ ସାହସର ସହିତ ସମର ନୃତ୍ୟ କଳା ଭାବେ ପ୍ରସିଦ୍ଧ ଛଉ ନୃତ୍ୟ ଶିକ୍ଷା ଲାଭ କରି ରାଜ୍ୟ ଓ ପରେ ଦେଶ ବିଦେଶର ବିଭିନ୍ନ ମଞ୍ଚରେ କଳା ପରିବେଷଣ କରିଥିଲେ। ବାରିପଦା ଉତ୍ତର ସାହି ଅନୁଷ୍ଠାନ ପକ୍ଷରୁ ସେ ନୃତ୍ୟ ପରିବେଷଣ କରି ଆସୁଥିଲେ। ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କଠାରୁ ସେ କଳାକାର ଭତ୍ତା ପାଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସବୁଠି ଶୋକର ଛାୟା ଖେଳି ଯାଇଛି। ଉତ୍ତର ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ମଧ୍ୟ ଗଭୀର ଶୋକ ବ୍ୟକ୍ତ କରାଯାଇଛି।



"ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ୍ତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ।
-ଶ୍ରୀମା



# ସବୁଆଡ଼େ କ୍ଷତି

୧୯୯୧ରେ ଭାରତୀୟ ଅର୍ଥନୀତିରେ ବିରାଟ ପରିବର୍ତ୍ତନ ଆସିଥିଲା। ଉଦାରୀକରଣ ନୀତି ଅବଲମ୍ବନ କରାଯିବା ପରେ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆସିବା ସହ ଘରୋଇ କ୍ଷେତ୍ର ବ୍ୟାପକ ହୋଇଥିଲା। ଭାରତରେ ପୁଞ୍ଜିନିବେଶ ପାଇଁ ବିଦେଶୀଙ୍କୁ ଅନୁମତି ଦିଆଯାଇଥିଲା। ମୁକ୍ତ ଅର୍ଥନୀତି ଯୋଗୁ ସରକାରୀ ସ୍ତରରେ ଥିବା ଲାଇସେନ୍ସରାଜ୍ ପ୍ରତ୍ୟାହାର ହେଲା ବୋଲି କୁହାଯାଇଥିଲା। ଏଭଳି ସଂସ୍କାରର ସୁଫଳ ଅବଶ୍ୟ କିଛି ବର୍ଷ ପରେ ଦେଶକୁ ମିଳିଥିଲା। ହେଲେ ଏବର ସ୍ଥିତି ଦେଖିଲେ ଅଧିକାଂଶ ସରକାରୀ ଓ ଘରୋଇ ସଂସ୍ଥା କ୍ଷତିରେ ଚାଲୁଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ଓ ଏୟାର ଇଣ୍ଡିଆ ପ୍ରବଳ କ୍ଷତିର ସମ୍ମୁଖୀନ ହୋଇଥିଲେ। ଏବେ ଅନ୍ୟତମ ପ୍ରମୁଖ ସରକାରୀ ସଂସ୍ଥା ଇଣ୍ଡିଆ ପୋଷ୍ଟ (ଭାରତୀୟ ଡାକସେବା) ୨୦୧୮-୧୯ ଆର୍ଥିକବର୍ଷରେ ୧୫ ହଜାର କୋଟି ଟଙ୍କା କ୍ଷତି କରିଛି। ବିଏସ୍ଏନ୍ଏଲ୍ ଓ ଏୟାର ଇଣ୍ଡିଆଠାରୁ ଏହାର କ୍ଷତି ପରିମାଣ ଟପିଯାଇଛି। ଉଲ୍ଲେଖଯୋଗ୍ୟ, ବିଏସ୍ଏନ୍ଏଲ୍ ୮ ହଜାର କୋଟି ଟଙ୍କା କ୍ଷତି ସହିଥିବା ବେଳେ ଏୟାର ଇଣ୍ଡିଆର ପରିମାଣ ରହିଥିଲା ୫,୩୪୦ କୋଟି ଟଙ୍କା। କେବଳ ରାଷ୍ଟ୍ରାୟତ୍ତ ସଂସ୍ଥା ନୁହନ୍ତି, ଘରୋଇ ଟେଲିକମ୍ ଓ ଏୟାରଲାଇନ୍ସ ମଧ୍ୟ ସଙ୍କଟରେ ପଡ଼ିଛନ୍ତି। ସଦ୍ୟ ହଇରାଣରେ ପଡ଼ିଥିବା ଜେଟ୍ ଏୟାରୱେଜ୍ ବନ୍ଦ ହେବା ଅବସ୍ଥାରେ ଆସି ପହଞ୍ଚିଛି। ଗୋଟିଏ ପରେ ଗୋଟିଏ ସରକାରୀ ଓ ଘରୋଇ ଉଦ୍ୟୋଗ ଆର୍ଥିକ ସଙ୍କଟ ଦେଇ ଗତିକରିବା ଭାରତୀୟ ଅର୍ଥନୀତି ପାଇଁ ସତର୍କଘଣ୍ଟି ପାଲଟିଲାଣି।

ଭାରତରେ ଏବେ ସାଧାରଣ ନିର୍ବାଚନ ଚାଲିଛି। ପ୍ରତ୍ୟେକ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। କୌଣସି ଦଳ ଆର୍ଥିକ ଦିଗକୁ ଦୃଷ୍ଟି ନ ଦେଇ ଯେଉଁଭଳି ଭାବେ ସୁବିଧା ଘୋଷଣା କରିଚାଲିଛନ୍ତି, ତାହାକୁ ସୁସ୍ଥ ମସ୍ତିଷ୍କର ଜଣେ ବ୍ୟକ୍ତି କେବେହେଲେ ଗ୍ରହଣ କରିପାରିବେ ନାହିଁ। କିନ୍ତୁ ଏ ଦେଶରେ ସୁବିଧା ଓ ଫାଇଦା କେଉଁଠାରୁ ମିଳିପାରିବ ତାହାକୁ ଜନସାଧାରଣ ଯେଭଳି ସହଜରେ ଜାଣିପାରିଥାଆନ୍ତି, ଅର୍ଥନୀତି ଭଳି ଜଟିଳ ପ୍ରସଙ୍ଗକୁ ବୁଝିପାରୁ ନ ଥିବାରୁ ରାଜନୈତିକ ଦଳ ଓ ନେତାମାନେ ସେମାନଙ୍କୁ ଭକୁଆ କରି ରଖୁଛନ୍ତି। ସମାଜର ବିଭିନ୍ନ ବର୍ଗଙ୍କୁ ସନ୍ତୁଷ୍ଟ କରିବା ଲାଗି ସରକାରୀ ତହବିଲରେ ଅର୍ଥ ପର୍ଯ୍ୟାପ୍ତ ନ ଥିଲା ବେଳେ ମାଗଣା ଘୋଷଣା କିଭଳି ଫଳବତୀ ହୋଇପାରିବ, ସେ ସଂକ୍ରାନ୍ତ ପ୍ରଶ୍ନ କୌଣସି ଭୋଟର ପଚାରୁଥିବା ଲକ୍ଷ୍ୟ କରାଯାଉ ନାହିଁ। କେନ୍ଦ୍ରରେ ଭାଜପା ସରକାରଙ୍କ ବିଗତ ୫ ବର୍ଷର ଶାସନକୁ ଦେଖିଲେ ଏ ଦେଶରେ କେବଳ ଏକ ପ୍ରଚାରସର୍ବସ୍ୱ ବାତାବରଣ ସୃଷ୍ଟି କରାଯାଇଥିବା କୁହାଯାଉଛି। ଏହି ସରକାର ବିମୁଦ୍ରୀକରଣ ଭଳି ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ କରି ସମଗ୍ର ଅର୍ଥନୀତିକୁ ପଙ୍ଗୁ କରିଦେଇଛି। ଏହାର ସବୁଠାରୁ ଖରାପ ପ୍ରଭାବ ନିଯୁକ୍ତି କ୍ଷେତ୍ରରେ ପଡ଼ିଛି। ନିକଟ ଅତୀତରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ, ନିଯୁକ୍ତି ହାର ବିଗତ ୪୫ ବର୍ଷ ମଧ୍ୟରେ ଅତ୍ୟନ୍ତ ନିମ୍ନ ସ୍ତରକୁ ଚାଲିଯାଇଛି। ତ୍ରୁଟିପୂର୍ଣ୍ଣ ବ୍ୟାଙ୍କିଙ୍ଗ୍ ନୀତି ଯୋଗୁ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ (ଏନ୍‌ପିଏ) ୧୦ ଲକ୍ଷ କୋଟି ଟଙ୍କାକୁ ଟପିଯାଇଛି। ବିଜୟ ମାଲ୍ୟା, ନୀରବ ମୋଦି, ମେହୁଲ ଚୋକ୍ସିଙ୍କ ସହିତ ଆହୁରି ୩୬ ଜଣ ବ୍ୟବସାୟୀ ଦେଶ ଛାଡ଼ି ପଳାଇ ଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସ୍ୱୀକାର କରିଛି। ପୁଣି ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀକୁ ଅତ୍ୟଧିକ ଅନୁଗ୍ରହ ଦିଆଯିବା ଦ୍ୱାରା ପ୍ରତିଦ୍ୱନ୍ଦ୍ୱିତା ସ୍ତର ଦୁର୍ବଳ ହୋଇଯାଇଛି। ଟେଲିକମ୍ କ୍ଷେତ୍ର ଏହାର ଜ୍ୱଳନ୍ତ ଉଦାହରଣ।

ଭୁଲ ଅର୍ଥନୈତିକ ନୀତି ସମଗ୍ର ବ୍ୟବସ୍ଥାକୁ ଧ୍ୱଂସ କରିଦେଇଥାଏ। ଭାରତରେ ରାଜନୈତିକ ଦଳ ଓ ନେତାମାନେ ଦେଶ ସମ୍ମୁଖୀନ ହେଉଥିବା ବାସ୍ତବ ସମସ୍ୟାକୁ ଗୁରୁତ୍ୱ ନ ଦେଇ ଲୋକଙ୍କୁ ନିମ୍ନ ସ୍ତରର ସୁବିଧା ଯାଚି ଦୀର୍ଘ ସମୟ ଶାସନ ଗାଦିରେ ବସିବାକୁ ଉଚିତ ମଣୁଛନ୍ତି। କେଉଁ କାରଣ ଯୋଗୁ ଗାଁଠୁ ସହରଯାଏ ଶାଖା ମେଲିଥିବା ବୃହତ୍ ଡାକ ସଂସ୍ଥା କ୍ଷତିରେ ପଡ଼ିଲା, ତାହା ଉପରେ ଅନୁଧ୍ୟାନ କରାଯାଉ ନାହିଁ। ଦେଶର ଆର୍ଥିକ ମେରୁଦଣ୍ଡ ସବଳ ନ ହେଲେ ସାମାଜିକ ସ୍ତରରେ ବିକାଶ ହୋଇପାରିବ ନାହିଁ। ବର୍ତ୍ତମାନ ନିର୍ବାଚନ ଚାଲୁଥିବାରୁ ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକ 'ବିକାଶ'କୁ ବିଭିନ୍ନ ତରିକାରେ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପନ କରିବାରେ ବ୍ୟସ୍ତ। 'ଚୂନା ନ ଦେଖି ପିଠା' ତିଆରି କରୁଥିବା ରାଜନୈତିକ ଦଳ ଓ ନେତାମାନେ ବାସ୍ତବ ପରିସ୍ଥିତିକୁ ବୁଝିବା ଆବଶ୍ୟକ ହୋଇପଡ଼ିଲାଣି। 'ଋଣ କରି ଘିଅ ପିଇବା' ଭଳି ମନୋବୃତ୍ତି ବ୍ୟକ୍ତିଗତ ସ୍ତରରୁ ସରକାରଯାଏ ରହିଲେ, କୌଣସି ଜାତୀୟ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଆଗକୁ ଯେଉଁଠାରେ ଯେଉଁ ଦଳ କ୍ଷମତାକୁ ଆସନ୍ତୁ ନା କାହିଁକି, କଠୋର ଅର୍ଥନୈତିକ ସ୍ଥିତି ଏକ ବୃହତ୍ ସମସ୍ୟା ଭାବେ ଉଭା ହେବା ଥୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଏପ୍ରିଲ ୧୯୯୪

- ବିଭିନ୍ନ ରେଳ ଓ ରାସ୍ତା ନିର୍ମାଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଏବଂ ଭାରତ-ନେପାଳ ରେଳରାସ୍ତାକୁ ଓସାରିଆ କରିବା କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ଭାରତ ନେପାଳ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ନିଷ୍ପତ୍ତି ଗ୍ରହଣ କରିଛି।
- ଆଫ୍ରିକୀୟ ଜାତୀୟ କଂଗ୍ରେସ ଏବଂ ଇନ୍‌କାଥା ପାର୍ଟି ମଧ୍ୟରେ ଦେଖାଦେଇଥିବା ରାଜନୈତିକ ଅଚଳାବସ୍ଥାକୁ ଟାଳିଦେବା ପାଇଁ ଆନ୍ତର୍ଜାତିକ ମଧ୍ୟସ୍ଥତାରେ ହୋଇଥିବା ଉଦ୍ୟମ ବିଫଳ ହେବା ପରେ ମଧ୍ୟସ୍ଥତା କରୁଥିବା ଭାରତର ପୂର୍ବତନ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ପି.ଏନ. ଭଗବତୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | D | 7 | 4 | | E | | | | 5 | | A | | |
| | | 6 | | A | 1 | D | | 8 | | E | | | | 4 |
| 3 | | | | | 6 | | | | | | A | | | 5 |
| A | | E | | | 2 | | 9 | | | | | 1 | | |
| | | | | | 5 | 2 | 1 | | | 3 | | | | |
| | 8 | | | 2 | | | D | | A | | | 0 | 3 | |
| | | | B | | | 9 | | | 0 | | | 4 | | 6 |
| | | | 0 | | 9 | | 8 | 1 | | | | 5 | | |
| | | | | | | | | 5 | | 1 | | | | C |
| | 7 | 3 | | E | | | | 0 | | C | 4 | 9 | | |
| | | C | | | | 6 | | | | | | | | |
| 4 | | 5 | | | E | 0 | 2 | | | | B | | 9 | |
| | 1 | A | | B | 3 | | E | 4 | | 6 | | C | 8 | |
| 0 | | | 4 | 6 | | | | 9 | 8 | | | | | |
| | | B | | 5 | | | A | | D | 2 | 0 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 1 | 7 | E | D | 8 | 4 | C | 5 | 2 | 6 | 0 | 9 | 3 | B |
| 8 | B | 6 | 3 | C | A | 0 | E | D | 9 | 7 | 5 | 1 | 4 | 2 |
| 0 | D | 3 | 4 | 7 | 2 | 1 | 6 | 9 | B | A | 8 | E | C | 5 |
| 2 | 5 | E | 1 | 9 | 6 | 3 | B | 7 | C | 4 | D | A | 0 | 8 |
| 9 | 4 | C | 5 | 0 | B | A | 2 | 8 | 3 | E | 1 | D | 6 | 7 |
| 3 | C | 2 | 9 | E | 0 | B | 4 | 1 | A | D | 7 | 8 | 5 | 6 |
| B | 0 | A | 7 | 5 | 3 | 2 | 8 | C | 6 | 1 | 9 | 4 | E | D |
| 5 | E | 9 | D | 8 | 1 | 6 | 7 | 0 | 4 | 3 | 2 | C | B | A |
| 1 | 7 | 8 | B | 6 | 4 | D | A | E | 5 | 0 | C | 3 | 2 | 9 |
| 4 | 6 | D | 2 | A | C | 5 | 9 | 3 | E | 8 | B | 0 | 7 | 1 |
| 6 | 3 | 0 | C | 4 | D | 7 | 5 | 2 | 8 | 9 | A | B | 1 | E |
| C | 9 | 4 | 0 | B | E | 8 | 1 | A | 7 | 2 | 6 | 5 | D | 3 |
| E | 8 | 5 | 6 | 2 | 9 | C | D | 4 | 1 | B | 3 | 7 | A | 0 |
| 7 | 2 | 1 | A | 3 | 5 | 9 | 0 | B | D | C | E | 6 | 8 | 4 |
| D | A | B | 8 | 1 | 7 | E | 3 | 6 | 0 | 5 | 4 | 2 | 9 | C |

ଗତକାଲିର ଉତ୍ତର

# ନିର୍ବାଚନ ଓ ଦେଶଭାବନା



ଡ. ଶରତଚନ୍ଦ୍ର ରଥ

କିଛି ଲୋକ ଅଛନ୍ତି ଯାହାଙ୍କର କେବଳ ନୋଟ ପାଇଁ ଚିନ୍ତା। ଶୟନେ ସ୍ୱପନେ ଜାଗରଣେ କେବଳ ସେଇ ନୋଟ କଥା ହିଁ ଭାବୁଥାଆନ୍ତି। ଭୋଟ ବେଳ ଆସିଗଲେ ନୋଟ ଚିନ୍ତାଟା ଟିକିଏ ଦାନା ବାନ୍ଧିଲାପରି ଲାଗେ। ସେମାନେ ବୁଝିପାରନ୍ତି ଯେ ଠିକଣା ବେଳ ଆସିଗଲା। ନୋଟ ରୂପକ ମୁଗୁରାରେ ଏଥର ଭୋଟ ରୂପକ ମାଛ ପଡିବ। ଖାଲି ମୁଗୁରା ଝାଡିବା କଥା, ଯଦି ମୁଗୁରା ପଛ ମେଲା ଥିବ, ତେବେ ସରିଲା କଥା। ବେଳେବେଳେ ମାଛ ପଡୁପଡୁ ଖସିଯାଆନ୍ତି କିନ୍ତୁ ମୁଗୁରା ବସିଥାଏ। ମୁଗୁରା ନ ବସିଲେ ମାଛ ଧରିବାର ଉପାୟ ନାହିଁ, ତେଣିକି ଭାଗ୍ୟ।

ଭୋଟବେଳେ ନୋଟର ଆକର୍ଷଣ ନିଆରା। ସେତେବେଳର ନୋଟ ଲାଗେ ଆକାଶରୁ ଗୋଟା ଗୋଟା ରୋହି, ଭାକୁଡ ରୋଷେଇ ଘରେ ଖସିଲା ପରି। ବିଶେଷ କିଛି କଷ୍ଟ ପଡେନାହିଁ, ଯାହା କଷ୍ଟ ତାହା ଖାଲି ମୁଣ୍ଡ ଖେଳାଇବାର କଷ୍ଟ, ବିନିମୟରେ ବିଡାବିଡା ନୋଟ। କିଏ କିଏ ହୁଏତ କହିବେ ଦେବାଲୋକ ତ ଦେବ, ନେବା ଲୋକ ତ ନେବ, ମଝିରେ ଅନ୍ୟମାନଙ୍କର କାହିଁକି ମୁଣ୍ଡ ବଥାଇବ, ତା' ଅବଶ୍ୟ ଠିକ୍ କଥା, 'ଅନାହୂତେ ପ୍ରବିଶତି'।

ନେବା ଲୋକର ଖୁସି ବଡ଼ ନିଆରା, ସେ ବୁଝେନା ଭୋଟର ମହତ୍ତ୍ୱ, ଗୁରୁତ୍ୱ। ସେ କେବଳ ବୁଝେ, କିଏ କେତେ ଦେଇଛି ବା ଦବ। ଦବାଟା କିଛି ଲୋକଙ୍କର କାମ ଆଉ ନବାଟା ଆମ କାମ। କେହି କାହା ହାତରୁ ଦେଉନାହିଁ ତେଣୁ ନେବାରେ ଏତେ କୁଣ୍ଠିତ କାହିଁକି? ଆମ ଜିନିଷ ଆମେ ନେଲୁ। 'ନେଲ ଯାହା ଦେଲ ତାହା'- ଦବାନବା ଚାଲିଛି, ମାଛତେଲରେ ମାଛ ଭଜା ହେଉଛି, ଆମେ ତ ଖାଇବା ଲୋକ, ଏତେ କଥା ବୁଝିବୁ କାହିଁକି? ଚକୁଳି ଖାଇବା ଲୋକ ବିନ୍ଧ ଗଣି ଲାଭ କ'ଣ? ଆଉ କିଛି ଲୋକ ବଙ୍କା ନୋଟର ବ୍ୟବସ୍ଥା କଥା ଭଲଭାବରେ ଜାଣନ୍ତି। ଭୋଜିଭାତ, ପ୍ରଚାର, ବ୍ୟାନର ପାଇଁ ନୋଟ ବ୍ୟବସ୍ଥା ପରୋକ୍ଷ ବ୍ୟବସ୍ଥା। କଥାଟି ହେଉଛି, 'ଦୀପ ତେଜିଲେ ହାତ ଚିକ୍କଣ।'

ସିଧା ନୋଟରେ ମନଟିକେ ଅଧିକ ଖୁସି, ପରିଶ୍ରମ ନାହିଁ, ବିଶେଷ ଧାଁ ଦଉଡ ନାହିଁ। କିଛି ଲୋକଙ୍କୁ କହିବୋଲି ବୁଝାଇବା କଥା। ଏଥିପାଇଁ ଯେଉଁ ନୋଟ ମିଳେ ତାହା ପାଇଲେ ନିଜକୁ ଓଜନିଆ ଲାଗେ। ମନେହୁଏ, 'ମୋର ଗୋଟାଏ ଗୁରୁତ୍ୱ ଅଛି'- ନ ହେଲେ ମୋତେ ଖୋଜା ହୁଅନ୍ତା କାହିଁକି? ପ୍ରକୃତରେ ମୋ ପାଖରେ କିଛି ନିଆରା ଗୁଣ ଅଛି, ଦକ୍ଷତା ଅଛି, କିଏ ମାନୁ କି ନ ମାନୁ, କିଏ ବୁଝୁ କି ନ ବୁଝୁ ମୁଁ ତ ବୁଝୁଛି, ଆପେ ବୁଝିଲେ ହେଲା।

ନୋଟ ବିକଳିଆଙ୍କୁ ଦେଖିଲେ ଯେତିକି ଖୁସି ଲାଗେ ତା'ଠାରୁ ଅଧିକ ଦୁଃଖ ଲାଗେ ସେମାନଙ୍କ ମାନସିକ ସ୍ଥିତି କଥା ଭାବି। ଦବାଲୋକ କେତେ ଖୁସି ତାହା ଅଲଗା କଥା ମାତ୍ର ନବାଲୋକର ଖୁସି ଦେଖି ଦବାଲୋକ ଖୁସି ହେବାକୁ ବାଧ୍ୟ ହୁଏ, କାରଣ କେରାଣ୍ଡି ଗୁନ୍ଥା ହେଲା, ବାଳିଆ ମାଛ ବନିଶୀରେ ପଡିବ। ଆଉ ମଝିରେ ଥିବା ଲୋକଟି ହାତ କେତେ ଖୋଲିବ କେତେ ବନ୍ଦ କରିବ, ସେକଥା ଭାବୁଥାଏ, ଅଙ୍କ କଷୁଥାଏ, ଲାଭକ୍ଷତି ମାପୁଥାଏ, ଦୀପ ତେଜୁଥାଏ।

ଏ ତ ଗଲା କେନାଲ, ସବ୍‌କେନାଲ ପୁଣି ଶସ୍ୟକ୍ଷେତ୍ରର କଥା। ବର୍ତ୍ତମାନ ଦେଖିବା ତା' ଉତ୍ସର କଥା। କେତେ କବାଟ କେଉଁଦିଗରୁ କେତେ ସମୟ ପାଇଁ ଖୋଲାହେବ, ଏ ଅଙ୍କକଷା ବଡ଼ ଜଟିଳ। ତଥାପି ଅଙ୍କକଷା ହୁଏ, ଭାଗଫଳ ମିଳେ। ଜନସମୁଦ୍ରରୁ ପାଣି ବାଷ୍ପରୂପେ ଆସି ଘନୀଭୂତ ହୋଇ ଜଳଭଣ୍ଡାର ଭରିଥାଏ। ପୁଣି ସେହି ଜଳ ଜନସମୁଦ୍ର ନିକଟକୁ ଯାଏ, ଖାଲି କବାଟ ଖୋଲିବା କଥା। ନ୍ୟାୟଟି ଏହିପରି ''ନେଲେ ଯାହା, ଦେଲେ ତାହା, ମଝିରେ ଖାଲି ନେଲେ ନାଁ''। ଖାଲି ନାଁ ନୁହେଁ, ଯଶ, ପ୍ରଶଂସା ଓ କ୍ଷମତା ଇତ୍ୟାଦି। ସଙ୍କଳ୍ପ ଦେଶସେବାର, ବିକଳ୍ପ ଚଉକି ଚିନ୍ତା। ଅବଶ୍ୟ ନେତୃତ୍ୱ ଭିତରେ ଦେଶପ୍ରେମୀ ବ୍ୟକ୍ତିତ୍ୱ ଯେ ନାହାନ୍ତି ଏପରି ନୁହେଁ, ସମସ୍ତେ ସମାନ ନୁହନ୍ତି, ପାଞ୍ଚ ଆଙ୍ଗୁଠି ସମାନ ନୁହେଁ।

ଏପରି ନେତୃବର୍ଗ ଅଛନ୍ତି ଯେଉଁମାନେ ଦେଶକୁ ଏକ ଶକ୍ତି, ଏକ ସାମର୍ଥ୍ୟ ବୋଲି ବିଚାର କରନ୍ତି, 'ବହୁଜନ ସୁଖାୟ, ବହୁଜନ ହିତାୟ' ନୀତିକୁ ଗୁରୁତ୍ୱ ଦିଅନ୍ତି। ଅନ୍ତତଃପକ୍ଷେ ସେମାନେ ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କୁ ପଢିଛନ୍ତି ଓ ଜାଣିଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କର ଦେଶାତ୍ମବୋଧଭିତ୍ତିକ ଓଜସ୍ୱିନୀ ବାଣୀକୁ ପଢିଛନ୍ତି ଓ ତାହାର ଗମ୍ଭୀରତାକୁ ଅନୁଭବ କରିଛନ୍ତି। ସିଏ କହୁଥିଲେ, ''ସଦର୍ପରେ କହ, ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ, ଦରିଦ୍ର ଭାରତବାସୀ ମୋର ଭାଇ, ଭାରତର ସମାଜ ମୋର ଶୈଶବର ଶିଶୁଶଯ୍ୟା, ଯୌବନର ଉପବନ, ବାର୍ଦ୍ଧକ୍ୟର ବାରାଣସୀ। ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣ ମୋର କଲ୍ୟାଣ।''

ସେମାନେ ଶ୍ରୀଅରବିନ୍ଦଙ୍କୁ ପଢିଛନ୍ତି, ତାଙ୍କର ଅଗ୍ନିବର୍ଷୀ ବାଣୀର ମହତ୍ତ୍ୱକୁ ଉପଲବ୍ଧି କରିଛନ୍ତି। ଶ୍ରୀଅରବିନ୍ଦ କହିଥିଲେ- ''ଭାରତବର୍ଷ ମାଟି, ଗୋଡି ଓ ପଥରରେ ଗଢା ଏକ ଜଡପିଣ୍ଡ ନୁହେଁ, ଏହା ଏକ ଜାଗ୍ରତ ଚେତନା। ଭାରତ ହିଁ ଜଗତର ଗୁରୁ, ପୃଥିବୀର ଭବିଷ୍ୟତ ରୂପରେଖ ଭାରତ ଉପରେ ନିର୍ଭର କରେ। ଭାରତ ଯଦି ସଙ୍କଳ୍ପ କରେ, ତେବେ ମାନବଜାତି ଆଜି ଯେଉଁ ସମସ୍ତ ସମସ୍ୟା ନେଇ ବିବ୍ରତ ହୋଇପଡିଛି, ସେସବୁର ଦେଇପାରେ ଏକ ଅବ୍ୟର୍ଥ ମୀମାଂସା। ଭାରତ ହିଁ ଜୀବନ୍ତ ଆତ୍ମା। ଭାରତ ହିଁ ଏକମାତ୍ର ଦେଶ ଯାହା ଶାନ୍ତି ଓ ସାମାଜିକ ଶୃଙ୍ଖଳା ସ୍ଥାପନରେ ପୃଥିବୀକୁ ନେତୃତ୍ୱ ଦେବ।'' ସେମାନେ ମଧ୍ୟ ପଢିଛନ୍ତି ଓ ଜାଣିଛନ୍ତି କେତେ ପ୍ରାତଃସ୍ମରଣୀୟ ଦେଶପ୍ରେମୀ ବ୍ୟକ୍ତିତ୍ୱଙ୍କୁ। ଖାଲି ଜାଣିନାହାନ୍ତି ବା ପଢିନାହାନ୍ତି, ଉଦ୍‌ବୁଦ୍ଧ ମଧ୍ୟ ହୋଇଛନ୍ତି ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବାଲଗଙ୍ଗାଧର ତିଳକ, ବିପିନଚନ୍ଦ୍ର ପାଲ, ଭଗତ୍ ସିଂହ, ଶହୀଦ ଲକ୍ଷ୍ମଣ ନାୟକଙ୍କ ଆଦର୍ଶ ଦ୍ୱାରା।

ସେମାନେ ପଢିଛନ୍ତି ଜର୍ମାନ ମନୀଷୀ ମାକ୍ସମୁଲରଙ୍କୁ ଯିଏ କହିଥିଲେ, ''ଯଦି ମୁଁ ନିଜକୁ ପଚାରେ ଆମେ ୟୁରୋପୀୟମାନେ ଯେଉଁମାନେ କି ପୂର୍ଣ୍ଣଭାବରେ ଗ୍ରୀକ୍ ଓ ରୋମାନ୍ ଚିନ୍ତାଧାରାରେ ବଢିଆସିଛୁ, ଆମର ଅନ୍ତର୍ଜୀବନକୁ ଆହୁରି ପୂର୍ଣ୍ଣ, ଆହୁରି ସାର୍ବଜନୀନ ଓ ବାସ୍ତବରେ ମାନବିକ କରିବାକୁ ହେଲେ କେଉଁ ଦେଶର ସାହିତ୍ୟରୁ ଆମେ ଯଥାର୍ଥ ପ୍ରେରଣା ପାଇବୁ, ତେବେ ମୁଁ ନିର୍ଦ୍ଦେଶ କରିବି, ସେହି ଦେଶ ହେଉଛି ଭାରତବର୍ଷ।''

ସେମାନେ ପଢ଼ିଛନ୍ତି ଜର୍ମାନ କବି ଗେଟେଙ୍କର କାଳିଦାସଙ୍କ 'ଅଭିଜ୍ଞାନଶାକୁନ୍ତଳମ୍' ପାଠ ପରେ ପ୍ରଦତ୍ତ ମତାମତକୁ, ଯାହାର ଅନୁବାଦ ଏହିପରି- ''ବସନ୍ତର କୁସୁମ ଓ ଗ୍ରୀଷ୍ମର ଫଳ ଏକାବେଳକେ ମିଳିବ। ମନର ଆଉ କିଛି ରସାୟନ ଅଛି ଯାହା କି ସ୍ୱର୍ଗ ଓ ପୃଥିବୀ ଲୋକକୁ ଏକାକାର କରିଦେଇଛି? ସବୁ ଐଶ୍ୱର୍ଯ୍ୟକୁ ଯଦି ଚାହୁଁଛ, ତେବେ 'ଶକୁନ୍ତଳା' ପଢ଼।''

ସେମାନେ ନିଶ୍ଚୟ ପଢିଛନ୍ତି ଓ ଜାଣିଛନ୍ତି ଋଗ୍‌ବେଦର ଏହି ମନ୍ତ୍ର ''ସଂଗଚ୍ଛଧ୍ୱଂ ସଂବଦଧ୍ୱଂ ସଂବୋ ମନାଂସି ଜାନତାମ୍। ଦେବାଭାଗଂ ଯଥାପୂର୍ବେ ସଂଜାନନା ଉପାସତେ।।'' ଯାହାର ଅର୍ଥ ହେଉଛି ଆମେ ଏକତାବଦ୍ଧ ହେବା, ଏକସ୍ୱରରେ କହିବା, ଏକମନ ହେବା, ଦେବତାମାନେ ଯେପରି ନିଜ ନିଜ ପରିସୀମାରେ ସନ୍ତୁଷ୍ଟ ରହୁଥିଲେ, ସେପରି ଆମେ ସନ୍ତୁଷ୍ଟ ରହିବା।

ଏପରି ନେତୃବର୍ଗଙ୍କ ଦ୍ୱାରା ଅନ୍ୟ ନେତୃବର୍ଗ ତଥା ସମଗ୍ର ଦେଶବାସୀ ବହୁଳଭାବେ ଅନୁପ୍ରାଣିତ ହୁଅନ୍ତୁ, ନିର୍ବାଚନ ପ୍ରେକ୍ଷାପଟରେ ଆଜି ଏତିକି ସଦିଚ୍ଛା ରଖିବା।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର,
ମୋ- ୯୪୩୭୭୫୬୨୪୦

# ଜୈନ ଦର୍ଶନ ଓ କର୍ମବାଦ



ଡ. ଭାଗ୍ୟଲିପି ମଲ୍ଲ

ବସନ୍ତର ମହୋତ୍ସବ। ଚତୁର୍ଦ୍ଦିଗରେ ବର୍ଣ୍ଣିଳ ସମାବେଶ। ପ୍ରକୃତିର ଅଙ୍ଗେ ଅଙ୍ଗେ ନବ ଉନ୍ମାଦନାର ଶିହରଣ। ଏହିଭଳି ଏକ କମନୀୟ ସକାଳରେ ପୃଥିବୀ ପୃଷ୍ଠରେ ଅବତୀର୍ଣ୍ଣ ହେଲେ ଭଗବାନ ମହାବୀର। ବୈଶାଳୀ ରାଜକନ୍ୟା ତ୍ରିଶଳା ଏବଂ ରାଜା ସିଦ୍ଧାର୍ଥଙ୍କର ଦ୍ୱିତୀୟ ସନ୍ତାନ। ଏକଦା ସୁପ୍ତ ନିଶିଥିନୀର ବିଳମ୍ବିତ ପ୍ରହରରେ ମହାରାଣୀ ତ୍ରିଶଳା ସ୍ୱପ୍ନବିଭୋରା। ସ୍ୱପ୍ନରେ ଦେଖୁଛନ୍ତି ଏକ ଶ୍ୱେତହସ୍ତୀ, ଏକ ବିଶାଳ ବୃଷଭ ଏବଂ ପରେ ପରେ ଏକ ବିରାଟକାୟ ସିଂହ। ପଦ୍ମପରିଶୋଭିତ ସମଗ୍ର ପରିମଣ୍ଡଳ। ପଦ୍ମାସୀନା ଲକ୍ଷ୍ମୀଦେବୀ ହସ୍ତୀମାନଙ୍କଦ୍ୱାରା ଅଭିଷିକ୍ତା। ବରଦ-ମୁଦ୍ରାରେ ଦେବୀ। ଠିକ୍ ଏତିକିବେଳେ ଅନ୍ତଃସତ୍ତ୍ୱା ହେବାର ଅନୁଭବରେ ପୁଲକିତା ତ୍ରିଶଳା। ମହାବୀର ସେହି ଅମୃତ ଅନୁଭବର ଫଳ। ତାଙ୍କର ଜନ୍ମ ହୁଏ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ। ପୃଥିବୀର କଲ୍ୟାଣ ପାଇଁ ତାଙ୍କର ଆବିର୍ଭାବ। ମାନବସେବା ତାଙ୍କ ଜୀବନର ମୂଳ ଲକ୍ଷ୍ୟ। ତେଣୁ ବୋଧହୁଏ ଜୈନଧର୍ମୀ, କୌଣସି ଦେବଦେବୀଙ୍କୁ ପୂଜା କରନ୍ତି ନାହିଁ। ଜୈନଧର୍ମର ମୂଳମନ୍ତ୍ର- ଆତ୍ମାର ମୁକ୍ତି, ବନ୍ଧନରୁ ମୁକ୍ତି। ତେଣୁ ଜୈନଧର୍ମରେ ମଣିଷମାନେ ହିଁ ପାଲଟି ଯାଇଛନ୍ତି ଦେବତା।

ସେହି ମଣିଷ-ଦେବତାମାନେ ହେଉଛନ୍ତି ଚବିଶ ତୀର୍ଥଙ୍କର। ପ୍ରତ୍ୟେକେ ଜଣେଜଣେ ପରିବ୍ରାଜକ। ପ୍ରତ୍ୟେକଙ୍କ କଣ୍ଠରେ ମୁକ୍ତିବୋଧର କଥା। ଅହିଂସାର କଥା। ଜୈନଧର୍ମକୁ ପୃଥିବୀରେ ପ୍ରତିଷ୍ଠା କରାଇବାରେ ଏଇମାନେ ପ୍ରମୁଖ ବ୍ୟକ୍ତିତ୍ୱ। ଏମାନଙ୍କ ମଧ୍ୟରେ ଋଷଭନାଥ ପ୍ରଥମ ତୀର୍ଥଙ୍କର ଏବଂ ମହାବୀର ସର୍ବଶେଷ। ୨୪ ତୀର୍ଥଙ୍କର ହେଲେ ଋଷଭନାଥ, ଅଜିତନାଥ, ସମ୍ଭବନାଥ, ଅଭିନନ୍ଦନ, ସୁମତି, ପଦ୍ମପ୍ରଭ, ସୁପାର୍ଶ୍ୱ, ଚନ୍ଦ୍ରପ୍ରଭ, ପୁଷ୍ପଦନ୍ତ, ଶୀତଳ, ଶ୍ରେୟାଂଶ, ବାସୁପୂଜ୍ୟ, ବିମଳ, ଅନନ୍ତ, ଧର୍ମ, ଶାନ୍ତିନାଥ, କୁନ୍ଥୁ, ଅର, ମଲ୍ଲିନାଥ, ମୁନିସୁବ୍ରତ, ନିମି, ଅରିଷ୍ଟନେମି, ପାର୍ଶ୍ୱନାଥ ଏବଂ ମହାବୀର। ବେଳେବେଳେ ମନରେ ପ୍ରଶ୍ନ ଆସେ ସବୁ ମୂର୍ତ୍ତି ତ ପ୍ରାୟ ଏକାଭଳି, ତେବେ କେଉଁ ମୂର୍ତ୍ତି କିଏ, କିପରି ଜାଣିବା? ଜାଣିବା- ଶାସ୍ତ୍ରରେ ବର୍ଣ୍ଣିତ ଏଗୁଡ଼ିକର ରୂପ ଓ ସ୍ୱରୂପ ବା ଆଇକନୋଗ୍ରାଫିର ସୂଚନା ମାଧ୍ୟମରେ। ଏହି ଆଇକନୋଗ୍ରାଫିରୁ ହିଁ ଜଣାପଡ଼ିଯାଏ କିଏ ଋଷଭନାଥ, କିଏ ପାର୍ଶ୍ୱନାଥ, କିଏ ଅଜିତନାଥ ବା କିଏ ମହାବୀର ଇତ୍ୟାଦି।

ଜୈନଧର୍ମର ମୂଳରେ ଅଛି 'ଜୀନ'। 'ଜୀନ' ମାନେ ବିଜେତା ବା ଯିଏ ଜୟକରେ। ପ୍ରଶ୍ନ ଉଠେ, ଜଣେ କାହାକୁ ଜୟ କରିବ? ସେ କାମନା ବା ବାସନା ଉପରେ ଜୟଲାଭ କରିବ। ପୃଥିବୀର ପ୍ରାଚୀନ ଧର୍ମଗୁଡ଼ିକ ମଧ୍ୟରେ ଜୈନଧର୍ମ ଅନ୍ୟତମ। ଏହା ବ୍ରାହ୍ମଣ୍ୟବାଦର ବିରୋଧୀ। ଆଦର୍ଶ- ଦୟା ଓ କ୍ଷମା। ଅନ୍ୟକୁ ଦୟା, କ୍ଷମା କରିବାଦ୍ୱାରା ଜଣେ ଉଚ୍ଚତର ଜୀବନର ଅଧିକାରୀ ହୋଇପାରେ ଏବଂ ପ୍ରଚଣ୍ଡ ଇଚ୍ଛାଶକ୍ତି ବଳରେ ହିଁ କାମନାକୁ ଦମନ କରିପାରେ- ଏହା ଜୈନଧର୍ମର ମୂଳ ବିଶ୍ୱାସ। ସୁତରାଂ, ଜୈନଧର୍ମରେ ତ୍ରିରତ୍ନ ଆଦର୍ଶ- ଯଥାର୍ଥ ଭକ୍ତି, ଯଥାର୍ଥ ଜ୍ଞାନ, ଯଥାର୍ଥ କର୍ମକୁ ଗୁରୁତ୍ୱ ଦିଆଯାଇଛି। ପ୍ରଚଣ୍ଡ ଇଚ୍ଛାଶକ୍ତି ବା ଆତ୍ମଶକ୍ତିକୁ ଏହି ତିନୋଟି ମାର୍ଗଦ୍ୱାରା ଆୟତ୍ତ କରାଯାଇପାରିବ। ଏହି ପ୍ରାଚୀନ ଧର୍ମର ବାସ୍ତବ ସ୍ଥପତି ଅବଶ୍ୟ ମହାବୀର।

## ମହାବୀର ଜୟନ୍ତୀ ଉପଲକ୍ଷେ

ଚବିଶ ତୀର୍ଥଙ୍କରଙ୍କ ମଧ୍ୟରୁ ସର୍ବକନିଷ୍ଠ ଓ ସର୍ବଶେଷ। ସେ ଧର୍ମର ବ୍ୟାଖ୍ୟାକାର, ପରିବ୍ରାଜକ ଓ ନିଷ୍ପାଦକ। ମହାବୀରଙ୍କ ଆବିର୍ଭାବ ପୂର୍ବରୁ ପାର୍ଶ୍ୱନାଥ ଅହିଂସା ଓ ସଂଯମର ବାର୍ତ୍ତା ପ୍ରଚାର କରିଛନ୍ତି ସତ, ମାତ୍ର ଏହାର ବାସ୍ତବ ପ୍ରସ୍ଫୁଟନ କରିଛନ୍ତି ମହାବୀର।

ତୀର୍ଥଙ୍କରମାନଙ୍କର ମୁହଁ ଉଭୟପାର୍ଶ୍ୱିକ ଓ ପୂର୍ଣ୍ଣ-ପ୍ରକାଶିତ। ବହୁ ଭାବରେ ଗୋଲାକାର। ଚକ୍ଷୁ ଯେପରି ଧ୍ୟାନମୁଦ୍ରାରେ ସମାହିତ। ମଥାରେ କେଉଁଠି ପଗଡ଼ି, କେଉଁଠି ସୁଗ୍ରଥିତ ଜଟା। ପ୍ରତ୍ୟେକ ସାଧକ ଏକ ପୀଠିକାରେ ଆସୀନ ଏବଂ ପଛପଟ କାରୁକାର୍ଯ୍ୟସମ୍ପନ୍ନ। ଅଧିକ ସଂଖ୍ୟକ ମୂର୍ତ୍ତିଙ୍କ ମଥା ଉପରେ ଛତ୍ରପରି ରହିଛନ୍ତି ଏକ ଅଥବା ଏକାଧିକ ଫଣାଯୁକ୍ତ ସାପ। କେତେକ ପଶୁପକ୍ଷୀଙ୍କ ପାର୍ଶ୍ୱିକ ପ୍ରତିମା ଦେଖିଲେ ଲାଗେ ସେମାନେ ଯେପରି ପଶୁ କି ପକ୍ଷୀ ନୁହନ୍ତି, ସେମାନଙ୍କ ଭିତରେ ଜୀବନ୍ତ ରହିଛି ମାନବୀୟ ଅହଂମୁକ୍ତ ସତ୍ତା। ଅକ୍ରୋଧ ଓ କରୁଣାର ପ୍ରତୀକ। ପରବର୍ତ୍ତୀ ଗୁପ୍ତ ଶାସନକାଳ (ଚତୁର୍ଥ ଶତାବ୍ଦୀ)ରେ ସ୍ଥାପତ୍ୟ ଓ ମୂର୍ତ୍ତି ଗଠନ ଶୈଳୀରେ ପୁଣି ପରିବର୍ତ୍ତନ ସ୍ପଷ୍ଟ ହୋଇଛି। ସନାତନ ଧର୍ମ ବ୍ୟବସ୍ଥାରେ ଏହା ଜ୍ଞାନମାର୍ଗ ଓ ନୀତିମାର୍ଗ ପ୍ରାବଲ୍ୟର କାଳ। ମନୁଷ୍ୟର ପରମ ଲକ୍ଷ୍ୟ ହେଉଛି ଈଶ୍ୱରପ୍ରାପ୍ତି। ମୂର୍ତ୍ତି ଓ ମନ୍ଦିରଗୁଡ଼ିକ ସମଭାବାଦର୍ଶକୁ ଆଧାର କରି ଗଢ଼ିଉଠିଛନ୍ତି। ବୁଦ୍ଧ ଓ ତୀର୍ଥଙ୍କରମାନଙ୍କ ସହିତ ମିଶି ଯାଇଛନ୍ତି ଶିବ, ପାର୍ବତୀ, ଗଣେଶ, ବିଷ୍ଣୁ ଓ ଅନ୍ୟମାନେ। ବିଶ୍ୱାସଗତ ଦ୍ୱନ୍ଦ୍ୱ ଓ ସହାବସ୍ଥାନର ଏକ ଅଦ୍ଭୁତ ପରିମଣ୍ଡଳ ସମକାଳର ଭାରତବର୍ଷ। ଆମ ଭୂମି ମଧ୍ୟ ସମଭାବାଦର୍ଶରୁ ମୁକ୍ତ ହୋଇନାହିଁ।

ଜୈନ ଦର୍ଶନ ସମ୍ୟକ୍ ଦର୍ଶନ, ସମ୍ୟକ୍ ଜ୍ଞାନ ଓ ସମ୍ୟକ୍ ଚରିତ୍ରକୁ ବିଶ୍ୱାସ କରେ। ମାନସିକ ଓ ଶାରୀରିକ କର୍ମର ସମ୍ବନ୍ଧ ପ୍ରତିପାଦନ କରେ। ଏମାନେ କୌଣସି କାଳରେ ଭାଗ୍ୟବାଦୀ ନୁହନ୍ତି। କର୍ମରୁ ଉପଜାତ ଏବଂ କର୍ମଦ୍ୱାରା ଭାଗ୍ୟର ନିୟନ୍ତ୍ରଣ ହୁଏ ବୋଲି ବିଶ୍ୱାସ କରନ୍ତି। ମହାବୀରଙ୍କର ଦୁଇଶହ ପଚାଶ ବର୍ଷ ପୂର୍ବରୁ ଭଗବାନ ପାର୍ଶ୍ୱନାଥଙ୍କର ବାରାଣସୀରେ ଜନ୍ମ। ତାଙ୍କ ସମୟରେ ଭାରତର ବିଭିନ୍ନ ସ୍ଥାନରେ ଜୈନଧର୍ମ ବହୁଳ ପ୍ରସାରଲାଭ କରିଛି। ତାଙ୍କ ପ୍ରଣୀତ ଚାରୋଟି ବ୍ରତ- ଅହିଂସା, ସତ୍ୟ, ଅଚୌର୍ଯ୍ୟ ଓ ଅପରିଗ୍ରହ ଲୋକଙ୍କଦ୍ୱାରା ଆଦୃତ ହୋଇଛି। ପାର୍ଶ୍ୱନାଥଙ୍କ ପରେ ମହାବୀର ଜୈନଧର୍ମକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଇଛନ୍ତି। ପରେ ଜୈନଧର୍ମ ଦୁଇଭାଗରେ ବିଭକ୍ତ ହୋଇଛି- ଶ୍ୱେତାମ୍ବର ଓ ଦିଗମ୍ବର। ଶ୍ୱେତାମ୍ବର ଜୈନମାନେ ଶ୍ୱେତବସ୍ତ୍ର ପରିଧାନ କରନ୍ତି। ଏହି ଶୁଭ୍ରବସ୍ତ୍ର ସେମାନଙ୍କର ପବିତ୍ରତାର ପ୍ରତୀକ। ସେମାନେ ନରମପନ୍ଥୀ। ଦିଗମ୍ବର ମାନେ ଆକାଶ ଯାହାର ବସ୍ତ୍ର, ଅର୍ଥାତ୍ ନଗ୍ନ। ଏମାନେ ଉଲଗ୍ନ ରହି ସବୁ କାମନା ଓ ବାସନାକୁ ଜୟ କରିଥାନ୍ତି।

ଖାରବେଳ ଜୈନ-ଅନୁରାଗୀ। ଖଣ୍ଡଗିରି-ଉଦୟଗିରିର ସ୍ଥାପତ୍ୟ ଓ ମୂର୍ତ୍ତିକଳାରେ ତେଣୁ ଜୈନ ତୀର୍ଥଙ୍କରମାନଙ୍କର ମୂର୍ତ୍ତି ବର୍ତ୍ତମାନ। ମୂର୍ତ୍ତି କହିଲେ କେବଳ ପଥର ଦେହରେ ଉତ୍କୀର୍ଣ୍ଣ ବସ୍ତୁ ବା ଜୀବର ସ୍ଥୂଳ ରୂପ ମାତ୍ର ନୁହେଁ ଜୀବନର ଭାବ, ଅନୁଭବ ଓ ବିଚାରର ଅଭିବ୍ୟକ୍ତି। ଜୈନଧର୍ମ ମୂର୍ତ୍ତିପୂଜାକୁ ବିଶ୍ୱାସ କରେନାହିଁ। ମାତ୍ର ଜୈନ ବିଚାର ସହିତ ମୂର୍ତ୍ତିକଳାର ସମ୍ପର୍କ କେଉଁଠୁ ଯୋଡ଼ି ହୋଇଗଲା ତାହା ହିଁ ଚର୍ଚ୍ଚାର ପ୍ରସଙ୍ଗ।

ମୋ-୯୪୩୯୨୮୧୫୬୧

## ଏଇ ଭାରତରେ

ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ଅଭ୍ୟାସ ରହିଥାଏ। କେତେକ ଲୋକଙ୍କର ନିର୍ବାଚନ ଲଢ଼ିବା ମଧ୍ୟ ଏକ ରୁଚି। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ଡାକ୍ତର ପଦ୍ମରାଜନ୍। ସେ ପଞ୍ଚାୟତଠାରୁ ଆରମ୍ଭ କରି ଲୋକ ସଭା ପର୍ଯ୍ୟନ୍ତ ଇତିମଧ୍ୟରେ ୨୦୦ ଥର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ମଧ୍ୟ ହାରିଯାଇଛନ୍ତି। ତଥାପି ପ୍ରତିଦ୍ୱନ୍ଦ୍ୱିତା କରିବାର ନିଶା ଛାଡ଼ିନାହାନ୍ତି। ଦେଶର ପ୍ରମୁଖ ରାଜନେତାଙ୍କ ବିରୋଧରେ ସେ ନିର୍ବାଚନ ଲଢ଼ିଛନ୍ତି। ଚଳିତ ଲୋକ ସଭା ନିର୍ବାଚନରେ ସେ ୨୦୧ ଥର ପାଇଁ ଲଢୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ସେ ୱାୟନାଡ଼ରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପଦ୍ମରାଜନ୍ ତାମିଲନାଡୁ ସାଲେମ୍‌ର ଏକ ସହରରେ ହୋମିଓପ୍ୟାଥିକ୍ ଡାକ୍ତର ଭାବେ କାର୍ଯ୍ୟ କରୁଛନ୍ତି। ୧୯୮୮ ମସିହାରୁ ସେ ନିର୍ବାଚନ ଲଢ଼ିବା ଆରମ୍ଭ କରିଛନ୍ତି। ନିର୍ବାଚନ ଲଢ଼ିବାରେ ସେ ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ନିର୍ବାଚନ ଲଢ଼ିବା ପାଇଁ ପଦ୍ମରାଜନ୍‌ଙ୍କ ସଉକ ସ୍ଥାନୀୟ ଲୋକଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

''କିଏ ପଥ କିଏ ତୋର
ବିପଥ ନାହିଁଟି ଏଥି ଜଣା
ହୁଡି ନାହିଁ ଜୀବନରେ
କହ କିଏ ନୋହେ ବାଟବଣା?
''ଆଶାର ଆଲୋକେ ତେଣୁ
ଜୀବନର ମହାଦୀପ ଜାଳି
''ସହଜ ସମ୍ମୁଖ ପଥେ
ପଦ ଦୁଇ ନିଅ ବେଗେ ଚାଳି।
''ଦୀପର ତଇଳ ଦେଖ
କ୍ଷଣେ କ୍ଷଣେ ଯାଉଅଛି ସରି
''ଲାଗଇ କି ବୃକ୍ଷେ ଆଉ
ଥରେ ଯେଉଁ ପତ୍ର ପଡ଼େ ଝରି?
''ଭାଙ୍ଗି ବନ୍ଧ ନଦୀ ଯେବେ
ଭୀମ ବେଗେ ପ୍ଲାବଇ ଧରଣୀ
''ଆସଇ କି ଫେରି ତାହା
ଖୋଜି ନିଜ ସାଗର ସରଣୀ? (ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ଇସ୍ତାହାରର ଭବିଷ୍ୟତ

ମହାଶୟ,

୨୦୧୯ ନିର୍ବାଚନରେ ପ୍ରମୁଖ ରାଜନୈତିକ ଦଳ କ୍ଷମତା ହାସଲ ପାଇଁ ଲୋଭନୀୟ ଇସ୍ତାହାର ପ୍ରକାଶ କରିସାରିଛନ୍ତି। ଏଗୁଡ଼ିକ ନିଶ୍ଚିତ ଅସମ୍ଭବ ଘୋଷଣାନାମା। କାରଣ ସେଗୁଡ଼ିକର କାର୍ଯ୍ୟକାରିତା ପାଇଁ ଏତେ ବିପୁଳ ପରିମାଣର ଅର୍ଥ ଆସିବ କେଉଁଠୁ? ଏମିତି ତ ରାଜ୍ୟ ଓ ଦେଶ ଋଣଭାରରେ ବୁଡିରହିଛି। ଏଗୁଡିକ କାର୍ଯ୍ୟକାରୀ ହେଲେ ରାଜ୍ୟ ଓ ଦେଶ ଆହୁରି ଋଣରେ ବୁଡିଯିବ। ତା'ଛଡ଼ା ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଲେ ସମାଜରେ ଏକ ନିକମା ଗୋଷ୍ଠୀ ସୃଷ୍ଟି ହେବ। ସେମାନେ କାମଦାମ ନ କରି ସରକାରଙ୍କ ଯୋଜନାକୁ ଅନାଇ ବସିବେ। ଫଳରେ ଜମିବାଡି ପଡିଆ ପଡିବ। ଶସ୍ୟ ଉତ୍ପାଦନ ନ ହେଲେ ଲୋକେ ଖାଇବେ କ'ଣ? ରାଜନେତାମାନଙ୍କର ସେ ଦିଗ ପ୍ରତି ଆଦୌ ନିଘା ନାହିଁ। କେବଳ କ୍ଷମତାର ଆସନରେ ବସିବା ପାଇଁ ପାଗଳ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ବୁଦ୍ଧିଜୀବୀଙ୍କ ଆହ୍ୱାନ

କେନ୍ଦ୍ରର ଏନ୍‌ଡିଏ ସରକାର ଗତ ୫ ବର୍ଷ ମଧ୍ୟରେ ଦେଶକୁ ଏକ ଦୃଢ଼ ନେତୃତ୍ୱ ଦେବା ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିଥିବାରୁ ଭାଜପା ପୁଣି କ୍ଷମତାସୀନ ହେବ ବୋଲି ଏହି ଦଳର କାର୍ଯ୍ୟକର୍ତ୍ତା ଦୃଢୋକ୍ତି କରୁଛନ୍ତି। ଅପରପକ୍ଷେ ଏହି ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବାରୁ ଭାଜପା କ୍ଷମତାଚ୍ୟୁତ ହୋଇ କେନ୍ଦ୍ରରେ ନୂଆ ସରକାର ଗଠନ ହେବ ବୋଲି ବିରୋଧୀ ଦଳଗୁଡ଼ିକ ଦମ୍ଭୋକ୍ତି କରୁଛନ୍ତି। ଏପରି ଏକ ସନ୍ଧିକ୍ଷଣରେ ୧୦୭ ଜଣ ଅର୍ଥନୀତିଜ୍ଞ ଓ ସମାଜବିଜ୍ଞାନୀ ଉଦ୍‌ବେଗ ପ୍ରକାଶ କରିଛନ୍ତି ଯେ ଦେଶର ପରିସଂଖ୍ୟାନରେ ରାଜନୈତିକ ହସ୍ତକ୍ଷେପ କରାଯାଉଛି। ୧୦୦ରୁ ଊର୍ଦ୍ଧ୍ୱ ଫିଲ୍ମ ନିର୍ମାତା, ୨୦୦ରୁ ଅଧିକ ଲେଖକ ଓ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଷ୍ଠିତ କଳାକାର ଭାଜପା ବିରୋଧରେ ଭୋଟ ଦେବାକୁ ଆହ୍ୱାନ ଦେଇଛନ୍ତି। ଆଗାମୀ ନିର୍ବାଚନରେ ଏହି ବୁଦ୍ଧିଜୀବୀମାନଙ୍କର ପ୍ରଭାବ କ'ଣ ରହିବ ତାହା ଭବିଷ୍ୟତ କହିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବଡ଼ ମାଛ ଧରିବାକୁ ହେଲେ ବନ୍ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବ। - ଶ୍ରୀ ରାମକୃଷ୍ଣ ପରମହଂସ



# ଆନ୍ତଃ ରାଜ୍ୟ ଚୋର ର୍‌ୟାକେଟ୍‌ର ଜଣେ ଗିରଫ

## ୧୬ବାଇକ, ୨୨ମୋବାଇଲ, ଲାପ୍‌ଟପ୍ ଉଦ୍ଧାର



ଗିରଫ ଅଭିଯୁକ୍ତ ରାଜକିଶୋର ମଲ୍ଲିକ ଓ ପୋଲିସ ଅଧିକାରୀ।

**କେନ୍ଦ୍ରାପଡ଼ା ଅଫିସ, ୧୬।୪**

ଆନ୍ତଃରାଜ୍ୟ ଚୋରି ସହ ସମ୍ପୃକ୍ତି ଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବଡବାରଙ୍ଗ ଗ୍ରାମର ରାଜକିଶୋର ମଲ୍ଲିକ ଓରଫ ରାଜୁ। ତାଙ୍କ ନିକଟରୁ ୧୬ ବାଇକ, ୨୨ ମୋବାଇଲ ଓ ଗୋଟିଏ ଲାପ୍‌ଟପ୍ ଉଦ୍ଧାର କରାଯାଇଛି। ଏନେଇ ଏସ୍‌ପି ନୀତିଶେଖର ସଦର ଥାନାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ୭ରେ ସହରର ଗୋପ ଛକଠାରେ ପାଟକୁରା ଥାନା ଅନ୍ତର୍ଗତ ଶାସନୀପଡା ଗ୍ରାମର ସୂର୍ଯ୍ୟକାନ୍ତ ବେହେରାଙ୍କ ମୋଟରସାଇକେଲ ଚୋରି ହୋଇଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସର ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରେ ରାଜୁଙ୍କ ସମ୍ପୃକ୍ତ ଥିବା ସନ୍ଦେହ କରି ପୋଲିସ ତାଙ୍କ ଉପରେ ନଜର ରଖିଥିଲେ। ସୋମବାର ସନ୍ଧ୍ୟାରେ ସେ ଘରକୁ ଆସୁଥିବା ବେଳେ ପୋଲିସ ତାଙ୍କୁ ଉଠାଇନେଇ ପଚରାଉଚୁରା କରିଥିଲା। ସେ ଏହି ଚୋରି ଘଟଣା ସହ ବହୁ ସମୟରେ ଜିଲା ସମେତ ଟ୍ରେନରେ ଯାତାୟାତ କରୁଥିବା ଯାତ୍ରୀଙ୍କୁ ଲୁଟ୍ କରିଥିବା ସ୍ୱୀକାର କରିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଛି। ଅପରପକ୍ଷେ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଥିବା ପଡ୍ଡା ଗ୍ରାମର ବିକି ଓ ବଡବାରଙ୍ଗ ଗ୍ରାମର ଶଙ୍କର ନାୟକ ଓରଫ ଚୁଆଁ ଫେରାର ହୋଇଯାଇଛନ୍ତି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ଓଡ଼ିଶାର ଗ୍ରାମାଞ୍ଚଳ ବୁଲିବା ବିଦେଶୀଙ୍କ ପସନ୍ଦ

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର, ୧୬।୪**






ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ନେଇ କେବଳ ଭାରତୀୟ ଉତ୍ସାହୀ ନୁହନ୍ତି, ସମଗ୍ର ବିଶ୍ୱ ଏହି 'ସେଲିବ୍ରେଶନ ଅଫ୍ ଡେମୋକ୍ରାସି'ର ଅନୁଭବ ନେବାକୁ ଆଗ୍ରହୀ। ଦେଶରେ ବଢୁଥିବା ବିଦେଶୀ ପର୍ଯ୍ୟଟକଙ୍କ ଆଗମନରୁ ଏହା ସ୍ପଷ୍ଟ ବାରିହୋଇ ପଡୁଛି। ଭାରତର ନିର୍ବାଚନ ପ୍ରକ୍ରିୟା ଦେଖିବାକୁ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ଛୁଟିଛି। ଗାଁଗହଳିରେ ନେତାଙ୍କ ଭୋଟ ପ୍ରଚାରରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ସଭା ପର୍ଯ୍ୟନ୍ତ, ସବୁକିଛି ସେମାନଙ୍କ ପାଇଁ ଆକର୍ଷଣ ସାଜୁଛି। ଏଜୁକେଶନ, ମେଡିକାଲ ଓ କ୍ରୁଜ୍ ଟୁରିଜମ୍ ଭଳି ନୂଆ କନ୍‌ସେପ୍ଟ ପରେ ଏବେ ଭାରତରେ 'ଇଲେକ୍ସନ ଟୁରିଜମ୍' ଆରମ୍ଭ ହୋଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଭଳି ରାଜ୍ୟ ସହ ଦକ୍ଷିଣ ଭାରତ ଏବଂ ଓଡ଼ିଶାରେ ମଧ୍ୟ ଇଲେକ୍ସନ ଟୁରିଜମ୍‌କୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି।

୨୦୧୮ ନଭେମ୍ବରରେ ହୋଇଥିବା ପୁରୁଷ ହକି ବିଶ୍ୱକପ୍ ଓଡ଼ିଶାକୁ ଆଖିଦୃଶିଆ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ପ୍ରାୟ ୬୦% ଅଧିକ ପର୍ଯ୍ୟଟକ ଓଡ଼ିଶା ଆସିଥିଲେ। ହେଲେ ପ୍ରାୟ ୧୫ ହଜାର ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। ସାଧାରଣତଃ ଟ୍ରାଇବାଲ୍ ଓ ରୁରାଲ୍ ଟୁରିଜମ୍ ପାଇଁ ଓଡ଼ିଶା ବିଦେଶୀଙ୍କ ପ୍ରମୁଖ ପସନ୍ଦର ଅଞ୍ଚଳ। ଏବେ ନିର୍ବାଚନ ସମୟରେ ଓଡ଼ିଶାର ଗ୍ରାମାଞ୍ଚଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିଛି। ଗାଁ ଗାଁ ବୁଲୁଥିବା ନିର୍ବାଚନୀ ଗାଡ଼ି, ଭଳିକି ଭଳି ଗୀତ, ନେତାଙ୍କ ଡୋର୍ ଟୁ ଡୋର୍ କ୍ୟାମ୍ପେନ୍ ଓ ଘନଘନ ସଭାସମିତିର ମଜା ନେବାକୁ ବିଦେଶୀ ପର୍ଯ୍ୟଟକ ବିଶେଷ ଉତ୍ସାହ ଦେଖାଉଛନ୍ତି।

'ଦି ବିଗ୍ ଫ୍ୟାଟ୍ ଇଣ୍ଡିଆନ୍ ଇଲେକ୍ସନ' କ୍ୟାମ୍ପେନ୍ ମାଧ୍ୟମରେ ଟୁର୍ ଅପରେଟରମାନେ ବିଦେଶୀଙ୍କୁ ଆକୃଷ୍ଟ କରୁଛନ୍ତି। ହନିମୁନ୍ ପ୍ୟାକେଜ୍ ଭଳି ଏଥିପାଇଁ ସ୍ୱତନ୍ତ୍ର ଇଲେକ୍ସନ ଟୁର୍ ପ୍ୟାକେଜ୍ ରହିଛି। ରାଜନୀତି ଓ ପର୍ଯ୍ୟଟନର ଏହି ଅପୂର୍ବ ସମାହାର ଟୁର୍ ଅପରେଟରମାନଙ୍କ ପାଇଁ ବିଶେଷ ଲାଭଦାୟକ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ପ୍ରାୟ ୩ ହଜାର ବିଦେଶୀ ପର୍ଯ୍ୟଟକ ଉପଭୋଗ କରିଛନ୍ତି। ଶତାଧିକ ଟୁର୍ ଅପରେଟର୍ସ ସଂସ୍ଥା ଏଥର ଇଲେକ୍ସନ ଟୁରିଜମ୍ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ କରିଥିବା ବେଳେ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ବିଦେଶୀଙ୍କୁ ଭାରତକୁ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ପର୍ଯ୍ୟଟନ ପାଇଁ ଖରାଦିନ ଏକ ଡାଉନ୍ ସିଜନ୍ ହୋଇଥିଲେ ମଧ୍ୟ ଏପ୍ରିଲ ପହିଲାରୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଆଶାତୀତ ବୃଦ୍ଧି ହୋଇଛି। ମିଳିଥିବା ସୂଚନା ଅନୁସାରେ, ମୋଦିଙ୍କୁ ନେଇ ବିଦେଶୀଙ୍କ ମଧ୍ୟରେ ଅଧିକ କ୍ରେଜ୍ ରହିଥିବା ବେଳେ ଏଥିପାଇଁ ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟରେ ଇଲେକ୍ସନ ଟୁରିଜମ୍‌ର ବହୁଳ ଲୋକପ୍ରିୟତା ରହିଛି।

ଓଡ଼ିଶାରେ ପୁରୀ, ଭୁବନେଶ୍ୱର ସମେତ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳ ବୁଲିବାକୁ ବିଦେଶୀ ପର୍ଯ୍ୟଟକ ଆଗ୍ରହ ଦେଖାଉଥିବା ଓଡ଼ିଶା ଟୁର୍ ଅପରେଟରମାନେ କହିଛନ୍ତି। ରାଜ୍ୟର ଜଣାଶୁଣା ଟୁର୍ ଅପରେଟର ତଥା ଟ୍ରାଭେଲ୍ ଇଣ୍ଡଷ୍ଟ୍ରୀ ଏକ୍ସପର୍ଟ ବେଞ୍ଜାମିନ୍ ସାଇମନ୍‌ଙ୍କ କହିବାନୁଯାୟୀ, ସମର ସିଜନ୍ ଆମ ପାଇଁ ଲୋ ଫୁଟ୍‌ଫଲ୍ ସିଜନ୍ ହୋଇଥିଲେ ବି ଏପ୍ରିଲ ଆରମ୍ଭରୁ ୨୦୦ରୁ ୩୦୦ ବିଦେଶୀ ପର୍ଯ୍ୟଟକ ଓଡ଼ିଶାର ଗ୍ରାମାଞ୍ଚଳ ବୁଲିବାକୁ ଆସିଛନ୍ତି। ଅଧିକାଂଶ ପର୍ଯ୍ୟଟକ ଗ୍ରାମାଞ୍ଚଳ ଯାଇ ସେଠାରେ କ୍ୟାମ୍ପେନ୍ ଦେଖିବା, ଲୋକଙ୍କ ସହ କଥାହେବା ଓ ନିର୍ବାଚନ ପ୍ରକ୍ରିୟା ଦେଖିବାକୁ ପସନ୍ଦ କରୁଛନ୍ତି। କେବେ ଭୋଟ ଦେଉ ନ ଥିବା ଲୋକଙ୍କ ପାଇଁ ଭାରତର ନିର୍ବାଚନ ଏକପ୍ରକାର ପ୍ରେରଣା ସାଜିଛି। ସେମାନେ ଏଠାରୁ ଯାଇ ନିଜ ପରିବାର ଓ ଜଣାଶୁଣା ଲୋକଙ୍କ ସହ ଅନୁଭୂତି ବାଣ୍ଟୁଛନ୍ତି। ଏହା ଏକ ଭିନ୍ନ କନ୍‌ସେପ୍ଟ ଓ ଭଲ ଭାବେ ପ୍ରମୋଟ କରାଗଲେ ପର୍ଯ୍ୟଟନ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସାଇମନ୍ କହିଛନ୍ତି।

# ଜଳିଗଲା କାର, ବର୍ତ୍ତିଲେ ୪ ଛାତ୍ରୀଛାତ୍ର, ଡ୍ରାଇଭର

**ବଡ଼ସାହି, ୧୬।୪(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବାରିପଦା-ଉଦଳା ରାସ୍ତାର ସାନକେରକୋ ଠାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଏକ ଇଣ୍ଡିଗୋ କାର୍‌ରେ ନିଆଁ ଲାଗି ଜଳିଯାଇଛି। ଗାଡିରେ ଥିବା ୪ଜଣ ଛାତ୍ରୀଛାତ୍ରଙ୍କ ସମେତ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାରିପଦାରୁ ଦମକଳବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ପ୍ରତିଦିନ ଏହି କାର ଯୋଗେ ନାଉପାଳ ଅଞ୍ଚଳରୁ କେତେକ ଛାତ୍ରୀଛାତ୍ର ବାରିପଦାର ଏକ ଘରୋଇ ସ୍କୁଲକୁ ପାଠପଢିବାକୁ ଯିବାଆସିବା କରିଥାନ୍ତି। ମଙ୍ଗଳବାର ସ୍କୁଲରୁ ୪ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଫେରୁଥିବା ସମୟରେ ସର୍ଟସର୍କିଟ ଯୋଗୁଁ କାର୍ ଇଞ୍ଜନରେ ନିଆଁ ଲାଗି ଯାଇଥିବା କୁହାଯାଉଛି। ଡ୍ରାଇଭର ନିଆଁ ଲାଗିବା ଦେଖି ଗାଡି ଅଟକାଇ ତୁରନ୍ତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।



ନିଆଁ ଲାଗି ଜଳିଯାଇଥିବା କାରକୁ ଅଗ୍ନିଶମସେବା କର୍ମଚାରୀ ମାନେ ଲିଭାଉଛନ୍ତି।

# ଭାଜପା ପ୍ରାର୍ଥୀଙ୍କ ନାଁରେ ୫ ମାମଲା

**ବାରିପଦା ଅଫିସ, ୧୬।୪**

## ବାରିପଦା ଆସନରେ ପ୍ରାର୍ଥୀଙ୍କ ସତ୍ୟପାଠ

ଉତ୍ତର ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ବାରିପଦା ରାଜ୍ୟ ରାଜନୀତିରେ ସବୁବେଳେ ଗୁରୁତ୍ୱ ବହନ କରିଆସିଛି। ଏଥର ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ଏହି ନିର୍ବାଚନମଣ୍ଡଳୀରେ ଆସନ୍ତା ୨୯ ତାରିଖରେ ନିର୍ବାଚନ ହେବ। ଏଥିପାଇଁ ପ୍ରାର୍ଥୀମାନେ ବାରିପଦା ସହର ସମେତ ବାରିପଦା ବ୍ଲକ, ଖୁଣ୍ଟା ବ୍ଲକ ଓ ବଡସାହି ବ୍ଲକର ୯ ପଞ୍ଚାୟତକୁ ଗସ୍ତକରି ନିତିଦିନ ଭୋଟରମାନଙ୍କୁ ଭେଟୁଥିବା ଜଣାପଡିଛି।

ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ ଭାଜପାରୁ ପ୍ରକାଶ ସୋରେନ, କଂଗ୍ରେସରୁ ଦଶରଥ ସିଂ, ଆମ୍ ଆଦ୍‌ମୀ ପାର୍ଟିରୁ ବିଶ୍ୱନାଥ ହେମ୍ବ୍ରମ, ଝାଡ଼ଖଣ୍ଡ ପିପୁଲ୍ସ ପାର୍ଟିରୁ ଚନ୍ଦ୍ରମୋହନ ମୁର୍ମୁ, ବହୁଜନ ସମାଜ ପାର୍ଟିରୁ ସରୋଜିନୀ ସୋରେନ ଓ ସ୍ୱାଧୀନ ପ୍ରାର୍ଥୀ ଶିବପ୍ରସାଦ ସିଂ ପ୍ରମୁଖ ୭ ଜଣ ନିର୍ବାଚନ ମଇଦାନରେ ରହିଛନ୍ତି। ସମସ୍ତ ପ୍ରାର୍ଥୀ ନାମାଙ୍କନ ଦାଖଲ ବେଳେ ଦେଇଥିବା ସତ୍ୟପାଠରୁ ବିଭିନ୍ନ ତଥ୍ୟ ପଦାକୁ ଆସିଛି। ବିଜେଡି ପ୍ରାର୍ଥୀ ତଥା ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ଅନ୍ୟ ପ୍ରମୁଖ ଦଳର ପ୍ରାର୍ଥୀଙ୍କଠାରୁ ଅଧିକ ଧନୀ ବୋଲି ଏଥିରୁ ଜଣାପଡିଛି। ଭାଜପା ପ୍ରାର୍ଥୀଙ୍କ ନାମରେ ୫ଟି ଆପରାଧିକ ମାମଲା ବିଚାରାଧୀନ ରହିଥିବା ନେଇ ସେ ତାଙ୍କ ସତ୍ୟପାଠରେ ତଥ୍ୟ ପ୍ରଦାନ କରିଛନ୍ତି।

ବିଜେଡି ପ୍ରାର୍ଥୀ ସରୋଜିନୀଙ୍କୁ ଏବେ ବୟସ ୫୯ । ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଇନ୍ ମ୍ୟୁଜିକ ଡିଗ୍ରୀ ହାସଲ କରିଛନ୍ତି। ବାରିପଦା ସହର ୧୯ ନମ୍ବର ୱାର୍ଡ ବାଘଡା ରୋଡ୍‌ରେ ତାଙ୍କ ଘର। ତାଙ୍କର ଏକ ଗ୍ୟାସ୍ ଏଜେନ୍ସି ବ୍ୟବସାୟ ରହିଛି। ସ୍ୱାମୀ ଭାଗୀରଥି ନାୟକ ହ୍ୟାଣ୍ଡଲୁମ୍ ବ୍ୟବସାୟ କରୁଛନ୍ତି। ୨୦୧୮-୧୯ରେ ତାଙ୍କର ବାର୍ଷିକ ଆୟ ୧୪ ଲକ୍ଷ ୩୨ ହଜାର ୪୪୦ ଟଙ୍କା ରହିଥିଲା। ତାଙ୍କ ନିକଟରେ ନଗଦ ୨୦ ହଜାର ଓ ସ୍ୱାମୀଙ୍କ ନିକଟରେ ନଗଦ ୧୦ ହଜାର ଟଙ୍କା ରହିଛି। ଭୁବନେଶ୍ୱରରେ ବ୍ୟବସାୟ ଉଦ୍ଦେଶ୍ୟରେ ଏକ ଘର ଓ ଏକ ବାସଭବନ ମଧ୍ୟ ରହିଛି। ତାଙ୍କର ୪ଟି ଚାରି ଚକିଆ ଗାଡ଼ି ସହିତ ଏକ ଟ୍ରକ୍ ରହିଛି। ଅସ୍ଥାବର ସମ୍ପତ୍ତି ପରିମାଣ ୧ କୋଟି ୧୫ ଲକ୍ଷ ୬୩ ହଜାର ୧୨୧ ଟଙ୍କା ଏବଂ ସ୍ଥାବର ସମ୍ପତ୍ତି ପରିମାଣ ୫୩ ଲକ୍ଷ ୨୫ ହଜାର ଟଙ୍କାର ରହିଛି। ସେହିପରି ସରୋଜିନୀଙ୍କ ସ୍ୱାମୀଙ୍କ ନାମରେ ଅସ୍ଥାବର ସମ୍ପତ୍ତି ୧୮ ଲକ୍ଷ ୨୪ ହଜାର ୫୬୩ ଟଙ୍କାର ରହିଛି।

ଭାଜପା ପ୍ରାର୍ଥୀ ପ୍ରକାଶ ସୋରେନଙ୍କ ବୟସ ଏବେ ୫୦ । ସେ ବାସିପିଠା ହାଇସ୍କୁଲରୁ ମାଟ୍ରିକ ପାସ୍ କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ତାଙ୍କର ଆୟ ପରିମାଣ ଥିଲା ୨ ଲକ୍ଷ ୯୬ ହଜାର ୯୬ ଟଙ୍କା । ତାଙ୍କ ସ୍ତ୍ରୀ ମୁନିଙ୍କ ନାମରେ ଏକ ସ୍କୁଟର ରହିଛି। ତାଙ୍କ ନିକଟରେ ନଗଦ ୨୫ ହଜାର ଟଙ୍କା ଥିବା ବେଳେ ୭୧ ହଜାର ୮୦୦ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସ୍ତ୍ରୀଙ୍କ ନାମରେ ୫୪ ହଜାର ୬୮୦ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ତେବେ ତାଙ୍କର କୌଣସି ସ୍ଥାବର ସମ୍ପତ୍ତି ନ ଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି। । ପ୍ରକାଶଙ୍କ ଘର ବଡସାହି ଥାନା ଅଧୀନ ଗୁଡିଆଳବନ୍ଧ ଅଞ୍ଚଳରେ। ତାଙ୍କ ନାମରେ ୫ ଟି ଆପରାଧିକ ମାମଲା ରାଇରଙ୍ଗପୁର, ଉଦଳା ଓ ବେତନଟୀ କୋର୍ଟରେ ବିଚାରାଧୀନ ରହିଛି। ବଡସାହି ଥାନାରେ ୩ଟି ମାମଲା ( ନଂ.୫୧/୧୯୯୪, ୯୪/୧୯୯୮ ଏବଂ ୫୪/୨୦୦୧) ଥିବା ବେଳେ ଗୋରୁମହିଷାଣୀ ଥାନାରେ ଗୋଟିଏ (ନଂ.୬୪/୨୦୧୧) ଏବଂ ଖୁଣ୍ଟା ଥାନାରେ ଆଉ ଗୋଟିଏ ମାମଲା( ନଂ.୬୧/୨୦୦୧) ରହିଛି। କଂଗ୍ରେସ ପ୍ରାର୍ଥୀ ଦଶରଥ ସିଂଙ୍କ ଘର ବଡସାହି ଥାନା ଅଧୀନ ଅସ୍ତୁଝରନ ଗ୍ରାମରେ। ବୟସ ୪୪। ଏମ୍‌ପିସି କଲେଜରୁ ବି.କମ୍ ପାସ୍ କରିଛନ୍ତି। ତାଙ୍କ ନିକଟରେ ନଗଦ ୨୪ ହଜାର ଟଙ୍କା ଥିବା ବେଳେ ସ୍ଥାବର ସମ୍ପତ୍ତି ପରିମାଣ ୩ ଲକ୍ଷ ୩୯ ହଜାର ଟଙ୍କା ଏବଂ ଅସ୍ଥାବର ସମ୍ପତ୍ତି ୪୫ ହଜାର ଟଙ୍କାର ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ତାଙ୍କ ସ୍ତ୍ରୀଙ୍କ ନାମରେ ଅସ୍ଥାବର ସମ୍ପତ୍ତି ୬୦ ହଜାର ଟଙ୍କାର ରହିଛି। ତାଙ୍କର ଏକ ମୋଟରସାଇକେଲ ଥିବା ବେଳେ ସ୍ତ୍ରୀଙ୍କ ନାମରେ ଏକ ସ୍କୁଟର ରହିଛି।


## DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.).
Name and address of candidate: **Rohit Pujari,** Bamra House, Bhutapara, Sambalpur
Name of the political party: **Biju Janata Dal**. Name of the Election- Election to the Odisha Legislative Assembly. Name of Constituency: **18 Rairakhol Assembly Constituency**
I Rohit Pujari a candidate for the above mentioned election declare for public information the fallowing details about my criminal antecedents:

| Sl No | Pending criminal cases | | | Details about cases on conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1. | SDJM Sambalpur | GR Case No. 1025/ 2013pending | U/s 143/283 IPC. Alleged road blokage by party workers | Not Applicable | Not Applicable |

In the Case of election to Council of States or election to Legislative Council by MLAs, mention the election concerned in place of name of constituency

**Sd./- Rohit Pujari**

## DECLARATION ABOUT CRIMINAL CASES

As per the judgement dated 25th September 2018 of Hon'ble Supreme Court to WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.).
Name and address of candidate: Jayalal Behera. Name of the political party: Independent, Name of the Election- Election to Assembly, Odisha. Name of Constituency: (18) Rairakhol Assembly Constituency
I Jayalal Behera a candidate for the above mentioned election declare for public information for fallowing details about my criminal antecedents:

| Sl No | Pending criminal cases | | | Details about cases on conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1. | Court of Sessions Judge Sambalpur | Spl GR Case No. 31 of 2017 corresponding to Ainthapali, PS Case No. 187 Dated 24.06.2017 Status Charge has not been Framed. | U/s. 341/427/294/506/ 34 IPC read with 3(i) SC & ST (PA) Act. 1989 and Wrongful restraint, Mischief causing damage to Property, Obscene act. criminal intimidation, Act. done by several persons in furtherance of common intention and forcing a member of Scheduled Caste and Scheduled tribe to drink or eat any inedible and obnoxious Substances | NIL | NIL |
| 2. | Court of Sub- Divisional Magistrate, Sambalpur | Criminal Misc. Case No. 299 of 2017 and Status Pending for further order | U/s. 133 Cr. PC and Removal of unlawful obstruction or nuisance should be removed from any public place or form any way, river or channel which is or may be lawfully used by the public | NIL | NIL |
| 3. | Court of SDJM Sambalpur | GR Case No. 1285 of 2017 Corresponding to Sadar PS Case No. 73 Dated 24.05.2017 Status Charge has not been framed. | U/s. 420 IPC and Cheating and dishonestly inducing delivery of property | NIL | NIL |

In the Case of election to Council of States or election to Legislative Council by MLAs, mention the election concerned in place of name of constituency

**Sd./- Jayalal Behera**


# ମୋବାଇଲ ବ୍ୟାଟେରି ଫାଟି ୩ ବାଳକ ଆହତ

**ଡୁଙ୍ଗୁରିପାଲି, ୧୬।୪ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଟାଙ୍ଗରକର୍ଲେ ପଞ୍ଚାୟତ ଅନ୍ତର୍ଗତ ଅଡାକଶା ଗ୍ରାମରେ ମୋବାଇଲ ବ୍ୟାଟେରୀ ଫାଟି ମଙ୍ଗଳବାର ୩ ଜଣ ବାଳକ ଆହତ ହୋଇଛନ୍ତି। ସେମାନଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ହୋଇଥିବା ବାଳକ ହେଲେ ନବକୁମାର ଘୁସୁରୀଙ୍କ ପୁଅ ହେମନ୍ତ(୧୨)। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଦିନ ପ୍ରାୟ ୧୨ଟା ବେଳେ ଏହି ୩ ଜଣ ବାଳକ ମୋବାଇଲର ଫୋନ ବ୍ୟାଟେରୀ ଖୋଲୁଥିବା ସମୟରେ ତାହା କୌଣସି କାରଣରୁ ହଠାତ୍ ଫାଟି ଥିଲା। ଭୟରେ ସେମାନେ ଚିତ୍କାର କରିବାରୁ ପରିବାର ଲୋକ ସେଠାକୁ ଧାଇଁ ଆସିଥିଲେ। ହେଲେ ସେତେବେଳକୁ ହେମନ୍ତଙ୍କ ହାତ ଓ ଗୋଡରେ ଗୁରୁତର ଆଘାତ ଲାଗିଥିଲା। ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଭଲ ଥିବା ପରିବାର ଲୋକେ କହିଛନ୍ତି।

# କେନ୍ଦୁଝର ଲୋକ ସଭା ଆସନ ଉପରେ ନଜର

**ନରେଶଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୬।୪(ସ୍ୱ.ପ୍ର.)**

ଖଣିଖାଦନ ସମୃଦ୍ଧ କେନ୍ଦୁଝର ଲୋକ ସଭା ଆସନ ଉପରେ ସମସ୍ତଙ୍କ ନଜର ରହିଛି। ଚଳିତ ନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଏଥର ବିଜେଡି, ଭାଜପା ଓ କଂଗ୍ରେସ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେବ। କ୍ରମାଗତ ଭାବେ ଏହି ଲୋକସଭା ଆସନ ବିଜେଡି ଦଖଲରେ ଥିଲା। ଚଳିତ ଥର ପୁଣି ଥରେ ଏହି ଆସନ ଦଖଲ ପାଇଁ ବିଜେଡି ନୂଆ ମୁହଁକୁ ପ୍ରାର୍ଥୀ କରିଛି। ସେ ହେଉଛନ୍ତି ଚନ୍ଦ୍ରାଣୀ ମୁର୍ମୁ। ରାଜନୀତିକୁ ନୂଆ ଭାବେ ଆସିଥିବା ଚନ୍ଦ୍ରାଣୀ ହେଉଛନ୍ତି ପୂର୍ବତନ ଏମ୍‌ପି ହରିହର ସୋରେନଙ୍କ ନାତୁଣୀ। ସକ୍ରିୟ ରାଜନୀତିରେ ଚନ୍ଦ୍ରାଣୀ ନ ଥିଲେ ହେଁ ନବୀନଙ୍କ ଭାବମୂର୍ତ୍ତି, ଲୋକଙ୍କ ପାଇଁ କରିଥିବା ଜନ କଲ୍ୟାଣ କାର୍ଯ୍ୟ ଏବଂ କେନ୍ଦ୍ର ଅବହେଳା ପ୍ରସଙ୍ଗକୁ ନେଇ ନିର୍ବାଚନ ବୈତରଣୀ ପାର ହେବେ ବୋଲି ଆଲୋଚନା ହେଉଛି। ଜନସେବା କରିବାକୁ ରାଜନିତିରେ ପାଦ ଦେଇଛି। ମୁଖ୍ୟମନ୍ତ୍ରୀ ଯେଉଁ ଆଦେଶ ଦେବେ ସେହି କାମ କରିବି ବୋଲି ଚନ୍ଦ୍ରାଣୀ କହିଛନ୍ତି। ଭାଜପା ପକ୍ଷରୁ ଅନନ୍ତ ନାୟକ ପ୍ରାର୍ଥୀ ହୋଇଛନ୍ତି। ଅନନ୍ତ ପୂର୍ବରୁ ୨ ଥର ଏମ୍‌ପି ଥିଲେ। ଦେଶରେ ଚାଲିଥିବା ମୋଦି ମାନିଆକୁ ଆଧାର କରି ସେ ଜିତିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଖଣିଖାଦାନ ଭରା କେନ୍ଦୁଝର ଜିଲାକୁ କ୍ରମାଗତ ଭାବେ ଅବହେଳା କରାଯାଉଥିବା ପ୍ରସଙ୍ଗକୁ ନେଇ ନିର୍ବାଚନ ରଣାଙ୍ଗନରେ ଉତୀର୍ଣ୍ଣ ହୋଇଛି। ଅବହେଳିତ ଆଦିବାସୀ ଅଞ୍ଚଳ ଓ ଅପହଞ୍ଚ ମୌଳିକ ସମସ୍ୟା ଆଧାରରେ ନିର୍ବାଚନ ଲଢୁଥିବା ସେ କହିଛନ୍ତି। କଂଗ୍ରେସ ଦଳରୁ ଟିକଟ ପାଇ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ମୋହନ କୁମାର ହେମ୍ବ୍ରମ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେନ୍ଦୁଝର ଭଳି ଜିଲାକୁ ଅବହେଳା ପ୍ରଦର୍ଶନ କରିଛନ୍ତି। ଏହା ନିର୍ବାଚନୀ ମୁଦ୍ଦା ହେବ ବୋଲି ସେ କହିଛନ୍ତି। ଏହା ଛଡା ନିର୍ବାଚନ ମଇଦାନରେ ବିଏସ୍‌ପିର ଦୁର୍ଗାଚରଣ ପିଙ୍ଗୁଆ, ରାଷ୍ଟ୍ରିୟା ଇଣ୍ଡିପେଣ୍ଡେଣ୍ଟ ମୋର୍ଚ୍ଚାର ଡ. ସୁଦର୍ଶନ ଲୋହାର, ପ୍ରଫୁଲ ନାୟକ, ଅଲଇଣ୍ଡିଆ ଫରୱାଡ ବ୍ଲକ, ବହୁଜନ ମୁକ୍ତି ପାର୍ଟିର ରମେଶ ଲାଗୁରୀ ଓ ଅଖିଳ ଭାରତ ହିନ୍ଦୁ ମହାସଭାର ଲାଲମୋହନ ହାଁସଦା ନିର୍ବାଚନ ଲଢୁଛନ୍ତି।

ଆଦିବାସୀ ବହୁଳ ଏହି ଲୋକସଭା ଆସନ ପାଇଁ ୨୦୧୪ ନିର୍ବାଚନରେ ସମୁଦାୟ ୮ ପ୍ରାର୍ଥୀ ରହିଥିଲେ। ବିଜେଡିର ଶକୁନ୍ତଳା ଲାଗୁରୀ ୪,୩୪,୪୭୧ଟି ଭୋଟ ପାଇ ଜିତିଥିଲେ। ଭାଜପାର ଅନନ୍ତ ନାୟକ ୨ ଲକ୍ଷ ୭୭ ହଜାର ୧୫୪ ଭୋଟ ପାଇଥିଲେ। କଂଗ୍ରେସର ମାଧବ ସର୍ଦ୍ଦାର ୧ ଲକ୍ଷ ୯୦ ହଜାର ୫୩୧ ଭୋଟ ପାଇଥିବା ବେଳେ ସନାତନ ମହାକୁଡଙ୍କ ଅନୁଗତ ସ୍ୱାଧୀନ ପ୍ରାର୍ଥୀ ବାସୁଦେବ ନାୟକ ୧ ଲକ୍ଷ ୧ ହଜାର ୯୯୯ ଭୋଟ ପାଇ ୪ର୍ଥ ସ୍ଥାନ ଗ୍ରହଣ କରିଥିଲେ। କେନ୍ଦୁଝର ଲୋକ ସଭାନିର୍ବାଚନମଣ୍ଡଳୀର ଭୋଟର ସଂଖ୍ୟା ମୟୂରଭଞ୍ଜ ଜିଲାର କରିଆ ବିଧାନସଭା ମଣ୍ଡଳୀର ଭୋଟର ୧ ଲକ୍ଷ ୮୩ ହଜାର ୯୬କୁ ମିଶାଇ ସମୁଦାୟ ୧୪ଲକ୍ଷ ୭୬ ହଜାର ୮୫୫ ରହିଛି। ଜିଲାର ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର ଓ ଚମ୍ପୁଆ ବିଧାନ ସଭା ନିର୍ବାଚନ ମଣ୍ଡଳୀକୁ ମିଶାଇ ଜିଲାରେ ଭୋଟର ସଂଖ୍ୟା ୧୨ ଲକ୍ଷ ୯୩ ହଜାର ୭୫୯ ରହିଛି। କେନ୍ଦୁଝର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ କେନ୍ଦ୍ର ସଂଖ୍ୟା ୧୯୬୧ ରହିଛି। ସେଥିରୁ କରିଆ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ ଗ୍ରହଣ କେନ୍ଦ୍ର ୨୪୧ ରହିଛି। ଅବଶିଷ୍ଟ କେନ୍ଦୁଝର ଜିଲାର ୬ ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ କେନ୍ଦ୍ର ରହିଛି। ୨୦୧୧ ଜନଗଣନା ଅନୁଯାୟୀ ଜିଲାର ଜନସଂଖ୍ୟା ୧୮ ଲକ୍ଷ ୧ ହଜାର ୭୩୩। ସେଥିରୁ ୯୦୬,୪୮୭ ଜଣ ପୁରୁଷ ଓ ୮୯୫୨୪୬ ମହିଳା ଅଛନ୍ତି। ଜିଲାର ସାକ୍ଷରତା ହାର ୬୮ ପ୍ରତିଶତ ରହିଛି। ସେଥିରୁ ପୁରୁଷ ସାକ୍ଷରତା ହାର ୭୮ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୫୮ ପ୍ରତିଶତ ରହିଛି। ନିର୍ବାଚନ ଆସିଲେ ନେତା ବହୁ ପ୍ରତିଶ୍ରୁତି ଦେଉଛନ୍ତି। ନିର୍ବାଚନ ପରେ ଭୁଲିଯାଇ ନିଜର ସ୍ୱାର୍ଥୟରେ ରହୁଛନ୍ତି। ଜିଲାର ବିକାଶ ହୋଇ ପାରୁନାହିଁ ବୋଲି ଦୈତାରୀ ଆପଟ କହିଛନ୍ତି। ବୋରଜଗାରୀ ସମସ୍ୟା ଗୁରୁତର ହୋଇପଡ଼ିଛି। ଜୁଆଙ୍ଗ ଓ ଭୂୟାଁ ଆଦିବାସୀ କାମଧନ୍ଦା ନ ପାଇ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ସାମାଜିକ କର୍ମୀ ସିଦ୍ଧେଶ୍ୱର ସାହୁ କହିଛନ୍ତି। ବହୁ କଷ୍ଟରେ ଚାଷ କରି ଚଳୁଛୁ। ଜଳସେଚନ ବ୍ୟବସ୍ଥା କଲେ ଭଲ ହେବ। ପିଇବା ପାଣି ସମସ୍ୟା ରହିଛି ବୋଲି ତଳଚମ୍ପେଇର ସୁଧିର ଜୁଆଙ୍ଗ କହିଛନ୍ତି। ଭଙ୍ଗା ଦଦରା ଘରେ ରହୁଛୁ। ପାଣି ମିଳୁନାହିଁ। ରାସ୍ତାନାହିଁ। ପୋଲ ଟିଏ ନାହିଁ। ଆମ ସମସ୍ୟା ସମାଧାନ ଯିଏ କରିବ ତାଙ୍କୁ ଭୋଟ ଦେବୁ ବୋଲି ରିମୁଳିଘାଟି ଗ୍ରାମର ଅଙ୍ଗଦ ଜୁଆଙ୍ଗ କହିଛନ୍ତି।

■ ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ ବେଳେ ଅଣ୍ଡାମାଡ଼ ଘଟଣା

# ଅଟକ ବାଳଗୋପାଳଙ୍କ ସହ ୧୭ ଜଣଙ୍କୁ ଛାଡିଲା ପୋଲିସ

**ବଲାଙ୍ଗୀର ଅଫିସ/ ଲୋଇସିଂହା, ୧୬।୪ (ଡି.ଏନ.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାତି ପ୍ରାୟ ୯ଟାରେ ରୋଡ ଶୋ କରି ଯାଉଥିବାବେଳେ ସାଲେଭଟାରେ କଳାପତାକା ପ୍ରଦର୍ଶନ, ଅଣ୍ଡାମାଡ଼ ଓ ଟେକାମାଡ଼ ଘଟଣା ଘଟିଥିଲା । କିଛି ଲୋକ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌କୁ ଲକ୍ଷ୍ୟ କରି ଅଣ୍ଡା ଓ ଟେକାମାଡ କରିଥିବା କୁହାଯାଇଥିଲା । ଏହି ଘଟଣା ପରେ ବଲାଙ୍ଗୀର ପୋଲିସ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର, ତାଙ୍କ ପୁଅ ଆକାଶ ମିଶ୍ର, ଡମ୍ବରୁଧର ରାଉତ, କୌଶଳ ରାଉତ, ତନୋଜ ମେହେର, ଜଗଦ ମୁଣ୍ଡା, ତରଣୀ ମେହେର, ଜୟ ପଟ୍ଟନାୟକ, ମୋହନ ମାଲଗୁଆର, ଅଜାମିଲ ଛନ୍ଦ, ପ୍ରେମାନନ୍ଦ ମିଶ୍ର, କୁଞ୍ଜବିହାରୀ ତ୍ରିପାଠୀ, ଡିଙ୍ଗର ସୁନା, ନିରଞ୍ଜନ ସାହୁ, ସରୋଜ କୁମାର ମିଶ୍ର, କଙ୍ଗାଲୁ କୁମ୍ଭାରଙ୍କ ସହ ୧୭ ଜଣଙ୍କୁ ଅଟକ ରଖିଥିଲା । ମଙ୍ଗଳବାର ପୂର୍ବାହ୍ନରେ ପୋଲିସ ଏମାନଙ୍କୁ ଛାଡି ଦେଇଛି।

ଅଟକ ପୂର୍ବତନ ଏମ୍‌ପି ମିଶ୍ର ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ସୋମବାର ସାଲେଭଟା କାଣ୍ଡର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି । ଲୋଇସିଂହା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ଗତ ୨ ଥର ହେଲା ବିଜେଡି ସ୍ଥାନୀୟ ଅଞ୍ଚଳରୁ ପ୍ରାର୍ଥୀ ନ କରି ନିର୍ବାଚନ ମଣ୍ଡଳୀ ବାହାରୁ ପ୍ରାର୍ଥୀ କରୁଛି । ଚଳିତ ନିର୍ବାଚନରେ ମଧ୍ୟ ବିଜେଡି ସ୍ଥାନୀୟ ଅଞ୍ଚଳରୁ ବିଜେଡି ବିଧାୟକ ପ୍ରାର୍ଥୀ କରିବା ପ୍ରତିଶ୍ରୁତି ଦେଇ ଶେଷରେ ନିର୍ବାଚନ ମଣ୍ଡଳୀ ବାହାରୁ ପୁଣି ଥରେ ପ୍ରାର୍ଥୀ କରିଛି । ଏହାକୁ ବିରୋଧ କରି ସାଲେଭଟା ଗ୍ରାମବାସୀ ୧୫ ତାରିଖରେ ସାଲେଭଟାଠାରେ କଳା ପତାକା ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିବାଦ ଜଣାଇବାକୁ ନିଷ୍ପତ୍ତି ନେଇଥିଲେ । ସୋମବାର ସକାଳୁ ସାଲେଭଟାରେ କଳାପତାକା ଲଗାଯାଇଥିଲା ଓ ଦୋକାନ ବଜାର ବନ୍ଦ କରାଯାଇଥିଲା । ତେବେ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ପୂର୍ବତନ ଏମ୍‌ପି ମିଶ୍ରଙ୍କ ଘରକୁ ଘେରି ରହିଥିଲେ ଓ ରାତି ପ୍ରାୟ ୧୦ଟାରେ କିଛି ପୋଲିସ କର୍ମଚାରୀ ତାଙ୍କ ଘରକୁ ପଶି ଭଙ୍ଗାରୁଜା କରିବା ସହ ତାଙ୍କର କିଛି ସମର୍ଥକଙ୍କୁ ମାଡ ମାରିଥିବା ମିଶ୍ର ଅଭିଯୋଗ କରିଛନ୍ତି । ତାଙ୍କର ଗୋଟିଏ ଗାଡି, ଆସବାବପତ୍ର ଭାଙ୍ଗିଦେବା ସହ ଲୁଟ୍ କରିଥିବା ଅଭିଯୋଗ କରିଛନ୍ତି । ପୋଲିସର ଏଭଳି ଦମନଲୀଳାକୁ ନେଇ ଜିଲାପାଳଙ୍କୁ ଲିଖିତ ଜଣାଇ ଏହାର ବିଚାରବିଭାଗୀୟ ତଦନ୍ତ କରିବାକୁ ଦାବି କରିଛନ୍ତି । ବିଜେଡି ତରଫରୁ ଜାଣିଶୁଣି ଏଭଳି କାଣ୍ଡ କରାଯାଇ ତାଙ୍କ ବିରୋଧରେ ଷଡଯନ୍ତ୍ର କରିଥିବା ମିଶ୍ର କହିଛନ୍ତି । ସନ୍ଧ୍ୟାରୁ ପୋଲିସ ତାଙ୍କ ଘରକୁ ଘେରି ରହିଥିବାବେଳେ ସେ କିମ୍ବା ତାଙ୍କର କିଛି ସମର୍ଥକ କିପରି ମୁଖ୍ୟମନ୍ତ୍ରୀଙ୍କ କାରକେଡ ଉପରକୁ ଅଣ୍ଡାମାଡ କଲେ ବୋଲି ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ କଳା ପତାକା ପ୍ରଦର୍ଶନ କରିବାକୁ ଓ ଦୋକାନବଜାର ବନ୍ଦ କରିବାକୁ ସାଲେଭଟା ଗ୍ରାମବାସୀ ସାମୂହିକ ନିଷ୍ପତ୍ତି ନେଇଥିବାବେଳେ ହରିଜନପଡାରେ କିଛି ଲୋକ ସର୍ବସାଧାରଣ ସ୍ଥାନରେ ବେଆଇନ୍ ଭାବେ ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂ ଲଗାଇଥିଲେ। ଏହାକୁ ମିଶ୍ର ମନା କରିଥିଲେ । ତେବେ ସେମାନେ ନ ମାନିବାରୁ ସେ ସେଠାରୁ ଫେରିଆସିଥିଲେ ବୋଲି କହିଥିଲେ । ଜାଣିଶୁଣି କିଛି ବିଜେଡି ଲୋକ ଗାଁରେ ଶାନ୍ତି ଓ ଏକତା ଭଙ୍ଗ କରିବାକୁ ଚେଷ୍ଟା କରିଥିଲେ ବୋଲି ସେ ଅଭିଯୋଗ କରିଥିଲେ । ଏହି ଅବସରରେ ସେ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଫଳତାକୁ ନେଇ ତୀବ୍ର ସମାଲୋଚନା କରିଥିଲେ।

**ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କଲେ ପୂର୍ବତନ ଏମ୍‌ପି**



ବାଳଗୋପାଳ ମିଶ୍ର ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

■ ବଲାଙ୍ଗୀରରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡାନ୍ତ

# ୧୫୪୭ ପୋଲିଂ ବୁଥ୍‌ରେ ହେବ ମତଦାନ

**ବଲାଙ୍ଗୀର ଅଫିସ, ୧୬।୪**

ଆସନ୍ତା ୧୮ ତାରିଖ ଦିନ ଓଡିଶାରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୭ଟି ବିଧାନସଭାରେ ଏକାସଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏଥିସକାଶେ ସମସ୍ତ ପ୍ରସ୍ତୁତି ସରିଛି । ବଲାଙ୍ଗୀର ଜିଲା ଅନ୍ତର୍ଗତ ୫ଟି ବିଧାନସଭା ସକାଶେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅରିନ୍ଦମ ଡାକୁଆଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରସ୍ତୁତି ସରିଛି । ବଲାଙ୍ଗୀର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ବଲାଙ୍ଗୀର, ଲୋଇସିଂହା, ପାଟଣାଗଡ, ଟିଟିଲାଗଡ ଓ କଣ୍ଟାବାଞ୍ଜିର ସମୁଦାୟ ୧୫୪୭ଟି ପୋଲିଂ ବୁଥ୍‌ରେ ୧୮ ତାରିଖ ମତଦାନ ହେବ । ଏହି ୧୫୪୭ ପୋଲିଂ ବୁଥ୍‌ରେ ୨୫୬ଟି ପୋଲିଂ ବୁଥ୍‌କୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫ଟି ପିଙ୍କ୍‌ପୋଲିଂ ବୁଥ ଓ ୭୫ଟି ଆଦର୍ଶ ପୋଲିଂ ବୁଥ୍ ପ୍ରତିଷ୍ଠା କରାଯାଇଛି । ୫ଟି ପିଙ୍କ୍ ପୋଲିଂବୁଥ୍‌କୁ କେବଳ ମହିଳା କର୍ମଚାରୀମାନେ ପରିଚାଳନା କରିବେ। ମାଓବାଦୀ ଉପଦ୍ରୁତ ଅଞ୍ଚଳ ତଥା ଅନ୍ୟାନ୍ୟ ସମ୍ବେଦନଶୀଳ ପୋଲିଂ ବୁଥ୍ ଗୁଡିକରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସିସିଟିଭି, ମାଇକ୍ରୋ ଅବଜର୍ଭର, ଭିଡିଓ ରେକର୍ଡିଂ, ୱେବକାଷ୍ଟିଂ ବ୍ୟବସ୍ଥା ସହ ସୁରକ୍ଷା ବଳ ମୁତୟନ ବ୍ୟବସ୍ଥା କରାଯାଇଛି । ୧୦ଟି ମତଦାନ କେନ୍ଦ୍ରରେ ଜଣେ ଲେଖାଏଁ ସେକ୍ଟର ଅଧିକାରୀ ଭାବେ ଜିଲାରେ ୧୫୨ ଜଣ ସେକ୍ଟର ଅଧିକାରୀ, ୧୩୧ ଜଣ ମାଇକ୍ରୋ ଅବଜର୍ଭର, ୩୦ ଜଣ ଜୋନାଲ ମାଜିଷ୍ଟ୍ରେଟ୍, ୨୦ ପ୍ଲାଟୁନ୍ କେନ୍ଦ୍ରୀୟ ସୁରକ୍ଷା ବଳ, ଓ ପୋଲିସ କର୍ମଚାରୀ ମୁତୟନ କରାଯାଇଛି । ବଲାଙ୍ଗୀର, ଟିଟିଲାଗଡ ଓ ଲୋଇସିଂହାରେ ୧୮ ତାରିଖ ଦିନ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଓ ପାଟଣାଗଡ ଓ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ସକାଳ ୭ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହେବ ବୋଲି ଜିଲାପାଳ ଡାକୁଆ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମଙ୍ଗଳବାର ସରକାରୀ ଆଇଟିଆଇ ପରିସରରୁ ସମସ୍ତ ପୋଲିଂ କର୍ମଚାରୀ ଓ ଅଧିକାରୀମାନେ ନିଜ ନିଜ ପୋଲିଂବୁଥ୍ ଅଭିମୁଖେ ଯାତ୍ରା କରିଛନ୍ତି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି । ଗତକିଛି ଦିନ ମଧ୍ୟରେ ନିର୍ବାଚନ ପର୍ଯ୍ୟବେକ୍ଷକ, ଫ୍ଲାଇଂ ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରୁ ୮ ଲକ୍ଷ ନଗଦ ଟଙ୍କା, ୨ ଲକ୍ଷ ୬୪ ହଜାର ଟଙ୍କାର ଶାଢ଼ୀ, ୬୪ କେଜି ଗଞ୍ଜେଇ, ୧୬୧୫ ଲିଟର ଦେଶୀ ମଦ, ୩୭୫ ଲିଟର ବିଦେଶୀ ମଦ ଓ ୯ଟି ବେଆଇନ୍ ଅସ୍ତ୍ରଶସ୍ତ୍ର ଜବତ କରିଥିବା ଜିଲାପାଳ ସୂଚନା ଦେଇଥିଲେ ।

■ ଜିଲାରେ ୨୫୬ ପୋଲିଂ ବୁଥ୍ ସମ୍ବେଦନଶୀଳ
■ ସିସିଟିଭି, ମାଇକ୍ରୋ ଅବ୍‌ଜର୍‌ଭର, ଭିଡିଓ ରେକର୍ଡିଂ, ୱେବକାଷ୍ଟିଂ ବ୍ୟବସ୍ଥା
■ ନିୟୋଜିତ ହେବେ ୯୨୮୬ ପୋଲିଂ କର୍ମଚାରୀ
■ ୫ପିଙ୍କ ପୋଲିଂବୁଥ, ୭୫ଟି ଆଦର୍ଶ ପୋଲିଂ ବୁଥ୍



ଖବରଦାତାଙ୍କୁ ଜିଲାପାଳ (ମଝି) ସୂଚନା ଦେଉଛନ୍ତି ।

## ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ, ଜଣେ ମୃତ

**କୋଦଳା,୧୬।୪(ଡି.ଏନ.ଏ.):** ଗଞ୍ଜାମ ଜିଲା କୋଦଳା ଥାନା ଶାଳବଣ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଆଦିକନ୍ଦ ଦେଓ (୬୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶାଳବଣ ଗ୍ରାମ ମଝିଦାଣ୍ଡ ସାହିର ଆଦିକନ୍ଦ ଦେଓ ଓ ସମ୍ପର୍କୀୟ ପୁତୁରା ଡାକ ଦେଓଙ୍କ ମଧ୍ୟରେ କୌଣସି କାରଣରୁ ଶତ୍ରୁତା ଲାଗି ରହିଥିଲା। ସୋମବାର ରାତିରେ ଆଦିକନ୍ଦଙ୍କ ପୁଅ ମନୀନ୍ଦ୍ର ତାଙ୍କ ଘର ଛାତ ଉପରେ ଶୋଇଥିଲେ। ରାତିରେ ଡାକଙ୍କ ଅଗଣା ମଝିକୁ ମନୀନ୍ଦ୍ର ଲୁଚି ଚାହୁଁଥିବା ଅଭିଯୋଗ କରି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶେଷରେ ୨ ପରିବାରଙ୍କ ମଧ୍ୟରେ ଏହାକୁ ନେଇ ମାରପିଟ୍ ହୋଇଥିଲା। ଆଦିକନ୍ଦ ମାଡଖାଇ ତଳେ ପଡିଯିବା ପରେ ଡାକଙ୍କ ସ୍ତ୍ରୀ କୁଆଡେ ତାଙ୍କ ଗୁପ୍ତାଙ୍ଗକୁ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ଆଦିକନ୍ଦଙ୍କ ମୃତ୍ୟୁ ହୋଇଥିବା ପୁଅ ମନୀନ୍ଦ୍ର ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମନୀନ୍ଦ୍ର କୋଦଳା ଥାନାରେ ଡାକ, ତାଙ୍କ ସ୍ତ୍ରୀ, ୨ ପୁଅ ଓ ଶାଳକଙ୍କ ନାମରେ ଏତଲା ଦେଇଛନ୍ତି। ପୋଲିସ ନଂ.୮୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏନେଇ କୋଦଳା ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଡାକଙ୍କ ପେଟରେ ଆଘାତ ଲାଗିଥିବାରୁ ସେ ସ୍ତ୍ରୀଙ୍କ ସହ ବ୍ରହ୍ମପୁର ବଡ ମେଡିକାଲକୁ ଯାଇଛନ୍ତି। ତାଙ୍କ ପୁଅ ଓ ଶାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

# ନିଆଁ ଲାଗି ଜଳିଗଲା ଘର

**ଝରିଗାଁ, ୧୬।୪(ସ୍ୱ.ପ୍ର.)**

ସୋମବାର ବିଳମ୍ବିତ ରାତିରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ଲହଣ୍ଡାସିଲ ଗ୍ରାମର ପତି ଜାନିଙ୍କ ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳି ଯାଇଛି। ଏଥିରେ ତାଙ୍କର ନଗଦ ୧୦ ହଜାର ଟଙ୍କା ଓ ୨୫ ବସ୍ତା ଧାନ ସହ ଅନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପ୍ରକାଶ ଯେ, ବାହାରକରମରୀ ଗ୍ରାମରୁ ଲହଣ୍ଡାସିଲ ରାସ୍ତାରେ ଥିବା ପତି ଜାନିଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ବିଷୟରେ ପତି ଜାଣିପାରି ଘର ଭିତରୁ ବାହାରି ପଳାଇ ଆସିଥିଲେ। କିନ୍ତୁ ଘରେ ଥିବା ଆସବାବପତ୍ର ସବୁ ପୋଡି ଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଜ ସଜ ସଜ;**
**ପର ସଜ ଅସଜ ।**

ନିଜର ଯନ୍ତ୍ରପାତି, ଜିନିଷପତ୍ରର ଭଲମନ୍ଦ କଥା ନିଜକୁ ଜଣାଥାଏ। କ'ଣ କେମିତି କଲେ ସେ ସବୁଥିରେ କାମ ସହଜରେ କରିହେବ ତା'ର ଧାରଣା ବେଶ୍ ଭଲ ଭାବେ ମାଲୁମ ଥାଏ। ପରଠୁ ମାଗି ଆଣିଲେ ତା'ର ଭଲ ମନ୍ଦ, ଭୁଲ୍‌ଭଟକା କ'ଣ ସହଜରେ ଜାଣିହୁଏନି, ଅସୁବିଧାରେ ପଡ଼ିବାକୁ ହୁଏ। ନିଜର ଯେଉଁ ଯନ୍ତ୍ରପାତିରେ ଭଲ ଅଭ୍ୟାସ ଥାଏ ତହିଁରେ କାମ କରିବା ସହଜ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନୂଆ ଚାଦର,**
**ନୂଆ ନୂଆ ବେଳେ କେତେ ଆଦର ।**

ବାସ୍ତବିକ ନୂଆ ଜିନିଷ ପ୍ରତି ସମସ୍ତଙ୍କର ରୁଚି ରହିଥିବା ବେଳେ ତାହାଠାରେ ଆଦର ବା ଆସକ୍ତିଭାବ ପ୍ରକାଶ ପାଇଥାଏ। ସମୟକ୍ରମେ ଏହା ପୁରୁଣା ହୋଇଗଲେ ପୂର୍ବପରି ପାଉଥିବା ଆଦରଭାବ କମି ଯାଇଥାଏ। ପୁରୁଣା ଜିନିଷ ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

FINANCE FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୭ ଏପ୍ରିଲ, ୨୦୧୯



ସନ୍ତୋଷ ହେଉଛି ପ୍ରକୃତି ଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
- ସକ୍ରେଟିସ୍



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ୩ ଗୁରୁତର

ବରଗଡ଼ ଅଫିସ୍,୧୬।୪- ବରଗଡ଼ ଜିଲା ବିଜେପୁର ଥାନା ବଲଣ୍ଡା ନିକଟରେ ୨ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ରାମ ସାହୁ, କମଳ ସାହୁ ଏବଂ ଅନିଳ ସାହୁ । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ବିଜେପୁରରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଯୋଗଦେଇ ଘରକୁ ଫେରିବା ବାଟରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

ବରଗଡ଼ ଅଫିସ୍,୧୬।୪– ବରଗଡ଼ ପୌର ପରିଷଦ ଅଧୀନ ୧ନମ୍ବର ୱାର୍ଡ଼ରେ ମଙ୍ଗଳବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜ୍ୟୋତିର୍ମୟ ମିଶ୍ର(୩୫)। ଖବର ପାଇ ବରଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

# ସରିଲା ପ୍ରଚାର, ଦିନକ ପରେ ଭାଗ୍ୟ ପରୀକ୍ଷା

ବରଗଡ଼ ଅଫିସ୍,୧୬।୪



ଭୋଟ୍‌କେନ୍ଦ୍ରକୁ ଯିବା ପାଇଁ ନିର୍ବାଚନ କର୍ମଚାରୀମାନେ ବରଗଡ଼ ପଞ୍ଚାୟତ କଲେଜରେ ପ୍ରସ୍ତୁତ ହେଉଛନ୍ତି ।

ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୧୮ତାରିଖି ହେବ । ମାଓବାଦୀ ଉପଦ୍ରୁତ ଅଞ୍ଚଳ ଯୋଗୁ ଜିଲାର ପଦ୍ମପୁର ଓ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ଅନ୍ୟପକ୍ଷେ ଜିଲାର ଅନ୍ୟ ୩ଟି ନିର୍ବାଚନ ମଣ୍ଡଳୀ ଅତାବିରା, ବରଗଡ଼ ଓ ବିଜେପୁରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ମଙ୍ଗଳବାର ପ୍ରାର୍ଥୀଙ୍କ ପ୍ରଚାର ଶେଷ ହୋଇଛି । ଦିନକ ପରେ ମତଦାନ ଆରମ୍ଭ ହେଉଥିବା ଯୋଗୁ ନିର୍ବାଚନ କର୍ମଚାରୀ ତଥା ପୋଲିଂ ଓ ପ୍ରିଜାଇଡ଼ିଂ ଅଫିସର ସନ୍ଧ୍ୟାରୁ ନିର୍ଦ୍ଧାରିତ ଭୋଟ କେନ୍ଦ୍ର ଅଭିମୁଖେ ବାହାରିଛନ୍ତି। ବରଗଡ଼ ପଞ୍ଚାୟତ କଲେଜ ଏବଂ ପଦ୍ମପୁର ଆର୍‌ଏମ୍‌ସି ଗୋଦାମରେ ପୂର୍ବରୁ ସୁରକ୍ଷିତ ଥିବା ଇଭିଏମ୍, ଭିଭିପିଏଟି ଆଦି ଆବଶ୍ୟକ ଭୋଟ୍ ସାମଗ୍ରୀ ଧରି କର୍ମଚାରୀମାନେ ଭୋଟ କେନ୍ଦ୍ରଗୁଡ଼ିକୁ ଯାଇଛନ୍ତି । ଗତ କିଛିଦିନ ଧରି ପ୍ରାର୍ଥୀଙ୍କ ପ୍ରଚାରରେ ଉଚ୍ଛୁଳି ପଡୁଥିବା ଗାଁଠୁ ସହରରେ ଶୂନ୍ୟତା ଦେଖାଯାଇ ଥିବାବେଳେ ଭୋଟରମାନେ ମଧ୍ୟ ପୂର୍ବବତ ନୀରବ ରହିଛନ୍ତି । ଆସନ୍ତା ଗୁରୁବାର ସେମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଭିନ୍ନ ଦଳୀୟ ତଥା ନିର୍ଦ୍ଦଳୀୟ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ ।

ବରଗଡ଼ ଜିଲାରେ ୫ଟି ବିଧାନସଭା ଆସନ ବରଗଡ଼, ଅତାବିରା, ବିଜେପୁର, ଭଟଲି ଓ ପଦ୍ମପୁର ରହିଛି । ଏହି ଆସନ ସହିତ ବରଗଡ଼ ଲୋକ ସଭା ଆସନ ପାଇଁ ମଧ୍ୟ ଏଠାରେ ପ୍ରତିଦ୍ୱନ୍ଦ୍ୱୀତା ଚାଲିଛି। ଲୋକସଭା ଓ ବିଧାନସଭାକୁ ମିଶାଇ ସମୁଦାୟ ୩୧ଜଣ ପ୍ରାର୍ଥୀ ରହିଛନ୍ତି। ୨୫ଜଣ ବିଧାନସଭା ପ୍ରାର୍ଥୀ ହୋଇଥିବା ବେଳେ ବରଗଡ଼ ଲୋକ ସଭା ପାଇଁ ୬ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଜେପୁର ବିଧାନସଭାରେ ଆସନରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୬ଜଣ ରହିଥିବା ବେଳେ ବରଗଡ଼ ବିଧାନସଭା ଆସନରେ ୪ ଏବଂ ଅତାବିରା, ଭଟଲି ଏବଂ ପଦ୍ମପୁର ବିଧାନସଭା ଆସନରେ ୫ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି । ପ୍ରତି ଆସନରେ କଂଗ୍ରେସ, ବିଜେଡ଼ି, ଭାଜପା, ବିଏସ୍‌ପି ପ୍ରାର୍ଥୀ ଦେଇଥିବା ବେଳେ ବରଗଡ଼ ଲୋକ ସଭାରେ ଜଣେ ସ୍ୱାଧୀନ ଓ ଅନ୍ୟଜଣେ ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ପ୍ରାର୍ଥୀ ରହିଛନ୍ତି । ସେହିପରି ବରଗଡ଼ ବିଧାନସଭା ଆସନରେ ଜଣେ ସ୍ୱାଧୀନ, ଅତାବିରା ବିଧାନସଭା ଆସନରେ ପଶ୍ଚିମାଞ୍ଚଳ ବିକାଶ ପାର୍ଟି, ଭଟଲି ବିଧାନସଭା ଆସନରେ ସମତାକ୍ରାନ୍ତି ଦଳ, ବିଜେପୁର ବିଧାନସଭା ଆସନରେ ୨ଜଣ ସ୍ୱାଧୀନ ଏବଂ ପଦ୍ମପୁର ବିଧାନସଭା ଆସନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇଛନ୍ତି।

ତେବେ ସବୁ ପ୍ରାର୍ଥୀ ବିଜୟ ପାଇଁ ଆଶାବାଦୀ ଥିବାବେଳେ ଭୋଟରଙ୍କ ମତଦାନ ଉପରେ ତାହା ନିର୍ଭର କରୁଛି । ଜିଲାରେ ସମୁଦାୟ ୧୧ଲକ୍ଷ ୨୯ହଜାର ୩୨୬ ଭୋଟର ରହିଛନ୍ତି । ସେଥିମଧ୍ୟରୁ ପଦ୍ମପୁରରେ ୨,୪୮,୭୯୫, ବିଜେପୁରରେ ୨,୨୫,୫୬୭, ବରଗଡ଼ରେ ୨,୧୬,୩୫୮, ଅତାବିରାରେ ୨,୧୫,୪୮୦ ଏବଂ ଭଟଲିରେ ୨,୨୩,୧୨୬ ଭୋଟର ଅଛନ୍ତି । ଭୋଟରଙ୍କ ମତଦାନ ପାଇଁ ଜିଲାରେ ମୋଟ ୧୩୭୮ ଭୋଟ କେନ୍ଦ୍ର ରହିଛି। ସେଥିରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୩୧୯, ବିଜେପୁର ନିର୍ବାଚନମଣ୍ଡଳୀରେ ୨୮୫, ବରଗଡ଼ ନିର୍ବାଚନମଣ୍ଡଳୀରେ ୨୩୧, ଅତାବିରା ନିର୍ବାଚନମଣ୍ଡଳୀରେ ୨୫୨ ଏବଂ ଭଟଲି ନିର୍ବାଚନମଣ୍ଡଳୀରେ ୨୯୧ ଭୋଟକେନ୍ଦ୍ର ରହିଛି । ଭୋଟ କେନ୍ଦ୍ରଗୁଡ଼ିକରେ ସୁରକ୍ଷିତ ମତଦାନ ପାଇଁ ପୋଲିସ, ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ତଥାପି ମତଦାନ ସମୟରେ ନିର୍ବାଚନୀ ହିଂସା ଘଟିବାର ଆଶଙ୍କା ରହିଥିବା ଯୋଗୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ।

- ଭୋଟକେନ୍ଦ୍ର ଅଭିମୁଖେ ଗଲେ ନିର୍ବାଚନ କର୍ମଚାରୀ
- ପଦ୍ମପୁର, ଭଟଲିରେ ଅପରାହ୍ନ ୪ଟା ସୁଦ୍ଧା ମତଦାନ
- ଅନ୍ୟ ୩ ନିର୍ବାଚନ ମଣ୍ଡଳୀରେ ୬ଟା ପର୍ଯ୍ୟନ୍ତ ଚାଲିବ ମତଦାନ
- ନିର୍ବାଚନ ମଇଦାନରେ ୩୧ପ୍ରାର୍ଥୀ
- ଲୋକ ସଭାରେ ୬, ବିଧାନସଭା ପାଇଁ ୨୫ ପ୍ରାର୍ଥୀ

ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

## ରେଢ଼ାଖୋଲରେ ୧,୯୮,୮୯୭ ଭୋଟର

ରେଢ଼ାଖୋଲ,୧୬।୪ (ଡି.ଏନ୍.ଏ.)

ଏପ୍ରିଲ ୨୩ରେ ହେବାକୁ ଥିବା ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ସ୍ଥାନୀୟ ଭୀମ ଭୋଇ କଲେଜରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ବିଶିକେଶନ ଦେହୁରୀ ସୂଚନା ଦେଇ କହିଛନ୍ତି ଯେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ମୋଟ ୧ ଲକ୍ଷ ୯୮ ହଜାର ୮୯୭ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରେ ୧ ଲକ୍ଷ ୩୬୪ ପୁରୁଷ, ୯୮ ହଜାର ୫୦୯ ମହିଳା ଭୋଟର ଥିବାବେଳେ ୨୪ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ୨୦୧୪ ନିର୍ବାଚନରେ ୧ଲକ୍ଷ ୭୪ ହଜାର ୫୨୬ ଭୋଟର ଥିବାବେଳେ ୨୦୧୯ରେ ୨୪ ହଜାର ୩୭୧ ଜଣ ନୂଆ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ସେହିପରି ୨୦୧୪ରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ବୁଥ୍ ସଂଖ୍ୟା ୨୩୮ ଥିବା ବେଳେ ୨୦୧୯ରେ ଏହା ବୃଦ୍ଧିପାଇ ୨୪୭ କରାଯାଇଛି। ରେଢ଼ାଖୋଲ ସହରର ବୁଥ ନଂ ୧୭୪ (ଗୌରଚନ୍ଦ୍ର ହାଇସ୍କୁଲ)କୁ ପିଙ୍କ୍ ବୁଥ୍ ଭାବେ ଗଠନ କରାଯାଇଛି। ଏହି ବୁଥ୍‌ରେ କେବଳ ମହିଳା କର୍ମଚାରୀ ନିୟୋଜିତ ହେବେ ଓ ସେମାନେ ନିର୍ବାଚନ ପରିଚାଳନା କରିବେ ବୋଲି ଦେହୁରୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ତହସିଲଦାର ରୁବି ବେହେରା, ବିଡିଓ ପରୀକ୍ଷିତ ସାହୁ, ଏସ୍‌ଡିପିଓ ଗଜେନ୍ଦ୍ର ବାରିକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହାରାଧନ ମେଣ୍ଡଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାପାଙ୍କ ଲାଗି ପୁଅ କଲେ ନିର୍ବାଚନୀ ପ୍ରଚାର

ମନମୁଣ୍ଡା,୧୬।୪(ଡି.ଏନ.ଏ)

ବିଜେଡି ପ୍ରାର୍ଥୀ ମହିଧର ରଣାଙ୍କ ପାଇଁ ତାଙ୍କ ପୁଅ ସୁଧାଂଶୁ ରଣା ମଙ୍ଗଳବାର ୩ ନମ୍ବର ଜୋନର ବିଭିନ୍ନ ପଞ୍ଚାୟତ ବୁଲି ନିର୍ବାଚନୀ ପ୍ରଚାର କରିଥିଲେ । ସୁଧାଂଶୁ ପ୍ରତ୍ୟେକ ଗ୍ରାମର ମୁଖିଆ, ବୁଦ୍ଧିଜୀବୀ, ବୟୋଜ୍ୟେଷ୍ଠଙ୍କ ସହ ଆଲୋଚନା କରି ବିଜେଡି ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ସେ କେତେକ ଅସନ୍ତୁଷ୍ଟ କର୍ମୀଙ୍କୁ ମନାଇ ଥିବା ଜଣାପଡ଼ିଛି। ବିଶେଷ କରି ସୁଧାଂଶୁ ଯୋଗିନ୍ଦ୍ରପୁର ପଞ୍ଚାୟତର ମହିଳା ସ୍ୱୟ ସହାୟକ ଗୋଷ୍ଠୀର ଶତାଧିକ ସଦସ୍ୟଙ୍କ ସହ ସାକ୍ଷାତ କରିଥିଲେ। ଏପରିକି ବିଜେଡି ସରକାର ମହିଳାମାନଙ୍କୁ ସମସ୍ତ କ୍ଷେତ୍ରରେ ଅଗ୍ରାଧିକାର ଦେଇ ଆସୁଥିବାରୁ ବିଜେଡିକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। ପ୍ରଚାର କାର୍ଯ୍ୟରେ ଯୋଗିନ୍ଦ୍ରପୁରର ବରିଷ୍ଠ ନେତା ଶଙ୍କର ଗାଇଗୌରିଆ ସହଯୋଗ କରିଥିଲେ। ଏପରି କି ସୁଧାଂଶୁ ଗୋଛାପଡ଼ା, ଶାନ୍ତିପାଲି ଗ୍ରାମରେ ନିର୍ବାଚନୀ ପ୍ରଚାର କରିବା ସହ ଖଟଖଟିଆ, ପଲସାଗୋରା, କଣ୍ଟାମାଳ ପଞ୍ଚାୟତରେ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଥିଲେ।



ବିଜେଡି ପ୍ରାର୍ଥୀ ମହିଧର ରଣାଙ୍କ ପୁଅ ସୁଧାଂଶୁ ରଣା ମଙ୍ଗଳବାର ନିର୍ବାଚନୀ ପ୍ରଚାର କରୁଛନ୍ତି।

# କଡ଼ା ସୁରକ୍ଷାରେ ବୁଥ୍‌କୁ ଗଲେ ପୋଲିଂ କର୍ମଚାରୀ

ବୌଦ୍ଧ,୧୬।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୧୮ତାରିଖରେ ହେବ । ଏପରି କି ଜିଲାରେ ୨ଟି ନିର୍ବାଚନ ମଣ୍ଡଳୀରେ ମତଦାନ ପାଇଁ ପୋଲିଂ ଓ ପ୍ରିଜାଇଡ଼ିଂ ଅଫିସର ବୁଥରେ ମଙ୍ଗଳବାର ରାତି ସୁଦ୍ଧା ପହଞ୍ଚିଛନ୍ତି। ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧୯୪ ଏବଂ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୨୧୭ ବୁଥରେ ମତଦାନ ସଂଗ୍ରହ କରାଯିବ। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରୁ ଇଭିଏମ୍, ଭିଭିପିଏଟି ଆଦି ଆବଶ୍ୟକ ଭୋଟ୍ ସାମଗ୍ରୀ ଧରି କର୍ମଚାରୀମାନେ ଭୋଟ କେନ୍ଦ୍ରଗୁଡ଼ିକୁ ଯାଇଛନ୍ତି । ନିର୍ବାଚନ ପରିଚାଳନା କାର୍ଯ୍ୟରେ ୨୭୧୨ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ପରିଚାଳନା ତଦାରଖ ପାଇଁ ୫୨ଜଣ ସେକ୍ଟର ଅଫିସର ନିଯୁକ୍ତ କରାଯିବା ସହିତ ସେମାନଙ୍କୁ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରାଯାଇଛି। ନିର୍ବାଚନ ପରିଚାଳନାରେ କର୍ମଚାରୀମାନଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏପରି କି କର୍ମଚାରୀମାନେ ପୋଲିଂ ବୁଥକୁ ଯିବାପାଇଁ ବସ ଓ ଅନ୍ୟ ଛୋଟ ଗାଡିର ବ୍ୟବସ୍ଥା କରାଯାଇଛି। ମତଦାନ କେନ୍ଦ୍ରରେ ରହିବା ବ୍ୟବସ୍ଥା କରାଯାଇଥିବା ବେଳେ ମତଦାତାମାନଙ୍କ ପାଇଁ ଟେଣ୍ଟ ଛାଉଣି ସହ ପାନୀୟଜଳର ବ୍ୟବସ୍ଥା କରାଯାଇଛି। କଣ୍ଟମାଳ ନିର୍ବାଚନ ମଣ୍ଡଳୀ ପାଇଁ ୧୬୩୫୪୭ଜଣ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮୦୧୮୭ଜଣ ମହିଳା ମତଦାତା ରହିଥିବା ବେଳେ ୮୩୩୬୦ଜଣ ପୁରୁଷ ମତଦାତା ରହିଛନ୍ତି। ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ୧୫୯୬୮ ମତଦାତାଙ୍କ

### ନିର୍ବାଚନ ପ୍ରସ୍ତୁତି ଚୂଡ଼ାନ୍ତ

ନାମ ତାଲିକାଭୁକ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୭୧୬୬୫ ମହିଳା ଓ ୮୨୦୧୭ ପୁରୁଷ ମତଦାତା ରହିଛନ୍ତି। ବୌଦ୍ଧରେ ୧୯୪ ଓ କଣ୍ଟାମାଳରେ ୨୧୭ ଏହିପରି ମୋଟ ୪୧୧ଟି ବୁଥ ରହିଛି। ଜିଲାରେ ୫୭ଟି ବୁଥକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ବୌଦ୍ଧରେ ୩୧ଟି ଓ କଣ୍ଟାମାଳାରେ ୨୬ଟି ବୁଥ ରହିଛି। ଜିଲାରେ ୧୧୫ଟି ବୁଥକୁ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ବୌଦ୍ଧରେ ୫୨ଟି ଏବଂ କଣ୍ଟାମାଳରେ ୬୩ଟି ବୁଥ ରହିଛି। ସ୍ୱଚ୍ଛ ନିର୍ବାଚନ ପାଇଁ ୬୮ଟି ବୁଥରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଶୀତାଂଶୁ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରିଟର୍ନିଂ ଅଫିସର ଏନ୍.ସି. ଜ୍ୟୋତିରଞ୍ଜନ ନାଏକ ଓ ଅନ୍ୟ ଅଧିକାରୀମାନେ ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟ ପରିଚାଳନା କରୁଛନ୍ତି।



ପୋଲିଂ ଅଧିକାରୀମାନେ ଇଭିଏମ୍, ଭିଭିପିଏଟି ସହ ଅନ୍ୟ ସାମଗ୍ରୀ ଧରି ବୁଥ୍‌କୁ ଯାଉଛନ୍ତି।

# ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

ଗାଇସିଲେଟ, ୧୬।୪(ଡି.ଏନ୍.ଏ):

ଗାଇସିଲେଟ ବ୍ଲକ ଅଧୀନ ସରଧାପାଲି ଗାଁରେ ରାମ ନବମୀ ଉଧେ ସନ୍ଥ ତୁଲସୀ ଦାସ ରଚିତ ରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହେଇଥିଲା। ରାମଚରିତ ମାନସ ଗଲା ୭ ତାରିଖ୍‌ରୁ ଆରମ୍ ହେଇ ୧୬ ତାରିଖ୍ ମଙ୍ଗଲବାର ଦିନ ଉଦ୍‌ଯାପିତ ହେଇଥିଲା। ଇ କାୟ୍‌କରମରେ ଦୁର୍ଗା ପ୍ରସାଦ ସାହୁ ଆର ପତ୍ନୀ ଶ୍ୟାମା ସାହୁ କରତା ଦାଇତିଅ ତୁଲେଇଥିଲେ। ସେନ୍‌ତା ପଣ୍ଡିତ ଉପେନ୍ଦ୍ର ପଣ୍ଡା ପୂଜକ ଆର ସୁଶ୍ରୀ ସୁବାସିନୀ ମିଶ୍ର ବ୍ୟାସ ଦାଇତିଅ ତୁଲେଇଥିଲେ। ବାଜ୍‌ନାରେ ତଣ୍ଟିଆ ସାହୁ, ବିକାଶ ଷଡ଼ଙ୍ଗୀ, ସୀମାନ୍ତିନି ଉଦଗାତା ଆର କୁମୁଦିନୀ ନାୟକ ସହଯୋଗ କରିଥିଲେ। ଫିଦିନ କାୟ୍‌କରମରେ ଆସର ପାସର ଗାଁଗଁଡ଼ାର ଶହ ଶହ ଭକତ୍ ଠୋଲ ହେଉଥିଲେ। ଗଉଁତିଆ ଯୁଗଲ କିଶୋର ସାହୁ, ସଭାପତି, ଗୋପାଲ ଭୋଇ, ସମ୍ପାଦକ, ଫକିର ଭୋଇ, କୋଷାଧକ୍ଷ ସମେତ ସଭ୍ୟ ସତ୍ୟପ୍ରିୟ ସାହୁ, ଟିକେଲାଲ ଭୋଇ, ଶତ୍ରୁଘ୍ନ ସାହୁ, ନିରଞ୍ଜନ ବାହୁକ, ରୋହୁତ ସାହୁ, ବେଦବ୍ୟାସ ପଧାନ, ମଛିନ୍ଦ୍ର ମିର୍ଦ୍ଧା, ଓକିଲ ସାହୁ, ଥବିର ସାହୁ ଆର କଲ୍ୟାଣ କମିଟି ଗାଁବାସୀକର ସହଯୋଗ, ଉଦିଅମ୍‌ରେ ଇ କାୟ୍‌କରମ ସଫଲ ହେଇଥିଲା।



ସରଧାପାଲିରେ ହେଇଥିବାର ରାମଚରିତ ମାନସ ପାରାୟଣ।

## ପ୍ରଚାର କରିବାକୁ ଯାଇ ହଟହଟା

ଅତାବିରା,୧୬।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ପତ୍ରାପାଲିକୁ ଜଣେ ପ୍ରାର୍ଥୀ ନିର୍ବାଚନୀ ପ୍ରଚାରରେ ଯାଇଥିବାବେଳେ ବିରୋଧ ତଥା ହଟହଟାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି । ଏନେଇ ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପକ୍ଷେ ସମ୍ପୃକ୍ତ ପ୍ରାର୍ଥୀ ଏବଂ ତାଙ୍କ ସମର୍ଥକଙ୍କୁ ଲୋକେ ଦୀର୍ଘ ସମୟ ଧରି ଅଟକ ରଖିଥିବା ଜଣାପଡିଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ । ପ୍ରକାଶ ଯେ, ନିର୍ବାଚନୀ ପ୍ରଚାର ଅବଧି ଶେଷ ହେବା ସତ୍ତ୍ୱେ ସମ୍ପୃକ୍ତ ପ୍ରାର୍ଥୀ ଏକ କାର୍ ଯୋଗେ ପତ୍ରାପାଲିର ଏକ ନିର୍ଦ୍ଦିଷ୍ଟ ପଡ଼ାକୁ ଯାଉଥିଲେ। ସେତିକିବେଳେ ଗ୍ରାମର କେତେଜଣ ଲୋକେ ବିରୋଧ କରିଥିଲେ। ଅନ୍ୟପକ୍ଷେ ପଡ଼ାର କିଛି ମହିଳା ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ବାକ୍‌ବିତଣ୍ଡା ହୋଇଥିଲା। ଏ ନେଇ ସୋସିଆଲ ମିଡ଼ିଆରେ ଏକ ଭିଡ଼ିଓ କ୍ଲିପିଂ ଭାଇରାଲ ହେବାରେ ଲାଗିଛି। ମତଦାନର ଦିନକ ପୂର୍ବରୁ ପ୍ରାର୍ଥୀଙ୍କୁ ଗ୍ରାମବାସୀଙ୍କ ବିରୋଧ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ମିନିଟ୍ରକ ଓଲଟିଲା, ୧୬ଆହତ

ଗାଇସିଲେଟ୍,୧୬।୪(ଡି.ଏନ.ଏ.)

ବରଗଡ଼ ଜିଲା ଗାଇସିଲେଟ୍‌ରେ ମଙ୍ଗଳବାର ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଯୋଗଦେଇ ଘରକୁ ଫେରିବା ବାଟରେ କଲଙ୍ଗାପାଲି–ଚାଣ୍ଟିପାଲି ରାସ୍ତାରେ ଏକ ମିନିଟ୍ରକ(ଓଡ଼ି୧୭କ୍ୟୁ ୦୭୦୦) ଦୁର୍ଘଟଣାଗ୍ରସ୍ତ ହେବାରୁ ୧୬ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ, ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ଚାଣ୍ଟିପାଲି ଗ୍ରାମର ବୈଲୋଚନ ଡନସନା(୫୪), ଲକ୍ଷ୍ମୀ ବରିହା(୪୫), ସୌଦାମିନୀ ବରିହା(୪୫), ତପସ୍ୱିନୀ ବରିହା(୪୫), ସୁବନ ବରିହା(୪୫), ଭୂମିସୁତା ବରିହା(୪୫), ମାଳତୀ ଡନସନା(୫୦), ଶକୁନ୍ତଳା ବରିହା(୪୫), ଜାନକୀ ବରିହା(୪୦), ସୁଦାମା ଡନସନା(୪୦), ଉମା ଡନସନା(୨୭), ଚଞ୍ଚଳା ଡନସନା(୨୫), ଚନ୍ଦ୍ରମା ବରିହା(୨୫), ଅହଲ୍ୟା ବରିହା(୨୫), କେଶବ ଡନସନା(୪୫) ଏବଂ ଚୂଡ଼ାମଣି ଡନସନା(୪୫) । ସମସ୍ତ ଆହତଙ୍କୁ ଗାଇସିଲେଟ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । ଗାଇସିଲେଟ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ମିନିଟ୍ରକକୁ ଜବତ୍ କରି ତଦନ୍ତ ଚଳାଇଛି । ପ୍ରକାଶ ଯେ, ଉପରୋକ୍ତ ମିନିଟ୍ରକରେ ଚାଣ୍ଟିପାଲି ଗ୍ରାମର ଲୋକେ ଗାଇସିଲେଟ୍‌ରେ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଯୋଗଦେବା ପାଇଁ ଆସିଥିଲେ । ସଭା ସରିବା ପରେ ସେମାନେ ପୁଣି ସେହି ମିନିଟ୍ରକରେ ଘରକୁ ଫେରୁଥିଲେ। ତେବେ ଗ୍ରାମ ପାଖକୁ ପହଞ୍ଚିବା ବେଳେ ବାଟରେ ଗାଡ଼ି ଚାଳନାରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ମିନିଟ୍ରକଟି ଓଲଡ଼ି ପଡ଼ିଥିଲା ଏବଂ ସେଥିରେ ବସିଥିବା ଲୋକେ ଆହତ ହୋଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ ।



ଓଲଟି ପଡ଼ିଥିବା ମିନିଟ୍ରକ ।



ଗାଇସିଲେଟ୍ ଡାକ୍ତରଖାନାରେ ଆହତଙ୍କ ଚିକିତ୍ସା ଚାଲିଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୭ ଏପ୍ରିଲ, ୨୦୧୯



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକ ମୃତ

ବାମରା,୧୬।୪(ସ୍ୱ.ପ୍ର.)- ବାମରା ନିକଟ ଗଡ଼ପୋଷଠାରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଡ଼ପୋଷ ପଞ୍ଚାୟତ ବଡ଼ ଫିନଗିବାହାଲ ଗ୍ରାମର ରୟାନ ହେମ୍ବ୍ରମଙ୍କ ପୁଅ ସଞ୍ଜୀବ (୩୫)। ସେ ମାନସିକ ରୋଗରେ ଆକ୍ରାନ୍ତ ଥିବାବେଳେ ଆଗରୁ ମଧ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ନେବାକୁ ଘର ଲୋକେ ପ୍ରସ୍ତୁତ ହେଉଥିବାବେଳେ ସୋମବାର ରାତିରେ ସେ ଘର ଝରକା ଭାଙ୍ଗି କେଉଁଆଡ଼େ ପଳାଇଥିଲେ। ବୁଣ୍ଡୁକାମାଲ ପାଖ ରେଳ ଲାଇନ କଡ଼ରୁ ରାଜଗାଙ୍ଗପୁର ଜିଆରପି ମଙ୍ଗଳବାର ତାଙ୍କ ମୃତଦେହ ଜବତ କରିଥିଲା। କୌଣସି ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ସେ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରାଜଗାଙ୍ଗପୁରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।









ବିଜେଡି ପ୍ରାର୍ଥୀ ଇଂ ରୋହିତ ପୂଜାରୀ ପ୍ରଚାର କରୁଛନ୍ତି (ବାମ)। ଭାଜପା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ପ୍ରଚାର କରୁଛନ୍ତି (ମଝି)। କଂଗ୍ରେସ ପ୍ରାର୍ଥୀ ଆସଫଅଲ୍ଲୀ ଖାଁ ପ୍ରଚାର କରୁଛନ୍ତି।

# ଜମୁଛି ତିନି ପ୍ରମୁଖ ଦଳ ପ୍ରାର୍ଥୀଙ୍କ ପ୍ରଚାର

ନାକଟିଦେଉଳ,୧୬।୪ (ଡି.ଏନ୍.ଏ.)

ସମ୍ବଲପୁର ଲୋକ ସଭା କ୍ଷେତ୍ର ଓ ଏହା ଅନ୍ତର୍ଗତ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପାଖେଇ ଆସୁଥିବାବେଳେ ପ୍ରଚାର ପାଇଁ ପ୍ରାର୍ଥୀଙ୍କ ହାତରେ ଆଉ ମାତ୍ର ୫ ଦିନ ବାକି ରହିଛି। ଚଳିତ ନିର୍ବାଚନରେ ରେଢ଼ାଖୋଲ ବିଧାନସଭା ଆସନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, କଂଗ୍ରେସ ଓ ବିଜେଡି ସମେତ ମୋଟ ୮ ଜଣ ପ୍ରାର୍ଥୀ ହୋଇଛନ୍ତି। ଏଠାରେ ମୁଖ୍ୟତଃ କଂଗ୍ରେସ, ବିଜେଡି ଓ ଭାଜପା ମଧ୍ୟରେ ସିଧାସଳଖ ଲଢ଼େଇ ହେବ ଚିତ୍ର ସ୍ପଷ୍ଟ ହେଉଛି। ଏଥି ପାଇଁ ବିଭିନ୍ନ ଦଳର ପ୍ରାର୍ଥୀମାନେ ବ୍ୟକ୍ତିଗତ ଭାବେ ଭୋଟରଙ୍କ ନିକଟରେ ପହଞ୍ଚିବା ସହ ନିଜ ପରିବାର ସଦସ୍ୟ ଏବଂ କର୍ମୀମାନଙ୍କୁ ନେଇ ପ୍ରଚାରକୁ ଜୋରଦାର କରିଛନ୍ତି। ନାକଟିଦେଉଳ ବ୍ଲକରେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ପ୍ରଚାର ଜମିବାରେ ଲାଗିଛି। ପ୍ରାର୍ଥୀମାନେ ଭୋଟରଙ୍କୁ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତିରେ ପୋତି ପକାଉଛନ୍ତି। ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ କରିବା ସହ ସିନେ ତାରକାମାନଙ୍କୁ ଆଣି ନିଜ ସପକ୍ଷରେ ପ୍ରଚାର କରୁଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ଇଂ ରୋହିତ ପୂଜାରୀ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ତଥା ଲୋକାଭିମୁଖୀ ଯୋଜନାର ସଫଳତା ବାର୍ତ୍ତା ଦେଇ ଲୋକଙ୍କୁ ଭୋଟ ନିବେଦନ କରୁଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଆସଫଅଲ୍ଲୀ ଖାଁ ମଧ ନିଜ ସମର୍ଥକମାନଙ୍କୁ ସାଙ୍ଗରେ ଧରି ପ୍ରଚାରକୁ ଜୋରଦାର କରିଛନ୍ତି। ଖାଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଫଳତାର ବାର୍ତ୍ତା ଲୋକଙ୍କ ଆଗରେ ରଖିବା ସହ ୟୁପିଏ ସରକାର ସମୟରେ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇ ଭୋଟ ମାଗୁଥିବା ଦେଖିବାକୁ ମିଳୁଛି। ଭାଜପା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ମଧ ମୋଦି ସରକାର ଅମଳରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ବାବଦରେ ଲୋକଙ୍କୁ ବୁଝାଇ ଭୋଟଭିକ୍ଷା କରୁଛନ୍ତି। ତେବେ ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ନ ଦେଇ ପ୍ରାର୍ଥୀମାନେ ନିଜ ଦଳ ଓ ସରକାରର ସଫଳତା ବାର୍ତ୍ତା ବଖାଣୁଥିବାରୁ ଏହି ଅଞ୍ଚଳର ଭୋଟର ସେମାନଙ୍କୁ କେତେଦୂର ଗ୍ରହଣ କରିବେ ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞ ମତ ଦେଇଛନ୍ତି। ସେହିପରି ଆମ୍ ଆଦମୀ ପାର୍ଟିର ଆନନ୍ଦ କୁମାର ସାମଲ, ସ୍ୱାଧୀନ ପ୍ରାର୍ଥୀ ସମର କୁମାର ପ୍ରଧାନ ଏବଂ ଜୟଲାଲ ବେହେରା ମଧ ନିଜ ସମର୍ଥକଙ୍କ ଗହଣରେ ନାକଟିଦେଉଳ ବ୍ଲକ ଅଞ୍ଚଳରେ ପ୍ରଚାରକୁ ଜୋରଦାର କରିଛନ୍ତି।

# ନବବଧୂଙ୍କ ଅସ୍ୱାଭାବିକ ମୃତ୍ୟୁ

## ତଦନ୍ତ ଦାବିକଲେ ବାପଘର ଲୋକେ

ଲଖନପୁର,୧୬।୪(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ଥାନା ଅଧୀନ ରେମଣ୍ଡା ଗ୍ରାମର ଗୁଠେନ୍‌ପଡାରେ ସୋମବାର ରାତିରେ ଜଣେ ନବବଧୂଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ କୁନୁ ଖିଲେଇଙ୍କ ସ୍ତ୍ରୀ ପଙ୍କଜିନୀ ଖିଲେଇ(୨୧)। ଖବରପାଇ ଲଖନପୁର ଥାନା ପୋଲିସ୍ ଗ୍ରାମରେ ପହଞ୍ଚି ନବବଧୂଙ୍କ ମୃତଦେହ ଜବତ କରିଛି । ମାଜିଷ୍ଟ୍ରେଟ୍ ତଥା ଲଖନପୁର ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ୍ ହସ୍ତାନ୍ତର କରିଛି । ତେବେ ନବବଧୂଙ୍କ ବାପା ଝିଅର ଅସ୍ୱାଭାବିକ ମୃତ୍ୟୁକୁ ନେଇ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତ ଶ୍ୱଶୁରଘର ଲୋକଙ୍କ ବିରୋଧରେ ଆଇନ୍ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ପୋଲିସ୍ ଏ ନେଇ ଲଖନପୁର ଥାନାରେ ଏକ ଅପମୃତ ମାମଲା (ନଂ.୩/୧୯) ରୁଜ କରି ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ପୋଲିସ୍ ଅଧିକାରୀ ଜି.ଆର୍. ସା କହିଛନ୍ତି।

ରେମଣ୍ଡାର କୁନୁ ଖିଲେଇ ଝାରସୁଗୁଡାର ପଙ୍କଜିନୀଙ୍କୁ ଗତ ଜୁଲାଇ ମାସରେ ବିବାହ କରିଥିଲେ । ସୋମବାର ରାତିରେ କୁଲରରେ ପାଣି ଭରିବାକୁ ନେଇ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲା । କୁନୁ ରାଗରେ ଘରେ ନ ଶୋଇ ବାହାରେ ଶୋଇଥିଲେ । ସ୍ତ୍ରୀ ପଙ୍କଜିନୀ ଏକାକି ଘରେ ଶୋଇଥିଲେ । ପଙ୍କଜିନୀ ଏକ ଟାୱେଲ୍ ବେକରେ ଫାସ କରି ଘର ଭିତରେ ଝୁଲି ପଡିଥିଲେ । ମଙ୍ଗଳବାର ଭୋରରୁ ପଙ୍କଜିନୀଙ୍କ ଶାଶୁ ଏହା ଦେଖି ପୁଅକୁ ଡାକିଥିଲେ। କୁନୁ ମୃତଦେହକୁ ତଳକୁ ଓହ୍ଲାଇଥିଲେ । ଏହାପରେ ପଙ୍କଜିନୀଙ୍କ ବାପାଘର ଲୋକଙ୍କୁ ଏମାନେ ଖବର ଦେଇଥିଲେ । ଖବର ପାଇ ପଙ୍କଜିନୀଙ୍କ ବାପଘର ଲୋକେ ରେମଣ୍ଡାରେ ପହଞ୍ଚି ଥିଲେ । ହେଲେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ପଙ୍କଜିନୀ ନିଜେ ବେକରେ ଟାୱେଲ୍‌ବାନ୍ଧି ଆତ୍ମହତ୍ୟା କରିବାକୁ ନେଇ ବାପଘର ଓ ଗାଁଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଣୁ ବାପଘର ଲୋକେ ଏହାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

# ଅଷ୍ଟପ୍ରହର ନାମଯଜ୍ଞ ପ୍ରସ୍ତୁତି ବୈଠକ

ଦେବଗଡ଼,୧୬।୪ (ସ୍ୱ.ପ୍ର.)

ପୌରାଞ୍ଚଳ ଅଧୀନ ବଣିଆସାହି ୱାର୍ଡ ନଂ.୩ରେ ୫୪ତମ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ପୂର୍ବତନ ସଭାପତି ସୁଶିଲ କୁମାର କପରଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆସନ୍ତା ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଉତ୍ସବ ପାଇଁ ଏହି ଅବସରରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ପତିତପାବନ ସାହୁ, ଉପସଭାପତି ଜନ୍ମେଜୟ ନାୟକ, ହରେକୃଷ୍ଣ ସାହୁ, କୋଷାଧ୍ୟକ୍ଷ ଶିବ ଶଙ୍କର ସାହୁ, ସହକୋଷାଧ୍ୟକ୍ଷ ସୁବ୍ରତ କୁମାର ସାହୁ, କାବଲୁ ଜେନା, ପୂଜା ଦାୟିତ୍ୱରେ ବରିଷ୍ଠ ସଦସ୍ୟ କୁଳମଣି ସାହୁ, ରାଜପ୍ୟାରୀ ସାହୁ, ଅନ୍ନଭୋଗ ଦାୟିତ୍ୱରେ ସନ୍ତୋଷ ସେନାପତି, ପପୁନ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ବୈଠକରେ ଉପଦେଷ୍ଟା ମଣ୍ଡଳୀର ସତ୍ୟନାରାୟଣ ନାୟକ, ଶରତ କୁମାର ବେହେରା, ସୁଧୀର କପରଦାର, ସନ୍ତୋଷ ସାହୁ, ଅଶୋକ ନାୟକ, ବିଭୂତି ସାହୁ, ବିପିନ ବେହେରା, ସୁବାସ ପୃଷ୍ଟି, ସତ୍ୟମ ଝାଙ୍କର, ପମି ନାୟକ, ଶ୍ରୀତମ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟ।

# ଜିଏମ୍‌ୟୁ ସ୍ମରଣିକା କମିଟି ବୈଠକ

ସମ୍ବଲପୁର,୧୬।୪(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପ୍ଲାଟିନମ ଜୁବଲି ସ୍ମରଣିକା କମିଟିର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସ୍ମରଣିକା ମୁଖ୍ୟ ସମ୍ପାଦକ ତଥା କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ତଥା କୁଳସଚିବ ଗିରୀଶ ଚନ୍ଦ୍ର ସିଂ, ଉପକୁଳପତି ଉମାଚରଣ ପତି, ଡ. ପ୍ରଭାତୀ ପଣ୍ଡା ଓ ଡ. ସିକତା ପଣ୍ଡା ଯୋଗଦେଇ ସୂଚନା ପ୍ରଦାନ କରିଥିଲେ। ସ୍ମରଣିକାର ନାମ 'ମଧୁମୟ ସମ୍ବଲପୁର ମହାବିଦ୍ୟାଳୟରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଯାତ୍ରା' ରଖାଯାଇଛି। ଏଥିରେ ଅତିଥି, ବର୍ତ୍ତମାନ ଓ ଭବିଷ୍ୟତ ଭାବେ ତିନୋଟି ବିଭାଗ ରହିବ। ପୂର୍ବତନ ଛାତ୍ରୀଛାତ୍ର, ଜନସାଧାରଣ, ଅଧ୍ୟାପକ ଓ ପ୍ରଥମ ବ୍ୟାଚ୍ ଛାତ୍ର ପ୍ରଫେସର ଦୁର୍ଗାପ୍ରସାଦ ନାୟକ ଓ ଭାବଗ୍ରାହୀ ମହାପାତ୍ରଙ୍କ ଭଳି ବ୍ୟକ୍ତିବିଶେଷଙ୍କଠାରୁ ଲେଖା ଆହ୍ୱାନ କରାଯିବାକୁ ସ୍ଥିର ହୋଇଛି। ପ୍ରଫେସର ସନ୍ତୋଷ କୁମାର ରଥ, ଡ. ସଦନ କୁମାର ପଲ, ଡ. ଲମ୍ବୋଦର ସାହୁ, ଡ. ଜ୍ୟୋତି ମିଶ୍ର, ଲିଲି ସାହୁ, ଡ. ବିଷ୍ଣୁପ୍ରିୟା ହୋତା ସ୍ମରଣିକା ବିଷୟ ସମ୍ପାଦକ ଭାବେ ରହିଛନ୍ତି। ସେହିପରି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ଅନ୍ତର୍ଯ୍ୟାମୀ ପଣ୍ଡା, ନକୁଳ ଚୌଧୁରୀ, ଅଭୟ ପାଢ଼ୀ, ପ୍ରଫେସର କାଳିଦାସ ମିଶ୍ର, ମୁରଲୀଲା ଶର୍ମା, ଡ. ସନ୍ତୋଷ କୁମାର ଦାଶ, ଡ. କାମଦେବ ସାହୁ, ଡ. ମିନକେତନ ପାଠୀ, ଡ. ଶ୍ୟାମସୁନ୍ଦର ଧର ଓ ବୀଣାପାଣି ପ୍ରଧାନ ସମ୍ପାଦକୀୟ ଉପଦେଷ୍ଟା କମିଟିରେ ରହିଛନ୍ତି।



ସମ୍ବଲପୁର ଜିଏମ୍‌ୟୁ ପ୍ଲାଟିନମ ଜୁବୁଲି ସ୍ମରଣିକା କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ସାଧାରଣ ନିର୍ବାଚନ ପ୍ରସ୍ତୁତି

# ପ୍ରଚାର ଶେଷ, ବୁଥ୍ ଅଭିମୁଖେ ପୋଲିଂ କର୍ମଚାରୀ

ଝାରସୁଗୁଡା ଅଫିସ,୧୬।୪

**କଡା ସୁରକ୍ଷା ବଳୟରେ ଝାରସୁଗୁଡା ଜିଲା**

ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। କେବଳ ଭୋଟ ଗ୍ରହଣକୁ ଅପେକ୍ଷା। ମଙ୍ଗଳବାର ନିର୍ବାଚନ ପାଇଁ ନିୟୋଜିତ ସରକାରୀ କର୍ମଚାରୀମାନେ ବୁଥ୍ ଅଭିମୁଖେ ଯାଇଛନ୍ତି। ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲରେ ହୋଇଥିବା ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌ରେ ପୁଲିଂ କର୍ମଚାରୀ ଏକାଠି ହୋଇଥିଲେ। ସେଠାରୁ ଇଭିଏମ୍ ସଂଗ୍ରହ କରିବା ସହ ସନ୍ଧ୍ୟାସୁଦ୍ଧା ପୁଲିଂ କର୍ମଚାରୀ ବୁଥରେ ପହଞ୍ଚିଥିବା ରିଟର୍ଣ୍ଣିଂ ଅଫିସର ଶିବ ଟପ୍ପୋ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶାନୁସାରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରାର୍ଥୀଙ୍କ ପ୍ରଚାର ମଧ ଶେଷ ହୋଇଛି। ଏବେ ଭୋଟରଙ୍କ ହାତରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଭର କରୁଛି। କାହାକୁ ଜିତାଇବେ, କାହାକୁ ହରାଇବେ ତାହା ମତଦାନ ପରେ ଜଣାପଡିବ। ପ୍ରତି ପୁଲିଂ ଟିମ୍‌ରେ ଜଣେ ପ୍ରିଜାଇଡିଂ ଅଫିସରଙ୍କୁ ମିଶାଇ ମୋଟ ୬ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏହିପରି ଭାବେ ୫୧୦ ବୁଥ୍ ମଧ୍ୟରୁ ଦୁଇ ପିଙ୍କ୍ ବୁଥ୍‌କୁ ବାଦଦେଇ ଅନ୍ୟ ୫୦୮ଟି ବୁଥ୍‌ର ୩୦୪୮ ପୁଲିଂ ଷ୍ଟାଫ୍ ମଙ୍ଗଳବାର ଇଭିଏମ୍ ଓ ଭିଭିପିଏଟି ମେସିନ୍ ନେଇ ବୁଥ୍ ଅଭିମୁଖେ ଗସ୍ତ କରିଛନ୍ତି। ତାଙ୍କ ସହ ନିୟୋଜିତ ପୋଲିସ କର୍ମଚାରୀ ମଧ ବୁଥ୍‌କୁ ଯାଇଛନ୍ତି। ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି। ଜିଲାରେ ୫୧୦ଟି ବୁଥ୍ ମଧ୍ୟରୁ ୧୦୩ଟି କ୍ରିଟିକାଲ ବୁଥ୍ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଜିଲା ପୋଲିସ ପକ୍ଷରୁ ୪୫ଟି ମୋବାଇଲ ପାର୍ଟି ଗଠନ କରାଯାଇଛି। ପ୍ରତ୍ୟେକ ଥାନାକୁ ଗୋଟିଏ ସେକ୍ଟର ଭାବେ ବିବେଚନା କରାଯାଇ ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପାଇଁ ଜଣେ ଲେଖାଏଁ ଅତିରିକ୍ତ ଏସ୍‌ପି, ୩ ଜଣ ଲେଖାଏଁ ଡିଏସ୍‌ପି ନିୟୋଜିତ ହେବା ସହ ୨୩ ଜଣ ଇନସ୍ପେକ୍ଟର, ୭୪ ଜଣ ସବଇନସ୍ପେକ୍ଟର, ୪୫ ହାଭିଲଦାର, ୧୫୭ ଜଣ କନଷ୍ଟେବଲ, ୯୨ ଓଏପିଏଫ, ୧୧୬ ଜଣ ଏପିଆର, ୨୮୨ ଗୃହରକ୍ଷୀ, ୧୮୮ ଗ୍ରାମରକ୍ଷୀ, କେନ୍ଦ୍ରୀୟ ସୁରକ୍ଷାକର୍ମୀ ୧୬୦ ଜଣ, ୧୨ ପ୍ଲାଟୁନ୍ ଓଏସ୍‌ଏପି ବାଟାଲିୟନ ସମେତ ଗୋଟିଏ ପ୍ଲାଟୁନ୍ ସିଆରପିଏଫ୍ ନିୟୋଜିତ ରହିବେ ବୋଲି ଏସ୍‌ପି ଅଶ୍ୱିନୀକୁମାର ମହାନ୍ତି କହିଛନ୍ତି। ସେହିପରି ଆନ୍ତଃରାଜ୍ୟ ସୀମାନ୍ତ ଅଞ୍ଚଳର ତିନୋଟି ପ୍ରବେଶ ପଥରେ ଏବଂ ଆନ୍ତଃଜିଲା ୩ଟି ପ୍ରବେଶ ପଥରେ ନାକାପୋଷ୍ଟ ଏବଂ ସିସି ଯାଞ୍ଚ ଚାଲିଛି। ଅପରାଧିକ କାର୍ଯ୍ୟକଳାପ, ଟଙ୍କା ନେବାଆଣିବା, ମାରଣାସ୍ତ୍ର, ମାଦକଦ୍ରବ୍ୟ ଭଳି ନିର୍ବାଚନକୁ ପ୍ରଭାବିତ କରୁଥିବା ଜିନିଷ ଉପରେ କଡା ନଜର ରଖାଯାଇଛି ବୋଲି ଏସପି ମହାନ୍ତି କହିଛନ୍ତି।

# ଫେସ୍‌ବୁକ୍‌ରୁ ଜାଣି ରୋଗୀଙ୍କୁ ସାହାଯ୍ୟ କଲେ ଡାକ୍ତର

ସମ୍ବଲପୁର, ୧୬।୪ (ଡି.ଏନ.ଏ.)



ଫେସ୍‌ବୁକ୍‌ରୁ ଦେଖି ବରଗଡ ଜିଲା ଡୁମେରପାଲିର ଜଣେ ଗରିବ ରୋଗୀଙ୍କୁ ବୁର୍ଲା ମେଡିକାଲ କଲେଜର ଡାକ୍ତର ଶଙ୍କର ରାମଚନ୍ଦାନୀ ସହଯୋଗର ହାତ ବଢାଇଛନ୍ତି। ୫୬ ବର୍ଷ ବୟସ୍କ ଏହି ରୋଗୀ ଜଣକ ହେଲେ ଶମ୍ଭୁ ଭୋଇ। ସେ ମ୍ୟାଲେରିଆରେ ଆକ୍ରାନ୍ତ। ଏବେ ତାଙ୍କୁ ମେଡିସିନ ୱାର୍ଡର ଆଇସିୟୁରେ ଭର୍ତ୍ତି କରାଯାଇଛି। ତେବେ ମେଡିକାଲରେ ସବୁ ପ୍ରକାରର ମାଗଣା ସହାୟତା ମିଳି ପାରୁ ନାହିଁ। କେତେକ ଅତ୍ୟାଆବଶ୍ୟକ ଔଷଧ ବାହାରୁ କିଣିବା ଓ ବାହାରେ ପରୀକ୍ଷା ପାଇଁ ଅର୍ଥ ଆବଶ୍ୟକ। ହେଲେ ତାଙ୍କ ଘର ଲୋକେ ଗରିବ ହେତୁ ଟଙ୍କା ଯୋଗାଡ କରିବା ଅସମ୍ଭବ ହୋଇ ପଡିଛି। ଏଣୁ ଶମ୍ଭୁଙ୍କ ଚିକିତ୍ସା ପାଇଁ କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ସହଯୋଗ କରିବା ଆବଶ୍ୟକ ହୋଇ ପଡିଛି।

# ପରିବାର ସଦସ୍ୟଙ୍କ ମାଡ଼ରେ ଚୋର ମୃତ

ଝାରସୁଗୁଡା ଅଫିସ,୧୬।୪

ଝାରସୁଗୁଡା ସହରରେ ସୋମବାର ବିଳମ୍ବିତ ରାତିରେ ଚୋରି କରିବା ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତିଙ୍କ ଘରେ ପଶିଥିବା ଜଣେ ଯୁବକଙ୍କୁ ଘର ପରିବାରର ସଦସ୍ୟମାନେ ପିଟିଥିବା ଅଭିଯୋଗ ହୋଇଛି। ଫଳରେ ମଙ୍ଗଳବାର ସକାଳେ ଉକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଓରାମପଡାର ବିକି ସୁନା(୨୬)। ଏହାକୁ ନେଇ ଡାକ୍ତରଖାନା ପରିସରରେ ମଙ୍ଗଳବାର ଉତ୍ତେଜନା ଲାଗି ରହିଥିଲା। ପୋଲିସ ବୁଝାସୁଝା କରି ତଦନ୍ତ ପୂର୍ବକ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା। ଅନ୍ୟପକ୍ଷରେ ବିକିଙ୍କୁ ମାଡ ମାରିବା ଅଭିଯୋଗରେ ମାଟିପଡାର ଶିବ ବିହାରୀ ପାଲଙ୍କ ପରିବାରର ୩ ସଦସ୍ୟଙ୍କୁ ଅଟକ ରଖାଯାଇଥିବା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି କହିଛନ୍ତି। ପୋଲିସ ସୂଚନା ମୁତାବକ, ସୋମବାର ରାତି ପ୍ରାୟ ସାଢେ ଗୋଟାଏରେ ବିକି ସୁନା ମାଟିପଡାର ଶିବ ପାଲଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନା ଅଳଙ୍କାର ଚୋରି ଉଦ୍ୟମ କରିଥିଲେ। ସେ ଚିତ୍କାର କରିବାରୁ ପୁଅ ବିନୋଦ ଏବଂ ଗଣେଶ ଉଠିଯାଇ ବିକିଙ୍କୁ କାବୁ କରିଥିଲେ। ଘର ଭିତରେ ବିକିଙ୍କୁ ରଶିରେ ବାନ୍ଧି ଠେଙ୍ଗାରେ ପିଟିଥିବା ପୋଲିସ କହିଛି। ଏହାପରେ ଘଟଣା ସମ୍ପର୍କରେ ଶିବ ପାଲଙ୍କ ପରିବାର ପୋଲିସକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ବିକିଙ୍କୁ ଉଦ୍ଧାର କରିବା ସହ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଏକ୍ସ-ରେ କରିବାକୁ କହି ବିକିଙ୍କୁ ଫେରାଇ ଦେଇଥିଲେ। ରାତିରେ ବିକିଙ୍କୁ ଥାନାରେ ରଖାଯାଇଥିଲା। ସକାଳେ ବିକିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ବିକିଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ବୁର୍ଲାରେ ପୁନଶ୍ଚ ବ୍ୟବଚ୍ଛେଦ କରିବା ସହ ନିରପେକ୍ଷ ତଦନ୍ତ କରିବାକୁ ବିକିଙ୍କ ପରିବାର ଦାବି କରିଛନ୍ତି।

# 'କଂଗ୍ରେସ କର୍ମୀଙ୍କୁ ଭୟଭୀତ କରୁଛି ଭାଜପା'

ଦେବଗଡ଼,୧୬।୪(ସ୍ୱ.ପ୍ର)

୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟରେ ଅବାଧ ତଥା ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ ମଧ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଏହାର ବ୍ୟତିକ୍ରମ ଘଟିଥିବା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଦେବଗଡ଼ କଂଗ୍ରେସ ଜିଲା ସଭାପତି ତଥା ବିଧାୟକ ପ୍ରାର୍ଥୀ ଉମା ଶଙ୍କର ସାହୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଦେବଗଡ଼ ପୋଲିସର ଜଣେ ଉଚ୍ଚ ପଦାଧିକାରୀଙ୍କୁ ହାତକରି ସହରର ଜଣାଶୁଣା ବ୍ୟକ୍ତି ତଥା ପେଟ୍ରୋଲ ପମ୍ପ ମାଲିକ ରାଜକିଶୋର ଦାସ ଭାଜପା ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ଏଥିସହ ସେ ଗ୍ରାମାଞ୍ଚଳରେ ଅନ୍ୟ ରାଜନୈତିକ ଦଳର କର୍ମୀମାନଙ୍କୁ ପିସ୍ତଲ ଦେଖାଇ ଭୟଭୀତ କରୁଛନ୍ତ। ରାଜକିଶୋରଙ୍କ ବିରୋଧରେ ଅନେକ ମାମଲା ରହିଛି। ସେହିପରି ନିର୍ବାଚନ ପୂର୍ବରୁ ସମସ୍ତ ଲାଇସେନ୍ସପ୍ରାପ୍ତ ବନ୍ଧୁକଗୁଡ଼ିକୁ ପୋଲିସ ନିଜ ଅକ୍ତିଆରକୁ ନେଇଥିଲେ ମଧ ରାଜକିଶୋରଙ୍କ ବନ୍ଧୁକ ଜବତ ହୋଇନାହିଁ। ଫଳରେ ନିର୍ବାଚନ ନିରପେକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାହୁ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ, ଏସ୍‌ପିଙ୍କ ନିକଟରେ ଦାବି କରିଥିବା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ, ଏମିତି କିଛି ଖବର ମୋ ପାଖରେ ନାହିଁ। ରାଜକିଶୋର ଭାଜପା ସଦସ୍ୟ ନୁହନ୍ତି ବୋଲି ସେ କହିଥିଲେ। ରାଜକିଶୋରଙ୍କୁ ପଚାରିବାରୁ କହିଲେ, ମୁଁ ଜଣେ ବ୍ୟବସାୟୀ। ମିଛ ପ୍ରଚାର କରି ମୋତେ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ମୁଁ କୌଣସି ଦଳ ପକ୍ଷରୁ ପ୍ରଚାର କରୁନାହିଁ। ମୋ ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥାନାରେ ଜିମା ଦେଇସାରିଛି ବୋଲି ସେ କହିଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଉମା ଶଙ୍କର ସାହୁ ସୂଚନା ଦେଉଛନ୍ତି।



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ



# ପ୍ରଧାନମନ୍ତ୍ରୀଙ୍କ ଗସ୍ତରେ ଏପାଖ ସେପାଖ



ମଙ୍ଗଳବାର ସମ୍ବଲପୁର ରେମେଡ଼ ନିକଟ ଭାଜପା ବିଜୟ ସଙ୍କଳ୍ପ ସମାବେଶର ମୁଖ୍ୟ ଫାଟକରେ ଜନସାଧାରଣଙ୍କ ଭିଡ଼।



'ଆମେ ବି ଚୌକିଦାର' ଲେଖାଥିବା ଟି-ଶାର୍ଟ ପିନ୍ଧି ଯୁବତୀମାନେ ସମାବେଶରେ ସାମିଲ ହୋଇଛନ୍ତି।



ସମ୍ବଲପୁର ରେମେଡ଼ ନିକଟସ୍ଥ ଭାଜପା ବିଜୟ ସଙ୍କଳ୍ପ ସମାବେଶ ପାର୍ଶ୍ୱସ୍ଥ ମଞ୍ଚରେ କଳାକାରମାନେ।



ମୋଦିଙ୍କ ମୁଖା ପିନ୍ଧି କର୍ମୀମାନେ ସମାବେଶରେ ସାମିଲ ହୋଇଛନ୍ତି।



ବିଜୟ ସଙ୍କଳ୍ପ ସମାବେଶରେ କର୍ମୀମାନେ ସ୍ଲୋଗାନ ଦେଉଛନ୍ତି।



ବିଜୟ ସଙ୍କଳ୍ପ ସମାବେଶରୁ ଜନସାଧାରଣ ଫେରୁଛନ୍ତି।

ସମ୍ବଲପୁର,୧୬।୪(ବ୍ୟୁରୋ)

### ସମସ୍ତେ ଚୌକିଦାର

ଦେଶ ରକ୍ଷା ଲାଗି ସମସ୍ତଙ୍କୁ ଚୌକିଦାର ହେବାକୁ ପଡ଼ିବ। ତେଣୁ ମୁଁ ମଧ୍ୟ ଚୌକିଦାର ବୋଲି ସମ୍ବଲପୁର ରେମେଡ଼ଠାରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏହାପରେ ଉପସ୍ଥିତ ଜନସାଧାରଣ ଆମେ ବି ଚୌକିଦାର ବୋଲି କହିଥିଲେ। ଏପରି କି କେତେଜଣ ଯୁବତୀ ଯୁବକ ଚୌକିଦାର ଲେଖାଥିବା ଟି-ଶାର୍ଟ ପିନ୍ଧି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା।

### ସମ୍ବଲପୁରୀ ଜ୍ୟାକେଟ୍

ବିଜୟ ସଙ୍କଳ୍ପ ସଭା ମଞ୍ଚରେ ଦଳୀୟ ନେତାମାନେ ମୋଦିଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ମୋର୍ଚ୍ଚା ସଭାପତିମାନେ ମୋଦିଙ୍କୁ ଫୁଲମାଳ ପିନ୍ଧାଇଥିଲେ। ପରେ ସମ୍ବଲପୁର ଲୋକ ସଭା ପ୍ରଭାରୀ ତଥା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ମୋଦିଙ୍କୁ ସମ୍ବଲପୁରୀ ଜ୍ୟାକେଟ ପିନ୍ଧାଇଥିଲେ। ଜ୍ୟାକେଟ ପିନ୍ଧି ମୋଦି ମଞ୍ଚରେ ଖୁସିଥିବା ଦେଖିବାକୁ ମିଳିଥିଲା।

### ଟ୍ରାଫିକ ସମସ୍ୟା

ରେମେଡ଼ ନିକଟ ଜଲାନ ଇଷ୍ଟେଟ୍‌ରେ ଭାଜପା ବିଜୟ ସଙ୍କଳ୍ପ ସଭା ହୋଇଥିଲା। ଏଥିରେ ସମ୍ବଲପୁର ସମେତ ବିଭିନ୍ନ ଅଞ୍ଚଳରୁ ନେତା ଓ କର୍ମୀଙ୍କ ଭିଡ଼ ଜମିଥିଲା। ଯାନବାହାନ ପାର୍କିଂ ସକାଶେ କୌଣସି ସୁବ୍ୟବସ୍ଥା କରାଯାଇ ନ ଥିଲା। ସଭା ଶେଷ ପରେ ଜନସାଧାରଣ, ଦଳୀୟ ନେତା ଓ କର୍ମୀମାନେ ଯାନବାହାନ ନେଇ ଘରମୁହାଁ ହୋଇଥିଲେ। ଏହି ସମୟରେ ବରଗଡ଼-ସମ୍ବଲପୁର ଜାତୀୟ ରାଜପଥରେ ଯାନବାହାନ ଚଳାଚଳରେ ଅସୁବିଧା ଉପୁଜିଥିଲା। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

### ତାତିକୁ ଖାତିର ନାହିଁ

ସମ୍ପ୍ରତି ସମଗ୍ର ଓଡ଼ିଶା ସମେତ ସମ୍ବଲପୁରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଠିକାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ତଥାପି ଜନସାଧାରଣ ତାତିକୁ ଖାତିର ନ କରି ମୋଦିଙ୍କ ଭାଷଣ ଶୁଣିବାକୁ ଆସିଥିଲେ। ଏପରି କି ମହିଳାମାନେ ଛୋଟ ଶିଶୁଙ୍କୁ ସାଙ୍ଗରେ ନେଇ ଆସିଥିଲେ। ଫେରିବା ବାଟରେ ସେମାନେ ମୋଦିଙ୍କ ପୋଷ୍ଟରକୁ ଛତା ଭାବେ ବ୍ୟବହାର କରିଥିବା ଦେଖିବାକୁ ମିଳିଥିଲା।

### ଭିଆଇପି ପାସ୍ ଯାହାକୁ ଯେତେ

ଭାଜପା ସଙ୍କଳ୍ପ ସମାବେଶ ସଭାସ୍ଥଳରେ ବହୁ ଯୁବତୀ, ଯୁବକ ଭିଆଇପି ପାସ୍ ଧରି ବୁଲୁଥିଲେ। ଭିଆଇପି ପାସ୍ ଥିବାରୁ ସେମାନେ ସଭାସ୍ଥଳର ବିଭିନ୍ନ ସ୍ଥାନକୁ ଯାଇ ହୋହଲ୍ଲା କରୁଥିଲେ। ପୋଲିସକୁ ମଧ୍ୟ ଭିଆଇପି ପାସ୍ ଦେଖାଇ ଭୟଭୀତ କରାଉଥିଲେ। ସଭାସ୍ଥଳର ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା।

### ନାମକୁମାତ୍ର ପ୍ରେସ୍ ଗ୍ୟାଲେରି

ବିଜୟ ସଙ୍କଳ୍ପ ସମାବେଶ ସିଧାପ୍ରସାରଣ ଓ ଖବରଦାତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପୂର୍ବ ସଭାଗୁଡ଼ିକ ଭଳି ଯେଭଳି କୌଣସି ଅବ୍ୟବସ୍ଥା ନ ହୁଏ ତାହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପାସ୍ ବଣ୍ଟନ କରାଯାଇଥିଲା। ହେଲେ ପ୍ରେସ୍ ଗ୍ୟାଲେରିରେ ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ସେଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଅପେକ୍ଷା ଅଧିକ ଜନସାଧାରଣଙ୍କ ଭିଡ଼ ଜମିଥିଲା। ମହିଳାମାନେ ନିଜ ପିଲାଛୁଆଙ୍କୁ ନେଇ ପ୍ରେସ୍ ଗ୍ୟାଲେରିରେ ଠିଆ ହୋଇଥିଲେ। ମୁଁ ବି ଚୌକିଦାର ଲେଖାଥିବା ଟି-ଶାର୍ଟ ପିନ୍ଧି ଯୁବ କର୍ମୀମାନେ ସଭାସ୍ଥଳ ସମ୍ମୁଖରେ ଠିଆହୋଇ ହୋହଲ୍ଲା କରିଥିଲେ। ବାରମ୍ବାର ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ଅନ୍ୟତ୍ର ଯିବାକୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ କାହା କଥା ଶୁଣି ନ ଥିଲେ। ଶେଷରେ କେତେଜଣ ଖବରଦାତା ବିରକ୍ତି ପ୍ରକାଶ କରି ସଭାସ୍ଥଳ ଛାଡ଼ି ପଳାଇଥିଲେ।

### କୋଶଳ ରାଜ୍ୟ ଦାବି

ପ୍ରଧାନମନ୍ତ୍ରୀ ମୋଦି ଭାଷଣ ଦେଉଥିବାବେଳେ କୋଶଳ ରାଜ୍ୟ ଦାବି କରାଯାଇଥିଲା। ନାରା ଦେବା ସହ ପ୍ଲାକାର୍ଡ ଓ ବ୍ୟାନର ପ୍ରଦର୍ଶନ କରିଥିଲେ କୋଶଳବାଦୀ। ଦର୍ଶକ ଗ୍ୟାଲେରି ସମ୍ମୁଖ ଭାଗ ବାମ ପାଖରେ ସେମାନେ ନାରାବାଜି କରିଥିଲେ। କୋଶଳ ସେନା କର୍ମକର୍ତ୍ତା ଓ ସଭ୍ୟଙ୍କଠାରୁ ପୋଲିସ ପ୍ଲାକାର୍ଡ ଓ ଜୟ କୋଶଳ ଲେଖାଥିବା ଫିତା ଜବତ କରିଥିଲା।

### ମାଡ଼ି ଚାଲୁଥିଲେ ଦଳୀୟ ପତାକା

ମୋଦିଙ୍କ ସଭା ଶେଷ ପରେ ଉପସ୍ଥିତ କର୍ମକର୍ତ୍ତାମାନେ ଘରବାହୁଡ଼ା ହେଉଥିଲେ। ସଭାସ୍ଥଳ ପରିସର ଓ ବାହାରକୁ ଯିବା ରାସ୍ତାରେ ହଜାର ହଜାର ସଂଖ୍ୟାରେ ଦଳୀୟ ପତାକା ଏପଟେ ସେପଟେ ପଡ଼ି ରହିଥିଲା। କର୍ମକର୍ତ୍ତାମାନେ ଦଳୀୟ ପତାକାକୁ ମାଡ଼ି ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ କେତେଜଣ କର୍ମୀ ଏହା ଦଳ ପ୍ରତି ଅପମାନ ବୋଲି କହିଥିଲେ।

### ମୋଦି ମୋଦି କହି କାନ୍ଦି ପକାଇଲେ ବୃଦ୍ଧ

ପାଖରେ ପାସ୍ ନ ଥିଲା। ତଥାପି ଜଣେ ବୃଦ୍ଧ (ମୋଦିଙ୍କ ପ୍ରଶଂସକ) ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ପ୍ରେସ୍ ଗ୍ୟାଲେରି ସମ୍ମୁଖରେ ଠିଆ ହୋଇଥିଲେ। ମୋଦିଙ୍କ ଭାଷଣ ଆରମ୍ଭ ହେବା କ୍ଷଣି ସେ ମୋଦିଙ୍କ ନାମକୁ ବାରମ୍ବାର ଉଚ୍ଚାରଣ କରିଥିଲେ। ମୋଦିଙ୍କୁ ଦେଖି ବୃଦ୍ଧଙ୍କ ଆଖିରେ ଲୁହ ଭରିଯାଇଥିଲା। ଜଣେ ପୋଲିସ କର୍ମଚାରୀ ଓ ଅନ୍ୟଜଣେ କର୍ମକର୍ତ୍ତା ତାଙ୍କୁ ବୁଝାଉଥିଲେ ମଧ୍ୟ ବୃଦ୍ଧ ଜଣକ ବାରମ୍ବାର ମୋଦି ମୋଦି ନାରା ଦେଉଥିଲେ।

## ସଂକ୍ଷେପରେ

### ସଭା ପରେ ବିଶ୍ରାମ ନେଲେ ମୋଦି

ସମ୍ବଲପୁର,୧୬।୪(ବ୍ୟୁରୋ): ସମ୍ବଲପୁରଠାରେ ଭାଜପା ବିଜୟ ସଙ୍କଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇଥିଲେ। ମୋଦିଙ୍କ ପ୍ରାୟ ଅଧଘଣ୍ଟା ଉଦ୍‌ବୋଧନ ପରେ ସଭା ଶେଷ ହୋଇଥିଲା। ପରେ ମୋଦି ସଭାସ୍ଥଳରେ ନିର୍ମିତ ବିଶ୍ରମାଗାରକୁ ଯାଇଥିଲେ। ସେଠାରେ ପ୍ରାୟ ଅଧଘଣ୍ଟା ବିଶ୍ରମ ନେବା ପରେ ମୋଦି ପୁଣି ହେଲିକପ୍ଟର ଯୋଗେ ବାହାରି ଯାଇଥିଲେ। ମୋଦିଙ୍କ ପ୍ରସ୍ଥାନରେ ବିଳମ୍ବ ହେବାରୁ ଅନେକ ଚର୍ଚ୍ଚା ହୋଇଥିଲା। ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବାରୁ କିଛି ସମୟ ବିଶ୍ରାମ ନେଇଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### ଜୟନାରାୟଣଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍

■ଅଭିଯୁକ୍ତ ନାବାଳକ ଧରାପଡ଼ିଲେ

ସମ୍ବଲପୁର,୧୬।୪(ବ୍ୟୁରୋ): ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ ହୋଇଥିଲା। ପ୍ରାୟ ୧୫ ଦିନ ତଳେ କେହି ତାଙ୍କ ଆକାଉଣ୍ଟ ହ୍ୟାକ୍ କରିଥିବା ମିଶ୍ର ଟାଉନଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଜଣେ ନାବାଳକଙ୍କୁ କବ୍‌ଜାକୁ ନେଇଛି। ମିଶ୍ରଙ୍କ ଫେସ୍‌ବୁକ ଆକାଉଣ୍ଟକୁ ଯାଇ ନାବାଳକ ଜଣକ ପାସ୍‌ୱାର୍ଡ ପରିବର୍ତ୍ତନ କରିଦେଇଥିଲେ ବୋଲି ଜଣାପଡ଼ିଛି। ମିଶ୍ରଙ୍କ ଫେସ୍‌ବୁକ୍ ଆକାଉଣ୍ଟ ମାଧ୍ୟମରେ ସେ କେତେଜଣଙ୍କୁ ଟଙ୍କା ମଧ୍ୟ ମାଗିଥିଲେ। ଏହି ଖବର ପାଇ ମିଶ୍ର ଥାନାରେ ଅଭିଯୋଗ କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ବିଜେଡି-କଂଗ୍ରେସ କର୍ମୀ ମୁହାଁମୁହିଁ

ରେଢ଼ାଖୋଲ,୧୬।୪(ଡି.ଏନ୍.ଏ.)

ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରଚାରକୁ ଜୋରଦାର କରିଛି। ମଙ୍ଗଳବାର ଅପରାହ୍ଣରେ ଶତାଧିକ କର୍ମୀ ବାଇକ୍ ଶୋଭାଯାତ୍ରାରେ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ଶୋଭାଯାତ୍ରା ଚାଲିଥିବା ବେଳେ ସହରର ଖନ୍ଦାଡ଼ିପ ଛକରେ ବିଜେଡି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୁଇ ଦଳର କର୍ମୀ ହାତାହାତି ହୋଇଥିବା ଜଣାପଡ଼ିଛି। ଉଭୟ ପକ୍ଷ ଥାନା ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ସହ ଅଧିକ ଉତ୍ତେଜନା ଏଡ଼ାଇବା ଖନ୍ଦାଡ଼ିପ ଛକରେ ଫୋର୍ସ ମୁତୟନ କରିଛି। ଏବେ ପରିସ୍ଥିତି ଶାନ୍ତ ରହିଛି। ସୂଚନାଯୋଗ୍ୟ, ଏହି ବାଇକ୍ ଶୋଭାଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଶରତ ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ଆସଫଅଲ୍ଲୀ ଖାଁ, ପୂର୍ବତନ ପିସିସି ସମ୍ପାଦକ ସତ୍ୟେନ୍ଦ୍ର ନାରାୟଣ ବହିଦାର, ଜିଲା ସଭାପତି ଅଶ୍ୱିନୀ ଗୁରୁ, ବିପିନ ପ୍ରଧାନ, ଗୌରୀଶଙ୍କର ପାତ୍ର, ସୁନୀଲ ପ୍ରଧାନ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ନର୍ଦ୍ଦର୍ନ ଷ୍ଟାର, ଅନାମିକା କ୍ଲବ୍ ବିଜୟୀ

ସମ୍ବଲପୁର,୧୬।୪(ବ୍ୟୁରୋ)

ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ମ୍ୟାଚରେ ନର୍ଦ୍ଦର୍ନ ଷ୍ଟାର ଓ ଅନାମିକା କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ନର୍ଦ୍ଦର୍ନ ଷ୍ଟାର ଟସ୍ ଜିଣି ଆଶୀର୍ବାଦ କ୍ଲବକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଆଶୀର୍ବାଦ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଦଳର ମୁକ୍ତେଶ୍ୱର ୪୬ ବଲରେ ୪୭ ରନ କରିଥିଲେ। ନର୍ଦ୍ଦର୍ନ ଷ୍ଟାର ବୋଲର ଦେବାଶିଷ ୪ ଓଭରରେ ୩୪ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ୧୬୫ ରନର ବିଜୟ ଲକ୍ଷ୍ୟ ନେଇ ନର୍ଦ୍ଦର୍ନ ଷ୍ଟାର ପ୍ରାରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଦଳ ୧୯.୪ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପ୍ରଶାନ୍ତ ବେହେରା ୨୭ ବଲରେ ୬୩ ରନ କରିଥିଲେ। ଆଶୀର୍ବାଦ ବୋଲର ଦାମୋଦର ପ୍ରଧାନ ୪ ଓଭରରେ ୧୭ ରନ ଦେଇ ୨ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚ ଅନାମିକା କ୍ଲବ ବନାମ ଆଜାଦ ଯୁବକ ସଂଘ ମଧ୍ୟରେ ହୋଇଥିଲା। ଅନାମିକା କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୮୬ ରନ କରିଥିଲେ। ବନମାଳୀ ବରିହା ୫୭ ବଲରେ ଧୂଆଁଧାର ୧୧୪ ରନ କରିଥିଲେ। ଆଜାଦ ଯୁବକ ସଂଘ ବୋଲର ସୁନୀଲ ଦାଶ ଓ ଗଦାଧର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ୧୮୭ ରନର ବିଜୟ ଲକ୍ଷ୍ୟ ନେଇ ଆଜାଦ କ୍ଲବ ବ୍ୟାଟିଂ କରିଥିଲା। ମାତ୍ର ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ କରିବାକୁ ସକ୍ଷମ ହୋଇଥିଲା। ସୁନୀଲ ୭ ବଲରେ ୧୭ ରନ କରିଥିଲେ। ଅନାମିକା ବୋଲର ରାଜୁ ୩ ଉଇକେଟ ହାସଲ କରିଥିଲେ। ବିକାଶ ଚନ୍ଦ୍ର ମେହେର, ଅଭିନବ ସାମନ୍ତ, ମିଥିଲେଶ ପ୍ରସାଦ, ଦିଲ୍ଲୁ ଦେଶଭାୟା ମ୍ୟାଚ ପରିଚାଳନା କରିଥିଲେ। ସୟଦ ଜ୍ୟାକି ସ୍କୋରର ଦାୟିତ୍ୱ ତୁଲାଇଥିଲେ।

■ ବରିଷ୍ଠ କର୍ମୀଙ୍କୁ ବିଜେଡିରେ ଅଣଦେଖା

# ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ, ଠେଲାପେଲା

ବାମରା,୧୬।୪ (ସ୍ୱ.ପ୍ର.)

କିଛିମାସ ତଳେ ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ଦଳ ପକ୍ଷରୁ ତାଙ୍କୁ କୁଚିଣ୍ଡା ନିର୍ବାଚନମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ନିର୍ବାଚନମଣ୍ଡଳୀର ବରିଷ୍ଠ କର୍ମୀଙ୍କୁ ଅଣଦେଖା କରାଯାଇ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଅନ୍ୟ ଜିଲା କର୍ମୀଙ୍କୁ ଦାୟିତ୍ୱ ଦିଆଯାଉଥିବା ଅଭିଯୋଗ ହୋଇଆସୁଥିଲା। ସ୍ଥାନୀୟ କର୍ମୀମାନେ ଏହାକୁ ଘୋର ବିରୋଧ କରୁଥିଲେ। ବର୍ତ୍ତମାନ ବିରୋଧର ସ୍ୱର ଶାଣିତ ହେବାରେ ଲାଗିଛି। ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ସର୍ଗିଡିହିଠାରେ ସୋମବାର ବିଜେଡି ପ୍ରାର୍ଥୀ କିଶୋର ଚନ୍ଦ୍ର ନାଏକ ପଡ଼ୋଶୀ ଝାରସୁଗୁଡ଼ା ଜିଲା ପକ୍ଷରୁ ନିର୍ବାଚନ ପ୍ରଚାର ପାଇଁ ନିୟୋଜିତ ବାମରା ବ୍ଲକ ପର୍ଯ୍ୟବେକ୍ଷକ ନରେଶ ଶତପଥୀ, ବନମାଳୀ କର୍ସେଲ ଓ ଅନ୍ୟ କର୍ମୀଙ୍କ ସହ ପ୍ରଚାର କରୁଥିଲେ। ଏହି ସମୟରେ ବାମରା ଅଞ୍ଚଳର କେତେଜଣ ବରିଷ୍ଠ କର୍ମୀ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ।



ବିଜେଡି ସଭାରେ ଉପସ୍ଥିତ ବରିଷ୍ଠ କର୍ମୀ।

କଥା ଠେଲାପେଲା ପର୍ଯ୍ୟନ୍ତ ଯାଇଥିଲା। କେତେଜଣ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ମାମଲା ଶାନ୍ତ ପଡ଼ିଥିଲା। ଏହାକୁ ନେଇ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଜିଲା ବିଜେଡି ଉପସଭାପତି ଶଶୀଭୂଷଣ ସେଠୀଙ୍କ ଅଧ୍ୟକ୍ଷତାରେ ବାମରାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବରିଷ୍ଠ ତଥା ଯୁବ କର୍ମୀଙ୍କୁ ଅଣଦେଖା ଓ ଜିଲା ବାହାର କର୍ମୀଙ୍କୁ ନିୟୋଜନକୁ ଖୋଲାଖୋଲି ବିରୋଧ କରାଯାଇଥିଲା। ଏହା ସହ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ପଠାଯାଇଥିବା ଜଣାପଡ଼ିଛି। ବରିଷ୍ଠ କର୍ମୀଙ୍କୁ ଅଣଦେଖା ଯୋଗୁ ସେମାନଙ୍କ ମନୋବଳ ଭାଙ୍ଗିବା ସହ ଏହା ନିର୍ବାଚନ ଫଳାଫଳରେ ବିପରିତ ପ୍ରଭାବ ପକାଇବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଶୀଘ୍ର ଏହାର ସମାଧାନ ପାଇଁ ମଧ୍ୟ ଅନୁରୋଧ କରାଯାଇଛି। ବୈଠକରେ ଏସ୍‌ଡିଏ ଅଧ୍ୟକ୍ଷ ତଥା ବିଜେଡି ନେତା ବିଜୟ ମହାନ୍ତି, ପୂର୍ବ ବିଜେଡି ବ୍ଲକ ସଭାପତି ଦିଲୀପ ଚୌଧୁରୀ, ଆଦିବାସୀ ନେତା ଶ୍ୟାମସୁନ୍ଦର ମୁଣ୍ଡା, ବାମରା ବ୍ଲକ ବିଜେଡି ମହିଳା ମୋର୍ଚ୍ଚା ସଭାପତି ଜୟନ୍ତୀ ନାଏକ, ସୁଶିଲ ପ୍ରସାଦ, ପୂର୍ବତନ ବ୍ଲକ ସଭାପତି ସୁରେନ୍ଦ୍ର ଗୌନ୍ତିଆ, ଭୁପେନ ଜିତ, ସୁନୀଲ ଖଣ୍ଡେଲୱାଲ, ଆନନ୍ଦ ଜଲାନିଆ, ରୁକ୍ମଣ ପଟେଲ, ଟଙ୍କଧର ରୋହିଦାସ, ପ୍ରବୀର ସେଠୀ, କୁନ୍ଦର ରାଏ, ଦୀନେଶ ଚୌଧୁରୀ, ଅମନ କଂସଲ ଓ ଦୀନେଶ ରକ୍ସା ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଆଉ ୬ ଦିନ ପରେ ମତଦାନ ହେବାକୁ ଯାଉଥିବା ବେଳେ ବାରମ୍ବାର ବିଜେଡିର ବିବାଦ ଦଳକୁ ଦୁର୍ବଳ କରୁଥିବା ଚର୍ଚ୍ଚା ଜୋର ଧରିଛି।

## ହେଲିପ୍ୟାଡ୍‌ରେ ପୋଲିସ-ଧର୍ମେନ୍ଦ୍ର ବଚସା

ସମ୍ବଲପୁର, ୧୬।୪ (ବ୍ୟୁରୋ)

ଏକ ରୋଡ୍ ଶୋରେ ଯୋଗଦେବା ପାଇଁ ପେଟ୍ରାଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ସମ୍ବଲପୁର ଗସ୍ତରେ ଆସିଥିଲେ। ବରଗଡ଼ର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର କରି ପ୍ରଧାନ ଅପରାହ୍ଣ ପ୍ରାୟ ୪ଟାରେ ହେଲିକପ୍ଟର ଯୋଗେ ସମ୍ବଲପୁର ପହଞ୍ଚିଥିଲେ। ଏମ୍‌ସିଏଲ୍ ହେଲିପ୍ୟାଡ୍‌ରେ ସେ ଅବତରଣ କରିବାକୁ ବ୍ୟବସ୍ଥା କରାଯାଇଥିଲା। ଏହି ସମୟରେ କଡ଼ା ପୋଲିସ ସୁରକ୍ଷା ବ୍ୟବସ୍ଥା ରହିଥିଲା। ତେବେ ହେଲିପ୍ୟାଡ୍‌ରେ ପ୍ରଧାନ ଓହ୍ଲାଇବା ପରେ ସେଠାରେ ଉପସ୍ଥିତ ଫ୍ଲାଇଂ ସ୍କ୍ୱାଡ୍ ପ୍ରଧାନଙ୍କ ବ୍ୟାଗଗୁଡ଼ିକ ଯାଞ୍ଚ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ କିଛି ସମୟ ପ୍ରଧାନଙ୍କ ସହ ସେଠାରେ ଉପସ୍ଥିତ ଏସ୍‌ଡିପିଓ ଶିଶୁରଞ୍ଜନ ମହାପାତ୍ର ଏବଂ ବୁର୍ଲା ଥାନା ଅଧିକାରୀ ବିଭୂତି ଭୂଷଣ ଭୋଇଙ୍କ ବଚସା ହୋଇଥିଲା। ପରେ ଯାଞ୍ଚ କରିବାକୁ ପ୍ରଧାନ ରାଜି ହୋଇଥିଲେ। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ ପୋଲିସ ଅଧିକାରୀ କଥା ହେଉଥିବା ବେଳେ ପ୍ରଧାନ ତାଙ୍କ ଉପରେ ରାଗ ତମତମ ହେଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ନେଇ ଏସ୍‌ଡିପିଓ ମହାପାତ୍ର କହିଛନ୍ତି ଯେ ଫ୍ଲାଇଂ ସ୍କ୍ୱାଡ୍ ଯାଞ୍ଚ କରିଥିଲେ। ହେଲିପ୍ୟାଡ୍ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ଉପସ୍ଥିତ ଥିଲା। ସେମିତି କିଛି ବଡ଼ ଘଟଣା ହୋଇ ନାହିଁ ବୋଲି ମହାପାତ୍ର କହିଥିଲେ।



"ମେ ୨୩ରେ ସାଧାରଣ ନିର୍ବାଚନର ଫଳାଫଳ ଘୋଷିତ ହେବା ପରେ ନରେନ୍ଦ୍ର ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ପାଲଟିଯିବେ।

-ଅହମ୍ମଦ ପଟେଲ,
ବରିଷ୍ଠ କଂଗ୍ରେସ ନେତା



ଉତ୍ତରପ୍ରଦେଶରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନରେ ମଥୁରାର ଭାଜପା ପ୍ରାର୍ଥୀ ହେମାମାଳିନୀ ଯମୁନା ପୂଜନ କରୁଛନ୍ତି।



ଅଭିନେତ୍ରୀରୁ ରାଜନେତା ପାଲଟିଥିବା ଖୁସ୍‌ବୁ ସୁନ୍ଦର କେରଳର ୱାୟନାଡ୍ ଆସନରେ କଂଗ୍ରେସ ପ୍ରାର୍ଥୀ ରାହୁଲ ଗାନ୍ଧୀଙ୍କ ସପକ୍ଷରେ ପ୍ରଚାର ବେଳେ ଜଣେ କୁନିଝିଅ ସହ କଥା ହେଉଛନ୍ତି।



ତାମିଲନାଡୁର ଏକମାତ୍ର କିନ୍ନର ପ୍ରାର୍ଥୀ ଏମ୍. ରାଧିକା ସାଉଥ୍ ଚେନ୍ନାଇ ଲୋକ ସଭା ଆସନ ପାଇଁ ନିଜ ସମର୍ଥକଙ୍କ ସହ ଭୋଟ ମାଗୁଛନ୍ତି।

## ସଂକ୍ଷେପରେ

### ଭେଲୋର ଆସନରେ ନିର୍ବାଚନ ବାତିଲ

**ନୂଆଦିଲ୍ଲୀ,୧୬।୪:** ତାମିଲନାଡୁର ଭେଲୋର ଲୋକ ସଭା ଆସନରେ ନିର୍ବାଚନ ବାତିଲ କରିଦିଆଯାଇଥିବା ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ମାସ ପ୍ରାରମ୍ଭରେ ଜଣେ ଡିଏମ୍‌କେ ପ୍ରାର୍ଥୀଙ୍କ ଗୋଦାମଘରୁ ୧୧.୫କୋଟି ଟଙ୍କା ଜବତ ହେବା ପରେ ନିର୍ବାଚନ ପାଇଁ ବିପୁଳ ଲାଞ୍ଚ କାରବାର ହେଉଥିବା ସୂଚନା ମିଳିଥିଲା। ଏହି ଘଟଣାକୁ ଆଧାର କରି ଉକ୍ତ ଆସନରେ ନିର୍ବାଚନ ସ୍ଥଗିତ ରଖାଯାଇଛି। ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ଅନ୍ୟ ୩୮ଟି ଆସନ ସହିତ ଏଠାରେ ଭୋଟ ଗ୍ରହଣ ହେବାର ଥିଲା। ଏପ୍ରିଲ ୧୪ରେ ନିର୍ବାଚନ କମିଶନ୍‌ଙ୍କ ସୁପାରିସକୁ ଗ୍ରହଣ କରି ରାଷ୍ଟ୍ରପତି ତାମିଲନାଡୁର ଭେଲୋର ଲୋକ ସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନକୁ ରଦ୍ଦ କରିଦେଇଥିବା କମିଶନ୍‌ଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଭୋଟରଙ୍କୁ ଲାଞ୍ଚଦେବା ଉଦ୍ଦେଶ୍ୟରେ ଅର୍ଥ କାରବାର ଅଭିଯୋଗରେ ଏକ ଲୋକ ସଭା ନିର୍ବାଚନମଣ୍ଡଳୀର ଭୋଟଗ୍ରହଣ ବାତିଲ କରିବା ପ୍ରଥମ ଘଟଣା। ଏ ପର୍ଯ୍ୟନ୍ତ ତାମିଲନାଡୁରୁ ୨୦୫କୋଟି ନଗଦ ଟଙ୍କା ଓ ସୁନାର ପରିମାଣକୁ ମିଶାଇ ୫୦୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜବତ ହେଲାଣି। ନିର୍ବାଚନ ବାତିଲ ଦ୍ୱାରା ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି ଡିଏମ୍‌କେ ଅଭିଯୋଗ କରିଛି। ତେବେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଭେଲୋର ନିର୍ବାଚନମଣ୍ଡଳୀରେ ୨୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

### ୱେବ୍‌ସାଇଟ୍ ହ୍ୟାକ୍ କରି ଦୁବାଇରେ ଭାରତୀୟ ଦଣ୍ଡିତ

**ଦୁବାଇ,୧୬।୪(ପି.ଟି):** ଏଠାରେ ୩୩ ବର୍ଷୀୟ ଜଣେ ଭାରତୀୟ ଆଇଟି ପ୍ରୋଗ୍ରାମର ୧୫ଜଣ କ୍ଲାଏଣ୍ଟଙ୍କ ୱେବ୍‌ସାଇଟ୍ ହ୍ୟାକିଙ୍ଗ୍ କରିବା ଅଭିଯୋଗରେ ତାଙ୍କୁ ୩ମାସ ଜେଲ ଦଣ୍ଡାଦେଶ ହୋଇଛି। କମ୍ପାନି କର୍ତ୍ତୃପକ୍ଷ ଉକ୍ତ କର୍ମଚାରୀଙ୍କ ଦରମାରୁ ୧୦୮୦ ଆମେରିକୀୟ ଡଲାର କାଟିବା ପରେ ସେ ୧୫ଜଣଙ୍କ ୱେବସାଇଟ୍ ହ୍ୟାକ୍ କରିଥିଲେ ବୋଲି ରିପୋର୍ଟ ମିଳିଛି। ସୋମବାର ଦୁବାଇ କୋର୍ଟ ଉକ୍ତ ବ୍ୟକ୍ତିଙ୍କୁ ୱେବ୍‌ସାଇଟ୍ ହ୍ୟାକ୍ ଏବଂ ଧମକ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯାଇଛି। ସୂଚନା ଅନୁଯାୟୀ ଉକ୍ତ ପ୍ରୋଗ୍ରାମର ଏକ ମିଡିଆ କମ୍ପାନିରେ କାର୍ଯ୍ୟ କରୁଥିଲେ। ତାଙ୍କ ଦରମା କଟାଯିବାରୁ ସେ ଚାକିରିରୁ ଇସ୍ତଫା ଦେବା ସହିତ କ୍ଲାଏଣ୍ଟଙ୍କ ୱେବ୍‌ସାଇଟ୍ ହ୍ୟାକ୍ କରିବେ ବୋଲି ଧମକ ଦେଇଥିଲେ।

### ପାକିସ୍ତାନରେ ପ୍ରବଳ ଝଡ଼ବର୍ଷା: ୨୬ ମୃତ

**ଇସଲାମାବାଦ,୧୬।୪:** ବିଗତ ୨ ଦିନ ଧରି ପାକିସ୍ତାନରେ ପ୍ରବଳ ବର୍ଷା ଓ ଝଡ଼ତୋଫାନ ଯୋଗୁ ଅନ୍ୟୁନ ୨୬ ଲୋକଙ୍କ ମୃତ୍ୟୁ ଘଟିଛି। ଦେଶର ବେଲୁଚିସ୍ତାନ ପ୍ରଦେଶ ବର୍ଷା ଯୋଗୁ ଗୁରୁତର ପ୍ରଭାବିତ ହୋଇଛି। ଏଠାରେ ୯ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳରେ ହାଇଆଲର୍ଟ ଜାରି କରିଛନ୍ତି। ପଞ୍ଜାବ ପ୍ରଦେଶରେ ଆଉ ୯ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ସିନ୍ଧ୍ ପ୍ରଦେଶର କରାଚିରେ ୫ଜଣଙ୍କ ମୃତ୍ୟୁ ଘଟିଛି। ଏଠାରେ ସୋମବାର ଧୂଳିଝଡ ଯୋଗୁ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଖାଇବର ପାଖତୁନଖ୍ୱା ପ୍ରଦେଶରେ ଜଣେ ଶିଶୁଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଥିବା ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ପକ୍ଷରୁ ସୂଚନା ମିଳିଛି। ଅନେକ ସ୍ଥାନରେ ଘରର ଛାତ ଓ କାନ୍ଥ ଭାଙ୍ଗିଯାଇଛି।

■ ଗାନ୍ଧୀନଗର ସେକ୍ଟର ୧ ପ୍ଲଟ୍‌କୁ ନେଇ ସନ୍ଦେହ

# ପ୍ରଶ୍ନର କାଠଗଡ଼ାରେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୬।୪(ପି.ଟି.)**

ସାଧାରଣ ନିର୍ବାଚନ ପାଇଁ ଉଭୟ ଶାସକ ଓ ବିରୋଧୀ ପ୍ରସଙ୍ଗ ଖୋଜୁଥିବାବେଳେ କଂଗ୍ରେସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମିଳିଯାଇଛି ଏକ 'ବ୍ରହ୍ମାସ୍ତ୍ର'। ମୋଦି ଗୁଜରାଟର ଗାନ୍ଧୀନଗରସ୍ଥିତ ଏକ ପ୍ଲଟ୍‌କୁ ନେଇ ନିର୍ବାଚନ କମିଶନ(ଇସି)ଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରିଛନ୍ତି ବୋଲି ମଙ୍ଗଳବାର କଂଗ୍ରେସ ପକ୍ଷରୁ ଅଭିଯୋଗ ଅଣାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଭାଜପା ଅଭିଯୋଗକୁ ଖଣ୍ଡନ କରି ଏହାକୁ ଅପପ୍ରଚାର ବୋଲି ଜବାବ ରଖିଛି।

କଂଗ୍ରେସ ମୁଖପାତ୍ର ପବନ ଖେରା ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ମୋଦି ପୂର୍ବରୁ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠରେ ଦର୍ଶାଇଥିଲେ ଯେ, ଗାନ୍ଧୀନଗରର ସେକ୍ଟର ୧ ସ୍ଥିତ ପ୍ଲଟ୍ ନମ୍ବର ୪୧୧ର ସେ ହେଉଛନ୍ତି ସ୍ୱତ୍ତ୍ୱାଧିକାରୀ। ପରେ ସେ ଏହି ପ୍ଲଟ୍ ସମ୍ପର୍କିତ ତଥ୍ୟକୁ ହଟାଇ ନିଜକୁ ଅନ୍ୟ ଏକ ପ୍ଲଟର ମାଲିକ ବୋଲି ସତ୍ୟପାଠରେ ଦର୍ଶାଇଥିଲେ। ସତ୍ୟପାଠରେ ଦିଆଯାଇଥିବା ତଥ୍ୟରେ ତାଳମେଳ ରହୁନାହିଁ। ମୋଦି ଭୁଲ ତଥ୍ୟ ପ୍ରଦାନ କରିଥିବାରୁ ନିର୍ବାଚନ କମିଶନ ଲୋକ ପ୍ରତିନିଧି ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।



**ଅଭିଯୋଗକୁ ଖଣ୍ଡନ କଲା ଭାଜପା**

**ଭୁଲ୍ ତଥ୍ୟ ଦେଇଛନ୍ତି ମୋଦି: କଂଗ୍ରେସ**



ପ୍ରଧାନମନ୍ତ୍ରୀ ନିଜ ନାମରେ ଥିବା ପ୍ଲଟର ବିବରଣୀ ସତ୍ୟପାଠରେ ଉଲ୍ଲେଖ କରୁ ନ ଥିବା ଦର୍ଶାଇ ଦାଏର ହୋଇଥିବା ଏକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଏହାର ଯାଞ୍ଚ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ପାଇଁ ସୋମବାର ନିଷ୍ପତ୍ତି ନେବାର ଦିନକ ପରେ କଂଗ୍ରେସ ଏହି ଅଭିଯୋଗ ଆଣିଛି। ପ୍ରକାଶ ଯେ, ମହାରାଷ୍ଟ୍ରର ସାକେତ ଗୋଖଲେ ୨୦୦୨ ଅକ୍ଟୋବରରେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ସରକାରଙ୍କ ନୀତି ଅନୁସାରେ ତାଙ୍କୁ ଏକ ପ୍ଲଟ୍ ମିଳିଥିଲା ବୋଲି ଏଥିରେ ସେ ଉଲ୍ଲେଖ କରିଥିଲେ। ପବନ ଖେରାଙ୍କ ଅଭିଯୋଗ ହେଉଛି, ୨୦୧୨ରେ ଗୁଜରାଟ ବିଧାନସଭା ନିର୍ବାଚନ ବେଳେ ମୋଦି ନିଜ ସତ୍ୟପାଠରେ ପ୍ଲଟ୍ ନଂ. ୪୧୧ ସମ୍ପର୍କରେ କିଛି ସୂଚନା ଦେଇ ନ ଥିଲେ। ଏହା ବଦଳରେ ସେ ସମାନ ଠିକଣାରେ ଥିବା ପ୍ଲଟ୍ ନଂ, ୪୦୧/ଏର ଏକଚତୁର୍ଥାଂଶ ମାଲିକ ବୋଲି ନିଜକୁ ଦର୍ଶାଇଥିଲେ। ୨୦୧୪ ଲୋକ ସଭା ନିର୍ବାଚନ ପାଇଁ ମୋଦି ନାମାଙ୍କନପତ୍ର ଦାଖଲ ବେଳେ ୪୧୧ ପ୍ଲଟ୍ ନେଇ ସତ୍ୟପାଠରେ ଉଲ୍ଲେଖ ନ କରି ପ୍ଲଟ୍ ନଂ ୪୦୧/ଏ ସମ୍ପର୍କରେ ଅବତାରଣା କରିଥିଲେ। ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ୱେବ୍‌ସାଇଟ୍‌ରେ ମଧ୍ୟ ମୋଦି ନିଜକୁ '୪୦୧/ଏ'ର ଏକଚତୁର୍ଥାଂଶ ସ୍ୱତ୍ତ୍ୱାଧିକାରୀ ବୋଲି ଘୋଷଣା କରିଥିଲେ। ୨୦୦୭ରୁ ୨୦୧୫ ମଧ୍ୟରେ ପ୍ଲଟର ଏରିଆ ସମାନ ରହିଥିଲା। କିନ୍ତୁ ଏହାର ମାଲିକାନା ସ୍ୱତ୍ତ୍ୱ ବଦଳିଯାଇଥିଲା। ମୋଦି ପ୍ଲଟ ନଂ. ୪୧୧ର ପୂରା ମାଲିକ ଥିବାବେଳେ ୪୦୧/ଏର ଆଂଶିକ ସ୍ୱତ୍ତ୍ୱାଧିକାରୀ କିପରି ହେଲେ ବୋଲି ପବନ ପ୍ରଶ୍ନ କରିଛନ୍ତି। ପବନ ଆହୁରି କହିଛନ୍ତି, ଗୁଜରାଟ ରାଜସ୍ୱ ବିଭାଗର ଜମି ରେକର୍ଡରେ '୪୦୧/ଏ' ନାମରେ ଗାନ୍ଧୀନଗରର କୌଣସି ପ୍ଲଟ୍ ନାହିଁ। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୪ ସାଧାରଣ ନିର୍ବାଚନ ବେଳେ ସତ୍ୟପାଠରେ ନିଜକୁ ମୋଦିଙ୍କ ଭଳି ୪୦୧/ଏ ପ୍ଲଟ୍‌ର ଏକଚତୁର୍ଥାଂଶ ମାଲିକ ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ସାର୍ବଜନୀନ ତଥ୍ୟାନୁସାରେ ୪୦୧ ପ୍ଲଟର ସମ୍ପୂର୍ଣ୍ଣ ମାଲିକ ହେଉଛନ୍ତି ଜେଟ୍‌ଲୀ। ସେ ନିର୍ବାଚନ କମିଶନଙ୍କ ନିକଟରେ ପୂର୍ବରୁ ଦାଖଲ କରିଥିବା ସତ୍ୟପାଠ ଓ ୨୦୧୪ର ସତ୍ୟପାଠ ମଧ୍ୟରେ ତାଳମେଳ ଖାଉନାହିଁ। ୨୦୧୨ରେ ସୁପ୍ରିମକୋର୍ଟ ଗୁଜରାଟରେ ସରକାରୀ କର୍ମଚାରୀଙ୍କୁ ଆବଣ୍ଟିତ ଜମି ମାମଲାର ଶୁଣାଣି କରିବାବେଳେ ଭାଜପା ନେତା ତଥା ଓକିଲ ମୀନାକ୍ଷୀ ଲେଖି ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍ଷ ରଖିଥିଲେ। ଗୁଜରାଟ ସରକାର ୨୦୦୦ ମସିହାରୁ କୌଣସି ଏମ୍‌ପି/ବିଧାୟକଙ୍କୁ ନୂଆ ଜମି ଆବଣ୍ଟନ କରିନାହାନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ। ତେବେ ନରେନ୍ଦ୍ର ମୋଦି ଗାନ୍ଧୀନଗରରେ ଏହି ପ୍ଲଟ୍ କେଉଁଠୁ ପାଇଲେ ବୋଲି ପବନ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଭାଜପାର ଅଫିସିଆଲ୍ ଟୁଇଟର୍ ହ୍ୟାଣ୍ଡେଲରେ ଏହାକୁ ଖଣ୍ଡନ କରାଯାଇଛି। କଂଗ୍ରେସ ଦଳରେ ପ୍ରସଙ୍ଗର ଦେବାଳିଆପଣ ସୃଷ୍ଟି ହୋଇଛି ବୋଲି ଭାଜପା କହିଛି।

■ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ: ୧୩ ରାଜ୍ୟର ୯୭ ଆସନ

## ହାଇଭୋଲ୍‌ଟେଜ୍ ପ୍ରଚାର ଥମିଲା

**ନୂଆଦିଲ୍ଲୀ,୧୬।୪(ପି.ଟି.)**

ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ଚାଲିଥିବା ହାଇଭୋଲ୍‌ଟେଜ୍ ପ୍ରଚାର ମଙ୍ଗଳବାର ଶେଷ ହୋଇଛି। ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୭ ଆସନରେ ଭୋଟଗ୍ରହଣ କରାଯିବ। ସେହି ଆସନଗୁଡ଼ିକ ହେଲା ଆସାମର ୫, ବିହାର (୫), ଛତିଶଗଡ଼ (୩), ଜମ୍ମୁ ଓ କଶ୍ମୀର (୨), କର୍ଣ୍ଣାଟକ (୧୪), ମହାରାଷ୍ଟ୍ର (୧୦), ମଣିପୁର (୧), ଓଡ଼ିଶା (୫), ତାମିଲନାଡୁ (୩୯), ତ୍ରିପୁରା (୧), ୟୁପି (୮), ପଶ୍ଚିମବଙ୍ଗ (୩) ଏବଂ ପୁଡୁଚେରୀର ଗୋଟିଏ। ଏହାର ୪୮ ଘଣ୍ଟା ପୂର୍ବରୁ ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କେତେକ ଆସନରେ ଅପରାହ୍ଣ ୩ଟାରେ ପ୍ରଚାର ଶେଷ ହୋଇଥିବାବେଳେ ଆଉ କେତେକ ଆସନରେ ସନ୍ଧ୍ୟା ୬ଟା ଯାଏ ପ୍ରଚାର ଚାଲିଥିଲା। ତାମିଲନାଡୁର ମଦୁରାଇର ପ୍ରସିଦ୍ଧ ମୀନାକ୍ଷୀ ଅମ୍ମାନ୍ ମନ୍ଦିରରେ ଗୁରୁବାର ରଥଯାତ୍ରା ହେଉଥିବାରୁ ସେଠାରେ ରାତି ୮ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ଏଥିପାଇଁ ଏହି ଆସନରେ ମଙ୍ଗଳବାର ରାତି ୮ଟା ଯାଏ ନିର୍ବାଚନ ପ୍ରଚାର ପାଇଁ ଅନୁମତି ଦିଆଯାଇଥିଲା। ପ୍ରଚାର ଶେଷ ହେବା ପରଠୁ ମତଦାନ ପର୍ଯ୍ୟନ୍ତ ୪୮ ଘଣ୍ଟା ସମୟକୁ 'ନୀରବ ଅବଧି' କୁହାଯାଏ। ଏହି ସମୟରେ କୌଣସି ପ୍ରକାର ରାଜନୈତିକ ପ୍ରଚାରକୁ ନିର୍ବାଚନ କମିଶନ (ଇସି) ଅନୁମତି ଦେଇ ନ ଥାନ୍ତି। ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ମେ ୧୯ରେ ଅନ୍ତିମ ତଥା ସପ୍ତମ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଫଳାଫଳ ମେ ୨୩ରେ ଆସିବ।



ଥିରୁଭାନନ୍ତପୁରମ୍‌ର ଏକ ମନ୍ଦିରରେ ପୂଜାର୍ଚ୍ଚନା ବେଳେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସ୍ଥାନୀୟ କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କୁ ଭେଟୁଛନ୍ତି ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍।

# ରାଜନାଥଙ୍କ ବିରୋଧରେ ପୁନମ୍ ସିହ୍ନା

**ଲକ୍ଷ୍ନୌ,୧୬।୪(ପି.ଟି.)**

ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଲୋକ ସଭା ଆସନରେ ଏଥର ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ରୋଚକ ମୋଡରେ ପହଞ୍ଚିଛି। ଏହି ଆସନରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ଭାଜପା ପୁଣିଥରେ ପ୍ରାର୍ଥୀ କରିଥିବାବେଳେ ତାଙ୍କ ବିରୋଧରେ ଶତ୍ରୁଘ୍ନ ସିହ୍ନାଙ୍କ ସ୍ତ୍ରୀ ପୁନମ୍ ସିହ୍ନାଙ୍କୁ ମଇଦାନକୁ ଓହ୍ଲାଇବାକୁ ଯାଉଛି ସମାଜବାଦୀ ପାର୍ଟି (ଏସ୍‌ପି)।

ଭାଜପା ପ୍ରାର୍ଥୀ ରାଜନାଥ ସିଂ ମଙ୍ଗଳବାର ଏକ ରୋଡ୍ ଶୋ'ରେ ଯାଇ ଲକ୍ଷ୍ନୌ ଆସନ ପାଇଁ ଜିଲାପାଳ କୌଶଲରାଜ ଶର୍ମାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ବେଳେ ତାଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପମୁଖ୍ୟମନ୍ତ୍ରୀ ଦୀନେଶ ଶର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରୋଡ୍ ଶୋ' ପୂର୍ବରୁ ରାଜନାଥ ରାଜ୍ୟ ଭାଜପା ମୁଖ୍ୟାଳୟରେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରିଥିଲେ।

ଅନ୍ୟପକ୍ଷରେ ଗତ ୬ ତାରିଖରେ ଭାଜପା ଛାଡ଼ି କଂଗ୍ରେସରେ ସାମିଲ ହୋଇଥିଲେ ବିହାରର ପାଟନା ସାହିବ୍ ଏମ୍‌ପି ଶତ୍ରୁଘ୍ନ ସିହ୍ନା। ସେ କଂଗ୍ରେସରେ ଯୋଗଦେବା ମାତ୍ରେ ଦଳ ତାଙ୍କୁ ଉକ୍ତ ଆସନ ପାଇଁ ଟିକେଟ ଦେଲା। ମଙ୍ଗଳବାର ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ପୁନମ୍ ସିହ୍ନା ଏସ୍‌ପିରେ ଯୋଗଦେଇଛନ୍ତି। ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ତଥା କନୌଜ ଏମ୍‌ପି ଡିମ୍ପଲ ଯାଦବଙ୍କୁ ପୁନମ ଭେଟିବା ପରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲଡି ମେଣ୍ଟ ପକ୍ଷରୁ ତାଙ୍କୁ ରାଜନାଥଙ୍କ ବିରୋଧରେ ପ୍ରାର୍ଥୀ କରାଯାଇଛି। ଲକ୍ଷ୍ନୌ ଆସନରୁ ପୁନମ୍ ଗୁରୁବାର ନାମାଙ୍କନପତ୍ର ଦାଖଲ କରିବେ ବୋଲି ଏସ୍‌ପି ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିରୋଧୀ ମେଣ୍ଟର ଅନୁରୋଧ ରକ୍ଷାକରି ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ପାରେ।



ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ଏସ୍‌ପି ନେତା ଡିମ୍ପଲ ଯାଦବଙ୍କ ସହ ଅଭିନେତ୍ରୀ ପୁନମ୍ ସିହ୍ନା।

**ଲକ୍ଷ୍ନୌରେ ରୋଚକ ଲଢ଼େଇ**

■ ଦେବେଗୌଡ଼ାଙ୍କ ଭବିଷ୍ୟବାଣୀ

## ଏନ୍‌ଡିଏ କି ୟୁପିଏକୁ ମିଳିବନି ସଂଖ୍ୟାଗରିଷ୍ଠତା

**ନୂଆଦିଲ୍ଲୀ,୧୬।୪(ପି.ଟି.)**

ଏଥର କେନ୍ଦ୍ରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)କିମ୍ବା ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ସଂଖ୍ୟାଗରିଷ୍ଠତା ହାସଲ କରିପାରିବେ ନାହିଁ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ମମତା ବାନାର୍ଜୀ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଏକାଠି ହେବେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡ଼ା ଭବିଷ୍ୟବାଣୀ କରିଛନ୍ତି।

କର୍ଣ୍ଣାଟକର ଟୁମ୍‌କୁରୁ ଲୋକ ସଭା ଆସନରେ ନିର୍ବାଚନୀ ପ୍ରଚାର ବେଳେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମୁଖ୍ୟ ଦେବେଗୌଡ଼ା କହିଛନ୍ତି, ଚଳିତ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଫେରୁନାହାନ୍ତି। ଏନ୍‌ଡିଏ କିମ୍ବା ୟୁପିଏକୁ ସ୍ପଷ୍ଟ ଜନାଦେଶ ମିଳିବ ନାହିଁ। ନିର୍ବାଚନ ପରେ ସବୁ ବିରୋଧୀ ଦଳ ଏକାଠି ହେବେ। ମାୟାବତୀ କଂଗ୍ରେସ କିମ୍ବା ଭାଜପା ସହ ଯାଉନାହାନ୍ତି। ମମତା ମଧ୍ୟ ଏକ ବଡ଼ ନିଷ୍ପତ୍ତି ନେଉଛନ୍ତି। ଏଭଳି ସ୍ଥିତିରେ ଭୋଟ ସରିଲେ ସେମାନଙ୍କୁ ଏକାଠି କରାଯିବ। ଏହା ସମ୍ଭବ ହେଲେ ମେଣ୍ଟ ସଫଳ ହେବ।

**ଏକାଠି ହେବେ ମମତା, ମାୟାବତୀ**

■ ଯାତ୍ରୀଙ୍କୁ ମୋଦିଙ୍କ ଫଟୋ ଥିବା ଟିକେଟ ଦେଇ

## ୪ ରେଲୱେ ଅଧିକାରୀ ନିଲମ୍ବିତ

**ନୂଆଦିଲ୍ଲୀ,୧୬।୪(ପି.ଟି.)**

ଉତ୍ତରପ୍ରଦେଶର ବାରାବାଙ୍କି ରେଲୱେ ଷ୍ଟେଶନରେ ଯାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ଟିକେଟ ଦେବା ଅଭିଯୋଗରେ ୪ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଜଣେ ଚିଫ୍ ରିଜର୍ଭେଶନ୍ ସୁପରଭାଇଜର୍, ଜଣେ କମର୍ସିଆଲ୍ ଇନ୍ସପେକ୍ଟର ଓ ଦୁଇ ରିଜର୍ଭେଶନ୍ କ୍ଲର୍କଙ୍କୁ ଆଚରଣ ଆଦର୍ଶ ବିଧି ଉଲ୍ଲଂଘନ ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ମଙ୍ଗଳବାର ଲକ୍ଷ୍ନୌ ଡିଭିଜନାଲ ରେଲୱେ ମ୍ୟାନେଜର ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଟ୍ରେନ୍‌ରେ 'ମେ ଭି ଚୌକିଦାର' ସ୍ଲୋଗାନ ଲେଖାଥିବା କପ୍‌ରେ ଚା ପରିବେଷଣ କରାଯିବା ଅଭିଯୋଗ ଆସିଥିଲା। ଏହାକୁ ନେଇ ନିର୍ବାଚନ କମିଶନ ରେଲୱେକୁ ଭର୍ତ୍ସନା କରିଥିଲେ।

[ଇତିହାସର ଆଇନାରେ] **ଏପ୍ରିଲ ୧୭ର ପ୍ରମୁଖ ଘଟଣା**

**୧**୯୭୧ ଏପ୍ରିଲ ୧୭ରେ 'ଦି ପିପୁଲ୍ସ ରିପବ୍ଲିକ୍ ଅଫ୍ ବାଂଲାଦେଶ' ଗଠିତ ହୋଇଥିଲା। ଦକ୍ଷିଣ ଏସିଆର ଏକ ସାର୍ବଭୌମ ରାଷ୍ଟ୍ର ବାଂଲାଦେଶ। ଭାରତ ଓ ମ୍ୟାନ୍‌ମାର(ବର୍ମା) ସହିତ ଏହାର ସୀମାରେଖା ସଂଲଗ୍ନ। ଜନସଂଖ୍ୟାର ସାନ୍ଦ୍ରତାରେ ବାଂଲାଦେଶ ହେଉଛି ବିଶ୍ୱରେ ଅଷ୍ଟମ।

**୨**୦୦୬ ଏପ୍ରିଲ ୧୭ରେ ତେଲ ଆଭିଭ୍‌ର ଏକ ଭୋଜନାଳୟରେ ଜଣେ ପାଲେଷ୍ଟିନୀୟ ଆତ୍ମଘାତୀର ବୋମା ବିସ୍ଫୋରଣ ଯୋଗୁ ୧୧ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ଜଣ ଆହତ ହୋଇଥିଲେ। ପାଲେଷ୍ଟାଇନ୍‌ର ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ୍ ଜିହାଦ ଉକ୍ତ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା।

# ନ୍ୟୁୟର୍କ ଟାଇମ୍ସ, ୱାଲଷ୍ଟ୍ରିଟ୍ ଜର୍ନାଲକୁ ପୁଲିଜର ପୁରସ୍କାର

**ନ୍ୟୁୟର୍କ,୧୬।୪(ଏଏଫ୍‌ପି)**




ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପରିବାର ସମ୍ପର୍କରେ ପୃଥକ୍ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରସ୍ତୁତ କରିଥିବାରୁ 'ଦି ନ୍ୟୁୟର୍କ ଟାଇମ୍ସ' ଏବଂ 'ଦି ୱାଲ୍‌ଷ୍ଟ୍ରିଟ୍ ଜର୍ନାଲ'କୁ ମଙ୍ଗଳବାର ପୁଲିଜର ପୁରସ୍କାର ପ୍ରଦାନ କରାଯାଇଛି। ନ୍ୟୁୟର୍କ ଟାଇମ୍ସ ଟ୍ରମ୍ପଙ୍କ ପାରିବାରିକ ସମ୍ପତ୍ତିର ଅନୁସନ୍ଧାନମୂଳକ ରିପୋର୍ଟ ପ୍ରସ୍ତୁତ କରିଥିଲା। ଟ୍ରମ୍ପ୍ ନିଜ ଅର୍ଜିତ ସମ୍ପତ୍ତିରୁ ଯେଭଳି କର ଫାଙ୍କିଆସୁଥିଲେ ତାହା ପ୍ରହେଳିକା ସୃଷ୍ଟି କରିଥିଲା। ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟର ପର୍ଦ୍ଦାଫାଶ କରି ଉକ୍ତ ଖବରକାଗଜ ଏହି ସମ୍ମାନଜନକ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇଛି ବୋଲି କଲମ୍ବିଆ ୟୁନିଭର୍ସିଟିରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୁଲିଜର ପ୍ରାଇଜ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ୱାଲ୍‌ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିଲା ଟ୍ରମ୍ପ୍‌ଙ୍କ ଗୁପ୍ତ ପ୍ରେମକାହାଣୀ। ସେ ୨୦୧୬ରେ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ବେଳେ ଦୁଇଜଣ ମହିଳାଙ୍କ ସହିତ ପ୍ରେମସମ୍ପର୍କ ରଖିଥିଲେ। ଉକ୍ତ ଘଟଣା ଗୁପ୍ତ ରଖିବାକୁ ସେ ମହିଳାଙ୍କୁ ଅର୍ଥ ପ୍ରଦାନ କରିଥିବା ବିଷୟ ସେ ଦୁହେଁ ପ୍ରକାଶ କରିଥିଲେ।

ଦି ସାଉଥ୍ ଫ୍ଲୋରିଡା ସନ୍-ସେଣ୍ଟିନେଲ୍ ମଧ୍ୟ ପୁଲିଜର ପୁରସ୍କାର ଲାଭ କରିଛି। ୨୦୧୮ ଫେବୃୟାରୀରେ ମାର୍ଜରି ଷ୍ଟୋନମ୍ୟାନ୍ ଡଗଲାସ୍ ହାଇସ୍କୁଲ୍‌ରେ ଜଣେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିଚାଳନାରେ ୧୭ଜଣ ଛାତ୍ରୀଛାତ୍ର ଏବଂ ସ୍କୁଲ କର୍ମଚାରୀ ପ୍ରାଣ ହରାଇଥିଲେ। ଉକ୍ତ ଆକ୍ରମଣ ପୂର୍ବ ଏବଂ ପରବର୍ତ୍ତୀ ଘଟଣାବଳୀ ସମ୍ପର୍କରେ ରିପୋର୍ଟ ପ୍ରକାଶ କରି ଉକ୍ତ ପ୍ରକାଶନ ସଂସ୍ଥା ପୁଲିଜର ପୁରସ୍କାର ପାଇଛି। ଅନୁରୂପ ଆକ୍ରମଣ ସମ୍ପର୍କରେ ଖବର ପ୍ରକାଶ କରି ଦି ପିଟ୍‌ସବର୍ଗ ପୋଷ୍ଟ-ଗ୍ୟାଜେଟି ମଧ୍ୟ ସମ୍ମାନିତ ହୋଇଛି। ୨୦୧୮ ଅକ୍ଟୋବରରେ ପିଟ୍ସବର୍ଗ ସାଇନାଗଗ୍‌ଠାରେ ଜଣେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିଚାଳନାରେ ୧୧ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଆସୋସିଏଟେଡ ପ୍ରେସ ମଧ୍ୟ ୟେମେନ୍ ଯୁଦ୍ଧ ସମ୍ପର୍କିତ ରିପୋର୍ଟ ପ୍ରକାଶ କରି ପୁଲିଜର ପୁରସ୍କାର ବିଜୟୀ ହୋଇଛି। ମ୍ୟାନ୍‌ମାରସ୍ଥିତ ରୋହିଙ୍ଗ୍ୟା ମୁସଲମାନ ବିରୋଧୀ ଅତ୍ୟାଚାର ଖବର ପ୍ରକାଶ କରି ରଏଟର ପୁଲିଜର ସମ୍ମାନ ପାଇଛି।

ଅନ୍ୟାନ୍ୟ କାଟେଗୋରିରେ କଥା ସାହିତ୍ୟ ପାଇଁ 'ଦି ଓଭରଷ୍ଟୋରି' ଲେଖକ ରିଚାର୍ଡ ପାୱାର୍ସ ଏବଂ ଡ୍ରାମା ପାଇଁ 'ଫେୟାରଭିଉ'ର ଲେଖକ ଜ୍ୟାକି ସିବ୍‌ଲିଜଙ୍କୁ ପୁଲିଜର ପୁରସ୍କାର ପ୍ରଦାନ କରାଯାଇଛି। ସଂଗୀତ କ୍ଷେତ୍ରକୁ ବିଶେଷ ଅବଦାନ ପାଇଁ କିମ୍ବଦନ୍ତୀ କଳାକାର ଆରେଠା ଫ୍ରାଙ୍କଲିନ୍ ଏବଂ ମେରିଲାଣ୍ଡ ଅନ୍ତର୍ଗତ ଆନାପୋଲିର କ୍ୟାପିଟାଲ୍ ଗ୍ୟାଜେଟ ନ୍ୟୁଜପେପରକୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଛି। ୨୦୧୮ ଜୁନ୍‌ରେ ଜଣେ ବନ୍ଧୁକଧାରୀଙ୍କ ଆକ୍ରମଣରେ ଉକ୍ତ ଖବରକାଗଜ ସଂସ୍ଥାର ୫ କର୍ମଚାରୀ ପ୍ରାଣ ହରାଇଥିଲେ।

## ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଅଭିଜ୍ଞ-ନବାଗତ ଲଢ଼େଇ

# ମତଦାନ ଉପରେ ପ୍ରଭାବ ପକାଇପାରେ ସ୍ଥାନୀୟ ସମସ୍ୟା

**ହେମନ୍ତ ନାୟକ**
**ପୁରୀ ଅଫିସ,୧୬।୪**

ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକରେ ଆସନ୍ତା ୨୩ ତାରିଖରେ ମତଦାନ ହେବ। ଆଉ ଅଳ୍ପଦିନ ମଧ୍ୟରେ କିଭଳି ଭୋଟରଙ୍କୁ ଆକୃଷ୍ଟ କରିହେବ ସେ ନେଇ ବିଭିନ୍ନ ଦଳୀୟ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ଯୋଜନାବଦ୍ଧ ଭାବେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। କିଏ ଘରକୁ ଘର ବୁଲୁଛନ୍ତି ତ କେହି ରୋଡ୍ ଶୋ, ସଭା କରୁଛନ୍ତି। ଏଥର ବିଜେଡି ମହେଶ୍ୱର ମହାନ୍ତିଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି ଜୟନ୍ତ କୁମାର ଷଡ଼ଙ୍ଗୀ। ସେହିପରି କଂଗ୍ରେସରୁ ଇଂ. ଅରୋପ୍ରସାଦ ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ହେଲେ ପ୍ରାର୍ଥୀ ଘୋଷଣା ପରେ ପ୍ରମୁଖ ତିନିଦଳରେ କନ୍ଦଳ ଓ ଦଳ ଡିଆଁ ଦେଖିବାକୁ ମିଳିଥିଲା। ଗୋଟିଏ ଦଳ ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ନେତା ନିଜ ସମର୍ଥକମାନଙ୍କ ସହ ବିରୋଧୀ ଶିବିରରେ ରହିଛନ୍ତି। ଏଭଳି ରୋଚକ ସ୍ଥିତିରେ ଏଥର ଅଭିଜ୍ଞ ଏବଂ ନବାଗତ ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଛି ଲଢ଼େଇ। ଦଳୀୟ ପ୍ରାର୍ଥୀମାନେ ବିଭିନ୍ନ ପ୍ରସଙ୍ଗ ଉଠାଇ ଲୋକଙ୍କୁ ଭେଟୁଛନ୍ତି। କିନ୍ତୁ ଏଥର କେତେକ ସ୍ଥାନୀୟ ସମସ୍ୟା ମତଦାନ ଉପରେ ପ୍ରଭାବ ପକାଇପାରେ ବୋଲି ଭୋଟର କହୁଛନ୍ତି।


ମହେଶ୍ୱର ମହାନ୍ତି


ଜୟନ୍ତ କୁମାର ଷଡ଼ଙ୍ଗୀ


ଅରୋପ୍ରସାଦ ମିଶ୍ର

ପ୍ରମୁଖ ଦଳର ପ୍ରାର୍ଥୀମାନଙ୍କୁ ଦେଖିଲେ ମହେଶ୍ୱର ବେଶ୍ ଅଭିଜ୍ଞ। ସେ ଲଗାତର ୫ ଥର ଜିତିଛନ୍ତି। ହେଲେ ତାଙ୍କୁ ଦଳ ଭିତରୁ ବିରୋଧର ସାମ୍ନା କରିବାକୁ ପଡ଼ିଥିଲା। ଚଳିତବର୍ଷ ବିଜୁ ଜୟନ୍ତୀ ପାଳନ ବେଳେ ପୁରୀ ବିଜେଡିର ଦୁଇଗୋଷ୍ଠୀ ସମାନ୍ତରାଳ ଭାବେ ସିଂହଦ୍ୱାରରେ ଦୀପଦାନ କରିଥିଲେ। ଟିକେଟ ପାଇଁ ମଧ୍ୟ କେତେଜଣ ମହେଶ୍ୱରଙ୍କୁ ଖୋଲାଖୋଲି ବିରୋଧ କରିବା ସହ ଆଶାୟୀ ଥିଲେ। କିନ୍ତୁ ଶେଷରେ ମହେଶ୍ୱରଙ୍କ ଉପରେ ବିଜେଡି ସଭାପତି ଭରସା କରିଥିଲେ। ଫଳରେ ବିରୋଧ କରୁଥିବା ଗୋଷ୍ଠୀଙ୍କୁ ନିରାଶ ହେବାକୁ ପଡିଥିଲା। ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ ଷଡ଼ଙ୍ଗୀ ସମର୍ଥକଙ୍କ ସହ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଦଳରେ କନ୍ଦଳ ଓ ନିର୍ବାଚନୀ ପ୍ରସଙ୍ଗ ନେଇ ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର କହିଛନ୍ତି ଯେ, ପୁରୀ ସହରରେ କେବଳ ପର୍ଯ୍ୟଟନ ଶିଳ୍ପ ହିଁ ସମ୍ବଳ। ଏହା ଯେତେ ସମୃଦ୍ଧ ହେବ ରାଜ୍ୟ ଅର୍ଥନୀତି ସେତେ ସୁଦୃଢ଼ ହେବ। ଏହା ହିଁ ବିଜେଡିର ପ୍ରମୁଖ ପ୍ରସଙ୍ଗ। କୌଣସି ଦଳୀୟ କନ୍ଦଳ ନାହିଁ, ଯିଏ କନ୍ଦଳ ସୃଷ୍ଟି କରୁଥିଲେ ସେ ଏବେ ଭାଜପାରେ ଅଛନ୍ତି ବୋଲି ମହାପାତ୍ର କହିଛନ୍ତି।

ବିଜେଡି କନ୍ଦଳର ଫାଇଦା ନେବା ଓ ମହେଶ୍ୱରଙ୍କୁ କଡ଼ା ଟକ୍କର ଦେବା ପାଇଁ ନବାଗତ ଜୟନ୍ତଙ୍କୁ ପ୍ରାର୍ଥୀ କରିଛି ଭାଜପା। ଯଦିଓ ଜୟନ୍ତ ପୌରସଂସ୍ଥା ନିର୍ବାଚନ ଲଢ଼ିଛନ୍ତି କିନ୍ତୁ ବିଧାନସଭା ଆସନ ଲାଗି ସେ ସମ୍ପୂର୍ଣ୍ଣ ନୂଆ। ଏଭଳି ସ୍ଥିତିରେ ତାଙ୍କୁ ଭାଜପାର ଏକ ଗୋଷ୍ଠୀ ଖୋଲା ବିରୋଧ କରିଥିଲା। କାରଣ ପୁରୀରୁ ଭାଜପା ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗତଥରର ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା। ଜୟନ୍ତ ଭାଜପା ପ୍ରାର୍ଥୀ ହେବା ପରେ କୃଷ୍ଣଚନ୍ଦ୍ର ନିଜ ସମର୍ଥକଙ୍କ ସହ ଭାଜପା ଛାଡି ବିଜେଡିରେ ମିଶିଛନ୍ତି। ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଆମ ଦଳରେ ଆଦୌ କନ୍ଦଳ ନାହିଁ। ବିଧାୟକ ପ୍ରାର୍ଥୀ ଘୋଷଣା ପୂର୍ବରୁ ଯଦିଓ ମତାନ୍ତର ଥିଲା ତାହାର ଏବେ ସମାଧାନ ହୋଇଯାଇଛି। କାରଣ ଯିଏ ଆଶାୟୀ ଥିଲେ ସେ ଏବେ ଭାଜପାରେ ନାହାନ୍ତି। ବର୍ତ୍ତମାନ ଲୋକ ସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଦଳର ସମସ୍ତେ ଏକ ମନରେ ଲାଗି ପଡିଛନ୍ତି। ଏଥର ନିଶ୍ଚିତ ପୁରୀରେ ଭାଜପାର ବିଜୟ ହେବ। ଭାଜପା ପ୍ରାର୍ଥୀ ଜୟନ୍ତ କହିଛନ୍ତି, ୧୯ ବର୍ଷ ଧରି ଲୋକେ ଆଞ୍ଚଳିକ ଦଳକୁ ଦେଖିଲେ। ଏବେ ଜାତୀୟ ଦଳ ଭାଜପାକୁ ଭୋଟର ଚାହୁଁଛନ୍ତି। ନିଶ୍ଚିତ ଏଥର ପୁରୀରେ ପରିବର୍ତ୍ତନ ହେବ। ରାଜ୍ୟରେ ଏବଂ କେନ୍ଦ୍ରରେ ଭାଜପା ସରକାର ଗଢିବ।

କଂଗ୍ରେସରେ ମଧ୍ୟ ଦେଖିବାକୁ ମିଳିଥିଲା ଟିକେଟ କଳି। ଏକାଧିକ ଆଶାୟୀ ନିର୍ବାଚନ ଲଢିବେ ବୋଲି ଆଶା ବାନ୍ଧିଥିଲେ। ଶେଷରେ ଅରୋପ୍ରସାଦଙ୍କୁ ମିଳିଥିଲା ଟିକେଟ। ଏହା ପରଠାରୁ ପୁରୀ କଂଗ୍ରେସରେ ଅସନ୍ତୋଷ ଦେଖା ଦେଇଥିଲା। ଏପରି କି ପ୍ରାର୍ଥୀ ପରିବର୍ତ୍ତନର ନାରା ଦେଇ ରାସ୍ତାରେ କୁଶପୁତ୍ତଳିକା ଦାହ କରାଯାଇଥିଲା। ନାମାଙ୍କନ ଦାଖଲର ପୂର୍ବରାତି ପର୍ଯ୍ୟନ୍ତ ଦଳରେ ଏଭଳି ଅସ୍ଥିରତା ଲାଗିରହିଥିଲା। କିନ୍ତୁ ଟିକେଟକୁ ନେଇ ଅସନ୍ତୁଷ୍ଟ ଥିବା ଜିଲା ନେତୃତ୍ୱଙ୍କୁ ମନାଇବାରେ ଅରୋପ୍ରସାଦ ସଫଳ ହୋଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଅରୋପ୍ରସାଦ କହିଛନ୍ତି, କଂଗ୍ରେସର କେତେଜଣ ଲୋକ ଭିତିରିଆ ବିଜେଡି ସହିତ ସମ୍ପର୍କରେ ରହିଥିଲେ। ସେମାନେ ବିଜେଡି ନେତୃତ୍ୱଙ୍କଠାରୁ ଟଙ୍କା ଆଣି କଂଗ୍ରେସ ବିରୋଧରେ କାମ କରୁଥିଲେ। ପ୍ରତି ନିର୍ବାଚନରେ ଏଭଳି ଦଳବିରୋଧୀ କାମ କରୁଥିଲେ। ଏଥର ମଧ୍ୟ ସେହିଭଳି ମନ୍ଦ ଉଦ୍ଦେଶ୍ୟ ରଖିଥିଲେ। ସେମାନଙ୍କ ଅସଲ ମୁଖା ଖୋଲିଯିବାରୁ ଦଳ ଛାଡ଼ି ବିଜେଡିରେ ମିଶିଛନ୍ତି। ଏବେ ପୁରୀ କଂଗ୍ରେସରେ କୌଣସି କନ୍ଦଳ ନାହିଁ। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ଦୀର୍ଘବର୍ଷ ଧରି କ୍ଷମତାରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ମଧ୍ୟ ପୁରୀ ପୌରସଂସ୍ଥାର ନଗରପାଳ ରହିଥିଲେ। ଉଭୟେ ପୁରୀ ସହର ପାଇଁ କ'ଣ କାମ କରିଛନ୍ତି ତାହା ସହରବାସୀ ଭଲ ଭାବେ ଜାଣନ୍ତି। କେନ୍ଦ୍ରରେ ମୋଦି ସରକାର ହୁଅନ୍ତୁ କି ଓଡ଼ିଶାରେ ବିଜେଡି ସରକାର, ସେମାନେ ତୃଣମୂଳସ୍ତରର ଲୋକଙ୍କ ପାଇଁ ସେମିତି କୌଣସି ଯୋଜନା କରୁନାହାନ୍ତି। କଂଗ୍ରେସ ସରକାର ଚାଷୀ ଏବଂ ଚାଷର ବିକାଶ ଚିନ୍ତା କରୁଛି ବୋଲି ଅରୋପ୍ରସାଦ କହିଛନ୍ତି।

ଅନ୍ୟପକ୍ଷରେ ଭୋଟରମାନେ କେତେକ ପ୍ରସଙ୍ଗ ଉଠାଉଛନ୍ତି। ଭୋଟର ସରୋଜ କୁମାର ବେହେରା କହିଛନ୍ତି, ପୁରୀ-କୋଣାର୍କ ରାସ୍ତା ସିଦ୍ଧମହାବୀର ଲେଭଲ କ୍ରସିଂଠାରେ ରେଳ ଓଭରବ୍ରିଜ୍ ନିର୍ମାଣ ପୁରୀବାସୀଙ୍କ ଦୀର୍ଘଦିନର ଏକ ଦାବି। ହେଲେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଏ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି। ଗୋଟିଏ ଟ୍ରେନ୍ ପାସ୍ କରିବା ପାଇଁ ଯେତିକି ସମୟ ଫାଟକ ପଡୁଛି ସେହି ସମୟ ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡି ଜାମ୍ ହୋଇଯାଉଛି। ଫାଟକ ଉଠିବା ପରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡୁଛି। ତେଣୁ ଏହି ପ୍ରସଙ୍ଗ ଏଥର ମତଦାନକୁ ପ୍ରଭାବିତ କରିବ। ଅନ୍ୟ ଜଣେ ଭୋଟର ଶ୍ୟାମପ୍ରକାଶ ସେନାପତି କୁହନ୍ତି, ପୁରୀ ସହରର ଏକ ପ୍ରମୁଖ ସମସ୍ୟା ହେଉଛି ଡ୍ରେନେଜ ବ୍ୟବସ୍ଥା। ବର୍ଷା ହେଲେ ଜଳ ନିଷ୍କାସନ ଠିକ୍ ଭାବେ ହୋଇ ନ ଥାଏ। ବଡ଼ଦାଣ୍ଡ ସମେତ ବିଭିନ୍ନ ସାହି, ଗଳିରେ ସ୍ଥିତି ସଙ୍ଗିନ ହୋଇପଡେ। ତେଣୁ ଏହାକୁ ଏକ ପ୍ରସଙ୍ଗ ଭାବି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ସେ ଭାବୁଛନ୍ତି।

# ୧୮ରେ ୨ ବୁଥ୍‌ରେ ସାନି ମତଦାନ

## ମାଲକାନଗିରି ଏମ୍.ପି.ଭି. ୬୫ର ୨୫୪ନଂ ବୁଥ୍ ଓ ବ୍ରହ୍ମପୁର ସିଟି ହାଇସ୍କୁଲ ୬୩ନଂ ବୁଥ୍

**ମାଲକାନଗିରି,(ସ୍ୱ.ପ୍ର.)/ବ୍ରହ୍ମପୁର ଅଫିସ, ୧୬।୪**

ମାଲକାନଗିରି ଜିଲାର ମାଲକାନଗିରି ନିର୍ବାଚନ ମଣ୍ଡଳୀର ୨୫୪ନଂ ବୁଥରେ ସାନି ମତଦାନ ପାଇଁ କେନ୍ଦ୍ର ନିର୍ବାଚନ ଆୟୋଗ ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏହି ବୁଥ୍ ରେ ଉଭୟ ନବରଙ୍ଗପୁର ଲୋକସଭା ଏବଂ ମାଲକାନଗିରି ବିଧାନସଭା ପାଇଁ ମତଦାନ ହେବ। ଏସମ୍ପର୍କରେ ମଙ୍ଗଳବାର ମାଲକାନଗିରି ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ୧୮ ତାରିଖ ସାନି ମତଦାନ ଘୋଷଣା ପରେ ଏହି ବୁଥ୍‌ର ଭୋଟରମାନଙ୍କୁ ନିଜ ସପକ୍ଷରେ ନେବା ପାଇଁ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ନେତା ଓ କର୍ମୀମାନେ ଏମ୍.ପି.ଭି.- ୬୫ ଗ୍ରାମରେ ଭିଡ଼ ଜମାଇଛନ୍ତି। ପ୍ରଚାର ନ ହେଲେ ମଧ୍ୟ ବିଭିନ୍ନ ମାଧ୍ୟମରେ ଭୋଟରମାନଙ୍କ ସହ ଯୋଗାଯୋଗ କରିବା ପାଇଁ ଦଳୀୟ ପ୍ରାର୍ଥୀମାନେ ସେମାନଙ୍କ ଉଦ୍ୟମ ଜାରି ରଖିଛନ୍ତି। ଗତ ୧୧ ତାରିଖରେ ଏମ୍.ପି.ଭି.-୬୫ ଗ୍ରାମର ୨୫୪ନଂ ବୁଥ୍‌ରେ ମତଦାନ ହୋଇଥିଲା। ମତଦାନ ପରେ ପ୍ରିଜାଇଡିଂ ଅଫିସର ଇଭିଏମ୍ ଟ୍ୟାମ୍ପରିଂ କରୁଥିବା କେତେକ ବ୍ୟକ୍ତି ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହା ଜାଣିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେଠାରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ସମ୍ପୃକ୍ତ ବୁଥ୍‌ର ପୋଲିଂ ଅଧିକାରୀ ଓ କର୍ମଚାରୀଙ୍କୁ ଗ୍ରାମବାସୀ ମାଡ ମାରି ତାଲା ପକାଇ ଦେଇ ଅଟକ ରଖିଥିଲେ। ତଦନ୍ତ ରିପୋର୍ଟକୁ ଆଧାର କରି ଜିଲା ନିର୍ବାଚନ ଅଧିକାରୀ ଅଗ୍ରୱାଲ କେନ୍ଦ୍ର ନିର୍ବାଚନ ଆୟୋଗଙ୍କୁ ୨୫୪ନଂ ବୁଥରେ ପୁନଃ ମତଦାନ କରିବା ପାଇଁ ସୁପାରିଶ କରିଥିଲେ।

ସେହିପରି ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ତଥା ବ୍ରହ୍ମପୁର ସହରର ୬୩ନମ୍ବର ବୁଥ୍‌ରେ ପୁଣିଥରେ ଭୋଟ୍‌ଗ୍ରହଣ କରାଯିବ। ମଙ୍ଗଳବାର ଏ ନେଇ ନିର୍ବାଚନ କମିଶନ୍‌ଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଭୟ ବ୍ରହ୍ମପୁର ଲୋକସଭା ଏବଂ ବ୍ରହ୍ମପୁର ବିଧାନସଭା ପାଇଁ ମତଦାନ ହେବ। ୧୧ରେ ମତଦାନ ବେଳେ ୬୩ନଂ ବୁଥ୍‌ରେ ମୋଟ ୬୧୧ଜଣ ଭୋଟର୍ ପଞ୍ଜୀକରଣ କରିଥିବା ବେଳେ ୬୩୨ଖଣ୍ଡ ଭୋଟ୍ ପଡ଼ିଥିଲା। ଏହାକୁ ନେଇ ସନ୍ଦେହ ସୃଷ୍ଟି ହେବାରୁ ବ୍ରହ୍ମପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଦିଗନ୍ତ ରାଉତରାୟ ନିର୍ବାଚନ କମିଶନ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ପୁନଃ ମତଦାନ ପାଇଁ ନିର୍ବାଚନ କମିଶନ୍, ଭାରତଙ୍କ ତରଫରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପଟେ ରିଟର୍ନିଂ ଅଫିସରଙ୍କ ତରଫରୁ ମଧ୍ୟ ମଙ୍ଗଳବାର ସର୍ବସାଧାରଣ ନୋଟିସ୍ ପ୍ରକାଶ ପାଇଛି। ୧୮ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାନି ମତଦାନ କରାଯିବ। ସିଟି ହାଇସ୍କୁଲ୍‌ରେ ଏହି ବୁଥ୍ ରହିଛି। ସମସ୍ତ ଭୋଟର୍ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଉପଜିଲାପାଳ ତଥା ରିଟର୍ନିଂ ଅଫିସର୍ ରାଉତରାୟ ଅନୁରୋଧ କରିଛନ୍ତି।

# ବିନିକା ଏନଏସିରେ ପଦ୍ମନାଭ, ମେଘନାଙ୍କ ନିର୍ବାଚନୀ ପ୍ରଚାର

**ବିନିକା, ୧୬।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସିରେ ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ସୋମବାର ଜୋରଦାର ପ୍ରଚାର କରିଥିଲେ। ଏନଏସିର ୯ନମ୍ବର ୱାର୍ଡ ପାଲିପଡାଠାରୁ ଆରମ୍ଭ ହୋଇଥିବା ପ୍ରଚାର ୧୨ନଂ ୱାର୍ଡ ଭ୍ରମରପାଲିଠାରେ ଶେଷ ହୋଇଥିଲା। ପଦ୍ମନାଭଙ୍କ ସହିତ ପ୍ରଚାରରେ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀଙ୍କ ସ୍ତ୍ରୀ ମେଘନା ସଂଦେଓ ସାମିଲ ହୋଇଥିଲେ। ପ୍ରଚାର ସମୟରେ ପଦ୍ମନାଭ ଓ ମେଘନା ରାଜ୍ୟର ବିଜେଡି ସରକାର ଦ୍ୱାରା ପରିଚାଳିତ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଏହି ଧାରାକୁ ଆଗକୁ ନେବା ପାଇଁ ଆଗାମୀ ନିର୍ବାଚନରେ ଉଭୟ ବିଜେଡି ବିଧାୟକ ଓ ଏମପି ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ଏହି ପ୍ରଚାରରେ ବିନିକା ଏନଏସି ବିଜେଡି ସଭାପତି ସୋମନାଥ ମିଶ୍ର, ସୁଧାଂଶୁ ଶେଖର ଦାଶ, ମନୋରଞ୍ଜନ ମିଶ୍ର, ହଳାୟୁଧ ମିଶ୍ର, ପୀତବାସ ମେହେର, ଦୀନ ମେହେର, କୃଷ୍ଣଚନ୍ଦ୍ର ଦାଶ, ପ୍ରଦୀପ ବାଘ, ଶେଖର ଶର୍ମା ପ୍ରମୁଖ ସାମିଲ ହୋଇଥିଲେ ।



# ବିଜେପୁରର ବିକାଶ ମୋର ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

**ବରପାଲି/ବିଜେପୁର/ଗାଇସିଲେଟ୍,୧୬।୪(ଡି.ଏନ୍.ଏ.)**

ଉପନିର୍ବାଚନବେଳେ ବିଜେପୁର ଆସିଥିଲି। ସେତେବେଳେ ଅଞ୍ଚଳବାସୀଙ୍କ ସ୍ନେହ, ଆଦର ବହୁତ ଭଲ ଲାଗିଥିଲା। ନିକଟରେ ଏହି ଅଞ୍ଚଳର ବହୁଲୋକ ଭୁବନେଶ୍ୱର ଯାଇ ମୋତେ ଭେଟିଥିଲେ। ଏପରି କି ବିଜେପୁର ନିର୍ବାଚନ ମଣ୍ଡଳୀରୁ ଲଢ଼ିବା ପାଇଁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧ ରକ୍ଷା କରି ମୁଁ ବିଜେପୁରରୁ ଦଳୀୟ ବିଧାନସଭା ପ୍ରାର୍ଥୀ ହୋଇଛି। ଏଣୁ ବିଜେପୁରର ବିକାଶ ହିଁ ମୋର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ନିର୍ବାଚନୀ ପ୍ରଚାର ଶେଷ ଦିବସରେ ବରଗଡ଼ ଜିଲା ବିଜେପୁର ନିର୍ବାଚନମଣ୍ଡଳୀକୁ ଆସି ମୁଖ୍ୟମନ୍ତ୍ରୀ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପବିତ୍ର ଭୂମିକୁ ପ୍ରଥମେ ପ୍ରଣାମ ଜଣାଇଥିଲେ। ଏହାପରେ ବରପାଲି, ବିଜେପୁର ଓ ଗାଇସିଲେଟ୍‌ରେ ଆୟୋଜିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ସଫଳତା କଥା କହିଥିଲେ। କେନ୍ଦ୍ରର ଭାଜପା ସରକାର କାଳିଆ ଯୋଜନାକୁ ବନ୍ଦ କରିବାକୁ ଚକ୍ରାନ୍ତ ଚଲାଇ ଥିବାବେଳେ ସେ ଥିବା ପର୍ଯ୍ୟନ୍ତ ସେହି ଯୋଜନାକୁ କେହି ବନ୍ଦ କରି ପାରିବେ ନାହିଁ। ବିଜେଡି ସରକାର ଆସିବାର ପ୍ରଥମ ଦିନ ହିଁ ବାକି ସବୁଚାଷୀଙ୍କୁ ୨ଟି କିସ୍ତିର ୧୦ହଜାର ଟଙ୍କା ମିଳିବ ବୋଲି କହିଥିଲେ। ଏହା ସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦୁଇଗୁଣା କରିବାରେ ଭାଜପା ସରକାର ବିଫଳ ହେବା, କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ପାଇଁ ଦାବି ଉପସ୍ଥାପିତ ହେବା ସତ୍ତ୍ୱେ ସେଥିପ୍ରତି ନୀରବ ରହିବା, ତାଙ୍କ ଦାବି ପରେ ବୁଣାକାରଙ୍କ ଉପରୁ ଜିଏସଟି ହ୍ରାସ ପାଇଥିବା ଆଦି ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ବିଜେପୁର ବିଧାନସଭା ଆସନରୁ ତାଙ୍କୁ ଏବଂ ବରଗଡ଼ ଲୋକ ସଭା ଆସନରୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ବରପାଲିରେ ବଡ଼ଗାଁ ପଡ଼ିଆରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ପ୍ରାର୍ଥୀ ପ୍ରସନ୍ନଙ୍କ ସମେତ ସ୍ଥାନୀୟ ବିଧାୟିକା ରୀତା ସାହୁ, ଏମ୍‌ପି ଡ. ପ୍ରଭାସ ସିଂ, ଭୂପିନ୍ଦର ସିଂ, ପ୍ରମିଳା ବହିଦାର, ଜ୍ୟୋତି ପାଣିଗ୍ରାହୀ, ଗୌରହରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜେପୁର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ ନିର୍ବାଚନୀ ସଭାରେ ମନ୍ତ୍ରୀ ସୁଶାନ୍ତ ସିଂ, ଜାନକୀ ମହାପାତ୍ର, ଗତିକୃଷ୍ଣ ମିଶ୍ର, ଦେବାନନ୍ଦ ଗଡ଼ତିଆ, ସୁରୁ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ, ରଙ୍ଗିଣୀ ମାହାଣା, ଭୀଷ୍ମଦେବ ସରାଫ, ଲଳିତ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଗାଇସିଲେଟରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ସାହୁ, ପ୍ରଣୟ ସାହୁ, କୀର୍ତ୍ତନ ଦାଶ, କିଶୋର ଦେବତା ପ୍ରମୁଖ ଯୋଗ ଦେଇଥିଲେ।


ବିଜେପୁର ନିର୍ବାଚନୀ ସଭାରେ ଉପସ୍ଥିତ ଜନସାଧାରଣ।

# ଭାଜପାରୁ ୧୫ ନେତା ବହିଷ୍କୃତ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପାରୁ ୧୫ଜଣ ନେତାଙ୍କୁ ମଙ୍ଗଳବାର ବହିଷ୍କୃତ ହୋଇଛନ୍ତି। ରାଜ୍ୟସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ସେମାନଙ୍କୁ ବହିଷ୍କାର କରାଯାଇଥିବା ଜଣା ପଡ଼ିଛି। ସେମାନେ ହେଲେ ଭୁବନେଶ୍ୱର ଉତ୍ତର ବିଧାନସଭା କ୍ଷେତ୍ରରୁ ଯୁଗାଂଶୁ ଶେଖର ପଣ୍ଡା, ଭୁବନେଶ୍ୱର ଏକାମ୍ର ବିଧାନସଭା କ୍ଷେତ୍ରରୁ ଭୀଷ୍ମ ନାରାୟଣ ନାୟକ, ବୋଲଗଡ-ବେଗୁନିଆ ବିଧାନସଭା କ୍ଷେତ୍ରରୁ ରୁଦ୍ର ନାରାୟଣ ବାହିନୀପତି, ରେଢାଖୋଲ ବିଧାନସଭା କ୍ଷେତ୍ରରୁ ସମର ପ୍ରଧାନ, ଚମ୍ପୁଆ ବିଧାନସଭା କ୍ଷେତ୍ରରୁ ଶ୍ରୀମନ୍ତ କୁମାର ତ୍ରିପାଠୀ, କରଞ୍ଜିଆ ବିଧାନସଭା କ୍ଷେତ୍ରରୁ ସମାଇ ଚରଣ ପୂର୍ତ୍ତି, ବାରବାଟୀ-କଟକ ବିଧାନସଭା କ୍ଷେତ୍ରରୁ ହେମନ୍ତ କୁମାର ବେହେରା, ବାଙ୍ଗିରୀପୋଷୀ ବିଧାନସଭା କ୍ଷେତ୍ରରୁ ଜିତେନ୍ଦ୍ର ପାତ୍ର, କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରୁ ଉର୍ମିଳା ସେଠୀ, ରାଜନଗର ବିଧାନସଭା କ୍ଷେତ୍ରରୁ ଅଜୟ କୁମାର ବେହେରା, ଯାଜପୁର ବିଧାନସଭା କ୍ଷେତ୍ରରୁ ପ୍ରଦୀପ କୁମାର ବେହୁରିଆ, ବସ୍ତା ବିଧାନସଭା କ୍ଷେତ୍ରରୁ ଅଜୟ କୁମାର ନାୟକ ଏବଂ ସଚିନ୍ଦ୍ର ଦାସ, ପାଟଣା ବିଧାନସଭା କ୍ଷେତ୍ରରୁ ଅଖିଳ ଚନ୍ଦ୍ର ନାୟକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଥିବା ଭାଜପାର ମୁଖପାତ୍ର ଗୋଲକ ନାଏକ ଏକ ପ୍ରେସ ବିବୃତି ଜରିଆରେ ସୂଚନା ଦେଇଛନ୍ତି।

## ୨ୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ସରିଲା

# କନ୍ଧମାଳ ଲୋକ ସଭା ଆସନକୁ ନେଇ ଉତ୍କଣ୍ଠା

**ଚିଦାନନ୍ଦ ଜେନା/ରାକେଶ ରାଉତ**
**ଫୁଲବାଣୀ ଅଫିସ, ୧୬।୪**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। କନ୍ଧମାଳ ଲୋକ ସଭା ଏବଂ ଏହା ଅଧୀନ ସମସ୍ତ ବିଧାନସଭା କ୍ଷେତ୍ରରେ ଗୁରୁବାର ଭୋଟ ଗ୍ରହଣ କରାଯିବ। ଲୋକ ସଭା ମଇଦାନରେ ଏକାଧିକ ଦଳର ପ୍ରତିନିଧିତ୍ୱ ଥିଲେ ମଧ୍ୟ ମୁଖ୍ୟ ପ୍ରତିଯୋଗିତା ବିଜେଡି-ଭାଜପା ମଧ୍ୟରେ ହେଉଥିବା ଦେଖିବାକୁ ମିଳୁଛି। ବିଜେଡିରୁ ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ପରେ ଚଳିତ ସାଧାରଣ ନିର୍ବାଚନରେ ବିଧାନସଭା ପ୍ରାର୍ଥୀଙ୍କ ଅପେକ୍ଷା ଏମ୍‌ପି ପ୍ରାର୍ଥୀଙ୍କୁ ନେଇ ଏଠାରେ ଭୋଟରଙ୍କ ମଧ୍ୟରେ ଅଧିକ ଉତ୍କଣ୍ଠା ରହିଥିବା କୁହାଯାଉଛି। ଏମିତି କି ଏମ୍‌ପି ପ୍ରାର୍ଥୀଙ୍କ ଲୋକପ୍ରିୟତା ଏବଂ ଗ୍ରହଣୀୟତା ହିଁ ବିଧାୟକ ପ୍ରାର୍ଥୀଙ୍କ ଜିତିବା, ହାରିବାକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି।

ପୂର୍ବରୁ ଏହି ଆସନରୁ ବିଜେଡିର ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଜିତିଥିଲେ। ଦଳ ଟିକେଟ ନ ଦେବାରୁ ଏବେ ସେ ଭାଜପାରେ ଯୋଗ ଦେଇଛନ୍ତି। ତେବେ କନ୍ଧମାଳ ଲୋକ ସଭା କ୍ଷେତ୍ରରେ ରାଜେଶ୍ୱରୀଙ୍କୁ ଏତେଟା ପ୍ରଚାର କରୁଥିବା ଦେଖିବାକୁ ମିଳୁନାହିଁ। ରାଜେଶ୍ୱରୀଙ୍କ ସ୍ୱାମୀ ହେମେନ୍ଦ୍ର ସିଂ ୨୦୧୪ରେ କନ୍ଧମାଳ ଆସନରୁ ଏମ୍‌ପି ଭାବେ ବିଜୟୀ ହୋଇଥିଲେ। ତେବେ ତାଙ୍କର ଅକାଳମୃତ୍ୟୁ ହେବା ପରେ ଏଠାରେ ଉପନିର୍ବାଚନ ହୋଇଥିଲା। ସେଥିରେ ପ୍ରତ୍ୟୁଷା ଭାଜପା ପ୍ରାର୍ଥୀ ରୁଦ୍ରମାଧବ ରାୟଙ୍କୁ ଲକ୍ଷାଧିକ ଭୋଟରେ ପରାଜିତ କରିଥିଲେ। ବର୍ତ୍ତମାନ କନ୍ଧମାଳରେ ରାଜନୈତିକ ପାଣିପାଗରେ ପରିବର୍ତ୍ତନ ହୋଇଛି। ଶାସକ ବିଜେଡିର ପୂର୍ବସ୍ଥିତି ମଧ୍ୟ ଆଉ ନାହିଁ। ଦଳୀୟ ସଙ୍ଗଠନ ନାରେ କିଛିଟା ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ରହିଛି। ସେହିପରି ଦଳ ମହିଳା, ଆଦିବାସୀ ଏବଂ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଭୋଟ୍ ଉପରେ ମଧ୍ୟ ନିର୍ଭରଶୀଳ। ତେଣୁ ପାରମ୍ପରିକ ଭୋଟ ବ୍ୟାଙ୍କ ହାତେଇ ବିଜେଡି ପୁଣିଥରେ ଜିତିବାକୁ ଚେଷ୍ଟା କରୁଛି। ସେହିପରି ସାରା ରାଜ୍ୟରେ ଭାଜପା ପ୍ରତି ଜନସମର୍ଥନ ବଢିବାରେ ଲାଗିଛି। ହେଲେ ଏହି ଜନସମର୍ଥନ କେତେ ପରିମାଣରେ ଭୋଟରେ ରୂପାନ୍ତରିତ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅପରପକ୍ଷରେ କଂଗ୍ରେସ କେଉଁଠି ନା କେଉଁଠି ବହୁତ ପଛରେ ପଡ଼ି ଯାଉଥିବା ଲକ୍ଷ୍ୟ କରାଯାଇଛି। ତେଣୁ ଏଠାରେ ବିଜେଡିର ବିକଳ୍ପ ଭାବେ ଭାଜପା ଉଭା ହୋଇଥିବା କୁହାଯାଉଛି।

ମଙ୍ଗଳବାର ପ୍ରଚାରର ଶେଷ ଦିନରେ କନ୍ଧମାଳରେ ୩ପ୍ରମୁଖ ଦଳ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ବିଜେଡି ପକ୍ଷରୁ ଏମ୍‌ପି ପ୍ରାର୍ଥୀ ସାମନ୍ତ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ପ୍ରଚାର କରିଥିବାବେଳେ କଂଗ୍ରେସ ପ୍ରାର୍ଥୀ ମନୋଜ ଆଚାର୍ଯ୍ୟ ଫୁଲବାଣୀରେ ପ୍ରଚାର କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଖାରାବେଳ ଜି. ଉଦୟଗିରି ଏବଂ ଫିରିଙ୍ଗିଆରେ ପ୍ରଚାର କରିଛନ୍ତି। ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ଭୋଟ ବିଭାଜନର ସମ୍ଭାବନା ଦେଖାଦେଇଛି। ବିଜେଡି ନିଜର କିଛି ପାରମ୍ପରିକ ଭୋଟ ବ୍ୟାଙ୍କ ସହ ଏକ ସମ୍ପ୍ରଦାୟର ଭୋଟ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ଅପରପକ୍ଷରେ ଭାଜପା ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଭୋଟ ଉପରେ ନଜର ରଖିଛି। ଭଞ୍ଜନଗର, ଦଶପଲ୍ଲା, ବୌଦ୍ଧ ଏବଂ କନ୍ଧମାଳରେ ଭାଜପା ପ୍ରାର୍ଥୀଙ୍କ ପ୍ରତି ପୂର୍ବାପେକ୍ଷା ସମର୍ଥନ ବଢିଥିବା ରାଜନୈତିକ ସମୀକ୍ଷକ ଆଲୋଚନା କରୁଛନ୍ତି। ତେଣୁ ଭାଜପା କେତେ ଭୋଟ ହାତଉଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ବିଜେଡିର ଜନୈକ ସ୍ଥାନୀୟ ନେତା ନାମ ଗୋପନ କରି କହିଛନ୍ତି ଜି.ଉଦୟଗିରିକୁ ବାଦ୍ ଦେଇ ବିଜେଡି ସବୁ ଆସନରୁ ଅଗ୍ରଣୀ ନେବାର ସମ୍ଭାବନା ଅଧିକ। ତେଣୁ ଏମ୍‌ପି ପ୍ରାର୍ଥୀଙ୍କୁ ଜିତିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି କହିଛନ୍ତି। ସେହିପରି କଂଗ୍ରେସର ଏମ୍‌ପି ପ୍ରାର୍ଥୀ ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ହୋଇଥିବାରୁ ଦଳ ସ୍ଥାନୀୟ ଭୋଟକୁ ହାତେଇବାର ଲକ୍ଷ୍ୟ ରଖିଛି।

# ଫସଲ ସଂରକ୍ଷଣରେ ସଙ୍ଗ ଆକର୍ଷକ

ଫସଲକୁ ଆକ୍ରମଣ କରୁଥିବା କେତେକ ନିର୍ଦ୍ଦିଷ୍ଟ ପୋକ ନିର୍ଦ୍ଦିଷ୍ଟ ରାସାୟନିକ ଉପାଦାନ ପ୍ରତି ଆକର୍ଷିତ ହୁଅନ୍ତି। ଯାହା ଫଳରେ ସେମାନଙ୍କର ବ୍ୟବହାରରେ କିଛି ପରିବର୍ତ୍ତନ ଦେଖାଯାଏ। ଏହି ପରିବର୍ତ୍ତନକୁ ଆଧାର କରି ବୈଜ୍ଞାନିକମାନେ ଗବେଷଣା କରି କିଛି ନିଷ୍କର୍ଷ ଉଦ୍‌ଭାବନ କରିଛନ୍ତି। ସେହି ନିଷ୍କର୍ଷ ତତ୍ତ୍ୱକୁ ଫସଲ ସଂରକ୍ଷଣ କାର୍ଯ୍ୟରେ ବର୍ତ୍ତମାନ ଉପଯୋଗ କରାଯାଉଛି। ରାସାୟନିକ ଉପାଦାନଟି କେତେକ ସ୍ତ୍ରୀ ପୋକର ଶରୀରରୁ ସଂଗ୍ରହ କରାଯାଇଥାଏ। ଏହି ଉପାଦାନକୁ ଆକର୍ଷକ ବସ୍ତୁ କୁହାଯାଏ। ୧୯୫୯ରେ ଜର୍ମାନୀର କାର୍ଲସନ୍ ଏବଂ ବୁଟେନ୍ଣ୍ଡଟ୍ ନାମକ ୨ ଜଣ ରସାୟନବିତ୍ ଆକର୍ଷକ ବସ୍ତୁର ଉଦ୍ଭାବକ ରୂପେ ପରିଚିତ। ସେମାନେ ତୁତ୍ ଗଛକୁ ଖାଇ ରେଶମ ପ୍ରସ୍ତୁତ କରୁଥିବା ସ୍ତ୍ରୀ ତୁତ୍ ପୋକର ଶରୀରରୁ ଏହି ଆକର୍ଷକ ଉପାଦାନ ପାଇଥିଲେ। ତୁତ୍ ଗଛକୁ ଖାଇ ବଞ୍ଚି ରହୁଥିବା ୫ ଲକ୍ଷ ସ୍ତ୍ରୀ ତୁତ୍ ପୋକର ଶରୀରରୁ ସେହି ବୈଜ୍ଞାନିକମାନେ ମାତ୍ର ୧୨ ମିଲି ଗ୍ରାମ୍ ଆକର୍ଷକ ଉପାଦାନ ପ୍ରସ୍ତୁତ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଚାଷୀମାନେ ଏହି ଆକର୍ଷକ ବସ୍ତୁ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ଏବଂ ଫସଲକୁ ଆକ୍ରମଣ କରୁଥିବା କ୍ଷତିକାରକ ପୋକଙ୍କ ବିନାଶ ନିମନ୍ତେ ଏହାକୁ ବ୍ୟବହାର କରୁଛନ୍ତି। ପ୍ରକୃତରେ ଏହି ଆକର୍ଷକ ବସ୍ତୁଗୁଡିକ ଅନିଷ୍ଟକାରୀ କୀଟଙ୍କୁ ମାରନ୍ତି ନାହିଁ। କିନ୍ତୁ ସେମାନେ ଅନିଷ୍ଟକାରୀ କୀଟଙ୍କର ପୁରୁଷ କୀଟଙ୍କୁ ଆକର୍ଷକ ଯନ୍ତା ମଧ୍ୟକୁ ଆକର୍ଷଣ କରନ୍ତି। ଆକର୍ଷିତ ପୁରୁଷ କୀଟମାନଙ୍କୁ କିରୋସିନ ଦ୍ୱାରା ବିନାଶ କରାଯାଏ। ପୁରୁଷ ପୋକଙ୍କୁ ଆକର୍ଷକ ଯନ୍ତା ମଧ୍ୟକୁ ଆଣିବା ଏବଂ ସେମାନଙ୍କୁ ବିନାଶ କରିବା ଯୋଗୁ ଫସଲ ଡିଆରିରେ ସେମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସପାଇବାରୁ ସ୍ତ୍ରୀ ପୋକଗୁଡିକ ବନ୍ଧ୍ୟା ହୁଅନ୍ତି। ଫଳସ୍ୱରୂପ ସେମାନେ ଛୁଆ ଜନ୍ମ କରି ପାଳିବାକୁ ଅକ୍ଷମ ହୁଅନ୍ତି। ଏହା ଫଳରେ ଅନିଷ୍ଟକାରୀ ପୋକଙ୍କ ସଂଖ୍ୟା ଖୁବ୍ କମ୍ ସଂଖ୍ୟକ ଅବସ୍ଥାକୁ ଚାଲିଆସେ। ବୈଜ୍ଞାନିକମାନେ ସ୍ତ୍ରୀ ପୋକର ଶରୀରରୁ ଏହି ଆକର୍ଷକ ଉପାଦାନ ସଂଗ୍ରହ କରି ବିଜ୍ଞାନାଗାର ମଧ୍ୟରେ ରାସାୟନିକ ପ୍ରକ୍ରିୟାରେ ଉକ୍ତ ଉପାଦାନକୁ ଡଉଁରିଆ କିମ୍ବା ପ୍ଲାଷ୍ଟିକ୍ ନିର୍ମିତ ଖୋଳ ମଧ୍ୟରେ ରଖିଦିଅନ୍ତୁ। ଏହାକୁ ଇଂରାଜୀରେ ଲିଓର କୁହାଯାଏ। ଆବଶ୍ୟକ ସମୟରେ ଏଗୁଡିକୁ ଆକର୍ଷକ ଯନ୍ତା ମଧ୍ୟରେ ରଖାଯାଇ ପୋକ ଆକ୍ରମିତ ଫସଲ କିଆରିରେ ପ୍ରୟୋଗ କରାଯାଏ। କ୍ଷତିକାରକ ପୋକଙ୍କର ପ୍ରଜାତି ଅନୁସାରେ ଆକର୍ଷକ ଯନ୍ତାରେ ବ୍ୟବହୃତ ହେଉଥିବା ରାସାୟନିକ ଉପାଦାନ ବିଭିନ୍ନ ପ୍ରକାରର ନିର୍ଦ୍ଦିଷ୍ଟ ପୋକକୁ ଆକର୍ଷଣ କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରକାରର ଲିଓର ବ୍ୟବହାର କରାଯାଏ। ଆକର୍ଷକ ଯନ୍ତାମଧ୍ୟରେ ଲିଓର ରଖି ସନ୍ଧ୍ୟା ସମୟରେ ଫସଲ କିଆରିରେ ଆକର୍ଷକ ଯନ୍ତା ରଖାଯାଏ। ଆକର୍ଷକ ଯନ୍ତାରୁ ରାସାୟନିକ ଉପାଦାନ ବାଷ୍ପ ଆକାରରେ ଫସଲ କିଆରିର ବିଭିନ୍ନ ଦିଗକୁ ବ୍ୟାପିଯାଏ। ଆକର୍ଷକ ପଦାର୍ଥ ବା ଉପାଦାନ ଫସଲର ଉପରିଭାଗରୁ ୧ରୁ ଦେଢ ଫୁଟ ଉଚ୍ଚତାରେ ରଖାଯାଏ। ଆକର୍ଷକ ଉପାଦାନ ସ୍ତ୍ରୀ ପୋକଙ୍କଠାରୁ ସଂଗୃହୀତ ହୋଇଥିବାରୁ ଏହା ଅନ୍ୟାନ୍ୟ ଉପକାରୀ କୀଟ ଯଥା ପରାଶ୍ରୟୀ,ପରାଙ୍ଗଭୋଜି ଏବଂ ପରାଗ ସଂଗମକାରୀ କୀଟମାନଙ୍କ ପ୍ରତି ନିରାପଦ। ଜିଆ, ବଗ, ବଣି, କାଉ, ବତକ ତଥା ଅନ୍ୟାନ୍ୟ ପ୍ରାଣୀ ଏବଂ ମନୁଷ୍ୟ ପ୍ରତି ମଧ୍ୟ ନିରାପଦ। ଜଳ, ବାୟୁ ଓ ପବନ ପ୍ରତି ମଧ୍ୟ ନିରାପଦ ହୋଇଥାଏ।





–ଡ. ବିଷ୍ଣୁ ଚରଣ ଜେନା
–ଦୀପକ କୁମାର ଦାସ

## ବେବି କର୍ନ ଚାଷ ସମ୍ପର୍କରେ...

ସହରତଳି ଅଞ୍ଚଳରେ ଚାଷୀମାନଙ୍କର ଜୀବିକାଧାରଣର ଉନ୍ନତି ଘଟାଇବାରେ ସହାୟକ ହୋଇପାରୁଛି ପରିବା ମକା ବା ବେବି କର୍ନ। ଏହି ମକାରୁ ତରକାରୀ, ସାଲାଡ, ଖିରି, ଆଚାର, ସୁପ୍, ପକୋଡା, ଚଟଣୀ, ବରଫି ଓ ଲଡୁ ଆଦି ପ୍ରସ୍ତୁତ ହେଉଛି। ପରିବା ମକା ବ୍ୟବହାର କରି ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ ହେଉଥିବାରୁ ହୋଟେଲମାନଙ୍କରେ ମକା ତରକାରି ଓ ବ୍ୟଞ୍ଜନର ଚାହିଦା ବଢିବାରେ ଲାଗିଛି।

ଆମ ରାଜ୍ୟ ପାଇଁ ବିଜ୍ଞପିତ ଓ ଅନୁମୋଦିତ ଅଧିକ ଅମଳକ୍ଷମ ଲୋକପ୍ରିୟ ଉନ୍ନତ ପରିବା ମକା କିସମ ହେଲା– ଭି.ଏଲ୍. ବେବି କର୍ଣ୍ଣ–୧। ଏକର ପ୍ରତି ବିହନ ୧୦ କି.ଗ୍ରା. ଦରକାର ହୁଏ। ୪୮:୨୪:୨୪ କିଗ୍ରା ଏନ୍.ପି.କେ. ଏକର ପ୍ରତି ଆବଶ୍ୟକ ହୋଇଥାଏ। ବେବି କର୍ଣ୍ଣ କ୍ଷେତ୍ରରେ ଯବକ୍ଷାରଜାନ ଓ ପଟାସ୍ ସାରକୁ ସମୁଦାୟ ୨ ଥରରେ ମୂଳସାର ଓ ବୁଣିବାର ୩–୪ ସପ୍ତାହବେଳକୁ କୋଡାଖୁସା କରି ମୂଳରେ ଦେଇ ହୁଡା ଟେକାଯାଏ।

ପରିବା ମକା କ୍ଷେତ୍ରରେ ଚଅଁର ବା ଚୁଟି ବାହାରିବା ମାତ୍ରେ ମକାକୁ ଗଛରୁ ଭାଙ୍ଗି ଅମଳ କରାଯାଏ। ୩–୪ ଥରରେ ଏହି ମକାଗୁଡିକୁ ୨ ମାସ ମଧ୍ୟରେ ଅମଳ କରାଯାଏ। ମକାର ଉପର ଚୋପା ଛଡାଇ ଦେଲେ ଯେଉଁ କ୍ଷୁଦ୍ର ମକାଟି ବାହାରେ ତାହା ହିଁ ପରିବା ମକା। ସହରରେ ଏହାକୁ କି.ଗ୍ରା. ପ୍ରତି ୨୫୦ ରୁ ୩୦୦ ଟଙ୍କାରେ ବିକ୍ରି କରାଯାଉଛି। ଆମ ରାଜ୍ୟରେ ବର୍ଷସାରା ପରିବା ମକା ଚାଷ କରାଯାଇପାରିବ। ପରିବା ମକାର ଅମଳ ଅତି ଗୁରୁତ୍ୱପୂର୍ଣ୍ଣ। ଅମଳ ବିଳମ୍ବ ହେଲେ ଏହା ବୁଢା ହୋଇ ଗୁଣରେ ହ୍ରାସ ଘଟିଥାଏ ଓ ଦାମ୍ କମିଯାଏ। ତେଣୁ ଯଥାଶୀଘ୍ର ମକା ଅମଳ କରି ବଜାରକୁ ପଠାଇଦେବା ଦରକାର। ପରିବା ମକା ଅମଳ ପରେ ଗଛକୁ ସବୁଜ ଗୋଖାଦ୍ୟ ହିସାବରେ ବ୍ୟବହାର କରାଯାଏ। ଏକର ପ୍ରତି ୬ କୁଇଣ୍ଟାଲ ପରିବା ମକା ଓ ୧୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ସବୁଜ ଗୋଖାଦ୍ୟ ମିଳିଥାଏ।



## ଭେଣ୍ଡିର ଉନ୍ନତ କିସମ

ବର୍ଷସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ ଲଗାନ୍ତୁ। ଯଥା–ଉତ୍କଳ,ଗୌରବ,ଅର୍କ,ଅନାମିକା, ଉପହାର,ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା–ବର୍ଷା,ବିଜୟ,ବିଶାଳ,ତାରା,ଆଧୁନିକ,ଅତ୍ୟାଧୁନିକ,ସୁପ୍ରିୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କିଲୋଗ୍ରାମ୍ ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ ଶଗଡ ଗୋବରଖତ,୪୫କି.ଗ୍ରା ଯବକ୍ଷାରଜାନ,୨୫କି.ଗ୍ରା ଫସଫରସ ଓ ୩୦ କି.ଗ୍ରା ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦–୨୫ ଶଗଡ ଗୋବରଖତ, ୮୦କିଗ୍ରା ଯବକ୍ଷାରଜାନ, ୪୦କିଗ୍ରା ଫସଫରସ ଓ ୪୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁ ଗଛ ୪୫ସେ.ମି ବ୍ୟବଧାନରେ ମଞ୍ଜି ପୋତନ୍ତୁ।



## ଆଖୁରେ ସାର ପ୍ରୟୋଗ



ଫେବୃୟାରୀ ମାସରୁ ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୬୦ଦିନର ହୋଇଥିଲେ ଘାସ ବାଛି କୋଡାଖୁସା କରି ମନ୍ଦା ପିଛା ୧୦ଗ୍ରାମ ଲେଖାଏଁ ୟୁରିଆ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ମାସରେ ଲଗାଯାଇଥିବା ଆଖୁର ଶୁଖିଲା ଆଖୁ ପତ୍ରକୁ ଆଖୁ ଗଛରୁ ଛଡାଇ ଦେଇ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ। ଆଖୁ ଫସଲ ଲଗାଇବାର ୧୦୫ ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ।

## ମହୁଚାଷ



❖ମହୁବାକ୍ସ ଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସ ଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ।

❖ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭–୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ।

❖ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



## କାଜୁ ଫସଲରେ ପୋକ ଦମନ

କାଜୁ ଫସଲରେ ମୂଳ ଓ କାଣ୍ଡ ବିନ୍ଧା ପୋକ ସାଧାରଣତଃ ଏପ୍ରିଲ ଓ ମେ ମାସରେ ଦେଖାଯାଇଥାଏ। ଚାଷୀଭାଇମାନେ କାଜୁଗଛର ମୂଳକୁ ନିରୀକ୍ଷଣ କଲେ ଯଦି ଅଠାଳିଆ ପଦାର୍ଥ ଦେଖାଯାଏ,ତେବେ ପୋକ ଆକ୍ରମଣ କରିବାର ସୂଚନା ମିଳିଥାଏ। ଏହାର ଦମନ ପାଇଁ ଗଛର ବକଳକୁ ଆସ୍ତେ ଆସ୍ତେ ଛଡାଇ ପୋକଗୁଡିକୁ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ।



## ଗେଣ୍ଡୁଫୁଲ

ଲାଲ ବୁଢିଆଣୀ ଓ ଅଷ୍ଟପଦୀର ଦମନ ପାଇଁ ପ୍ରତି ଲିଟର ପାଣିରେ ଶତକଡା ୪ ଗ୍ରାମ୍ ହିସାବରେ ସଲଫର ସେଟିଡ ଗୁଣ୍ଡ କିମ୍ବା ୨.୫ମିଲି ଡାଇକୋଫଲ ମିଶାଇ ସିଞ୍ଚନ କରନ୍ତୁ। ଲଗାଇବାର ୩୦ଦିନରେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୪୦କି.ଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।



ପ୍ରଥମ ପୃଷ୍ଠାରୁ...

### ‘ଚାଉଳ ଦେଉଛୁ ଆମେ, ...

ସୁଯୋଗ ଦିଅନ୍ତୁ ବୋଲି ମଙ୍ଗଳବାର ସମ୍ବଲପୁର ରେମେଡ଼ଠାରେ ବିଜୟ ସଙ୍କଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି କହି ଜନସାଧାରଣଙ୍କୁ ନିବେଦନ କରିବା ସହ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ପ୍ରଥମେ ଜୟ ମା’ ସମଲେଇ ଜୁହାର କହି ମୋଦି ବକ୍ତବ୍ୟ ଆରମ୍ଭ କରିଥିଲେ। ସେ ଆହୁରି କହିଲେ ଯେ, ଲୋକଙ୍କୁ ମିଳୁଥିବା ଟଙ୍କିକିଆ ଚାଉଳ ପାଇଁ କେନ୍ଦ୍ର ସରକାର କିଲୋ ପ୍ରତି ୨୯ରୁ ୩୦ ଟଙ୍କା ଦେଉଛନ୍ତି। ସେଥିରେ ରାଜ୍ୟ ସରକାର ମାତ୍ର ଦୁଇଟଙ୍କା ମିଶାଉଛନ୍ତି। ହେଲେ ଲୋକଙ୍କୁ ରାଜ୍ୟ ସରକାର ୧ ଟଙ୍କାରେ ଚାଉଳ ଦେଉଥିବା କହୁଛନ୍ତି। ଏହି ପ୍ରସଙ୍ଗକୁ ଲୋକଙ୍କୁ ଭଲ ଭାବରେ ବୁଝାଇବାକୁ ଯାଇ ମୋଦି ଏକ ଉଦାହରଣ ଦେଇ କହିଲେ ଯେ, ଦିଲ୍ଲୀରେ ଚାକିରି କରୁଥିବା ଆପଣଙ୍କ ପୁଅ ମନିଅର୍ଡର ମାଧ୍ୟମରେ ଆପଣଙ୍କ ନିକଟକୁ ଟଙ୍କା ପଠାଇଲା। ପୋଷ୍ଟ ଅଫିସ କର୍ମଚାରୀ ଆପଣଙ୍କ ଘରକୁ ଆସି ଉକ୍ତ ଟଙ୍କା ପ୍ରଦାନ କଲେ। ତେବେ ଉକ୍ତ ଟଙ୍କାକୁ କ’ଣ ପୋଷ୍ଟ ଅଫିସ କର୍ମଚାରୀ ଆପଣଙ୍କୁ ଦେଲେ କି ବୋଲି ମୋଦି ପ୍ରଶ୍ନ କରିଥିଲେ। ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ ରହିଛି। ଏଥିରୁ ମିଳୁଥିବା ଟିକସ ରାଜ୍ୟକୁ ଦିଆଯାଉଛି। ହେଲେ ଏଠିକାର ସରକାର ଉକ୍ତ ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି। ଭାଜପା ସରକାର ଆସିବା ପରେ ଗତ ୫ ବର୍ଷରେ ଦେଶରେ ଭ୍ରଷ୍ଟାଚାର କମିଛି। ଆତଙ୍କବାଦୀଙ୍କୁ ନିପାତ କରାଯାଉଛି। ଚୌକିଦାର ଭଳି ମୁଁ କାମ କରୁଛି। ତେଣୁ ଏବେ ସମସ୍ତେ ଏହି ଚୌକିଦାର ପଛରେ ପଡ଼ିଯାଇଛନ୍ତି। ହେଲେ ସମସ୍ତଙ୍କୁ ଏହାର ଜବାବ ଦେବାକୁ ପଡ଼ିବ। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁହେବ। ଚାଷୀଙ୍କୁ ସବୁ ସୁବିଧା ସହ ଉତ୍ପାଦିତ ଶସ୍ୟର ଉଚିତ ଦର ମିଳିବ। ମାଛଚାଷ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଖୋଲାଯିବ ଓ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବ। ଏଥିପାଇଁ ୧୦ ହଜାର କୋଟି ଟଙ୍କା ଅଟକଳ ରଖାଯାଇଛି। ଅପରପକ୍ଷେ ନଦୀଗୁଡ଼ିକର ସଂଯୋଗୀକରଣ କରାଯାଇ ଜଳସେଚନ ଓ ପାନୀୟ ଜଳ ସମସ୍ୟା ଦୂର କରାଯିବ। ୨୦୨୨ ସୁଦ୍ଧା ସବୁ ଯୋଗ୍ୟ ପରିବାରକୁ ପକ୍କାଘର ଦିଆଯିବ। ଘର ସହ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍, ପାଇଖାନା, ପାଣି, ବିଜୁଳି ଯୋଗାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ।

ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନୀତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ପ୍ରାର୍ଥୀ ନାଉରୀ ନାଏକ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରବି ନାଏକ, ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ଦେବଗଡ଼ ବିଧାୟକ ପ୍ରାର୍ଥୀ ସୁବାସ ପାଣିଗ୍ରାହୀ, ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ଭାଗୀରଥି ପ୍ରଧାନ, ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ସମ୍ବଲପୁର ଜିଲା ଭାଜପା ସଭାପତି ରାମଚନ୍ଦ୍ର ମେହେର, ଦେବଗଡ଼ ଜିଲା ଭାଜପା ସଭାପତି ଅରୁଣ ସାହୁ, ସମ୍ବଲପୁର ଲୋକ ସଭା କ୍ଷେତ୍ର ସଂଯୋଜକ ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ‘ଶେଷନିଃଶ୍ୱାସ ପର୍ଯ୍ୟନ୍ତ ...

୨କେନ୍ଦ୍ରମନ୍ତ୍ରୀ ସେଥିପ୍ରତି ମୁହଁ ଖୋଲିଲେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ତାଙ୍କ ଦାବି ପରେ ବୁଣାକାରଙ୍କ ଉପରୁ ଜିଏସ୍‌ଟି ହ୍ରାସ ପାଇଛି। ମାତ୍ର କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବା ପାଇଁ କେନ୍ଦ୍ରଠାରେ ଦାବି ଉପସ୍ଥାପନ କରିଥିବା ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ନିର୍ବାଚନ ଆସିଲେ କେବଳ ଭାଜପା ନେତା, ମନ୍ତ୍ରୀ ଏଠାକୁ ଆସି ବଡ଼ ବଡ଼ କଥା କହୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ସମସ୍ତଙ୍କ ସାଥିରେ ଅଛନ୍ତି। ଶେଷନିଃଶ୍ୱାସ ପର୍ଯ୍ୟନ୍ତ ରାଜ୍ୟର ସାଢ଼େ ୪କୋଟି ଓଡ଼ିଆଙ୍କ ସେବା କରି ଚାଲିଥିବେ ବୋଲି ସେ କହିଛନ୍ତି। ବିଜେଡି ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାନସଭା ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଏବଂ ଅତାବିରା ବିଧାନସଭା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ମତଦାନ କରିବାକୁ ସେ ଏହି ଅବସରରେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ଲୋକ ସଭା ପ୍ରାର୍ଥୀ ପ୍ରସନ୍ନ କହିଥିଲେ, ବରଗଡ଼ ଜିଲାର ବିକାଶ ହିଁ ବିଜେଡିର ନୀତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯେତେବେଳେ ଯାହା ଅନୁରୋଧ କରିଛି ଏଠାକାର ବିକାଶକୁ ତ୍ୱରାନ୍ୱିତ କରିବାରେ ସେ ସହଯୋଗ କରି ଆସିଛନ୍ତି। ଅଞ୍ଚଳର ସାହିତ୍ୟିକ, ଲୋକ କବିରତ୍ନ ପଦ୍ମଶ୍ରୀ ଡ.ହଳଧର ନାଗଙ୍କ ଭଳି କବି, ଚାଷୀ, ମହିଳା, ଯୁବକଙ୍କ ଅନୁରୋଧ ରଖି ମୁଖ୍ୟମନ୍ତ୍ରୀ ଜିଲାର ବିଜେପୁର ନିର୍ବାଚନମଣ୍ଡଳୀରୁ ଏଥର ପ୍ରାର୍ଥୀ ହୋଇଛନ୍ତି। ଫଳରେ ବରଗଡ଼ ଜିଲା ଉପରେ ଦେଶର ନଜର ରହିଛି। ଏହି ଦୃଷ୍ଟିରୁ ବରଗଡ଼ ଲୋକ ସଭା ତଥା ଜିଲାର ସମସ୍ତ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ବହୁସଂଖ୍ୟାରେ ଭୋଟ୍ ଦେଇ ଅତୀତର ସବୁ ରେକର୍ଡ଼ ଭାଙ୍ଗି ନୂଆ ରେକର୍ଡ଼ ସୃଷ୍ଟିରେ ସହାୟକ ହେବାକୁ ସେ ଆହ୍ୱାନ କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ଦେବେଶ ନବୀନ ସରକାରଙ୍କ ବହୁବିଧ ବିକାଶମୂଳକ ଯୋଜନା ଏବଂ ଅଞ୍ଚଳରେ ହୋଇଥିବା ଉନ୍ନୟନ କାର୍ଯ୍ୟ ଉପରେ ଆଲୋକପାତ କରି ବିଜେଡି ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସାଧୁ ନେପାକ, ସୁବାସ ଚୌହାନ, ଦେବବ୍ରତ ମିଶ୍ର, କିଶୋର ମିଶ୍ର, ପ୍ରଫୁଲ୍ଲ ନାଏକ, ପ୍ରଶାନ୍ତ ବେହେରା, ବିମଳ କିଶୋର ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ରେ ଉଦ୍‌ବୋଧନ ଦେବା ପରେ ମୁଖ୍ୟମନ୍ତ୍ରୀ ନିଜେ ଲଢୁଥିବା ବିଜେପୁର ନିର୍ବାଚନମଣ୍ଡଳୀ ଅଭିମୁଖେ ଯାଇ ନିର୍ବାଚନୀ ପ୍ରଚାର କରିଥିଲେ।

### ୧୮ରେ ୨୭୯ ପ୍ରାର୍ଥୀଙ୍କ ...

ଗଞ୍ଜାମ ଜିଲାର ହିଞ୍ଜିଳି ଏବଂ ବରଗଡ଼ ଜିଲାର ବିଜେପୁରରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ଏହି ୨ ନିର୍ବାଚନମଣ୍ଡଳୀ ଉପରେ ସମସ୍ତଙ୍କ ନଜର ରହିଛି। ଏହି ପର୍ଯ୍ୟାୟରେ ନିର୍ବାଚନ ଲଢୁଥିବା ଅନ୍ୟ ପ୍ରମୁଖ ନେତାମାନେ ହେଲେ ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ, କଳିକେଶ ନାରାୟଣ ସିଂଦେଓ, ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ସିଂ, ନବ ଦାସ, କିଶୋର ମହାନ୍ତି, ଭାଜପାର କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସୁରେଶ ପୂଜାରୀ, ସଙ୍ଗୀତା ସିଂଦେଓ, କନକବର୍ଦ୍ଧନ ସିଂଦେଓ, ମହାମେଘବାହନ ଐର ଖାରବେଳ ସ୍ୱାଇଁ, ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା, ପୀତାମ୍ବର ଆଚାର୍ଯ୍ୟ, କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର, ଜର୍ଜ ତିର୍କୀ, ସୁରେନ୍ଦ୍ର ସିଂ ଭୋଇ, ସନ୍ତୋଷ ସିଂ ସାଲୁଜା।

ସୂଚନାଥାଉ କି, ୨୦୧୪ରେ ଉପରୋକ୍ତ ୩୫ ବିଧାନସଭା ଆସନରୁ ବିଜେଡି ୨୪, ଭାଜପା ୪, କଂଗ୍ରେସ ୫ ଏବଂ ଅନ୍ୟାନ୍ୟ ୨ଟିରେ ବିଜୟୀ ହୋଇଥିଲେ। ସେହିପରି ୫ ଲୋକ ସଭା ଆସନ ମଧ୍ୟରୁ ବିଜେଡି ୪ ଏବଂ ଭାଜପା ଗୋଟିଏ ଅକ୍ତିଆର କରିଥିଲା।

### କୁଶଭଦ୍ରାରେ ବୁଡ଼ି ...

ଗଣ୍ଡର ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏ ନେଇ ନିମାପଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ନଦୀରେ ଖୋଜିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ଉଦ୍ଧାର କରାଯାଇପାରିନାହିଁ। ନଦୀକୂଳରୁ ସେମାନଙ୍କ ବ୍ୟାଗ, ଚପଲ ଓ ମୋବାଇଲ ମିଳିଛି।

## ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା ଆଜି
### ଅପରାହ୍ନ ସାଢେ ୩ଟାରେ ରଥଟଣା

ପୁରୁଣା ଭୁବନେଶ୍ୱର, ୧୬।୪(ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜ ୫ ଦିନିଆ ରୁକୁଣା ରଥଯାତ୍ରା ସାରି ବୁଧବାର ସ୍ୱମନ୍ଦିର ବାହୁଡିବେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ତେବେ ଚଳିତବର୍ଷ ମନ୍ଦିର ପ୍ରଶାସନ, ପୋଲିସ, ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ୩ ଦିନିରେ ରଥ ମାଉସୀ ମା’ ମନ୍ଦିରରେ ପହଞ୍ଚିଥିଲା। ଦେଢଦିନ ଶ୍ରୀଜୀଉମାନେ ରାମେଶ୍ୱର ମନ୍ଦିରରେ ରହଣି ପରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ଏଥିଲାଗି ଭୋର ସାଢେ ୬ଟାରେ ମଙ୍ଗଳ ଆଳତି ଓ ଅବକାଶ, ସକାଳ ସାଢେ ୮ଟାରେ ରୋଷ ହୋମ ଓ ପାକ କାର୍ଯ୍ୟ, ସକାଳ ସାଢେ ୬ରୁ ସାଢେ ୯ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ, ପୂର୍ବାହ୍ନ ୧୦ଟାରୁ ୧୧ଟା ମଧ୍ୟରେ ମହାସ୍ନାନ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା, ଶ୍ରୀଜିଉଙ୍କ ବଲ୍ଲଭ, ଶ୍ରୀଭୁବନେଶ୍ୱରୀଙ୍କ ବଲ୍ଲଭ ଓ ଶ୍ରୀଜିଉଙ୍କ ସକାଳ ଧୂପ, ଶ୍ରୀଭୁବନେଶ୍ୱରୀଙ୍କ ସକାଳ ଧୂପ, ୧୧ଟାରୁ ସାଢେ ୧୨ଟା ଭୋଗ ମଣ୍ଡପ, ସାଢେ ୧୨ଟାରୁ ସାଢେ ୧ଟା ଅଧରପଣା ପୂଜା, ଅପରାହ୍ନ ସାଢେ ୧ଟାରୁ ୩ଟା ଦିଅଁମାନଙ୍କ ପହଣ୍ଡି, ସାଢେ ୩ଟାରେ ରଥଟଣା ଆରମ୍ଭ ହେବ, ରଥଟଣା ବନ୍ଦ ହେବା ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ନିମାପଡ଼ା,୧୬।୪(ଡି.ଏନ୍.ଏ.)

ନିମାପଡ଼ା–ଚାରିଛକ ରାସ୍ତାର ବିଂଶିମାତ୍ରି ଛକ ନିକଟରେ ମଙ୍ଗଳବାର ଏକ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମର ରଞ୍ଜିତ କୁମାର ପଲେଇ। ଗୁରୁତର ହେଲେ ଭିଲିଦେଉଳି ଗ୍ରାମର ଆକାଶ ରାଉତ। ସୂଚନା ଅନୁଯାୟୀ, ଉଭୟ ବାଇକ୍ ଆରୋହୀ କାକଟପୁରରୁ ମା’ ମଙ୍ଗଳାଙ୍କ ଦର୍ଶନ କରି ଘରକୁ ଫେରୁଥିବା ବେଳେ ବିଂଶିମାତ୍ରି ଛକ ନିକଟରେ ଏକ ଗାଡି ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟଲୋକେ ଉଭୟ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ।



“ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ଚୟନକର୍ତ୍ତାମାନେ ଏକ ଶକ୍ତିଶାଳୀ ଦଳ ଚୟନ କରିଛନ୍ତି। ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଆଶା ରହିଛି।

—ଶିଖର ଧାୱନ, ଓପନିଂ ବ୍ୟାଟ୍ସମ୍ୟାନ



“ବିଶ୍ୱକପ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରୁଥିବାରୁ ବହୁତ ଉତ୍ସାହିତ ରହିଛି। କିନ୍ତୁ ବର୍ତ୍ତମାନ ବଳକା ଥିବା ଆଇପିଏଲ୍‌ର ୭ ମ୍ୟାଚ୍ ଉପରେ ଫୋକସ୍ କରିବି।

—ଯୁଜବେନ୍ଦ୍ର ଚହଲ, ଭାରତୀୟ କ୍ରିକେଟର

## ଆଜିର ମ୍ୟାଚ



ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ଚେନ୍ନାଇ ସୁପର କିଙ୍ଗ୍ସ

ପ୍ରସାରଣ
ସ୍ଥାନ : ହାଇଦ୍ରାବାଦ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ମିଥାଲି ଭାରତୀୟ ଦଳ ଗୁଡ୍‌ୱିଲ୍ ଆମ୍ବାସାଡର



ନୂଆଦିଲ୍ଲୀ, ୧୬।୪(ପି.ଟି.): ଅଭିଜ୍ଞ ମହିଳା କ୍ରିକେଟର ମିଥାଲି ରାଜ ଷ୍ଟ୍ରିଟ୍ ଚାଇଲ୍ଡ ୱାର୍ଲ୍ଡ କପ୍ ପାଇଁ ଭାରତୀୟ ଦଳର ଗୁଡ୍‌ୱିଲ ଆମ୍ବାସାଡର ବା ସଦ୍‌ଭାବନା ରାଜଦୂତ ନିଯୁକ୍ତ ହୋଇଛନ୍ତି। ଭାରତୀୟ ମହିଳା ଦିନିକିଆ ଦଳ ଅଧିନାୟିକା ମିଥାଲି ଓ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସମେତ ଆଇପିଏଲ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ମଧ୍ୟ ଏହି ଭାରତୀୟ ଦଳକୁ ସମର୍ଥନ ଜଣାଇଛନ୍ତି। ଏ ନେଇ ମିଥାଲି ଖୁସି ଜାହିର କରିଛନ୍ତି। ଭାରତରେ ସଡ଼କ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ଥିବା ୨୦ ଲକ୍ଷ ପିଲା ରହିଛନ୍ତି ଓ ଏମାନେ ଆମ ଦେଶର ଅମୂଲ୍ୟ ସମ୍ପଦ ବୋଲି ମିଥାଲି କହିଛନ୍ତି।

# ପଞ୍ଜାବ ୧୨ ରନ୍‌ରେ ବିଜୟୀ

ମୋହାଲି,୧୬।୪(ପି.ଟି.)

ଘରୋଇ ପରିବେଶରୁ ଫାଇଦା ଉଠାଇ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍‌ର ୩୨ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୧୨ ରନରେ ପରାସ୍ତ କରିଛି। ଏଥିସହିତ ପଞ୍ଜାବ ୯ ମ୍ୟାଚ୍ ଖେଳି ୫ ବିଜୟ ଓ ୪ ପରାଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି। ଅନ୍ୟପଟେ ରାଜସ୍ଥାନ ୮ଟି ମ୍ୟାଚ୍‌ରୁ ୨ ବିଜୟ ଓ ୬ ପରାଜୟ ସହ ୪ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ମୋହାଲିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇ ପଞ୍ଜାବ ୬ ଉଇକେଟରେ ୧୮୨ ରନ କରିଥିଲା। ଜବାବରେ ରାଜସ୍ଥାନ ୭ ଉଇକେଟ ହରାଇ ୧୭୦ ରନରେ ସୀମିତ ରହିଯାଇଥିଲା। ଦ୍ରୁତ ୧୭ ରନ ସହ ମୂଲ୍ୟବାନ ୨ ଉଇକେଟ ଅକ୍ତିଆର କରିଥିବା ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୮୩ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ରାଜସ୍ଥାନ ଦ୍ରୁତ ଗତିରେ ରନ୍ ସଗ୍ରଂହ ପ୍ରୟାସ କରିଥିଲା। ଦୁଇ ଓପନର ରାହୁଲ ତ୍ରିପାଠୀ ଓ ଜୋସ ବଟଲର ପ୍ରଥମ ଉଇକେଟରେ ୨୫ ବଲରୁ ୩୮ ରନ ସଂଗ୍ରହ କରିଥିଲେ। ବଟଲର ୧୭ ବଲରୁ ୧ ଚୌକା ଓ ୨ ଛକା ସହ ୨୩ ରନ କରି ପ୍ରଥମେ ଆଉଟ ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ୨୧ ବଲରୁ ୨ ଚୌକା ସହ ୨୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ତ୍ରିପାଠୀ ୫୦ ରନ (୪୫ ବଲ, ୪ ଚୌକା) ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ତ୍ରିପାଠୀ ଓ ସାମସନ ୪୫ ବଲରୁ ୫୯ ରନ ସଂଗ୍ରହ କରିଥିଲେ। ଆଷ୍ଟନ ଟର୍ନର ଖାତା ଖୋଲିବା ପୂର୍ବରୁ ଆଉଟ ହେବା ପରେ ଜୋଫ୍ରା ଅର୍ଚର ୧ ରନ କରିଥିବା ବେଳେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ଅଜିଙ୍କ୍ୟ ରାହାନେ ୨୧ ବଲରୁ ୧ ଚୌକା ସହ ୨୬ ରନ ଓ ଶେଷରେ ଶ୍ରେୟାସ ଗୋପାଲ ବିନା ସ୍କୋରରେ ଆଉଟ ହୋଇଥିଲେ। ସ୍ୱଳ୍ପ ରନ ମଧ୍ୟରେ ୪ଟି ଉଇକେଟ ପଡିବା ଫଳରେ ରାଜସ୍ଥାନ ଆବଶ୍ୟକ ହାରରେ ରନ ସଂଗ୍ରହ କରିପାରି ନ ଥିଲା। ଷ୍ଟୁଆର୍ଟ ବିନ୍ନୀ ମାତ୍ର ୧୧ ବଲରୁ ୧ ଚୌକା ଓ ୩ ଛକା ସହ ଦ୍ରୁତ ଅପରାଜିତ ୩୩ ରନ କରିଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ବୋଲିଂରେ ପଞ୍ଜାବ ତରଫରୁ ଅର୍ଶଦୀପ ସିଂ, ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସାମି ୨ଟି ଲେଖାଏ, ମୁରୁଗାନ ଅଶ୍ୱିନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରବିଚନ୍ଦ୍ରନ୍ ଅଶ୍ୱିନ।

ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ପାଇଥିବା ପଞ୍ଜାବ ତରଫରୁ ଓପନର ଲୋକେଶ ରାହୁଲ, କ୍ରିସ୍ ଗେଲ୍, ଡେଭିଡ ମିଲର ଓ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଉନ୍ନତ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଫଳରେ ଦଳ ୧୮୨ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା। ଅଭିଜ୍ଞ ଗେଲ୍ ୨୨ ବଲରୁ ୨ ଚୌକା ଓ ୩ ଛକା ସହ ୩୦ ରନ କରି ପ୍ରଥମେ ଆଉଟ ହୋଇଥିଲେ। ମୟଙ୍କ ଅଗ୍ରୱାଲ ମାତ୍ର ୧୨ଟି ବଲରୁ ୧ ଚୌକା ଓ ୨ ଛକା ସହ ଦ୍ରୁତ ୨୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ରାହୁଲ ଦଳ ତରଫରୁ ସର୍ବାଧିକ ୫୨ ରନ (୪୭ ବଲ, ୩ ଚୌକା, ୨ ଛକା)ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ନିକୋଲାସ ପୁରାନ ମାତ୍ର ୫ ରନ କରି ଆଉଟ ହୋଇଥିବା ବେଳେ ମନଦୀପ ସିଂ ଖାତା ଖୋଲିପାରି ନ ଥିଲେ। ଶେଷରେ ଅଶ୍ୱିନ ୪ଟି ବଲର ସମ୍ମୁଖୀନ ହୋଇ ୧ ଚୌକା ଓ ୨ ଛକା ସହ ଦ୍ରୁତ ୧୭ ରନ କରି ଦଳର ସ୍କୋରକୁ ୧୮୦ରନ ପାର କରାଇଥିଲେ। ମୁଜିବ ଉର ରହମାନ ବିନା ସ୍କୋରରେ ଅପରାଜିତ ରହିଥିଲେ। ମିଲର ୨୭ଟି ବଲ୍ ଖେଳି ୨ ଚୌକା ଓ ୨ ଛକା ସହ ଦ୍ରୁତ ୪୦ ରନ ସଂଗ୍ରହ କରିଥିଲେ। ତୃତୀୟ ଉଇକେଟ ଯୋଡିରେ ମିଲର ଓ ରାହୁଲ ୫୨ ବଲରୁ ୮୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ରାଜସ୍ଥାନ ତରଫରୁ ଜୋଫ୍ରା ଆର୍ଚର ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାୱଲ କୁଲକର୍ଣ୍ଣୀ, ଜୟଦେବ ଉନାଡ଼କଟ ଓ ଇଶ୍ ସୋଧୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

■ କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୮୨/୬, (ରାହୁଲ- ୫୨, ମିଲର- ୪୦, ଗେଲ୍- ୩୦, ମୟଙ୍କ- ୨୬, ଅଶ୍ୱିନ- ୧୭*, ଆର୍ଚର- ୩/୧୫, କୁଲକର୍ଣ୍ଣୀ- ୧/୩୭, ଉନାଡ଼କଟ-୧/ ୪୮, ସୋଧୀ- ୧/୪୧)।

■ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୭୦/୭, (ତ୍ରିପାଠୀ- ୫୦, ବିନ୍ନୀ- ୩୩*, ସାମସନ- ୨୭, ରାହାନେ- ୨୬, ବଟଲର- ୨୩, ଅର୍ଶଦୀପ- ୨/୪୩, ଅଶ୍ୱିନ- ୨/୨୪, ସାମି- ୨/୪୪)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | ୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୫ | ୩ | ୧୦ | ୦.୨୪୪ |
| କିଙ୍ଗ୍ସ ଇଲେଭେନ | ୯ | ୫ | ୪ | ୧୦ | -୦.୦୧୫ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | ୦.୩୫୦ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୧ | ୭ | ୨ | -୧.୧୧୪ |

## ‘ରାୟୁଡୁଙ୍କୁ ଉପେକ୍ଷା ନେଇ ଆଲୋଚନା ହେବା ଉଚିତ’

ନୂଆଦିଲ୍ଲୀ, ୧୬।୪ (ପି.ଟି.): ଆଇସିସି ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁଙ୍କୁ ସ୍ଥାନ ନ ମିଳିବା ନେଇ ପ୍ରାକ୍ତନ କ୍ରିକେଟର ଗୌତମ ଗମ୍ଭୀର ମୁହଁ ଖୋଲିଛନ୍ତି। ‘ରିଷଭ ପନ୍ତଙ୍କୁ ଅଣଦେଖା ଅପେକ୍ଷା ଅମ୍ବାତି ରାୟୁଡୁଙ୍କ ବିଷୟରେ ଅଧିକ ଆଲୋଚନା ହେବାର ଆବଶ୍ୟକ ରହିଛି’ ବୋଲି ଗମ୍ଭୀର କହିଛନ୍ତି। ‘ଏହା ବହୁତ ଦୁର୍ଭାଗ୍ୟର ବିଷୟ ଯେ, ଧଳା ବଲ (ସୀମିତ ଓଭର) କ୍ରିକେଟରେ ୪୮ ଆଭରେଜ ଖେଳିବା ସହ ବୟସ ମାତ୍ର ୩୩ ହୋଇଥିଲେ ମଧ୍ୟ ରାୟୁଡୁଙ୍କୁ ବାଦ୍ ଦିଆଯାଇଛି। ଅନ୍ୟ କୌଣସି ଖେଳାଳିଙ୍କ ଚୟନ ନିଷ୍ପତ୍ତି ଅପେକ୍ଷା ଏହା ମୋ ପାଇଁ ଅଧିକ ହୃଦୟ ବିଦାରକ ଘଟଣା’ ବୋଲି ଗମ୍ଭୀର ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି।

ନିକଟ ଅତୀତରେ ଭାରତୀୟ ଦଳର ୪ ନମ୍ବର ସ୍ଥାନ ପାଇଁ ରାୟୁଡୁ ଅଧିନାୟକ ବିରାଟ କୋହଲିଙ୍କର ପ୍ରଥମ ପସନ୍ଦର ବ୍ୟାଟ୍ସମ୍ୟାନ ଥିଲେ। କିନ୍ତୁ ଗତ ମାସରେ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜରେ ଖରାପ ପ୍ରଦର୍ଶନ କାରଣରୁ ରାୟୁଡୁଙ୍କୁ ନେଇ ଚୟନକର୍ତ୍ତାମାନେ ପୁର୍ନବିଚାର କରିଥିଲେ। ପୂର୍ବରୁ ୨୦୦୭ ବିଶ୍ୱକପ୍‌ରେ ମଧ୍ୟ ଗମ୍ଭୀରଙ୍କୁ ସମଦଶା ଭୋଗିବାକୁ ପଡ଼ିଥିଲା। ‘ରାୟୁଡୁଙ୍କ ପାଇଁ ମୁଁ ଦୁଃଖିତ। ୨୦୦୭ରେ ଠିକ୍ ଏହିଭଳି ମୋ ସହ ଘଟିଥିଲା। ଯେତେବେଳେ କି ମୋତେ ସେମାନେ ଚୟନ କରି ନ ଥିଲେ। ବିଶ୍ୱକପ୍ ପାଇଁ ଚୟନ ନ ହେବା କେତେ କଷ୍ଟଦାୟକ ତାହା ମୁଁ ଜାଣେ। କ୍ରିକେଟର ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବା ସମସ୍ତ ଯୁବ ଖେଳାଳିଙ୍କୁ ପିଲାଦିନରୁ ସ୍ୱପ୍ନ ରହିଥାଏ। ତେଣୁ ବିଶ୍ୱକପ୍ ଲାଗି ଚୟନ ହୋଇ ନ ଥିବା ଅନ୍ୟକୌଣସି ଖେଳାଳିଙ୍କ ଅପେକ୍ଷା ରାୟୁଡୁଙ୍କ ପାଇଁ ମୁଁ ଅଧିକ ଦୁଃଖପ୍ରକାଶ କରୁଛି’ ବୋଲି ଏହି ଦିଲ୍ଲୀ କ୍ରିକେଟର ପ୍ରକାଶ କରିଛନ୍ତି।

# ଜିମ୍ବାୱେର କ୍ଲିନ୍‌ସୁଇପ୍

ହରାରେ, ୧୬।୪

ଭ୍ରମଣକାରୀ ୟୁଏଇ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୪ର୍ଥ ଦିନିକିଆ ମ୍ୟାଚ୍‌କୁ ଜିମ୍ବାୱେ ୩ ଉଇକେଟ୍‌ରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରି ୟୁଏଇ ୧୭୫ ରନ ଅଲ୍‌ଆଉଟ୍ ହୋଇଥିଲା। ତେବେ ବର୍ଷା କାରଣରୁ ଜିମ୍ବାୱେ ୩୦ ଓଭରରେ ୧୨୮ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଫଳରେ ଜିମ୍ବାୱେ ୩୧ ବଲ୍ ବଳକା ଥାଇ ୭ ଉଇକେଟ୍ ହରାଇ ମ୍ୟାଚ୍ କବ୍‌ଜା କରିନେଇଥିଲା। ଏହି ବିଜୟ ସହ ଜିମ୍ବାୱେ ୪ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୪-୦ରେ କ୍ଲିନ୍‌ସୁଇପ୍ କରିନେଇଛି।

ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ୟୁଏଇ ୪୭.୧ ଓଭରରେ ୧୭୫ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଓପନର୍ ଚିରାଗ ସୁରି ୪୬ ଓ ସିପି ରିଜୱାନ ୪୫ ଓ ମହମ୍ମଦ ଉସମାନ ୨୭ ରନ କରିଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଘରୋଇ ଦଳ ପକ୍ଷରୁ କାଏଲ୍ ଜାର୍ଭିସ, କ୍ରିସ ମୋଫୁ, ସିନ୍ ୱିଲିୟମ୍ସ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜିମ୍ବାୱେ ଇନିଂସ ଆରମ୍ଭରୁ ବର୍ଷା ହେବାରୁ ମ୍ୟାଚ୍‌କୁ ୩୦ ଓଭରରେ ୧୨୮ ରନର ଟାର୍ଗେଟ୍ ଧାର୍ଯ୍ୟ କରାଯାଇଥିଲା। ଜିମ୍ବାୱେ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ୨୪.୫ ଓଭରରେ ୭ ଉଇକେଟ୍ ହରାଇ ଟାର୍ଗେଟ୍ ହାସଲ କରିନେଇଥିଲା। ଦଳ ପକ୍ଷରୁ ତିମସିଏନ ମାରୁମା ସର୍ବାଧିକ ୩୫ ରନ କରିଥିବାବେଳେ ବ୍ରାଏନ ଚାରି (୧୯), ରେଗିସ ଚକାଭା (୨୮) ଓ ସିନ୍ ୱିଲିୟମ୍ସ (୨୦) ତାଙ୍କୁ ସହାୟତା କରିଥିଲେ। ୟୁଏଇ ଅଧିନାୟକ ମହମ୍ମଦ ନବିଙ୍କୁ ୨ଟି ଉଇକେଟ୍ ମିଳିଥିଲା।




ଉଇକେଟ ହାସଲ ପରେ ସିନ୍ ୱିଲିୟମ୍ସ।

## ଅଲ୍‌ଜାରି ଯୋଶେଫଙ୍କ ଆଇପିଏଲ୍‌ରୁ ଆଉଟ୍

ମୁମ୍ବାଇ, ୧୬।୪ (ପି.ଟି.): କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଅଲଜାରି ଯୋଶେଫ୍ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଫଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ଶକ୍ତ ଧକ୍କା ଲାଗିଛି। ଆଣ୍ଟିଗୁଆର ଏହି ୟଙ୍ଗଷ୍ଟାର ଏପ୍ରିଲ ୧୩ରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ମୁମ୍ବାଇ ଦଳ ତରଫରୁ ଫିଲ୍ଡିଂ କରୁଥିବାବେଳେ ବଲ୍‌କୁ ଏକ ବାଉଣ୍ଡାରୀରୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଆହତ ହୋଇଥିଲେ। ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡର ଆଡାମ ମିଲ୍‌ନେ ଆଘାତପ୍ରାପ୍ତ ହେବାରୁ ଯୋଶେଫଙ୍କୁ ମୁମ୍ବାଇ ଦଳରେ ସ୍ଥାନ ମିଳିଥିଲା। ଏପ୍ରିଲ ୬ରେ ଆୟୋଜକ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ତାଙ୍କର ସେ ଆଇପିଏଲ ପଦାର୍ପଣ କରିଥିଲେ। ଏଥିରେ ସେ ମାତ୍ର ୧୨ ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରି ଲିଗ୍ ରେକର୍ଡ କରିଥିଲେ।

# ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଭାଗନେବ

ଲସେନ,୧୬।୪(ପି.ଟି.)

ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ରେ ଭାରତ ଆସନ୍ତାବର୍ଷ ଯୋଗଦେବ। ଏହି ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣରେ ଭାରତ ଯୋଗ ଦେଇ ନ ଥିଲା। ତେବେ ଆସନ୍ତା ଜାନୁୟାରୀରେ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌ରେ ଭାରତୀୟ ହକି ଦଳ ଯୋଗ ଦେବା ନିଶ୍ଚିତ ହୋଇଛି ଏଫ୍‌ଆଇଏଚ୍ ସ୍ପଷ୍ଟ କରିଛି। ଅଂଶଗ୍ରହଣ କରିଥିବା ଅନ୍ୟ ଜାତୀୟ ଆସୋସିଏଶନଗୁଡିକ ସର୍ବସମ୍ମତି କ୍ରମେ ଭାରତର ଯୋଗ ଦାନକୁ ସମର୍ଥନ କରିଛନ୍ତି। କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏଫ୍‌ଆଇଏଚ୍ ଏ ନେଇ ସ୍ପଷ୍ଟ କରିଛି। ପୂର୍ବରୁ ୨୦୧୭ରେ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଏହି ଲିଗ୍‌ରୁ ଓହରିଯାଇଥିଲେ। ଲିଗ୍‌ରୁ ପୂର୍ବରୁ ଓହରିଯିବା ସମ୍ପର୍କରେ ହକି ଇଣ୍ଡିଆ କୌଣସି କାରଣ ଉଲ୍ଲେଖ କରି ନ ଥିଲା। ତେବେ ମହିଳା ଦଳରେ ନିମ୍ନ ମାନର ର୍‍ୟାଙ୍କିଙ୍ଗ୍ କାରଣରୁ ଭାରତ ଏହି ଲିଗ୍‌ରୁ ଓହରିଯାଇଥିଲା। ଫଳରେ କେବଳ ଗୋଟିଏ ଦଳ ନେଇ ଭାରତ ଲିଗ୍‌ରେ ଯୋଗ ଦେବାକୁ ଚାହିଁ ନ ଥିଲା ବୋଲି କୁହାଯାଇଥିଲା। ହକି ୱାର୍ଲ୍ଡ ଲଗ୍ ମାଧ୍ୟମରେ ଭାରତ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି।




ଗତ ଜାନୁୟାରୀରେ ଖେଳାଯାଇଥିବା ପ୍ରୋ- ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣରେ ୯ଟି ଦଳ ରାଉଣ୍ଡ ରବିନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଜୁନ ପର୍ଯ୍ୟନ୍ତ ଉଭୟ ଘରୋଇ ଓ ବାହାର ପରିବେଶରେ ମ୍ୟାଚ୍ ଖେଳିଥିଲେ। ଶ୍ରେଷ୍ଠ ୪ଟି ଦଳ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫିକେଶନ ଇଭେଣ୍ଟ ପାଇଁ ଟିକେଟ ହାସଲ କରିଥିଲେ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଯୋଗଦେବା ଏକ ବଡ଼ କଥା ବୋଲି ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଲ କହିଛନ୍ତି। ଭାରତରେ ହକିର ଲୋକପ୍ରିୟତା ବେଶ୍ ଅଧିକ ରହିଛି। ୨୦୨୦ ଓ ୨୦୨୧ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ ବୋର୍ଡ ଅନୁମୋଦନ କରିଛି। ପ୍ରତିବର୍ଷ ପ୍ରଥମ ୬ ମାସରେ ଲିଗ୍ ପ୍ରତିଯୋଗିତା ଆୟୋଜନ ହେବ। ଚଳିତ ବର୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳୁ ନ ଥିବାରୁ ଭାରତ ହକି ସିରିଜ ଫାଇନାଲ୍ସ ଖେଳି ଆସନ୍ତାବର୍ଷ ଅଲିମ୍ପିକ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ଆସନ୍ତା ଜୁନ୍‌ରେ ଭୁବନେଶ୍ୱରରେ ୩ଟି ହକି ସିରିଜ ଫାଇନାଲ୍ସର ଗୋଟିଏ ସିରିଜ ଆୟୋଜନ ହେବ।

# ପ୍ଲେ-ଅଫ୍ ଲକ୍ଷ୍ୟରେ ସୁପର କିଙ୍ଗ୍ସ

ହାଇଦ୍ରାବାଦ, ୧୬।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୩ତମ ମ୍ୟାଚ୍‌ରେ ବୁଧବାର ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ସନ୍‌ରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହେବେ। ଏପର୍ଯ୍ୟନ୍ତ ଲିଗ୍‌ରେ ସଫଳତମ ଦଳ ସାବ୍ୟସ୍ତ ହୋଇଥିବା ଚେନ୍ନାଇ ୮ଟି ମ୍ୟାଚ୍ ଖେଳି ୭ଟି ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୧୪ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ହାଇଦ୍ରାବାଦ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୩ଟି ବିଜୟ ଓ ୪ଟି ପରାଜୟ ସହ ୬ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ଘରୋଇ ପରିବେଶର ଫାଇଦା ଉଠାଇ ବିଜୟୀ ହେବା ସହ ପଏଣ୍ଟ ତାଲିକାରେ ଉନ୍ନତି କରିବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଚେନ୍ନାଇ ତା’ର ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ବିଶ୍ୱକପ୍ ଦଳରୁ ବାଦ୍ ପଡିଥିବା ଚେନ୍ନାଇ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ନିରାଶ କରିଥିବ। ଆଉ ଗୋଟିଏ ବିଜୟ ହାସଲ କଲେ ଚେନ୍ନାଇ ପ୍ଲେ- ଅଫ୍‌ରେ ସ୍ଥାନ ପକ୍କା କରିବ। ତେଣୁ ରାୟୁଡୁ ସ୍ୱତନ୍ତ୍ର କିଛି କରି ଦେଖାଇ ଚେନ୍ନାଇକୁ ବିଜୟୀ କରିବା ପାଇଁ ଚେଷ୍ଟା କରିବେ।

ହାଇଦ୍ରାବାଦ ଭଲ ଖେଳିଥିଲେ ମଧ୍ୟ ହଠାତ୍ ଗତ ୩ଟି ମ୍ୟାଚ୍‌ରେ ପରାଜୟବରଣ କରିଛି। ଗତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ହାଇଦ୍ରାବାଦ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିଲା। ଚେନ୍ନାଇ ଏକ ଅଭିଜ୍ଞ ତଥା ଅପେକ୍ଷାକୃତ ଅଧିକ ବୟସ୍କ ଦଳ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଛି। ବିଭିନ୍ନ ପ୍ରକାର ପରିସ୍ଥିତି ପାଇଁ ଚେନ୍ନାଇ ପାଖରେ ଉପଯୁକ୍ତ ରଣନୀତି ରହିଛି। ଅନ୍ୟପଟେ ହାଇଦ୍ରାବାଦ ତା’ର ଦୁଇ ଓପନରଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡିଛି। ଯେତେବେଳେ ଓପନିଂ ଯୋଡି ଜନୀ ବେୟାରଷ୍ଟୋ ଓ ଡେଭିଡ ୱାର୍ନର ବିଫଳ ହୋଇଛନ୍ତି ସେତେବେଳେ ହାଇଦ୍ରାବାଦ ପରାସ୍ତ ହୋଇଛି। ୱାର୍ନର ଏପର୍ଯ୍ୟନ୍ତ ୪୦୦, ବେୟାରଷ୍ଟୋ ୩୦୪ ରନ କରିଥିବା ବେଳେ ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ବିଜୟ ଶଙ୍କର ୧୩୨ ରନ ସଂଗ୍ରହ କରିଛନ୍ତି। ହାଇଦ୍ରାବାଦର ମୂଳ ସମସ୍ୟା ହେଉଛି ମିଡଲ ଅର୍ଡରର ବିଫଳତା। ମନୀଷ ପାଣ୍ଡେ ୬ଟି ମ୍ୟାଚ୍‌ରୁ ୫୪, ଦୀପକ ହୁଡା ୪୭ ଓ ୟୁସୁଫ ପଠାନ ମାତ୍ର ୩୨ ରନ ସଂଗ୍ରହ କରି ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ପୂର୍ବରୁ ଆଇପିଏଲରେ ଦମ୍‌ଦାର ପ୍ରଦର୍ଶନ କରି ବେଶ୍ ଚର୍ଚ୍ଚିତ ହୋଇଥିବା ୟୁସୁଫ ଏଥର ଗୋଟିଏ ହେଲେ ବି ମ୍ୟାଚ୍ ବିଜୟୀ ଇନିଂସ ଖେଳିନାହାନ୍ତି।

ଅପରପକ୍ଷରେ ଧୋନୀ ଭିନ୍ନ ଭିନ୍ନ ପରିସ୍ଥିତିରେ ଓ ଗ୍ରାଉଣ୍ଡକୁ ଦୃଷ୍ଟିରେ ରଖି ଅଲଗା ଅଲଗା ଦଳ ସହ ପଡିଆକୁ ଓହ୍ଲାଇଛନ୍ତି। ଖେଳାଳିମାନେ ମଧ୍ୟ ତାଙ୍କ ଭରସାର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ଗ୍ରାଉଣ୍ଡ ଅନୁସାରେ ସେ ହରଭଜନ ସିଂ, ମିଚେଲ ସାଣ୍ଟନର, ୪୦ ବର୍ଷୀୟ ସ୍ପିନର ଇମ୍ରାନ ତାହିରଙ୍କୁ ଖେଳାଇଛନ୍ତି ଓ ସଫଳତା ମଧ୍ୟ ପାଇଛନ୍ତି। ଅଧିନାୟକଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଖେଳାଳିମାନେ ପ୍ରୟାସ କରି ବେଶ୍ ସଫଳ ହୋଇଛନ୍ତି। ଏହି ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ହାଇଦ୍ରାବାଦକୁ ବେଶ୍ କଷ୍ଟ କରିବାକୁ ପଡିବ। ଚେନ୍ନାଇ ମଧ୍ୟ ଏହି ମ୍ୟାଚ୍‌କୁ ହାଲ୍‌କା ଭାବେ ନେବ ନାହିଁ। କାରଣ ଚେନ୍ନାଇ ପ୍ଲେ- ଅଫ୍‌ଠାରୁ ଆଉ ଗୋଟିଏ ବିଜୟ ଦୂରରେ ରହିଛି।



ଏକ ହାଲ୍କା ମୁହୂର୍ତ୍ତରେ ମୋହିତ ଶର୍ମା ଓ ବିଜୟ ଶଙ୍କର।

## ମୋଇସେସ୍ ହେନେରିକ୍ସ ଆହତ

ମୋହଲି,୧୬।୪(ପି.ଟି.)

ଅଷ୍ଟ୍ରେଲିଆ ଅଲରାଉଣ୍ଡର ମୋଇସେସ୍ ହେନେରିକ୍ସ ଆହତ ହୋଇଛନ୍ତି। ଫଳରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ କିଙ୍ଗ୍ସ ଏକାଦଶ ପଞ୍ଜାବ ପାଇଁ ତାଙ୍କର ପଦାର୍ପଣ ବିଳମ୍ବିତ ହୋଇଛି। ସେ ଗୋଇଠିରେ ଆଘାତ ପାଇଛନ୍ତି। ମଙ୍ଗଳବାର ସେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ମ୍ୟାଚ ଖେଳିଥନ୍ତେ। ହେନେରିକ୍ସ ପୂର୍ବରୁ ଆଇପିଏଲ୍‌ରେ ୫ଟି ଦଳ ପାଇଁ ଖେଳିସାରିଛନ୍ତି। ୩୨ ବର୍ଷୀୟ ଏହି ଖେଳାଳି ପୁର୍ବରୁ ଦିଲ୍ଲୀ ଡେୟାର ଡେଭିଲ୍ସ, କୋଲକାତା ନାଇଟ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ସନ ରାଇଜର୍ସ ହାଇଦ୍ରାବାଦ ପାଇଁ ଆଇପିଏଲ ଖେଳିଛନ୍ତି। ଆହତ ହେବା କାରଣରୁ ହେନେରିକ୍ସଙ୍କ ବଦଳରେ ଡେଭିଡ ମିଲରଙ୍କୁ ଅନ୍ତିମ ଏକାଦଶରେ ସାମିଲ କରାଯାଇଛି।

## ସଂକ୍ଷେପରେ

### ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟ: ଦେଷଣ୍ଠ ବିଜୟୀ

ଟିକ୍ରାପଡା, ୧୪।୪(ଡି.ଏନ୍.ଏ.) ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୪ତମ ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଥିଲା ଚତୁର୍ଥ ଦିବସ । ଅନୁଷ୍ଠିତ ମ୍ୟାଚରେ ଟସ୍ ଜିଣି ଟିକ୍ରାପଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୬୦ରନ କରିଥିଲେ । ଜବାବରେ ଦେଷଣ୍ଠ ୧୦ ଓଭରରେ ୭ ଉଇକେଟ ହରାଇ ୬୧ ରନ କରି ବିଜୟୀ ହୋଇଥିଲା । ଚିତ୍ତରଞ୍ଜନ ଛତ୍ରିଆ, ଦେବରାଜ ଛତ୍ରିଆ, ରିଙ୍କୁ ଛତ୍ରିଆ ଖେଳ ପରିଚାଳନା କରିଥିଲେ । ସାମାଜିକ କର୍ମୀ ନରେନ୍ଦ୍ର ଧରୁଆ, ଅନ୍ତର୍ଯ୍ୟାମୀ ରାଜପଲିଆ, ଆଇନଜୀବୀ ସୁଧିର ଠାକୁର, ବନବିହାରୀ ମିର୍ଦ୍ଧା ଅତିଥିଭାବେ ଯୋଗ ଦେଇଥିଲେ । ସୋମବାର କେନ୍ଦୁଉଡାର ବନାମ ଯୁରାବନ୍ଧ ମଧରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

### ବାଲି ବୋଝେଇ ଡମ୍ଫର ଓଲଟି ମାଲିକ ମୃତ

ସଜନାଗଡ଼,୧୬।୪(ଡି.ଏନ୍.ଏ.): ନୀଳଗିରି ଏନ୍ଏସି ଅନ୍ତର୍ଗତ ବାଲିଗୋହିରି-କାହାଲିଆ ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଏକ ବାଲି ବୋଝେଇ ଡମ୍ଫର (ନଂ. ଓଆର୍୦୧ଏମ୍ ୦୮୦୯) ଓଲଟି ପଡ଼ିବା ଫଳରେ ଗାଡ଼ି ତଳେ ଚାପି ହୋଇ ଗାଡ଼ି ମାଲିକଙ୍କର ଶୋଚନୀୟ ମୃତ୍ୟୁ ହୋଇଛି। ମୃତକ ହେଲେ ରତ୍ନାକର ନାୟକ। ତାଙ୍କ ଘର ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତ ବିଶାଳସାହି ଗ୍ରାମରେ। ଅପରାହ୍ନ ସମୟରେ ରାସ୍ତାକାମ ପାଇଁ ବାଲି ଗାଡ଼ିରେ ବସି ରତ୍ନାକର ଯାଉଥିବା ବେଳେ ଭାରସାମ୍ୟ ହରାଇ ଗାଡ଼ିଟି ଡାହାଣ ପଟକୁ ପ୍ରାୟ ୬ଫୁଟ୍ ତଳ ବିଲ ମଝିକୁ ଖସି ପଡ଼ିଥିଲା। ଡ୍ରାଇଭର ଗାଡ଼ିରୁ ବାହାରି ଯାଇଥିବା ବେଳେ ବାମପଟରେ ବସିଥିବା ରତ୍ନାକରଙ୍କ ଉପରକୁ ଟ୍ରକ୍ଟି ଓଲଟି ପଡ଼ିଥିଲା। ଟ୍ରକ୍ ତଳେ ଚାପି ହୋଇ ଚିତ୍କାର କରୁଥିବା ବେଳେ ସ୍ଥାନୀୟ ଲୋକ ଏକ ଜେସିବି ସାହାଯ୍ୟରେ ରତ୍ନାକରଙ୍କ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅଗ୍ନିଶମ ଗାଡ଼ିରେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସାଧିନ ଅବସ୍ଥାରେ ରତ୍ନାକରଙ୍କ ମୃତ୍ୟୁ ହୋଇଛି।

# କଂଗ୍ରେସର ଭରସା ଗ୍ୟାରେଣ୍ଟି କାର୍ଡ

## ■ ଭୋଟରଙ୍କୁ ବୁଝାଉଛନ୍ତି ନେତା

ବାଲେଶ୍ୱର ଅଫିସ,୧୫।୪

ଚଳିତ ନିର୍ବାଚନରେ କଂଗ୍ରେସର ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ତଥା ବିଧାନସଭା ପ୍ରାର୍ଥୀମାନଙ୍କର ଭରସା ସାଜିଛି ଗ୍ୟାରେଣ୍ଟି କାର୍ଡ। ଯୁବକ, ମହିଳା ଏବଂ ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାର ଲିଖିତ ପ୍ରତିଶ୍ରୁତି ଦେଉଛି କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଭୋଗରାଇ ବ୍ଲକ ବାଉଁଣ୍ଡା ଗ୍ରାମରେ ସୋମବାର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ ଭୋଟରମାନଙ୍କ ନିକଟରେ ପହଞ୍ଚି ଏହି କାର୍ଡ ବିଷୟରେ ବୁଝାଇଛନ୍ତି। ଏହାକୁ ପରଖି କଂଗ୍ରେସ ଉପରେ ଭରସା କରିବାକୁ ପ୍ରାର୍ଥୀମାନେ ଭୋଟରଙ୍କୁ ନିବେଦନ କରୁଛନ୍ତି। ଯୁବକମାନଙ୍କ ପାଇଁ ମୋ ସମ୍ମାନ-ମୋ ରୋଜଗାର ସ୍ଲୋଗାନ ଦିଆଯାଉଥିବା ବେଳେ ଏଥିରେ ପ୍ରତ୍ୟେକ ଦରିଦ୍ର ପରିବାର ପାଇଁ ସର୍ବନିମ୍ନ ଆୟ ଏବଂ ସରକାରୀ ହେଉ ବା ବେସରକାରୀ ଚାକିରି ଯୋଗାଇଦେବା ସହ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ସ୍ଥାୟୀ କରିବାରେ ଗ୍ୟାରେଣ୍ଟି ଦେଉଛନ୍ତି। ସେହିପରି ମହିଳାମାନଙ୍କ ପାଇଁ ମୋ ଶିକ୍ଷା-ମୋ ସମ୍ମାନ, ମୋ ସୁରକ୍ଷା ଯୋଜନାରେ କନ୍ୟାମାନଙ୍କୁ ମାଗଣା ଉଚ୍ଚଶିକ୍ଷା ଓ ବିବାହ ପାଇଁ ଆର୍ଥିକ ସହାୟତା, ଘରେ ଘରେ ପାଣି ଯୋଗାଇଦେବା ସହ ମହିଳାଙ୍କ ପ୍ରତି ଅତ୍ୟାଚାର ରୋକିବା ପାଇଁ ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ମହିଳା ଅଧିକାରୀ ନିଯୁକ୍ତି କରାଯିବ ବୋଲି କଂଗ୍ରେସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉଛି। ସେହିଭଳି ଚାଷୀମାନଙ୍କ ପାଇଁ ଚାଷ ମୋର-ଦେଶ ମୋର ଯୋଜନାରେ କଂଗ୍ରେସ ସରକାର ଗଠନର ପ୍ରଥମଦିନରେ କୃଷି ଋଣ ଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬ଶହ ଟଙ୍କା ଓ ଡାଲିଜାତୀୟ ଫସଲରେ ସର୍ବନିମ୍ନ ସହାୟକ ମୂଲ୍ୟ ସହ ବୋନସ ପ୍ରଦାନ, କୃଷକମାନଙ୍କୁ ୫ବର୍ଷ ପର୍ଯ୍ୟନ୍ତ ନିରନ୍ତର ଭାବେ ଆର୍ଥିକ ସହାୟତା ସହିତ ମାଗଣା ସୌରଚାଳିତ ପମ୍ପସେଟ୍ ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ନିର୍ବାଚନୀ ପ୍ରଚାରକୁ ଜୋର୍‌ଦାର କରାଯାଇଛି। ଗ୍ୟାରେଣ୍ଟି କାର୍ଡକୁ କେତେକ ଅଞ୍ଚଳର ଲୋକେ ଗ୍ରହଣ କରିପାରୁ ନ ଥିବାବେଳେ କଂଗ୍ରେସ ଦଳରୁ ମୁହଁ ମୋଡ଼ିଥିବା ଲୋକଙ୍କୁ ନବାଗତ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ମନାଇବାକୁ ଉଦ୍ୟମ କରୁଛନ୍ତି।



ଲୋକଙ୍କୁ ଗ୍ୟାରେଣ୍ଟି କାର୍ଡ ସମ୍ପର୍କରେ ବୁଝାଉଛନ୍ତି କଂଗ୍ରେସର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି।

## ■ ଭାଜପା ନେତା ମଙ୍ଗୁଲି ଜେନା ହତ୍ୟା ଘଟଣା

# ତଦନ୍ତ ଭାର ନେଲା କ୍ରାଇମବ୍ରାଞ୍ଚ, ୨ ଅଟକ

ଖୋର୍ଦ୍ଧା ଅଫିସ,୧୬।୪

ଖୋର୍ଦ୍ଧା ଆଦର୍ଶ ଥାନା ନବୀନାବାଗରେ ରବିବାର ରାତିରେ ଭାଜପା ନେତା ମଙ୍ଗୁଲି ଜେନା ହତ୍ୟାକାଣ୍ଡର ତଦନ୍ତ ଭାର ଜିଲା ପୋଲିସ କ୍ରାଇମବ୍ରାଞ୍ଚକୁ ମଙ୍ଗଳବାର ହସ୍ତାନ୍ତର କରିଛି। ଏହି ଘଟଣାରେ ଆଦର୍ଶ ଥାନା ପୋଲିସ ୨ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅପରାହ୍ନରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଉପରୋକ୍ତ ସୂଚନା ଦେଇଛନ୍ତି।

ଆଇଜିଙ୍କ ସୂଚନା ଅନୁସାରେ, ହତ୍ୟାକାଣ୍ଡର ଗୁରୁତ୍ୱକୁ ଆଖି ଆଗରେ ରଖି ଡିଜିପି ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହତ୍ୟା ପରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପ୍ରଥମରୁ କ୍ରାଇମବ୍ରାଞ୍ଚର ସାଇବର ସେଲ ଟିମ୍ ସହଯୋଗ କରୁଛି। ପୁଣି କ୍ରାଇମବ୍ରାଞ୍ଚର ଏକ ଇନ୍‌ଭେଷ୍ଟିଗେଶନ ଟିମ ମଙ୍ଗଳବାର କ୍ୟାମ୍ପ ଆରମ୍ଭ କରିଛି। ଆଇଜି କ୍ରାଇମବ୍ରାଞ୍ଚ ଅରୁଣ ବୋଥ୍ରା ନିଜେ ସୋମବାରଠାରୁ ଉପସ୍ଥିତ ରହି ସହଯୋଗ ଓ ତଦନ୍ତ କରୁଛନ୍ତି। ଜିଲା ପୋଲିସ ସମସ୍ତ ପ୍ରକାର ସହଯୋଗ କ୍ରାଇମବ୍ରାଞ୍ଚକୁ କରିବ। ହତ୍ୟା ପଛରେ ପୂର୍ବ ଶତ୍ରୁତା ଓ ରାଜନୈତିକ ହିଂସା ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବଡ଼ପୋଖରିଆରେ ୨୦୧୫ରୁ ରାଜନୈତିକ ହିଂସା ଲାଗି ରହିଛି। ମୃତ ମଙ୍ଗୁଲି ପୂର୍ବତନ ସରପଞ୍ଚ ଥିଲେ। ସେହିପରି ସିସିଟିଭି, ମୋବାଇଲ ଟ୍ରାକିଂକୁ ଆଧାର କରି ତଦନ୍ତ ଚାଲୁ ରହିଛି।

ପ୍ରକାଶ ଯେ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଲି ଜେନାଙ୍କୁ ଗତ ୧୪ ରବିବାର ରାତି ପ୍ରାୟ ୧୧ଟା୪୫ମିନିଟ୍‌ରେ ଖୋର୍ଦ୍ଧା ଆଦର୍ଶ ଥାନାର ନବୀନାବାଗରେ ହତ୍ୟା କରାଯାଇଥିଲା। ଏହି ପ୍ରାକ୍ ନିର୍ବାଚନୀ ହିଂସାକୁ ନେଇ ନିରାକାରପୁର ଓ ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ରବିବାର ରାତିରୁ ଉତ୍ତେଜନା ଲାଗି ରହିଥିଲା। ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନ ଓ ନିରାକାରପୁର ଥାନାର ବଡ଼ପୋଖରିଆରେ ରାସ୍ତାରୋକୋ ହୋଇଥିଲା।

# ହତ୍ୟା ମାମଲା: ମା'ପୁଅ ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର ଅଫିସ,୧୬।୪

ଏକ ହତ୍ୟା ମାମଲାର ବିଚାର କରି ମଙ୍ଗଳବାର ବାଲେଶ୍ୱର ଜିଲା ଦୌରାଜଜ୍ ରାମଶଙ୍କର ହୋତା ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ମା'-ପୁଅଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଧୀନ ଆଡ଼ିଆସାହି ଗ୍ରାମର ନାକଫୁଡ଼ି ସିଂଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ଉକ୍ତ ଗ୍ରାମର ଜୟଦେବ ସିଂ ଓ ତାର ମା' ରାଇବାରୀ ସିଂ ଗତ ୨୦୧୬ ମେ' ୨୭ ତାରିଖ ସନ୍ଧ୍ୟାରେ ଏକ ଧାରୁଆ କଟୁରୀ ଓ ବୁଡ଼ିଆରେ ନିର୍ମମ ଭାବେ ହତ୍ୟା କରିଥିଲେ। ଏନେଇ ନାକଫୁଡ଼ିଙ୍କ ପୁଅ କ୍ଷୀତିସ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ. ୨୧/୧୬) ରୁଜୁ କରାଯାଇ ଉଭୟ ମା'-ପୁଅଙ୍କୁ ଗିରଫ କରି ଜେଲ୍ ପଠାଇଥିଲେ। ୧୯ଜଣ ସାକ୍ଷୀଙ୍କ ବୟାନ ଅନୁସାରେ ଦୌରାଜଜ୍ ହୋତା ଉକ୍ତ ମାମଲାର ବିଚାର କରି ପ୍ରମାଣ ଅଭାବରୁ ଉଭୟ ମା'-ପୁଅଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୩ବର୍ଷ ଜେଲ୍‌ରେ ଥିବା ଉଭୟ ମା'-ପୁଅ ମଙ୍ଗଳବାର ଅପରାହ୍ନରେ ଜେଲ୍‌ରୁ ମୁକୁଳିଥିବା ଜଣାପଡ଼ିଛି। ଉକ୍ତ ମାମଲାକୁ ମୁଦାଲାମାନଙ୍କ ତରଫରୁ ଆଇନଜୀବୀ ଶାନ୍ତନୁ କୁମାର ରାଉତ ପରିଚାଳନା କରୁଥିବା ବେଳେ ଆଇନଜୀବୀ ଶ୍ୟାମଳ କୁମାର ଶାହା ଓ ଗଗନ ଚନ୍ଦ୍ର ରାଉତ ସହଯୋଗ କରିଥିଲେ।

## ସେଲ୍‌ଫି କର୍ନର



@ ନିଶିଥ୍



@ ଜେକେ ଛତ୍ରିଆ



@ ମନୋଜ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹ 350 per sqcm
Colour : ₹ 400 per sqcm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା- 27,000/-, ଶିକ୍ଷାଗତ ଯୋଗ୍ୟତା- 8th to 10th & above.
Contact: 8339922964

**REQUIRED**
ଭୁବନେଶ୍ୱରସ୍ଥିତ Plot Selling ପାଇଁ Experienced Marketing Person (Male/ Female) & Tele Calling ପାଇଁ Smart Girl Required.
Contact: 9438119623

**CALL CENTER**
Videocon D2H & Airtel D2H
Salary : Rs 6,000/- to Rs 15,000/-
Qualification : 10th / +2 / Any Graduation
9040066658

**WALK IN-INTERVIEW**
We are All India Project Base, Real Estate & Construction Company, Odisha @ India. Now we required following Man Power in **Bhubaneswar, Puri, Cuttack, Jajpur, Bhadrak, Sambalpur, Paradeep, Balasore, Berhampur Etc.**
- ASST. GENERAL MANAGER(AGM) - 03Nos. Experience having Car/Bike
- BRANCH MANAGER(B.M) - 08Nos. Experience for Team
- UNIT MANAGER(U.M) - 10Nos. Experience for Team
- REGIONAL MANAGER(R.M) - 10Nos. Experience/Fresher
- MARKETING MANAGER(MM) - 12Nos. Experience/Fresher
- SALES MANAGER(S.M) (M/F) - 45Nos. Bike/Mobile must
- CUSTOMER CARE CUM TELECALLERS (Female) - 06Nos. Smart & Good looking
- OFFICE BOY & DRIVER - 04Nos.

Salary, Incentive, Tour, Travels & Extra Benefits are Negotiable by Company
JSMIL constructing future
JAI SANTOSHI MAA INFRASTRUCTURE (P) LTD.
Plot No.: 3911, Jagannath Nagar, Road No.: 14
P.O.: GGP, P.S.: Mancheswar, Khordha-751025
Call: 0674-2371183, Mob.: 9348830896, 9040033905
Website: www.santoshigroup.in
E-mail: jaisantoshimaainfra@rediffmail.com

ଘର କାମ, ରୋଷେଇ, ରୋଗୀ ଯତ୍ନ, ପିଲା ଯତ୍ନ ପାଇଁ (ମହିଳା/ପୁରୁଷ) ଆବଶ୍ୟକ, (ବୟସ: 18-55), ଦରମା: 6000- 10,000 + ରହିବା + ଖାଇବା ସୁବିଧା ଅଛି।
8114721727
9078788039

**URGENTLY WANTED**
POST- TALLY OPERATOR- (M/F)
ADD:- HIGHWAY TRADING PVT. LTD. 25A, UNIT-3, KHARVEL NAGAR, BBSR
CALL- 9437006047
9937006047

**URGENTLY REQUIRED**
AUTOCAD Operator- Diploma in Civil Engg. with 1 year Exp in Autocad 2D/3D & A car driver with Minimum 3 years Exp in driving (Bachelor)
U.C.E. BBSR
Contact No- 9776273661
0674-2507670

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25000/-.
Contact Immediately
Mob: 8763257042

**WANTED**
BOSCH Kitchen Appliances
Require A Person For Sales& Marketing All Odisha. With Full Experience In This Trade. He Will Be In Company Payroll.
Candidates Send CV
E-Mail:- rajmohanrohit@Gmail.Com
Contact Mob- 8249250386
(11AM TO 2PM)

**ଆବଶ୍ୟକ**
ଇତିହାସ ବା ଭୂଗୋଳରେ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷାଗତ ଯୋଗ୍ୟତା ଥିବା B.Ed. ଶିକ୍ଷକ ଆବଶ୍ୟକ।
Contact: 8763123782, 9937619497
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାଣ୍ଡରା, ଭୁବନେଶ୍ୱର

**DIRECT JOINING**
Customer Service (A-D2H), Data Entry, Back Office, Receptionist (ଓଡ଼ିଆ)
Salary : Rs.8000 To Rs.15000
9090658710

**REQUIRED**
1. An ACCOUNTANT for concurrent audit of Bank in Bargarh and Angul area.
2. A MAIDSERVANTCUM PEON in Ravi Talkies area, Bhubaneswar.

Contact No.: 9438674500
Email ID: rkjena@hotmail.com, fca.ranjan1970@gmail.com

**INTERNATIONAL POTATO CENTRE (CIP),**
ICAR-CTCRI CAMPUS, DUMDUMA HOUSING BOARD, BHUBANESWAR-751019(ODISHA)
**WALK-IN-INTERVIEW**
A Walk-in-Interview will be conducted by INTERNATIONAL POTATO CENTRE (CIP) at ICAR-CTCRI campus , DUMDUMA H.B., Bhubaneswar 751019, **on date 23rd & 24th April 2019,** for selection of the following temporary positions under RKVY sponsored **GAINS- Phase II Project.**
1. **Field Extension Assistant:-** 6 (Six) positions. **Essential Qualification:** Technical Degree/ Graduate-Natural Science/Diploma in Agriculture/ Horticulture with 1-year experience in field activity/ in any organization, Computer knowledge, knowing English & fluency in Odia is a must. The selected candidates will be posted in four districts of Odisha **(Angul, Kheonjhar, Gajapati and Rayagada).** **Salary: Rs. 17,000.00 (consolidated).** **Interview Date: 23rd April** (for Gajapati and Keonjhar Districts) and **24th April** (for Rayagada and Angul Districts).
2. **Field Assistant:-** 2 (Two) positions. **Essential Qualification:** 10th Pass, Desirable: Diploma holder in Agriculture/ Horticulture, Fluency in Odia is a must. **Salary: Rs. 8000.00 (consolidated). Interview Date: 23rd April.**
3. **Project Assistant:-** 1 (One) Position. **Essential Qualification:** Technical degree or Graduate in B.com or BBA, Fluency in Oriya is a must and intermediate knowledge in English is desired, minimum 2 years' experience in administrative supportand logistic support, knowledge in computer applications. **Salary: Rs.25,000.00 (consolidated). Interview Date: 24th April.**

Sd./-(Project Coordinator, CIP, Odisha)
Contact No: 8249677904 (Mobile)

**Contact: 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**WANTED**
1. Marketing Executive, Graduate above
2. Trainee Engineer, Diploma, ITI or B-tech
3. Quality Engineer, BSC Graduate
4. Worker

Cont.- 7978787142
7077700103

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ
ଦରମା - ୭୦୦୦/- ରୁ ୩୫୦୦୦/-
9668051710

**ଆବଶ୍ୟକ**
ଆମେ ମଇଶୂରପାକ/ବିସ୍କୁଟ୍/ ପାଉରୁଟି ତିଆରି କରୁ। ଯେ କୌଣସି ବ୍ୟକ୍ତି ତିଆରି କିମ୍ବା ମାର୍କେଟିଂ କାମ ପାଇଁ ଯୋଗାଯୋଗ କରିପାରନ୍ତି। କୌଣସି ଶିକ୍ଷାଗତ ଯୋଗ୍ୟତା/ ଅଭିଜ୍ଞତା ଆବଶ୍ୟକ ନାହିଁ। ଦୟାକରି ଫୋନ୍ ନକରି ହ୍ୱାଟସ୍ ଆପ୍ କରନ୍ତୁ:-
8908834912

**REQUIRED**
Ex-Serviceman, below 50 years of age having experience to handle supervision of security guards in Barbil, Keonjhar, Odisha. Interested may send application by email:-
INFO@LMSTECHNOLOGIES.COM
Before 20 April 2019

**OrissaPOST** HERE . NOW
English daily
**WANTED**

**Anchors**
- Candidates having Bachelors Degree in Journalism, Broadcasting or Communications and strong communication skills in English required.
- Responsibilities include scripting, anchoring, research and reporting, strong idea on use of digital and social media will be preferred.

**Bulletin Producers**
- Experienced producers to coordinate newscasts, editorial packages & bulletins for digital platform.

**Translators**
- Should be well versed in English and Odia. (Full Time)

**Visual Graphic Designers**
- Candidate should be able to create visual packages & create attractive news / stories for digital audiences.
- Develop graphics and visuals for product illustrations.
- Responsible for creating on screen text, video graphics, developing company creatives, assist with custom graphics & packages and building marketing material.

Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday

$ Dollar 69.60 (18)

| Sensex | Nifty | Gold | Silver |
|---|---|---|---|
| 369.80 ↑ 39,275.64 | 96.80 ↑ 11,787.15 | ₹170 ↑ 32,790.00 | ₹250 ↑ 38,350.00 |



“ ହ୍ୟାକ୍ ହୋଇଥିବା ୱିପ୍ରୋର କେତେକ କର୍ମଚାରୀଙ୍କ ଆକାଉଣ୍ଟ ଯାଞ୍ଚ ଚାଲିଛି। ସେମାନଙ୍କ ସହ ଜଡ଼ିତ ଗ୍ରାହକ କମ୍ପାନୀଙ୍କୁ ଏ ସମ୍ପର୍କରେ ଚେତାଇ ଦିଆଯାଇଛି।

–ଆବିଦାଲି ଜେଡ୍ ନିମୁଚୱାଲା, ସିଇଓ, ୱିପ୍ରୋ



“ ଚଳିତ ଆର୍ଥିକ ବର୍ଷରେ ଟେଲିକମ୍ ସେକ୍ଟରରେ ୭% ରାଜସ୍ୱ ବୃଦ୍ଧି ହେବାର ସମ୍ଭାବନା ରହିଛି। ଟାରିଫ ଯୁଦ୍ଧ ଏବେ ଧୀରେ ଧୀରେ ସ୍ଥିର ହେଉଛି।

–ହେତାଲ ଗାନ୍ଧୀ, ଡାଇରେକ୍ଟର, କ୍ରିସିଲ ରିସର୍ଚ୍ଚ

## ସଂକ୍ଷେପରେ

### ଶକ୍ତିକାନ୍ତଙ୍କ ସ୍ୱାକ୍ଷରରେ ଜାରି ହେବ ନୂଆ ୫୦ ଟଙ୍କିଆ ନୋଟ୍



ମୁମ୍ବାଇ,୧୬-୪: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଖୁବ୍‌ଶୀଘ୍ର ନୂଆ ୫୦ ଟଙ୍କିଆ ନୋଟ୍ ଜାରି କରିବାକୁ ଯାଉଛି। ମହାତ୍ମା ଗାନ୍ଧୀ ସିରିଜରେ ଜାରି ହେବାକୁ ଥିବା ନୂଆ ନୋଟ୍‌ରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ସ୍ୱାକ୍ଷର ରହିବ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏ ସମ୍ପର୍କରେ ଏକ ବିବୃତି ଜାରି କରି କୁହାଯାଇଛି ଯେ, ନୂଆ ନୋଟ୍‌ର ସମ୍ପୂର୍ଣ୍ଣ ଡିଜାଇନ ମହାତ୍ମା ଗାନ୍ଧୀ ସିରିଜ ଭଳି ହେବ। ଏହାବ୍ୟତୀତ ପୂର୍ବରୁ ପ୍ରଚଳନରେ ଥିବା ୫୦ ଟଙ୍କିଆ ମୂଲ୍ୟର ସମସ୍ତ ନୋଟ୍ ଆଇନଗତ ଭାବେ ବୈଧ ରହିବ, ଅର୍ଥାତ୍ ସମସ୍ତ ପୁରୁଣା ନୋଟ୍ ପ୍ରଚଳନରେ ରହିବ। ସୂଚନାଥାଉ କି, ୨୦୧୭ରେ ଆର୍‌ବିଆଇ ନୂଆ ୫୦ ଓ ୨୦୦ ଟଙ୍କିଆ ନୋଟ୍ ଜାରି କରିଥିଲା, ଯାହା ଏବେ ମଧ ପ୍ରଚଳନରେ ରହିଛି। ନୂଆ ନୋଟ୍‌ର ରଙ୍ଗ ଫ୍ଲୋରୋସେଣ୍ଟ ବ୍ଲୁ ହେବ ଏବଂ ମଝିରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରହିବ।

### ସେନସେକ୍ସ, ନିଫ୍ଟିରେ ନୂଆ ରେକର୍ଡ



ମୁମ୍ବାଇ,୧୬-୪: ଭାରତୀୟ ଶେୟାର ବଜାରରେ ମଙ୍ଗଳବାର ନିବେଶକଙ୍କ ଆଗ୍ରହ ବୃଦ୍ଧି ଯୋଗୁ ଉଭୟ ସେନସେକ୍ସ ଓ ନିଫ୍ଟିରେ ନୂଆ ରେକର୍ଡ ହୋଇପାରିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ୩୯,୩୬୪.୩୪ର ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ୫୦ ଶେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟି ମଧ ଇତିହାସରେ ପ୍ରଥମ ଥର ୧୧,୮୦୦ ସ୍ତର ଛୁଇଁଛି। ସେନସେକ୍ସ ୩୬୯.୦ ପଏଣ୍ଟ ସହିତ ୩୯,୨୭୫.୬୪ରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୯୬.୮୦ ପଏଣ୍ଟ ବୃଦ୍ଧି ସହ ୧୧,୭୮୭.୧୫ରେ ବନ୍ଦ ହୋଇଥିଲା। ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ କେନ୍ଦ୍ରରେ ପୁନର୍ବାର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଫେରୁଥିବା ମନେ କରି ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାରରେ ନିବେଶ ବୃଦ୍ଧି କରିଥିବାରୁ ଏବଂ ବାଣିଜ୍ୟ ତଥ୍ୟ ସକାରାତ୍ମକ ରହିବା କାରଣରୁ ଷ୍ଟକ ବଜାର ପ୍ରତି ଘରୋଇ ଓ ବିଦେଶୀ ନିବେଶକଙ୍କ ଆଗ୍ରହ ବେଶ ବଢ଼ିଥିବା ଦେଖାଯାଇଛି, ଯାହାର ପ୍ରତିଫଳନ ମଙ୍ଗଳବାର ଷ୍ଟକ୍ ବଜାରରେ ଦୃଷ୍ଟିଗୋଚର ହୋଇଥିଲା।

### ଏନ୍‌ପିଏ ହ୍ରାସରୁ ୦.୬% ବଢ଼ିବ ଜିଡିପି: ରିପୋର୍ଟ

ନୂଆଦିଲ୍ଲୀ,୧୬-୪: ବ୍ୟାଙ୍କରେ ଫସିଥିବା ଋଣ(ଏନ୍‌ପିଏ) ହ୍ରାସ କାରଣରୁ ବ୍ୟାଙ୍କଗୁଡ଼ିକର ଲାଭ ବୃଦ୍ଧି ପାଉଛି। ଫଳରେ ଆର୍ଥିକ ବର୍ଷ ୨୦୧୯-୨୦ରେ ମୋଟ ଘରୋଇ ଉତ୍ପାଦ(ଜିଡିପି) ୦.୬% ବୃଦ୍ଧି ପାଇବ ବୋଲି ଆମେରିକା ବ୍ରୋକରେଜ କମ୍ପାନୀ ଗୋଲ୍ଡମ୍ୟାନ ସାକ୍ସ ରିପୋର୍ଟରେ କୁହାଯାଇଛି। ଏନ୍‌ପିଏ କାରଣରୁ ବ୍ୟାଙ୍କଗୁଡ଼ିକ ନିଜର ଖାତାରେ କ୍ଷତି ଦର୍ଶାଇବାକୁ ବାଧ ହୁଅନ୍ତି। ଲାଭ ବଢ଼ିବା କାରଣରୁ ସେମାନେ ଉତ୍ପାଦନ କାର୍ଯ୍ୟ ଲାଗି ଅଧିକ ଋଣ ଦେଇପାରିବେ। ଗୋଲ୍ଡମ୍ୟାନ ରିପୋର୍ଟ ଅନୁଯାୟୀ, ଋଣ ବାବଦ ଖର୍ଚ୍ଚ ହ୍ରାସ ପାଇବା କାରଣରୁ ଋଣ ପ୍ରଦାନ ୧.୪୦% ବୃଦ୍ଧି ପାଇବ, ଯାହା ଦ୍ୱାରା ବାସ୍ତବିକ ନିବେଶ ୨% ଏବଂ ବାସ୍ତବିକ ଜିଡିପି ୦.୬୦% ବୃଦ୍ଧି ପାଇବ। ଏଥିପୂର୍ବରୁ ରିଜର୍ଭ ବ୍ୟାଙ୍କ ୨୦୧୯-୨୦ରେ ଜିଡିପି ୭.୨% ରହିବ ବୋଲି ପୂର୍ବାନୁମାନ କରିଛି, ଯାହା କି ଫେବୃୟାରୀ ଅନୁମାନଠାରୁ ୦.୨% କମ୍। ବ୍ରୋକରେଜ୍ କମ୍ପାନୀର ଅନୁମାନ ଅନୁଯାୟୀ, ଆଲୋଚ୍ୟ ବର୍ଷରେ ଏନ୍‌ପିଏ ଲାଗି ବ୍ୟବସ୍ଥା ମୋଟ ବକେୟା ଋଣର ୧.୨୦% ପର୍ଯ୍ୟନ୍ତ ରହିଯିବ, ଯାହା କି, ୨୦୧୭-୧୮ରେ ୨.୩୦%ର ସର୍ବୋଚ୍ଚ ସ୍ତର ଥିଲା। ସମଗ୍ର ରୂପରେ ଏହି ରାଶି ୩.୩ ଲକ୍ଷ କୋଟି ଟଙ୍କାରୁ କମ୍ ହୋଇ ୧.୯ ଲକ୍ଷ କୋଟି ଟଙ୍କା ହୋଇଯିବ।

# କିଙ୍ଗ୍‌ଫିଶର ଦଶା ଭୋଗିପାରେ ଜେଟ୍

ନୂଆଦିଲ୍ଲୀ,୧୬-୪



ନରେଶ ଗୋୟଲ।

- ଜେଟକୁ ସାମୟିକ ବନ୍ଦ ଲାଗି ମ୍ୟାନେଜମେଣ୍ଟର ପ୍ରସ୍ତାବ
- ବିଡ଼ିଂରୁ ଓହରିଲେ ଗୋୟଲ
- ଏବେ ଚାଲୁଛି ମାତ୍ର ୭ ବିମାନ
- ପାଣ୍ଠି ଦେବାକୁ ରାଜି ନୁହନ୍ତି କିଛି ବ୍ୟାଙ୍କ

କିଙ୍ଗଫିଶର ଏୟାରଲାଇନ୍ସ ଭଳି ଜେଟ୍ ଏୟାରୱେଜ ବନ୍ଦ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଯାହା ଜଣାପଡୁଛି ବିଜୟ ମାଲ୍ୟାଙ୍କ କମ୍ପାନୀ ଭଳି ନରେଶ ଗୋୟଲଙ୍କ କମ୍ପାନୀ ମଧ ବନ୍ଦ ହେବାକୁ ଯାଉଛି। କାରଣ ଜେଟ୍‌ର ଅଂଶଧନ ବିକ୍ରି ପ୍ରୟାସ ସଫଳ ହେଉନାହିଁ। ବିରୋଧ କାରଣରୁ ଗୋୟଲଙ୍କ ନେତୃତ୍ୱାଧୀନ ୩ କମ୍ପାନୀ ବିଡିଂ ପ୍ରକ୍ରିୟାରୁ ଦୂରେଇ ଯାଇଛନ୍ତି। ଗୋୟଲଙ୍କୁ ବିଡିଂ ପ୍ରକ୍ରିୟାରୁ ନ ହଟାଇଲେ ସେମାନେ ଏଥିରୁ ଓହରି ଯିବେ ବୋଲି ଏଥିପୂର୍ବେ ଏଟିହାଦ ଏୟାରୱେଜ ଏବଂ ଟିପିଜି କ୍ୟାପିଟାଲ ଧମକ ଦେଇଥିଲା। ଏହା ଜାଣିବା ପରେ ଗୋୟଲ ବିଡିଂ ପ୍ରକ୍ରିୟାରୁ ଦୂରେଇ ଯାଇଛନ୍ତି। ଏହାରି ଭିତରେ ଜେଟ୍ ମ୍ୟାନେଜମେଣ୍ଟ ନିଜ ବୋର୍ଡ ନିକଟରେ କମ୍ପାନୀର କାରବାରକୁ କିଛି ସମୟ ପାଇଁ ବନ୍ଦ କରିବାକୁ ପ୍ରସ୍ତାବ ଦେଇଛି। ପାଣ୍ଠି ଯୋଗାଡ ପର୍ଯ୍ୟନ୍ତ କାରବାର ବନ୍ଦ ସପକ୍ଷରେ ମ୍ୟାନେଜମେଣ୍ଟ ଯୁକ୍ତି ବାଢ଼ିଛି। କାରଣ ବ୍ୟାଙ୍କରୁ ପାଣ୍ଠି ମିଳିବାର ଆଉ ଆଶା ନାହିଁ ବୋଲି କୁହାଯାଇଛି। ପାଣ୍ଠି ଅଭାବରେ ଜେଟ୍‌ର ଏବେ ମାତ୍ର ୭ ବିମାନ ଉଡ଼ାଣ ଭରୁଛି। କାରଣ ବହୁ କଷ୍ଟରେ ବିମାନ ଇନ୍ଧନ ପାଇଁ ଖର୍ଚ୍ଚ କରାଯାଇପାରୁଛି। ମଙ୍ଗଳବାର ମୁମ୍ବାଇରେ ଜେଟ ଏୟାରୱେଜ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ମ୍ୟାନେଜମେଣ୍ଟ ପକ୍ଷରୁ ଉକ୍ତ ପ୍ରସ୍ତାବ ଦିଆଯାଇଛି। ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏହାର ଗ୍ରାହକଙ୍କୁ ଠକିବାକୁ ଚାହୁଁନାହିଁ। କାରଣ ଏବେ ଉଡ଼ାଣ ଭରିବା କଥା କହିବା ହାସ୍ୟାସ୍ପଦ ହେବ। ସୂଚନାଥାଉ କି, ଗୋୟଲଙ୍କ ଜେନେରାଲ ସେଲ୍ସ ଏଜେନ୍ସି ଜେଟ ଏୟାର ଏକ ଆମେରିକୀୟ କମ୍ପାନୀ ଫ୍ୟୁଚର ଟ୍ରେଣ୍ଡ କ୍ୟାପିଟାଲ ଏବଂ ଲଣ୍ଡନସ୍ଥିତ ଏକ କମ୍ପାନୀ ଏଡି ପାର୍ଟନର୍ସ ସହାୟତାରେ ଜେଟ୍ ଅଂଶଧନ କିଣିବା ଲାଗି ଶୁକ୍ରବାର ସନ୍ଧ୍ୟା ୬.୦୮ଟାରେ ଆଗ୍ରହ ପତ୍ର ଦାଖଲ କରିଥିଲା। କିନ୍ତୁ ଏହା ଜମା କରିବାର ସମୟସୀମା ସନ୍ଧ୍ୟା ୬ଟା ଯାଏ ଧାର୍ଯ୍ୟ ହୋଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅଂଶଧନ ବଢ଼ାଇବା ଲାଗି ଏଟିହାଦ ପକ୍ଷରୁ ଦୁଇଟି ସର୍ତ୍ତାରୋପ କରାଯାଇଛି। ପ୍ରଥମତଃ ଜେଟ୍‌ରୁ ଗୋୟଲଙ୍କୁ ସମ୍ପୂର୍ଣ୍ଣ ବିଦା କରିବା ଏବଂ ଦ୍ୱିତୀୟରେ ଶେୟାର ବଜାରରେ ଓପନ ଅଫର ଦେବାରୁ ରକ୍ଷା କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ, ପିଏନ୍‌ବି, ଆଇସିଆଇସିଆଇ ଓ ୟେସ ବ୍ୟାଙ୍କ ଜେଟ୍‌କୁ ଜରୁରୀ ପାଣ୍ଠି ଦେବା ସପକ୍ଷରେ ନ ଥିବା ବେଳେ ଏସ୍‌ବିଆଇ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ ଏବଂ ସିଣ୍ଡିକେଟ ବ୍ୟାଙ୍କ ପାଣ୍ଠି ଦେବା ସପକ୍ଷରେ ଯୁକ୍ତି ଦର୍ଶାଉଛନ୍ତି। ଫଳରେ ପାଣ୍ଠି ଦେବା ନେଇ ନିଷ୍ପତ୍ତି ନିଆଯାଇପାରୁନି।

## ବିମାନ ଭଡ଼ା ଉପରେ ଡିଜିସିଏର ନଜର

**ନୂଆଦିଲ୍ଲୀ,୧୬-୪:** ଜେଟ୍ ଏୟାରୱେଜରେ ସଙ୍କଟ ଦେଖାଦେବା ପରେ ବିମାନ କ୍ଷେତ୍ରରେ ଟିକେଟ ମୂଲ୍ୟ ଆକାଶଛୁଆଁ ହେଲାଣି। ଏହାଦ୍ୱାରା ଯାତ୍ରୀମାନେ ସିଧାସଳଖ ପ୍ରଭାବିତ ହେବା ସହିତ ସରକାରଙ୍କ ରାଜସ୍ୱ କମିବାରେ ଲାଗିଛି। ଏଣୁ ଦୈନିକ ଭିତ୍ତିରେ ବିମାନ ଭଡା ଉପରେ ନଜର ରଖିବାକୁ ବେସାମରିକ ବିମାନ ଚଳାଚଳ ନିୟାମକ ଡିଜିସିଏ ନିଷ୍ପତ୍ତି ନେଇଛି। ଏନେଇ ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ବିମାନ ଟିକେଟ ମୂଲ୍ୟ ବୃଦ୍ଧି ପାଇବା ନେଇ ମଙ୍ଗଳବାର ଡିଜିସିଏ ପକ୍ଷରୁ ୧୦ ବିମାନ କମ୍ପାନୀର ମୁଖ୍ୟମାନଙ୍କ ସହ ବୈଠକ ହୋଇଥିଲା। ସୂଚନାଥାଉ କି, ଜେଟ୍ ଏୟାରୱେଜରେ ଦେଖାଦେଇଥିବା ସଙ୍କଟ କାରଣରୁ ଏହାର ବିମାନ ଉଡ଼ାଣ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଫଳରେ ବିଭିନ୍ନ ରୁଟ୍‌ରେ ବିମାନ ଟିକେଟ ମୂଲ୍ୟ ଅହେତୁକ ବୃଦ୍ଧି ପାଇବାରେ ଲାଗିଛି। କମ୍ପାନୀଗୁଡ଼ିକୁ ନିଜ ସ୍ତରରେ ବିମାନ ଟିକେଟ ମୂଲ୍ୟ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଥିବାବେଳେ ଯଥାସମ୍ଭବ ଟିକେଟ ମୂଲ୍ୟ କମ ରଖିବାକୁ କୁହାଯାଇଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।

# ଷ୍ଟାଇଲ ସ୍ପାରେ ଏଣ୍ଡ ଅଫ୍ ସିଜନ ସେଲ୍

ଭୁବନେଶ୍ୱର,୧୬-୪

**ମିଳୁଛି ୭୦% ପର୍ଯ୍ୟନ୍ତ ରିହାତି**

STYLESPA Live Smart

ପ୍ରମୁଖ ଫର୍ନିଚର ନିର୍ମାତା କମ୍ପାନୀ ଷ୍ଟାଇଲ ସ୍ପା ପକ୍ଷରୁ ଏଣ୍ଡ୍ ଅଫ୍ ସିଜନ ସେଲ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫରରେ ଗ୍ରାହକମାନେ ୭୦% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ଏହା କମ୍ପାନୀର ବଛା ବଛା ପ୍ରଡକ୍ଟ ଉପରେ ଲାଗୁ ହେବ। ଅଫରର ଅବଧି ସୀମିତ ସମୟ ଲାଗି ରହିଛି। କେ.କେ. ବିର୍ଲା ଆଡଭେଞ୍ଚର ଏବଂ ଫୋର୍ଟେ ଫର୍ନିଚର ମିଳିତ ଭାବେ ଷ୍ଟାଇଲ ସ୍ପା ବ୍ରାଣ୍ଡର ଫର୍ନିଚର ପ୍ରସ୍ତୁତ କରୁଛନ୍ତି। ଚେନ୍ନାଇଠାରେ ଏସିଆର ସର୍ବବୃହତ୍ ମାନୁଫାକଚରିଂ ୟୁନିଟ ସହ ଏହା ପ୍ରଡକ୍ଟ ପ୍ରସ୍ତୁତି କରୁଛି। ସାରା ଦେଶରେ ୫୦ କମ୍ପାନୀ ଆଉଟଲେଟରେ ଏହି ଅଫର ଗ୍ରାହକ ଲାଭ କରିପାରିବେ। ଏହି ଅଫର ରାଜ୍ୟର ସମ୍ବଲପୁର, ଅନୁଗୋଳ ଏବଂ ଭୁବନେଶ୍ୱରର ବାପୁଜୀନଗର ସ୍ଥିତ ଶୋ'ରୁମରେ ଉପଲବ୍ଧ ହେଉଥିବା କମ୍ପାନୀର ଏଏସ୍‌ଏମ୍ ଇନ୍ଦ୍ରଜିତ୍ ମହାନ୍ତି ସୂଚନା ଦେଇଛନ୍ତି। ଯାଜପୁର ଏବଂ ପଟିଆଠାରେ କମ୍ପାନୀ ଏହାର ନୂଆ ଡିଲରଶିପ ସ୍ଥାପନ କରିଛି। ରାଜ୍ୟର ଅନ୍ୟ ପ୍ରାନ୍ତରେ ସ୍ଥିତି ଦୃଢୀକରଣ ଲାଗି ପଦକ୍ଷେପ ଜାରି ରହିଥିବା ମହାନ୍ତି ସୂଚନା ଦେଇଛନ୍ତି। ଶୋ'ରୁମରେ ସୋଫାସେଟ, ବେଡରୁମ କମ୍ବୋ ସେଟ, ଡାଇନିଂ ସେଟ ସହ ଅଫିସ ଏବଂ ହୋମ ଫର୍ନିଚରର ବିଭିନ୍ନ ବର୍ଗରେ ନୂଆ ପ୍ରଡକ୍ଟ ସାମିଲ କରାଯାଇଛି। ବଜାଜ ଫାଇନାନ୍ସ କାର୍ଡରେ ଜିରୋ ଡାଉନପେମେଣ୍ଟ ଏବଂ ଜିରୋ ଇଣ୍ଟେରେଷ୍ଟରେ ଗ୍ରାହକ ପ୍ରଡକ୍ଟ ନେଇପାରିବେ ବୋଲି ମହାନ୍ତି କହିଛନ୍ତି।

# ଟେଷ୍ଟି ଟ୍ରିଟ୍‌ର ନୂଆ ପ୍ରଡକ୍ଟ

ଭୁବନେଶ୍ୱର, ୧୬-୪

ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡ୍‌ର ଟେଷ୍ଟି ଟ୍ରିଟ୍ ବ୍ରାଣ୍ଡ ପକ୍ଷରୁ ୫ଟି ସ୍ୱାଦରେ ପଟାଟୋ ଚିପ୍ସ ବଜାରକୁ ଆସିଛି। ଏହା ମଧ୍ୟରେ ଚିଜ୍,ସୋର କ୍ରିମ ଆଣ୍ଡ ଓନିଅନ, ଟ୍ୟାଙ୍ଗି ଟମୋଟୋ, କ୍ଲାସିକ ସଲ୍ଟ ଏବଂ ଦେଶୀ ମସାଲା ମ୍ୟାଜିକ ରହିଛି। ପ୍ୟାକଗୁଡିକରେ ଅତିରିକ୍ତ ଚିପ୍ସ ରହିଛି। ଏହା ୫ ଟଙ୍କା,୧୦ ଟଙ୍କା, ୨୦ ଟଙ୍କା ଏବଂ ୩୫ ଟଙ୍କା ପ୍ୟାକରେ ଆସୁଛି। ଏହା ଫ୍ୟୁଚର ଗ୍ରୁପର ବିଗ୍ ବଜାର, ବିଗ୍ ବଜାର ଜେନ ନେକ୍ସଟ, ଇଜି ଡେ କ୍ଲବ, ହେରିଟେଜ୍ ଫ୍ରେସ, ହାଇପରସିଟି ଏବଂ ଫୁଡୱାର୍ଲ୍ଡ ଆଦି ଷ୍ଟୋରରେ ଉପଲବ୍ଧ। ଖୁବ କମ୍ ସମୟ ମଧ୍ୟରେ ଟେଷ୍ଟି ଟ୍ରିଟ୍ ଦେଶର ଏକ ଲୋକ ପ୍ରିୟ ବ୍ରାଣ୍ଡ ହୋଇ ପାରିଛି ବୋଲି ଫ୍ୟୁଚର ଗ୍ରୁପ ସିଇଓ ସଦାଶିବ ନାୟକ କହିଛନ୍ତି।

# ଗଡ଼ିଲା ନୂଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୧୬-୪



ପୂର୍ବତଟ ରେଳପଥ ପରିସୀମା ମଧ ଦେଇ ପୁଣି ଏକ ନୂଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନର ଶୁଭାରମ୍ଭ କରାଯାଇଛି। ଜୁନ ମାସ ଶେଷ ପର୍ଯ୍ୟନ୍ତ ସାନ୍ତ୍ରାଗାଛି-ଚେନ୍ନାଇ ସେଣ୍ଟ୍ରାଲ ଟ୍ରେନ ଚଳାଚଳ କରାଇବାକୁ ରେଲୱେ ପକ୍ଷରୁ ଘୋଷଣା କରାଯାଇଛି। ଯାତ୍ରୀ ଭିଡକୁ ଏଡାଇବା ଦିଗରେ ଏହି ସ୍ୱତନ୍ତ୍ର ଟ୍ରେନ ସହାୟକ ହେବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ଯାତ୍ରୀ ଭିଡକୁ ନଜରରେ ରଖି ଏହାର ପରିସୀମା ମଧ୍ୟରୁ ଏବଂ ଏହା ମଧ ଦେଇ ଦେଶର ବିଭିନ୍ନ ସ୍ଥାନକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯାଉଛି। ଅଧିକ ବର୍ଥ ସଂଯୋଗ କରାଯିବା ସହ ଭିଡ କମାଇବାକୁ ପଦକ୍ଷେପ ନିଆଯାଇଛି। ପୂର୍ବରୁ ପୂର୍ବତଟ ରେଳପଥ ୧୫ ଯୋଡା ସ୍ୱତନ୍ତ୍ର ଟ୍ରେନ ଚଳାଇବା ଲାଗି ଘୋଷଣା କରିଥିବା ବେଳେ ନୂଆ କରି ଆଉ ଏକ ଯୋଡା ଟ୍ରେନ ଚଳାଇଛି। ଏହି ସ୍ୱତନ୍ତ୍ର ଟ୍ରେନରେ ଚାରୋଟି ଏସି ଟାୟାର, ପାଞ୍ଚଟି ୩ଏସି ଟାୟାର, ୪ଟି ସ୍ଲିପର କ୍ଲାସ, ୨ଟି ଗାର୍ଡ ଏବଂ ଲଗେଜ ଭ୍ୟାନ ରହିଛି। ଏହା ଖଡଗପୁର, ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ, ବ୍ରହ୍ମପୁର, ବିଜୟନଗରମ, ଦୁଭାଦା, ରାଜମହେନ୍ଦ୍ରି, ବିଜୟୱାଡା, ନେଲୋର ଏବଂ ଗୁଡୁର ଷ୍ଟେଶନଠାରେ ରହିବ।

**ହୀରାଖଣ୍ଡ, ରାଉରକେଲା-ଜଗଦଲପୁର ଏକ୍ସପ୍ରେସ ଜୟପୁର ଯାଏ ଚାଲିବ**

ପୂର୍ବତଟ ରେଳପଥ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ ଜୟପୁର-ଜଗଦଲପୁର ରେଳ ସେକ୍ସନର ୩ଟି ସେକ୍ସନରେ ନିରାପତ୍ତା ସଂକ୍ରାନ୍ତ ଆଧୁନିକିକରଣ କାର୍ଯ୍ୟ ଯୋଗୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହେବ ବୋଲି ସୂଚନା ରହିଛି। ଭୁବନେଶ୍ୱରରୁ ଜଗଦଲପୁର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ ଓ ରାଉରକେଲାରୁ ଜଗଦଲପୁର ଯାଉଥିବା ଏକ୍ସପ୍ରେସ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ଜୟପୁର ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଟ୍ରେନ ଦୁଇଟିକୁ ଜୟପୁର ଏବଂ ଦଗଦଲପୁର ମଧ୍ୟରେ ଆଂଶିକ ବାତିଲ କରାଯିବାକୁ ନିଷ୍ପତ୍ତି ହୋଇଛି।

# କଲ୍ୟାଣ ଜୁଏଲର୍ସ ପକ୍ଷରୁ ନୂଆ ଅଭିଯାନ

ଭୁବନେଶ୍ୱର, ୧୬-୪

କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ମାଗଣା ଗୋଲ୍ଡ କଏନ ଭାବେ ଶୋ'ରୁମ ପକ୍ଷରୁ ୩୦୦ କିଲୋ ପର୍ଯ୍ୟନ୍ତ ସୁନା ଗ୍ରାହକଙ୍କୁ ପ୍ରଦାନ ଲାଗି ଯୋଜନା ହାତକୁ ନିଆଯାଇଛି। ସାରା ବିଶ୍ୱରେ ଥିବା ଗ୍ରାହକଙ୍କ ଲାଗି ଏଭଳି ବ୍ୟବସ୍ଥା ରହିଛି। ଏହି ସମୟରେ ସୁନା ଗହଣାର ଗଢା ମୂଲ୍ୟ ୧୯୯ ଟଙ୍କାରୁ ଆରମ୍ଭ ହେଉଛି। ସର୍ବୋତ୍ତମ ଅଫର ସହ ଗ୍ରାହକଙ୍କ ଉତ୍ସବ ପାଳନରେ ଏକ ଅଂଶ ହୋଇଛୁ ବୋଲି କମ୍ପାନୀର ଅଧ୍ୟକ୍ଷ ଟି.ଏସ୍.କଲ୍ୟାଣ ରମଣ କହିଛନ୍ତି। ଏହି ଅଫର ଜୁନ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ସୂଚନା ରହିଛି।

# ଟିଡିଏସ୍ ସାର୍ଟିଫିକେଟ ଫର୍ମାଟରେ ସଂଶୋଧନ

ନୂଆଦିଲ୍ଲୀ,୧୬-୪




ଆୟକର ବିଭାଗ ଟିଡିଏସ୍ ସାର୍ଟିଫିକେଟ ଅର୍ଥାତ୍ ଫର୍ମ ୧୬ରେ ସଂଶୋଧନ କରିଛି। ଏଥିରେ ଘରଭଡ଼ାରୁ ହେଉଥିବା ଆୟ ତଥା ଅନ୍ୟ ନିଯୁକ୍ତିଦାତାଙ୍କଠାରୁ ପ୍ରାପ୍ତ ଦରମା ସମେତ ବିଭିନ୍ନ କ୍ଷେତ୍ର ସମ୍ପର୍କରେ ତଥ୍ୟ ଦାଖଲ କରିବାକୁ ହେବ। ଏହାକୁ ଅଧିକ ବ୍ୟାପକ କରାଯିବା ଦ୍ୱାରା ଟିକସ ଫାଙ୍କିକୁ ସହଜରେ ରୋକି ହେବ। ଏଥିରେ ବିଭିନ୍ନ ଟିକସ ସଞ୍ଚୟକାରୀ ନିବେଶ ଯୋଜନା, ଉତ୍ପାଦ ସମ୍ପର୍କରେ ଟିଡିଏସ୍ କାଟିବା, କର୍ମଚାରୀ ଦ୍ୱାରା ପ୍ରାପ୍ତ ବିଭିନ୍ନ ଭତ୍ତା ସହିତ ଅନ୍ୟ ସ୍ରୋତରୁ ପ୍ରାପ୍ତ ଆୟ ସମ୍ପର୍କରେ ଭିନ୍ନ ଭିନ୍ନ ସୂଚନା ଦେବାକୁ ପଡିବ। ସୂଚନାଥାଉ କି, ଫର୍ମ୧୬ ଏକ ସାର୍ଟିଫିକେଟ ଯାହାକୁ ନିଯୁକ୍ତିଦାତା ଜାରି କରିଥାନ୍ତି। ଏଥିରେ କର୍ମଚାରୀଙ୍କ ଟିଡିଏସ୍(ଟ୍ୟାକ୍ସ ଡିଡକ୍ଟେଟ ଆଟ୍ ସୋର୍ସ)ର ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଥାଏ। ଏହାକୁ ଜୁନ ମଧଭାଗରେ ଜାରି କରାଯାଏ ଏବଂ ଏହାକୁ ଆୟକର ରିଟର୍ନ ଦାଖଲ ବେଳେ ବ୍ୟବହାର କରାଯାଇଥାଏ। ଆୟକର ବିଭାଗ ଦ୍ୱାରା ଅଧିସୂଚିତ ସଂଶୋଧିତ ଫର୍ମ ମେ ୧୨ରୁ କାର୍ଯ୍ୟକାରୀ ହେବ। ଆୟକର ବିଭାଗ ପୂର୍ବରୁ ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଆୟକର ରିଟର୍ନ ଫର୍ମ ଜାରି କରିସାରିଛି।

# ଭାରତରେ ତିଆରି ହେବ ଆପଲ୍ ଆଇଫୋନ

ନୂଆଦିଲ୍ଲୀ,୧୬-୪

କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଅଧୀନରେ ଦେଶରେ ଖୁବ୍‌ଶୀଘ୍ର ଆପଲ୍‌ର ଆଇଫୋନ ତିଆରି ହେବ। ଆଇଫୋନ ଆସେମ୍ବ୍ଲିଂ କରୁଥିବା କମ୍ପାନୀ ଫକ୍ସକନ୍ ଟେକ୍ନୋଲୋଜି ଗ୍ରୁପ୍ ଏ ସମ୍ପର୍କରେ ସୂଚନା ଦେଇଛି। କମ୍ପାନୀ ଅଧ୍ୟକ୍ଷ ଟେରି ଗୌଉ କହିଛନ୍ତି ଯେ, ଚଳିତ ବର୍ଷ ଭାରତରେ ଆଇଫୋନକୁ ବ୍ୟାପକ ହାରରେ ନିର୍ମାଣ କରାଯିବ। ଅଦ୍ୟାବଧି ଅଧିକାଂଶ ଆଇଫୋନ ଚାଇନାରେ ନିର୍ମାଣ କରାଯାଉଛି। କମ୍ପାନୀ ନିଜର ପଲିସିରେ ଏହି ପରିବର୍ତ୍ତନ କରିଛି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଭାରତରେ ନିମନ୍ତ୍ରଣ କରିଛନ୍ତି। ସେ ଭାରତରେ କମ୍ପାନୀର ସମ୍ପ୍ରସାରଣ ଯୋଜନା ତିଆରି କରୁଛନ୍ତି। ସୂଚନାଥାଉ କି, ଗତ କିଛି ବର୍ଷ ହେଲା ବେଙ୍ଗାଲୁରୁ ପ୍ଲାଣ୍ଟରେ ଆପଲ୍‌ର ପୁରୁଣା ଫୋନ୍ ତିଆରି କରାଯାଉଛି, କିନ୍ତୁ ଅତ୍ୟାଧୁନିକ ମଡେଲ ଦୃଷ୍ଟିରୁ ଏହା ପ୍ରଥମ ହେବ। ଖୁବ୍‌ଶୀଘ୍ର ଆପଲ୍ ଆଇଫୋନ ନିର୍ମାଣର ଟ୍ରାୟାଲ ଆରମ୍ଭ ହେବ ବୋଲି ଆଶାକରାଯାଉଛି। ଅଧିକ ଦାମ ଦୃଷ୍ଟିରୁ ଭାରତରେ ଆପଲ୍‌ର ଆଇଫୋନ ବଜାର ସେଭଳି ବଢ଼ିନି। ସ୍ଥାନୀୟ ପ୍ଲାଣ୍ଟରେ ଏହାର ନିର୍ମାଣ ହେଲେ ଏହା ପୂର୍ବାପେକ୍ଷା ଶସ୍ତା ହେବ ଯାହାର ଫାଇଦା ଗ୍ରାହକ ପାଇବେ ବୋଲି ମିଡିଆରେ ଏକ ରିପୋର୍ଟ ପ୍ରକାଶ ପାଇଛି।

# ଜିଏସ୍‌ଟି ଅଡିଟ ରିପୋର୍ଟ ଫର୍ମ ଜାରି

ନୂଆଦିଲ୍ଲୀ,୧୬-୪




**ଜୁନ ୩୦ ଜମା କରିବାର ଶେଷ ଦିବସ**

ଆର୍ଥିକ ବର୍ଷ ୨୦୧୭-୧୮ ଲାଗି ୨ କୋଟି ଟଙ୍କାରୁ ଅଧିକ ବାର୍ଷିକ କାରବାର କରୁଥିବା କମ୍ପାନୀଗୁଡ଼ିକୁ ଜିଏସ୍‌ଟି ଅଡିଟ ରିପୋର୍ଟ ଦାଖଲ କରିବାକୁ ହେବ। ଏଥିପାଇଁ ଜିଏସ୍‌ଟି ନେଟ୍‌ୱାର୍କ(ଜିଏସ୍‌ଟିଏନ୍) ନିଜର ପୋର୍ଟାଲରେ ଫର୍ମ ଜାରି କରିଛି। ଅଡିଟ ରିପୋର୍ଟ ଦାଖଲ କରିବାର ଅନ୍ତିମ ଦିବସ ଜୁନ୍ ୩୦ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୭-୧୮ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ କରିବାର ପ୍ରଥମ ବର୍ଷ ଥିଲା। ଅର୍ଥ ମନ୍ତ୍ରଣାଳୟ ଗତବର୍ଷ ଡିସେମ୍ବର ୩୧ରେ ବାର୍ଷିକ ରିଟର୍ନ ଫର୍ମ ଜିଏସ୍‌ଟିଆର-୯, ଜିଏସ୍‌ଟିଆର-୯ଏ ଏବଂ ଜିଏସ୍‌ଟିଆର-୯ସି ପାଇଁ ନୋଟିଫିକେଶନ ଜାରି କରିଥିଲେ। ଜିଏସ୍‌ଟି କାଉନସିଲ ଡିସେମ୍ବରରେ ଏହି ଫର୍ମ ପୂରଣ କରିବାର ଶେଷଦିବସ ୩ ମାସ ବଢ଼ାଇ ଜୁନ ୩୦ କରିଛନ୍ତି। ଜିଏସ୍‌ଟି ନେଟୱାର୍କ ଜିଏସ୍‌ଟିଆର୍-୯ସିକୁ ଅଫଲାଇନରେ ଉପଲବ୍ଧ କରାଇଛି। ଏହାକୁ ଟିକସଦାତା ନିଜେ ପୂରଣ କରିବା ସହ ପୋର୍ଟାଲରେ ଅପ୍‌ଲୋଡ କରିପାରିବେ। ସୂଚନାନୁଯାୟୀ, ଜିଏସ୍‌ଟିଆର୍-୯ ପଞ୍ଜୀକୃତ ସମସ୍ତ ଟିକସଦାତାଙ୍କ ବାର୍ଷିକ ରିଟର୍ନ ଫର୍ମ ହୋଇଥାଏ। ଜିଏସ୍‌ଟିଆର୍-୯ଏ ଗୋଟିଏ ଥର ଯୋଜନା ଆପଣାଉଥିବା ଟିକସଦାତାଙ୍କ ଲାଗି ଉପଲବ୍ଧ କରାଯାଇଛି। ସେହିପରି ଜିଏସ୍‌ଟିଆର୍-୯ସି ଏକ ତଥ୍ୟ ମିଳାଇବା ଫର୍ମ ହୋଇଥାଏ। ଏହାକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଥବା କଷ୍ଟ ଆକାଉଣ୍ଟାଣ୍ଟ ଭେରିଫିକେଶନ କରିଥାନ୍ତି। ବାର୍ଷିକ ୨ କୋଟି ଟଙ୍କା କାରବାର କରୁଥିବା ବ୍ୟବସାୟୀ ବାର୍ଷିକ ରିଟର୍ନ ସହିତ ଏହାକୁ ଜମା କରିଥାନ୍ତି।

# ସେଣ୍ଟ୍ରାଲ ବ୍ୟାଙ୍କରେ ସତର୍କତା ସଚେତନତା

ଭୁବନେଶ୍ୱର,୧୬-୪

ସଚେତନତା ଅଭାବ ଓ ଚାରିତ୍ରିକ ବିଷମତା ଯୋଗୁ ମଣିଷ ଭ୍ରଷ୍ଟାଚାରରେ ଲିପ୍ତ ହୋଇଥାଏ। ଏହା ଦ୍ୱାରା ସାମାଜିକ ପ୍ରଣାଳୀ ଏବଂ ଆର୍ଥିକ ବ୍ୟବସ୍ଥା ଦୁର୍ବଳ ହୋଇପଡେ। ଭ୍ରଷ୍ଟାଚାର ଏକ ସାମାଜିକ ବ୍ୟାଧି ହୋଇଥିବାରୁ ଏହାକୁ ରୋକିବା ଲାଗି କଠୋର ଆଇନ ପ୍ରଣୟନ ସହ ଜନ ସମାଜର ମିଳିତ ଉଦ୍ୟମ ଜରୁରୀ ବୋଲି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ସତର୍କତା ଅଧିକାରୀ(ସିଭିଓ) ପର୍ଶୁରାମ ପଣ୍ଡା କହିଛନ୍ତି। ନୟାପଲ୍ଲୀସ୍ଥିତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ 'ପ୍ରିଭେଣ୍ଟିଭ ଆୱାରନେସ ଭିଜିଲାନ୍ସ ମିଟ୍'ରେ ଅଧିକାରୀଙ୍କୁ ସମ୍ବୋଧିତ କରି ପଣ୍ଡା ଏହା କହିଛନ୍ତି।

# ବିମାନରେ ୱାଇ-ଫାଇ ପାଇଁ ଜିଓର ଆବେଦନ

ନୂଆଦିଲ୍ଲୀ,୧୬-୪

ରିଲାଏନ୍ସ ଜିଓ ବିମାନରେ ୱାଇ-ଫାଇ ସେବା ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଟେଲିକମ ବିଭାଗ(ଡିଓଟି) ନିକଟରେ ଲାଇସେନ୍ସ ପାଇବାକୁ ଆବେଦନ କରିଛି। ଏଥିପୂର୍ବରୁ ରାଷ୍ଟ୍ରାୟତ୍ତ କମ୍ପାନୀ ବିଏସ୍‌ଏନ୍‌ଏଲ ଏବଂ ଘରୋଇ କମ୍ପାନୀ ଏୟାରଟେଲ ଏଥିପାଇଁ ଆବେଦନ କରିସାରିଛି। ଏହାଛଡ଼ା ଇନ୍-ଫ୍ଲାଇଟ କନେକ୍ଟିଭିଟି ଲାଗି ଓରଟସ୍ କମ୍ୟୁନିକେଶନ୍ସ, ଷ୍ଟେଶନ ସ୍ୟାଟ୍‌କମ୍ ଏବଂ କ୍ଲାଉଡ କାଷ୍ଟ ଡିଜିଟାଲ ମଧ ଆବେଦନ କରିଛି। ତେବେ ଓରଟସ୍ କମ୍ୟୁନିକେଶନ୍ସଠାରୁ ଡିଓଟି କେତେକ ସୂଚନା ମାଗିଛି। ସୂଚନାଥାଉ କି, ଡିଓଟି ଏଥିପୂର୍ବରୁ ପ୍ରଥମେ ହ୍ୟୁଜେସ୍ କମ୍ୟୁନିକେଶନ ଇଣ୍ଡିଆ ଲିମିଟେଡକୁ ଲାଇସେନ୍ସ ଦେଇଥିଲା। ଏହାବ୍ୟତୀତ ଟାଟା ଟେଲିନେଟ, ବିଏସ୍‌ଏନ୍‌ଏଲ ଓ ଓମ୍‌ନି କନେକ୍ଟକୁ ଲାଇସେନ୍ସ ମିଳିଥିଲା। ଏଥିପୂର୍ବରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଡିଓଟି ଏବଂ ଟେଲିକମ୍ ଆୟୋଗ ଉକ୍ତ ସେବା ଯୋଗାଣ ଲାଗି ସ୍ୱଦେଶୀ ସାଟେଲାଇଟ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲା। ୟୁରୋକନସୁଲେଟର କହିବାନୁଯାୟୀ, ୨୦୨୭ ସୁଦ୍ଧା ୨୩ ହଜାରରୁ ଅଧିକ ବାଣିଜ୍ୟିକ ବିମାନ ନିଜର ଯାତ୍ରୀଙ୍କୁ ଏହି ସୁବିଧା ଯୋଗାଇ ପାରିବେ। ୨୦୧୭ ସୁଦ୍ଧା ୭୪୦୦ ବିମାନ ଏହି ସୁବିଧା ଦେଉଥିଲେ। ନର୍ଦନଖ ସ୍କାଇ ରିସର୍ଚ୍ଚର ଏରୋନଟିକାଲ ସ୍ୟାଟ୍‌କମ୍ ମାର୍କେଟ-୨୦୧୭ ରିପୋର୍ଟରେ କୁହାଯାଇଛି ଯେ, ୨୦୧୯ ଶେଷ ସୁଦ୍ଧା ୩ରୁ ଗୋଟିଏ ବାଣିଜ୍ୟିକ ବିମାନରେ ଭିଏସ୍‌ଏଟି(ଭେରି ସ୍ମଲ ଆପର୍ଚର ଟର୍ମିନାଲ) କନେକ୍ଟିଭିଟି ସ୍ଥାପନ ହୋଇଯିବ। ଆରମ୍ଭରେ ଗ୍ରାହକମାନେ ବିମାନ ମଧ୍ୟରେ କେବଳ ଇଣ୍ଟରନେଟ ସର୍ଫିଙ୍ଗ ସୁବିଧା ମିଳିବ। କଥାବାର୍ତ୍ତା ସୁବିଧା ଯୋଗାଇବାକୁ କିଛି ସମୟ ଲାଗିଯିବ।

SASHI BHUSAN GOVT. (AUTO)
WOMENS COLLEGE, BERHAMPUR
No. 916 Date: 15.04.19

**Tender Call Notice**

**Tender Notice for award of contract for providing of services of Highly Skilled person to work in Controller of Examination Section/College Office.**

Sealed Tenders are invited from reputed manpower agencies/service providers to provide a highly skilled person to work in controller of Examination Section for a period of one year w.e.f. the **Date of Engagement** through a suitable placement agency on contract basis for day to day work which may be extended as per requirement.

The detailed information for outsourcing the services of the aforesaid engagement may be obtained in person from the office of the PRINCIPAL, SASHI BHUSAN RATH GOVT. (AUTO) WOMENS COLLEGE, BERHAMPUR-760001 on any working day between 11.00 A.M. to 3.00 P.M. from **15th April 2019 to 23rd April 2019.** The Tender Document will be received through Regd. Post/Speed Post or by Person. The last date for submission of tender is **23rd April 2019.**

**Sd./- Principal**
**Sashi Bhusan Rath Govt. (Auto)**
**Womens College, Berhampur**



ଓପନର୍, ଫିନିଶର୍ କିମ୍ବା ୪ ନମ୍ବର ସ୍ଥାନରେ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ, ଦୀନେଶ କାର୍ତ୍ତିକଙ୍କୁ ଆଗାମୀ ବିଶ୍ୱକପ୍‌ରେ ଯେଉଁ ଦାୟିତ୍ୱ ଦିଆଯିବ ସେ ତାହା କରିପାରିବେ ।

–ଅଭିଷେକ ନାୟାର, ନାଇଟ୍‌ରାଇଡର୍ସ ମେଣ୍ଟର

ଡେଭିଡ୍ ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ପରେ ବିଶ୍ୱକପ୍‌ରେ ଓପନିଂ ବ୍ୟାଟ୍ସମ୍ୟାନ ଚୟନକୁ ନେଇ ଅଡୁଆ ବଢ଼ିଯାଇଛି। ତେବେ ଆମେ ଓପନିଂରେ ଖେଳାଳି ରୋଟେଟ୍ କରିବୁ ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ ମୁଖ୍ୟ କୋଚ୍



## ସଂକ୍ଷେପରେ

### ମୋଣ୍ଟେ-କାର୍ଲୋରୁ ଜୋକୋଭିଚ୍ ଭ୍ରାତାଙ୍କ ବିଦାୟ



**ମୋନାକୋ (ଫ୍ରାନ୍ସ), ୧୬।୪:** ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଓ ତାଙ୍କ ଭ୍ରାତା ମାର୍କୋ ଏଠାରେ ଚାଲିଥିବା ମୋଣ୍ଟେ-କାର୍ଲୋ ମାଷ୍ଟର୍ସ ପ୍ରତିଯୋଗିତାର ପୁରୁଷ ଡବଲ୍ସ ଇଭେଣ୍ଟରୁ ବିଦାୟ ନେଇଛନ୍ତି। ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ଜୋକୋଭିଚ୍ ଭ୍ରାତା ୧-୬, ୩-୬ ସିଧାସଳଖ ସେଟ୍‌ରେ ୪ର୍ଥ ସିଡ୍ ସେବାଷ୍ଟିଆନ କାବଲ ଓ ରୋବର୍ଟ ଫର୍‌ହାଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। କଲମ୍ବିଆ ଯୋଡ଼ି ସେବାଷ୍ଟିଆନ ଓ ରୋବର୍ଟ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୫୫ ମିନିଟ୍ ସମୟ ନେଇଥିଲେ। ଜୋକୋଭିଚ୍ ଏଥିପୂର୍ବରୁ ଚଳିତ ବର୍ଷ ବିଏନ୍‌ପି ପରିବାସ ଓପନ୍‌ର ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ଫାବିଓ ଫୋଗନିନିଙ୍କୁ ସାଥୀ କରି ଖେଳିଥିଲେ। ସେହିଭଳି ଭାଇ ମାର୍କୋଙ୍କୁ ସାଥୀ କରି ଜୋକୋଭିଚ୍ ସିଜନ ଆରମ୍ଭରେ ଅନୁଷ୍ଠିତ ଦୋହା ପ୍ରତିଯୋଗିତାର ମଧ ସେମିଫାଇନାଲକୁ ଉନ୍ନୀତ କରିଥିଲେ।

# ଏଏଫ୍‌ସି କପ୍ ଉପରେ ଚେନ୍ନାଇନ୍‌ର ନଜର

ଅହମ୍ମଦାବାଦ, ୧୬।୪(ପି.ଟି.)



ଚେନ୍ନାଇନ ଏଫ୍‌ସି ଦଳ।

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସୁପର କପ୍ ଫୁଟବଲ ଟାଇଟଲକୁ ଅଳ୍ପକେ ହାତଛଡ଼ା କରିଥିବା ଚେନ୍ନାଇନ୍ ଏଫସି ଏବେ ଏଏଫ୍‌ସି କପ୍ ଉପରେ ନଜର ପକାଇଛି। ଦଳ ବୁଧବାର ଏଠାରେ ନିଜର ଦ୍ୱିତୀୟ ଗ୍ରୁପ୍ ମ୍ୟାଚରେ ନେପାଳୀ ଦଳ ମାନଙ୍ଗ ମର୍ଶିଆଙ୍ଗଡିକୁ ଭେଟିବାକୁ ଯାଉଛି। ୨୦୧୭-୧୮ ଇଣ୍ଡିଆନ ସୁପର ଲିଗ୍ ଚାମ୍ପିୟନ ଚେନ୍ନାଇନ୍ ଗତ ସିଜନରେ ଅତି ଖରାପ ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ନିମ୍ନରେ ରହିଥିଲା। ତେବେ ସୁପର କପ୍‌ରେ ଦଳ ଆକର୍ଷଣୀୟ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା ଏବଂ ଏଫସି ଗୋଆ ନିକଟରୁ ୧-୨ ଗୋଲରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏବେ ଏହି ନୈରାଶ୍ୟକୁ ପଛରେ ପକାଇ ଦଳ ଏଏଫସି କପ୍‌ରେ ନେପାଳ ଲିଗ୍ ଚାମ୍ପିୟନ ବିପକ୍ଷରେ ପ୍ରଥମ ବିଜୟ ଲକ୍ଷ୍ୟରେ ରହିଛି।

ଜନ ଗ୍ରେଗୋରିଙ୍କ ପ୍ରଶିକ୍ଷଣପ୍ରାପ୍ତ ଚେନ୍ନାଇନ୍ ଦଳ ମିନର୍ଭା ପଞ୍ଜାବ ବିପକ୍ଷ ଏହାର ଏଏଫସି କପ୍ ଗ୍ରୁପ 'ଇ' ପ୍ରଥମ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ସ୍ଥାନୀୟ ଟ୍ରାନ୍ସଷ୍ଟାଡିଆ ଆରେନାକୁ ଚେନ୍ନାଇନ୍ ହୋମ୍‌ଭେନ୍ୟୁ କରିଛି। ମିନର୍ଭା ବିପକ୍ଷ ମ୍ୟାଚକୁ ଦଳ ଏଠାରେ ଖେଳିଥିଲା ଏବଂ ଆଗାମୀ ମ୍ୟାଚକୁ ମଧ ଏଠାରେ ଖେଳିବାକୁ ଯାଉଛି। ଆଇଏସଏଲ ସମୟରେ ଆହତ ହୋଇଥିବା ଜେରି ଲାଲରିନ୍‌ଜୁଆଲା ଓ ଧନପାଲ ଗଣେଶ ଇତି ମଧ୍ୟରେ ସୁସ୍ଥ ହୋଇ ଯାଇଛନ୍ତି। ତେଣୁ ପୂରା ଫିଟ୍ ଦଳ ସହ ଚେନ୍ନାଇନ୍ ପଡ଼ିଆକୁ ଓହ୍ଲାଇବ। ଗତ କିଛି ମ୍ୟାଚରେ ଅନିରୁଦ୍ଧ ଥାପା ମିଡ୍‌ଫିଲ୍ଡରେ ଏବଂ ମାଲିସନ ଆଲଭେସ ବ୍ୟାକ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଜେଜେ ଲାଲପେଖଲୁଆ ଓ ସି.କେ. ଭିନିଥଙ୍କଠାରୁ ଦଳ ଫ୍ରଣ୍ଟଲାଇନ୍‌ରେ ଅନେକ କିଛି ଆଶା କରୁଛି। "ସୁପର କପ୍ ଫାଇନାଲରେ ପରାଜିତ ହୋଇଥିବାରୁ ଆମେ କିଛିଟା ନୈରାଶ୍ୟ ସହ ପଡ଼ିଆକୁ ଓହ୍ଲାଇବାକୁ ଯାଉଛୁ। ତେବେ ଆମେ ଏବେ ଏଏଫସି କପ୍ ମ୍ୟାଚ ଉପରେ ପୂରା ଫୋକସ କରୁଛୁ। ଏଏଫସି କପ୍‌ରେ ଖେଳିବା ଚେନ୍ନାଇ ଏବଂ ଦେଶ ପାଇଁ ସମ୍ମାନର କଥା। ଏହା ଏକ କଷ୍ଟସାଧ ମ୍ୟାଚ ହେବ। ତେବେ ଆମେ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ'' ବୋଲି ଗ୍ରେଗୋରି କହିଛନ୍ତି।

ଏଏଫସି କପ୍ ଆମକୁ ଉତ୍ସାହିତ କରିଛି। ଏହା ଆମପାଇଁ ବଡ଼ ପ୍ଲାଟ୍‌ଫର୍ମ। ଏଥିରେ ଖେଳିବା ଆମପାଇଁ ସମ୍ମାନ ସଦୃଶ। ତେଣୁ ଆମେ ସୁଯୋଗର ସଦ୍‌ବ୍ୟବହାର କରିବାକୁ ପ୍ରସ୍ତୁତ। ଆଇଏସଏଲ ନୈରାଶ୍ୟପରେ ଗୌରବ ଫେରି ପାଇବା ପାଇଁ ଏହା ଆମପାଇଁ ବଡ଼ ସୁଯୋଗ ଆଣିଛି ବୋଲି ଗ୍ରେଗୋରି ପ୍ରକାଶ କରିଛନ୍ତି। ମିନର୍ଭା ବିପକ୍ଷ ମ୍ୟାଚରେ ଆମେ ଗୋଲ ସ୍କୋର କରି ମ୍ୟାଚ ଜିତିବା ପାଇଁ ବହୁ ସୁଯୋଗ ପାଇଥିଲୁ। ମ୍ୟାଚ ଜିତିପାରି ନ ଥିଲେ ହେଁ ଆମେ ଏହି ମ୍ୟାଚକୁ ଶୃଙ୍ଖଳିତଭାବେ ଶେଷ କରିଥିଲୁ। ଏବେ ପ୍ରଦର୍ଶନରେ ଉନ୍ନତି ଆଣି ବିଜୟ ହାସଲ କରିବା ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ନେପାଳ ପକ୍ଷରୁ ପ୍ରଥମ କ୍ଲବଭାବେ ଏଏଫସି କପ୍ ଗ୍ରୁପ ପର୍ଯ୍ୟାୟ ଖେଳୁଥିବା ମାନଙ୍ଗ ମର୍ଶିଆଙ୍ଗଡି ନିଜର ପ୍ରଥମ ମ୍ୟାଚରେ ଢାକାର ଆବାହାନୀଠାରୁ ୦-୧ ଗୋଲରେ ପରାସ୍ତ ହୋଇଥିଲା। ବାଂଲାଦେଶୀ କ୍ଲବ ବିପକ୍ଷରେ ଦଳ ଭଲ ଖେଳିଥିଲେ ହେଁ ଗୋଟିଏ ଗୋଲରେ ହାର ମାନିଥିଲା। ନେପାଳୀ ଦଳର ଦୁଇ ନାଇଜେରିଆନ ଫରୱାର୍ଡ ଓଲୁୱାନମି ସୋମିଡେ ଓ ଆଫିଜ୍ ଓଲାୱାଲେଙ୍କ ଉପରେ ଚେନ୍ନାଇନ୍ ଡିଫେଣ୍ଡରଙ୍କ ନଜର ରହିବ। ଏହି ଦଳର ଅନ୍ୟ ଦୁଇ ମୁଖ୍ୟ ଖେଳାଳି ହେଲେ ବିଶାଳ ରାଜ ଓ ଅଞ୍ଜନ ବିସ୍ତା। ମାନଙ୍ଗ ମର୍ଶିଆଙ୍ଗଡି ଦଳର ଡିଫେଣ୍ଡର ହେଲେ ଜଣେ ଭାରତୀୟ ମହମ୍ମଦ ଅସିଫ। ସେ ଆଗାମୀ ମ୍ୟାଚରେ ନିଜ ଦେଶର ଏକ କ୍ଲବ ବିପକ୍ଷରେ ଖେଳିବେ।

### ପାଟସୁନ୍ଦରପୁର ଚାମ୍ପିୟନ



**ଫୁଲନଖରରା, ୧୬।୪ (ଡି.ଏନ୍.ଏ.):** କଟକ ସଦର ଥାନା ବ୍ରାହ୍ମଣଝରିଲୋ ଗ୍ରାମର ମା' ନାଗେଶ୍ୱରୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ପାଟସୁନ୍ଦରପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ କଟକସଦର ଥାନା କାଜିପାଟଣା କ୍ଲବ ଓ ପାଟସୁନ୍ଦରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପାଟସୁନ୍ଦରପୁର ୮୪ ରନ ସଂଗ୍ରହ କରିଥିଲା। ଜବାବରେ କାଜିପାଟଣା ୫୦ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ପାଟସୁନ୍ଦରପୁର ୩୪ ରନରେ ବିଜୟୀ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଗଣେଶ ଚନ୍ଦ୍ର ସାହୁ, ରାଜ କୁମାର ସ୍ୱାଇଁ, ପ୍ରଶାନ୍ତ କୁଣ୍ଡୁ, ରଜତ ମଲ୍ଲିକ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନର୍ସଅପ ଦଳକୁ କପ୍ ସହ ୬ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟଜିତ୍ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ।

# ସଙ୍ଗୀତା ଓଡ଼ିଶା ଦଳର ନେତୃତ୍ୱ ନେବେ



ଜାତୀୟ ଜୁନିୟର ବାଳିକା ଫୁଟବଲ ଟୁର୍ନାମେଣ୍ଟ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୬।୪ (କ୍ରୀଡ଼ା ପ୍ରତିନିଧି):** ମହାରାଷ୍ଟ୍ରର କୋହ୍ଲାପୁରଠାରେ ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍ ଚଳିତମାସ ୨୦ରୁ ମେ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ମଙ୍ଗଳବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ସଙ୍ଗୀତା ଦାସ ଓଡ଼ିଶା ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ଲିଗ୍ ପର୍ଯ୍ୟାୟ ପାଇଁ ଓଡ଼ିଶା ଦଳ ପଣ୍ଡିଚେରୀ ଓ ଛତିଶଗଡ଼ ସହିତ ଗୋଟିଏ ଗ୍ରୁପରେ ସ୍ଥାନ ପାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଛତିଶଗଡ଼ ସହିତ ଏପ୍ରିଲ ୨୧ ଓ ପଣ୍ଡିଚେରୀ ସହିତ ୨୩ ତାରିଖରେ ଖେଳିବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା ଦଳ ମଙ୍ଗଳବାର କୋହ୍ଲାପୁର ଯାତ୍ରା କରିଛି। ନାଲ୍‌କୋର ଏଏଫ୍‌ସି 'ସି' ଫୁଟବଲ କୋଚ୍ ସୁରଜ ଥାପ୍ପା ଓଡ଼ିଶା ଦଳର କୋଚ୍ ଏବଂ ସୁଲତାନା ପରବିନ ମ୍ୟାନେଜରଭାବେ ଦଳସହ ଯାତ୍ରା କରିଛନ୍ତି।

**ଓଡ଼ିଶା ଦଳ:** ମଞ୍ଜୁ ଗାନ୍ଧୁ, ମିଲି ମାଝି, ସଙ୍ଗୀତା ଦାସ(ଅଧିନାୟିକା), ପୂର୍ଣ୍ଣିମା ମଲିକ, ସୁନୀତା ସୋରେନ, ମୋମିତା ସୋରୋନିଆ, ସସ୍ମିତା ଅମଙ୍ଗା, ସଲ୍‌ମା ମୁର୍ମୁ, ସାଲ୍‌ଗେ ମାଝି, ଜ୍ୟୋତ୍ସ୍ନା ଲାକ୍ରା, ସୁମିତ୍ରା ହେମ୍ବ୍ରମ, ସରିତା ସୋରେଙ୍ଗ, କ୍ରିଷ୍ଣା ବାରିକ, ଜାହ୍ନବୀ କିଷାନ, ମାଳତୀ ମୁଣ୍ଡା, ଶୁଭସ୍ମିତା ଶୁଭଦର୍ଶୀ ଦାସ, ଜ୍ୟୋତି କୁମାରୀ, ମନୀଷା ନାଏକ, ବର୍ଷା ମହାକୁଡ଼, ଲକ୍ଷ୍ମୀପ୍ରିୟା ଲେଙ୍କା।

## ତ୍ରିବେଣୀ କପ୍‌ରେ ଭାଗନେବେ ୩୨ ଦଳ

ଭୁବନେଶ୍ୱର, ୧୬।୪(ସ୍ପୋର୍ଟ୍ସ ବ୍ୟୁରୋ)

ଆଇଆରସି ଭିଲେଜସ୍ଥିତ ଏଲଏଲସିସି ଗ୍ରାଉଣ୍ଡରେ ୧୩ତମ ତ୍ରିବେଣୀ କପ୍ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତମାସ ୨୫ରୁ ଆରମ୍ଭ ହେବ। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ଦିବାରାତ୍ର ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିବେ। ପ୍ରତି ଦଳରେ ୯ ଜଣ ଲେଖାଏ ଖେଳାଳି ରହିବେ ଏବଂ ମ୍ୟାଚ ଗୁଡ଼ିକ ୬ ଓଭର ବିଶିଷ୍ଟ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନର୍ସଅପ୍ ଦଳକୁ ୫୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବୋଲର, ଫିଲ୍ଡର ଏବଂ ମ୍ୟାନ ଅଫ ଦି ଫାଇନାଲ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି। ଆଗ୍ରହୀ ଦଳ ଗୁଡ଼ିକ ୩୫୦୦ଟଙ୍କାର ଏଣ୍ଟ୍ରି ଫି ଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

# ବାଲେଶ୍ୱର ରାଣୀପାଟଣା ସ୍କୁଲ ଚାମ୍ପିୟନ




ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦଳର ଖେଳାଳିମାନେ।

କଟକ ଅଫିସ, ୧୬।୪

**ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ**

ବିହାରର ମୁଜାଫରପୁରଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବାଲେଶ୍ୱରର ରାଣୀପାଟଣା ସ୍କୁଲ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ରାଣୀପାଟଣା ଦଳ ୯ ଉଇକେଟରେ ଝାଡଖଣ୍ଡର ଏକଦଳକୁ ହରାଇ ଏହି ଟାଇଟଲ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଝାଡଖଣ୍ଡ ଦଳ ୫ଉଇକେଟ ବିନିମୟରେ ୭୦ରନ କରିଥିଲା। ଗୋଟିଏ ଉଇକେଟ ହରାଇ ରାଣୀପାଟଣା ବିଜୟ ଲକ୍ଷ ହାସଲ କରିଛି। ଫାଇନାଲ ମ୍ୟାଚ୍‌ରେ ଅପରାଜିତ ୩୦ରନ କରିଥିବା ଶିଙ୍ଗରାଇ ମାଝି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ମଙ୍ଗଳବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ପଶ୍ଚିମବଙ୍ଗର ଆର୍.କେ.ଏମ ସ୍କୁଲକୁ ହରାଇ ଓଡ଼ିଶାର ରାଣୀପାଟଣା ଦଳ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ସୂଚନାଥାଉକି ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଟାଇଟଲ ଓଡିଶା ବଜାୟ ରଖିଛି। ଗତ ସଂସ୍କରଣରେ କୋରାପୁଟର ଏକ ଦଳ ଚାମ୍ପିୟନ ହୋଇଥିଲା। କାଭି ସଭାପତି ଜାଫର ଇକବାଲ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

## ଭାରତୀୟ ଦଳ ସହ ଯିବେ ୪ ନେଟ୍ ବୋଲର

**ନୂଆଦିଲ୍ଲୀ, ୧୬।୪:** ଆଇସିସି ବିଶ୍ୱକପ୍ ଲାଗି ସୋମବାର ବିରାଟ କୋହଲିଙ୍କ ନେତୃତ୍ୱରେ ୧୫ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଥିଲା। ତେବେ ବିଶ୍ୱକପ୍ ସମୟରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ନେଟ୍ସରେ ବୋଲିଂ ସହାୟତା କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୪ଜଣ ଦ୍ରୁତ ବୋଲରଙ୍କୁ ମନୋନୀତ କରିଛି। ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦଙ୍କ ସମେତ ଦୀପକ ଚହର, ନବଦୀପ ସଇନି ଓ ଅଭେଷ ଖାଁ ବିଶ୍ୱକପ୍ ସମୟରେ ନେଟ୍ସରେ ଭାରତୀୟ ଖେଳାଳିଙ୍କୁ ପ୍ରସ୍ତୁତିରେ ସହାୟତା କରିବେ ବୋଲି ବିସିସିଆଇ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହି ୪ ଜଣ ଦ୍ରୁତ ବୋଲର ବର୍ତ୍ତମାନ ଚାଲିଥିବା ଆଇପିଏଲ୍‌ରେ ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଦୀପକ ଓ ନବଦୀପ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଖେଳୁଛନ୍ତି। ସେହିଭଳି ଅଭେଷ ଓ ଖଲିଲ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ଅଂଶଗ୍ରହଣ କରୁଛନ୍ତି। ଆଇପିଏଲ୍‌ରେ ବାଙ୍ଗାଲୋର ଖରାପ ପ୍ରଦର୍ଶନ ଜାରି ରହିଥିଲେ ମଧ ଉଭୟ ଦୀପକ ଓ ନବଦୀପ ବର୍ତ୍ତମାନ ସୁଦ୍ଧା ୧୦ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ତେବେ ଅଭେଷ ଓ ଖଲିଲ୍ କେବଳ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇଛନ୍ତି। ପ୍ରକାଶଯୋଗ୍ୟ, ମେ ୩୦ରୁ ଇଂଲଣ୍ଡରେ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେବ। ଭାରତ ଜୁନ୍ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୨ୟ ମ୍ୟାଚ୍‌ରେ ଭାରତ ଜୁନ ୯ରେ ଅଷ୍ଟ୍ରେଲିଆକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଲିଗ୍ ପର୍ଯ୍ୟାୟ ଜୁନ ୧୬ରେ ମାଞ୍ଚେଷ୍ଟରଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ହାଇଭୋଲଟେଜ ମ୍ୟାଚ୍ ଅନୁଷ୍ଠିତ ହେବ।

# ମୋର୍ତାଜାଙ୍କୁ ନେତୃତ୍ୱ

**ଢାକା, ୧୬।୪:** ଆସନ୍ତା ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଲାଗି ମଙ୍ଗଳବାର ବାଂଲାଦେଶ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଦ୍ରୁତ ବୋଲର ମାଶ୍ରାଫି ମୋର୍ତାଜାଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ନୂଆମୁହଁ ଭାବେ ଦ୍ରୁତ ବୋଲର ଆବୁ ଜାୟେଦଙ୍କୁ ସ୍ଥାନ ମିଳିଛି। ୨୫ବର୍ଷୀୟ ଡାହାଣହାତୀ ବୋଲର ଜାୟେଦ ଗତବର୍ଷ ଜାତୀୟ ଦଳ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିଲେ। ସେ ବର୍ତ୍ତମାନ ସୁଦ୍ଧା ୩ ଟି୨୦ ମ୍ୟାଚ୍ ମଧ ଖେଳିଛନ୍ତି। ତେବେ ସେ ବିଶ୍ୱକପ୍ ଅବସରରେ ଦିନିକିଆ କ୍ୟାରିୟର ଆରମ୍ଭ କରିବାର ସମ୍ଭାବନା ରହିଛି। ସେହିଭଳି ମୋର୍ତାଜାଙ୍କୁ ସହାୟତା ଲାଗି ବରିଷ୍ଠ ଅଲ୍‌ରାଉଣ୍ଡର ଶାକିବ ଅଲ୍‌ହାସାନଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ବ୍ୟାଟ୍ସମ୍ୟାନ ମୋସାଡେକ ହୋସେନ ମଧ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷଥର ପାଇଁ ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଏସିଆନ୍ କପ୍‌ରେ ସେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ବିଶ୍ୱକପ୍ ପରି ବଡ଼ ଟୁର୍ନାମେଣ୍ଟ ହୋଇଥିବାରୁ ଦଳରେ ଅଭିଜ୍ଞ ଖେଳାଳିଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ବାଂଲାଦେଶ କ୍ରିକେଟ ଚୟନ କମିଟିର ମୁଖ୍ୟ ମିନହାଜୁଲ ଆବେଦିନ କହିଛନ୍ତି। ଜୁନ ୨ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ଖେଳି ବାଂଲାଦେଶ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ।

**ବାଂଲାଦେଶ ଦଳ**

**ମାଶ୍ରାଫି ମୋର୍ତାଜା (ଅଧିନାୟକ), ତାମିମ ଇକବାଲ, ଲିଟନ ଦାସ, ସୌମ୍ୟ ସର୍କାର, ମୁଶଫିକର ରହିମ୍ (ଉଇକେଟ୍‌କିପର), ମହମ୍ମଦୁଲ୍ଲା ରିୟାଦ, ଶାକିବ ଅଲ୍ ହାସାନ, ମହମ୍ମଦ ମିଥୁନ, ସବିର ରହମନ, ମୋସାଡେହୋସେନ, ମହମ୍ମଦ ସୈଫଉଦ୍ଦିନ, ମେହିଦୀ ହାସାନ, ରୁବେଲ ହୋସେନ, ମୁସ୍ତାଫିଜୁର ରେହମାନ ଓ ଆବୁ ଜାୟେଦ।**



ମାଶ୍ରାଫି ମୋର୍ତାଜା




# ବହୁଦିନର ସ୍ୱପ୍ନ ପୂରଣ ହୋଇଛି: କାର୍ତ୍ତିକ

**କୋଲକାତା, ୧୬।୪ (ପି.ଟି.):** ଯୁବ ଉଇକେଟ୍ କିପର ରିଷଭ ପନ୍ତଙ୍କୁ ପଛରେ ପକାଇ ଭେଟେରାନ ଦୀନେଶ କାର୍ତ୍ତିକ ଆସନ୍ତା ଆଇସିସି ବିଶ୍ୱକପ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ନିଜର ଉଇକେଟ୍-କିପିଂ ଦକ୍ଷତା ବଳରେ ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ସ୍ଥାନ ପାଇଥିବା କାର୍ତ୍ତିକ ବହୁଦିନର ସ୍ୱପ୍ନ ଶେଷରେ ପୂରଣ ହୋଇଥିବା କହିଛନ୍ତି। 'ମୁଁ ବହୁତ ଉତ୍ସାହିତ ରହିଛି। ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ନେଇ ରହିଥିବା ବହୁଦିନର ସ୍ୱପ୍ନ ପୂରଣ ହୋଇଛି। ମୁଁ ଏହି ଟିମ୍‌ର ସଦସ୍ୟ ହେବାକୁ ଚାହୁଁଥିଲି' ବୋଲି କାର୍ତ୍ତିକ ନିଜର ଆଇପିଏଲ୍ ଟିମ୍ କୋଲକାତା ନାଇଟ୍ ରାଇଡର୍ସର ଅଫିସିଆଲ୍ ୱେବସାଇଟ୍‌ରେ ଉଲ୍ଲେଖ କରିଛନ୍ତି। ସ୍ମରଣଯୋଗ୍ୟ, ୨୦୦୪ରେ ଏକଦିବସୀୟ ପଦାର୍ପଣ କରିଥିବା ୩୩ ବର୍ଷୀୟ କାର୍ତ୍ତିକ ବହୁଦିନ ଧରି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଥିଲେ ମଧ ବିଶ୍ୱକପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଖେଳିବା ସୁଯୋଗ ପାଇନାହାନ୍ତି। ଏଥିପୂର୍ବରୁ କାର୍ତ୍ତିକ ୨୦୦୭ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିଲେ ମଧ ମହେନ୍ଦ୍ର ସିଂ ଧୋନୀଙ୍କ ଉପସ୍ଥିତି ଯୋଗୁ ଗୋଟିଏ ବି ମ୍ୟାଚ୍ ଖେଳିପାରି ନ ଥିଲେ। ସେହିଭଳି ତାଙ୍କୁ ୨୦୧୧ ଓ ୨୦୧୫ ବିଶ୍ୱକପ୍ ଟିକେଟ୍ ମିଳି ନ ଥିଲା। ଏହି ତାମିଲନାଡୁ ଭେଟେରାନ ଉଇକେଟ୍‌କିପର ଜାତୀୟ ଦଳ ପକ୍ଷରୁ ୨୬ ଟେଷ୍ଟ, ୯୧ ଦିନିକିଆ ଓ ୩୨ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି। ଦିନିକିଆରେ ସେ ୯ଟି ଅର୍ଦ୍ଧଶତକ ସହାୟତାରେ ୩୧ ଆଭରେଜରେ ୧୭୩୮ ରନ ସଂଗ୍ରହ କରିଛନ୍ତି।



# "ମୋ ପ୍ରତି ଅନୁଗତ ନ ହୋଇ ରାଜ୍ୟର ଭାଗ୍ୟ ପ୍ରତି ନିଜର ଆନୁଗତ୍ୟ ପ୍ରଦର୍ଶନ କର ।"

– ବିଜୁ ପଟ୍ଟନାୟକ



ମହାନ ଜାତୀୟତାବାଦୀ ନେତା,
ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସୀ ପାଇଲଟ୍,
ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ

## ବିଜୁ ପଟ୍ଟନାୟକ

**(୫ ମାର୍ଚ୍ଚ ୧୯୧୬ - ୧୭ ଏପ୍ରିଲ ୧୯୯୭)**

୨୨ତମ ଶ୍ରାଦ୍ଧ ବାର୍ଷିକୀରେ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି

## ବିଜୁ ଜନତା ଦଳ

ବିଜୁ ବାବୁଙ୍କ ଅଭିଳଷିତ ଏକ ପ୍ରଗତିଶୀଳ,
ସମୃଦ୍ଧ ଏବଂ ଶାନ୍ତିପ୍ରିୟ ଓଡ଼ିଶା ନିର୍ମାଣ ଲକ୍ଷ୍ୟରେ

Published by Biju Janata Dal, Odisha

# ଗାଁକେ ରାସ୍ତା ହେଲେ ବିକାଶ ଆପେ ହେବା



କଣ୍ଟାତଲ ଗାଁର ଦୁରୁଶ୍।

**ଜାମଟିକ୍ରା, ୧୬।୪ (ଡି.ଏନ.ଏ)**

କେହେନ୍‌ସି ଗାଁର ବିକାଶ କଥା ଚିନ୍ତା କଲେ ସରକାର ପହେଲା ସେ ଗାଁକେ ରାସ୍ତାଘାଟର ସୁବିଧା କରସନ୍। ରାସ୍ତାଘାଟ, ବିଜଲି, ପିଇଲା ପାଏନ୍, ସୁଆସ୍ତିଅ ସେବା, ଶିକ୍ଷା ସମକର ମଉଲିକ୍ ଅଧିକାର ଆଏ। ହେଲେ ଇ ସବୁ ଭିତରୁ ରାସ୍ତାଘାଟ ସୁବିଧାଟା ମୁଖିଆ ଆଏ। କାରନ୍ ରାସ୍ତାଘାଟ ନାଇଁହେଲେ ବାକି ମଉଲିକ ସୁବିଧା ବି ସହଜେ ନାଇଁ ମିଲିପାରେ। ହେଲେ ଆଏଜ୍ ବି ଆମର ରାଏଜେ ଏନ୍ତା ବହୁତ୍‌ଟେ ଗାଁଗଁଡ଼ା ଅଛେ ଯେନ୍‌କେ ଯିବଆର ଆଏବାର ଲାଗି ଫିଦିନିଆଁ ରାସ୍ତା ଖଁଡ଼େ ନାଁଇଁନ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍‌ର କଣ୍ଟାତଲ ଗାଁରେ।

ସୂଚନା ଅନ୍‌ସାରେ ଅତାବିରା ବ୍ଲକ ବୁଗବୁଗା ପଁଚେତ୍‌ର କଣ୍ଟାତଲ ଗାଁ ବ୍ଲକ୍ ସଦରନୁ ୧୦ କି.ମି. ଦୂରେ ରହିଛେ। ଗାଁର ଲୋକ୍ ସଂଖ୍ୟା ପାଖାପାଖି ୩ଶହ ହେଇଥିଲାବେଲେ ସଭେ ଆଦିବାସୀ ସମାଜର। ସବୁ ପରିବାର ନିହାତି ଗରିବ୍ ଆର ପରହର କାମବୁତା କରି କୁଟୁମ ପୁଷୁଛନ୍। ଇ ଗାଁକେ ଯାଆସ ଲାଗି ଫିଦିନିଆଁ ରାସ୍ତା ନାଁଇଁନ। ଯେନ୍‌ଥିରଲାଗି ଗାଁବାସୀ ଅନେକ ସମିଆରେ ଜରୁରୀକାଲିନ ସେବାରୁ ବଁଚିତ ହେଉଛନ୍। ସେନ୍ତା ରାସ୍ତାଗାଟ ଅଭାବୁ ବାକି ସବୁ ମଉଲିକ ସୁବିଧାର ଲାଗି ହଇରାନ ହରକତ୍ ହେଉଛନ୍। ଗାଁର ପିଲାମାନେ ଉନିଆଁ ଗାଁକେ ପାଠ୍ ପଢ଼ିଯାଉଛନ୍। ହେଲେ ରାସ୍ତା ଅଭାବୁ ବର୍ଷା ଦିନେ ଛାତ୍ରୀଛାତ୍ର ଆଁଠେ କାଦୋ ଲହଁକି ପାଠ୍ ପଢ଼ି ଯାଏସନ୍। ଗାଁରେ ପିଇଲା ପାଏନ୍ ସୁବିଧା, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ନାଁଇଁନ। ରାଶନ ସାମାନ ଲାଗି ଗାଁବାସୀକୁ ପାଖାପାଖି ୩ କି.ମି. ଯିବାକେ ପଡୁଛେ। 'ଆମ ଗାଁ ଆମ ବିକାଶ' ଯୋଜନାରେ ଗାଁକେ ଟଁକାଟେ ନାଇଁଆସି। ଖାଲି ନିରବାଚନ ସମିଆରେ ଗାଁକେ ନେତା, ମନ୍ତ୍ରୀକର ଧାର ଲମୁଛେ, ସଭେ ପରତିଶ୍ରୁରତି ଉପରେ ପରତିଶ୍ରୁରତି ଦେଉଛନ୍। ହେଲେ ଭୋଟ ସଏଲେ କିଏ କାହାକେ ଚିନ୍‌ହୁଁଛେ। ଗାଁକେ ଫିଦିନିଆଁ ରାସ୍ତା ଖଁଡ଼େ ଲାଗି ଗାଁବାସୀ ନେତା, ମନ୍ତ୍ରୀନୁ ମୂଲ କରି ଥାନୀୟ ପରଶାସନକେ ଗୁହାରି କରି ନିରାଶ ହେଇଛନ୍। ଇ ବାବ୍‌ଦେ ବୁଗବୁଗା ସରପଁଚ୍ ପୁଷ୍ପକାନ୍ତି ସେଠକୁଁ ପଚରାଲାରୁ ସମସିଆର ସମାଧାନ କରାଯିବା ବଲି ସେ କହିଥିଲେ।

**ମଉଲିକ ସୁବିଧାରୁ ବଁଚିତ ଗାଁବାସୀ**

- ଗାଁରେ ଆଦିବାସୀ ସମାଜର ୩ଶହ ଲେକ୍ ବାସ କରୁଛନ୍।
- ଗାଁବାସୀ ରାସ୍ତାଘାଟ, ପିଇଲା ପାଏନ୍ ସମସିଆରେ ଯୁଝୁଛନ୍।
- ଜରୁକାଲିନ ପରିସ୍ଥିତିରେ ଭଗବାନ ଭରସାରେ ରହୁଛନ।

■ହେମସାଗର ମେମୋରିଆଲ ନାଇଟ କ୍ରିକେଟ

# ଟୁଲାଦୋରୋ ଚାମ୍ପିୟନ, ଦମେଇପାଲି ରନର୍ସ ଅପ୍

**ଖପ୍ରାଖୋଲ, ୧୬.୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ବନମାଲ ଗାଁରେ ପ୍ରଥମ ହେମସାଗର ମେମୋରିଆଲ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ମ୍ୟାଚ ଟୁଲାଦୋରୋ ଓ ଦମେଇପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦମେଇପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪ଉଇକେଟ ବିନିମୟରେ ୭୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଟୁଲାଦୋରୋ ଦଳ ୪ଓଭରରେ ୩ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୭୫ ରନ ସଂଗ୍ର କରି ଚାମ୍ପିୟନ ହୋଇଥିଲା। ସୁଦାମ ଭୋଇ ଓ ରାଜୁ ଭୋଇ ଖେଳ ପରିଚାଳନା, ଘାସିରାମ ସାହୁ ସ୍କୋରର କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସୁଶୀଲ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୟ କୁମାର ପଣ୍ଡା, ନରସିଂହ ପୂଜାରୀ, ସଞ୍ଜୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୨ ହଜାର ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଜିତେନ୍ଦ୍ର କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାବୁଲୁ ଭୋଇ, ଭୁଲା ଭୋଇ, ଶଶି ସାହୁ, ବିବେକ ହଂସ, ଡିଙ୍ଗର ନିଆଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଦୁଇଦିନ ଧରି ଅନୁଷ୍ଠିତ ଏହି ଖେଳରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।



ହେମସାଗର ମେମୋରିଆଲ ନାଇଟ କ୍ରିକେଟ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଅଯଥା ସତର୍କତା ପାଇଁ, ବିଦ୍ରୁପ ସହିବା ବରଂ ଶ୍ରେୟ, କିନ୍ତୁ ଅସତର୍କ ରହି ବିପଦକୁ ଡାକି ଆଣ ନାହିଁ ।
- ଏଡ୍‌ମଣ୍ଡ୍ ବର୍କ



## ସଂକ୍ଷେପରେ

### କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

ବିନିକା, ୧୬।୪(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ମଙ୍ଗଳବାର ପ୍ରଚାରର ଶେଷଦିନରେ ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରିଥିଲେ। ବିନିକା ଏନ୍‌ଏସିରେ କଂଗ୍ରେସ ପ୍ରାର୍ଥୀ ବିନୋଦ ପାତ୍ର ଦଳୀୟ କର୍ମୀଙ୍କ ସହ ପ୍ରଚାର କରିଥିଲେ। କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟଦେଇ ଥରେ ସୁଯୋଗ ଦେବାକୁ ସେ ପ୍ରଚାର କାଳରେ ଲୋକଙ୍କୁ ଅନୁରୋଧ କରିଥିଲେ।

### ଏଲ୍‌ଆଇସି କର୍ମଚାରୀ ଚେକ୍ ବାଉନ୍ସ କେସ୍‌ରେ ଦଣ୍ଡିତ

ଭବାନୀପାଟଣା,୧୬।୪(ଡି.ଏନ.ଏ.)- ଜଣେ ଏଲ୍‌ଆଇସି କର୍ମଚାରୀ ଚେକ୍ ବାଉନ୍ସ କେସ୍‌ରେ ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଏସ୍‌ଡିଜେଏମ୍ ସୁଶ୍ରୀ ସଙ୍ଗିତା ମଲ୍ଲିକ ଭବାନୀପାଟଣାର ଏଲ୍‌ଆଇସି କର୍ମଚାରୀ ଗଣପତି ସୁନାନୀଙ୍କ ବିରୋଧରେ ୧ ଲକ୍ଷ ୮୦ ହଜାର ଟଙ୍କା ଜୟନ୍ତ କୁମାର ବିଶ୍ୱାଳଙ୍କୁ ଫେରସ୍ତ କରିବା ପାଇଁ ରାୟ ଦେଇଥିଲେ। ଏଥିସହ ଗଣପତିଙ୍କୁ ୩ ମାସ କାରାଦଣ୍ଡର ଆଦେଶ ଦେଇଛନ୍ତି। ଗଣପତିଙ୍କ ବିରୋଧରେ ସେକ୍‌ସନ୍ ୧୩୮ ନେଗୋସେବୁଲ୍ ଇନ୍‌ଷ୍ଟ୍ରୁମେଣ୍ଟ ଆକ୍ଟ ୧୯୩୮ ଏବଂ ଧାରା ୪୨୦ ଇଣ୍ଡିଆନ୍ ପେନାଲ୍ କୋର୍ଟ ଅନୁଯାୟୀ ଦଣ୍ଡ ଦିଆଯାଇଥିଲା। ଭବାନୀପାଟଣା ସହରସ୍ଥିତ ଇରିକେସନ୍ କଲୋନୀ ନିବାସୀ ଜୟନ୍ତ କୁମାର ବିଶ୍ୱାଳଙ୍କୁ ଏଲ୍‌ଆଇସି କର୍ମଚାରୀ ଗଣପତି ସୁନାନୀ ୧ ଲକ୍ଷ ୧୦ ହଜାର ଟଙ୍କାର ଚେକ୍ ଦେଇଥିଲେ। ସେହି ଚେକ୍‌କୁ ଜୟନ୍ତ ବ୍ୟାଙ୍କରେ ଦାଖଲ କରିଥିଲେ। ଉକ୍ତ ଚେକ୍‌ଟି ବାଉନ୍ସ ହୋଇଥିଲା। ଏହି ବିଷୟରେ ସୁନାନୀଙ୍କୁ ବାରମ୍ବାର ଅବଗତ କରାଇବା ପରେ ମଧ ସେ ଜୟନ୍ତଙ୍କ କଥାକୁ ଭ୍ରୂକ୍ଷେପ କରି ନ ଥିଲେ। ପରେ ଜୟନ୍ତ ଏସ୍‌ଡିଜେ ଏମ୍ ଭବାନୀପାଟଣାରେ ସୁନାନୀଙ୍କ ବିରୋଧରେ ଏକ କେସ୍ ଦାୟର କରିଥିଲେ। ଭବାନୀପାଟଣା କୋର୍ଟରେ ଏକ ୧ ସିସି ୩୧/୨୦୧୭ରେ ଏକ ମାମଲା ଦାଖଲ କରିଥିଲେ । ଉକ୍ତ କେସ୍‌ର ରାୟ ସୋମବାର ପ୍ରକାଶ ପାଇଛି ।

### ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ୨୦ରେ

ରାଉରକେଲା ଅଫିସ, ୧୬।୪-ସେକ୍ଟର-୨ ଓଏସଆରଟିସି କଲୋନୀଠାରେ ଥିବା ସାଇ ମନ୍ଦିର ୬ଷ୍ଠ ବାର୍ଷିକୋତ୍ସବ ଆସନ୍ତା ୨୦ରେ ଅନୁଷ୍ଠିତ ହେବ। ଏ ନେଇ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତୀ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସୁବର୍ଣ୍ଣପୁରରେ ବିଜେଡିର ଶୋଭାଯାତ୍ରା

- ନିରଞ୍ଜନଙ୍କ ପାଇଁ ସ୍ତ୍ରୀ ଓ ଝିଅଙ୍କ ଭୋଟ ଭିକ୍ଷା
- କଳିକେଶଙ୍କ ପାଇଁ ସମର୍ଥକଙ୍କ ବାଇକ୍ ରାଲି

ସୋନପୁର,୧୬।୪(ନି.ପ୍ର)

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ଥିଲା ପ୍ରଚାରର ଶେଷ ଦିନ। ରାଜନୈତିକ ଦଳଗୁଡିକ ଶେଷ ସୁଯୋଗକୁ ମଧ୍ୟ ହାତଛଡା କରିନାହାନ୍ତି। ସୁବର୍ଣ୍ଣପୁର ସହରରେ ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସପକ୍ଷରେ ମହିଳାମାନେ ନିର୍ବାଚନ ପ୍ରଚାର କରିଥିଲେ । ମନ୍ତ୍ରୀ ପୂଜାରୀଙ୍କ ସ୍ତ୍ରୀ ବୀଣାପାଣି ପୂଜାରୀ ଓ ଝିଅ ସିନ୍ଧୁନନ୍ଦିନୀ ନାୟକଙ୍କ ନେତୃତ୍ୱରେ ମହିଳାମାନେ ସୁରେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ବାହାରିଥିଲେ। ନବୀନ ସରକାରଙ୍କ ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇ ସେମାନେ ସହର ପରିକ୍ରମା କରିବା ସହ ନିରଞ୍ଜନଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପରେ ହାତୀଶାଳସ୍ଥିତ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ସମ୍ମୁଖରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ଅଭିମନ୍ୟୁ କୁଶଳ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମନ୍ଦାକିନି ନାଗ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ମିନତି ସାହୁ, ଶାଶ୍ୱତ କୁମାର ମିଶ୍ର, ଗୋପାଳ ବରେଇ ଓ ପ୍ରକାଶ କୁମାର ବେବର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଏମ୍‌ପି ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ସହରକୁ ନିର୍ବାଚନ ପ୍ରଚାରରେ ଆସିଥିଲେ। ସେ ମଝିପଡା, ଥନାପତିପଡା, ଘୋଡାଘାଟପଡା ଓ କଳିଙ୍ଗନଗରକୁ ଯାଇ ଭୋଟ ଭିକ୍ଷା କରିଥିଲେ। ଏମ୍‌ପିଙ୍କ ସହିତ ତରଭା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଶତୃଘ୍ନ ପୃଷ୍ଟି ଓ ଅଶୋକ ନାୟକ ଉପସ୍ଥିତ ଥିଲେ । ଏମ୍‌ପିଙ୍କୁ ଦଳୀୟ ସମର୍ଥକ ମାନେ ଏକ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ ।



ମଙ୍ଗଳବାର ପ୍ରଚାର ଶେଷଦିନରେ ନିରଞ୍ଜନଙ୍କ ପାଇଁ ସ୍ତ୍ରୀ ଓ ଝିଅ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି।

## କୋର୍ଟ ପରିସରରେ ମହୁମାଛି ଆକ୍ରମଣ
## ୩ ଘଣ୍ଟା ଅଘୋଷିତ କୋର୍ଟ ବନ୍ଦ

ନୂଆପଡା ଅଫିସ/ବୋଡେନ, ୧୬।୪

ବୋଡେନ ବ୍ଲକ ସଦର ମହକୁମାରେ ଥିବା ଜେଏମଏଫସିକୋର୍ଟପରିସରରେଆକସ୍ମିକ ଭାବେ ମହୁମାଛି ଆକ୍ରମଣ କରିବାରୁ ୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଇଛି । ଅନ୍ୟପଟେ କୋର୍ଟ ଏବଂ ବାର ଆସୋସିଏଶନ ଘରଗୁଡିକୁ କବାଟ ବନ୍ଦ କରି ଦିଆଯାଇଥିବାରୁ ଦୀର୍ଘ ୩ ଘଣ୍ଟା ଧରି କୋର୍ଟକାମ ବନ୍ଦ ହୋଇଥିଲା। ମଙ୍ଗଳବାର ସକାଳ ସାଢେ ୭ଟାବେଳେ କୋର୍ଟ ଖୋଲା ଯିବାବେଳକୁ ମହୁମାଛିମାନେ ମାଡି ଆସିଥିଲେ । ଲୋକଙ୍କୁ ଗୋଡାଇବା ଫଳରେ ଦୌଡି ପଳାଇଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ ଯୁଧିଷ୍ଠିର ମେହେର, କୋର୍ଟ ପିଅନ ବ୍ରଜବନ୍ଧୁ ମହାରଣା, ଜାମଗାଁରୁ ଆସିଥିବା ଦୁଇଜଣ କ୍ଲାଏଣ୍ଟଙ୍କୁ ମହୁମାଛି କାମୁଡିବାରୁ ଆହତ ହୋଇଛନ୍ତି ।

# ୪ ବର୍ଷ ହେଲା ଚାଷୀଙ୍କୁ ମିଳିନି ସହାୟତା

ଲାଞ୍ଜିଗଡ଼,୧୬।୪ (ଡି.ଏନ.ଏ.)

ଏଥର ନିର୍ବାଚନରେ ସବୁ ରାଜନୈତିକ ଦଳ ଚାଷୀଙ୍କୁ ହିଁ ଫୋକସରେ ରଖିଛନ୍ତି। ଏଥିପାଇଁ ସମସ୍ତେ ନିଜ ଇସ୍ତାହାର ପ୍ରସ୍ତୁତ କରିଥିବା ନିର୍ବାଚନ ପ୍ରଚାର ମଧ ଚାଷୀଙ୍କୁ ଆଖି ଆଗରେ ରଖି କରାଯାଉଛି । ଏପରିକି ରାଜ୍ୟ ସରକାର କାଳିଆ ଯୋଜନା ମାଧ୍ୟମରେ ନିର୍ବାଚନ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଥିବାବେଳେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଚାଷୀମାନଙ୍କୁସନ୍ତୁଷ୍ଟ ରଖିବାକୁ ଉଦ୍ୟମ ଚଳାଇଛି । ଏହି ପରିପ୍ରେକ୍ଷୀରେ ଗତ ୪ ବର୍ଷ ହେଲା ଲାଞ୍ଜିଗଡ଼ ତହସିଲ ଅଧୀନ ଚାଷୀ ମରୁଡି ସହାୟତା ରାଶି ପାଇ ନାହାନ୍ତି । ଏଭଳି ଅଭିଯୋଗ ସରକାର ଓ ପ୍ରଶାସନର ଚାଷୀଙ୍କ ପ୍ରତି ଥିବା ଚରମ ଉଦାସୀନତାକୁ ପ୍ରମାଣିତ କରିଛି । ସୂଚନାନୁଯାୟୀ, କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ତହସିଲ ଅଫିସ ଅଧୀନରେ ଗତ ୨୦୧୫-୧୬ ବର୍ଷରେ ଭୟାବହ ମରୁଡି ହୋଇଥିଲା । ପରେ ସରକାରଙ୍କ ପକ୍ଷରୁ ଇନପୁଟ୍ ସହାୟତା ରାଶି ଘୋଷଣା କରାଯାଇଥିଲା । ଏହି ତହସିଲ ଅଧୀନରେ ହଜାରେରୁ ଊର୍ଦ୍ଧ୍ୱ ଚାଷୀ ଏଥିପାଇଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଆଜିଯାଏଁ ଦୁଇଶହରୁ ଊର୍ଦ୍ଧ୍ୱ ଚାଷୀ ଏହି ସହାୟତା ରାଶି ପାଇପାରିନାହାନ୍ତି । ଏପରିକି ବିଶ୍ୱନାଥପୁର ଏସ୍‌ବିଆଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଚାଷୀଙ୍କ ପ୍ରାପ୍ୟକୁ ତହସିଲକୁ ଫେରାଇ ଦେଇଥିବାବେଳେ ୪ ବର୍ଷ ଧରି ତହସିଲ କର୍ତ୍ତୃପକ୍ଷ ଦୁଇଶହ ଚାଷୀଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟକୁ ଜାବୁଡି ରଖିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ସପ୍ତାହେ ମଧ୍ୟରେ ବକେୟା ପ୍ରାପ୍ୟ ପ୍ରଦାନ କରା ନ ଗଲେ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ଚାଷୀ ସମୂହ ଚେତାବନୀ ଦେଇଛନ୍ତି । ସେହିପରି ଗତ ଖରିଫ ଋତୁରେ ପ୍ରବଳ ବର୍ଷା ଯୋଗୁ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳର ଶହ ଶହ ଏକର ଜମି ବାଲିଚର ହୋଇଥିବାବେଳେ ଆଜିଯାଏଁ ଅଧିକାଂଶ ଚାଷୀଙ୍କୁ ବାଲିଚର ସହାୟତା ରାଶି ମିଳିନାହିଁ । ତହସିଲ କାର୍ଯ୍ୟାଳୟକୁ ଚାଷୀମାନେ ବାରମ୍ବାର ଦୌଡୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ତହସିଲ ଅଫିସର ଚରମ ଅବହେଳାକୁ ନେଇ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିବାବେଳେ ସମୟ ଥାଉଣୁ ପଦକ୍ଷେପ ନ ନେଲେ ଶତାଧିକ ଚାଷୀ ତହସିଲ ଅଫିସ ଘେରାଉ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଫିସକୁ ଅଚଳ କରିଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ସମ୍ବିଧାନର ସୁରକ୍ଷା ଜରୁରୀ

ଉଲୁଣ୍ଡା, ୧୬।୪(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ପଞ୍ଚାୟତର ଗଣ୍ଡାବାହାଲଠାରେ ଭାରତରତ୍ନ ଡ. ବାବା ସାହେବ ଆମ୍ବେଦକରଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଡ. ଆମ୍ବେଦକର ଯୁବକ ସଂଘ ଦ୍ୱାରା ଅୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଡଭେଲାପଦର ବିଡିଓ ବିଜ୍ଞାନ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ସୁଶାନ୍ତ କୁମାର ଜଗଦଳା ଯୋଗଦେଇ ସାମ୍ପ୍ରତିକ ସମୟରେ ଆମ୍ବେଡକରଙ୍କ ପ୍ରଣୀତ ସମ୍ବିଧାନକୁ ବିଭିନ୍ନ ବ୍ୟକ୍ତିବିଶେଷ କଦର୍ଥ ଭାବେ ବ୍ୟାଖା କରୁଥିବାରୁ ସମାଜ ବାସ୍ତବ ସାମ୍ବିଧାନିକ ନ୍ୟାୟରୁ ବଞ୍ଚିତ ହେଉଛି ବୋଲି ପ୍ରକାଶ କରିଥିଲେ। ଏଣୁ ସମ୍ବିଧାନର ସୁରଧା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଋଷି କୁମାର ପଟେଲ, ପଞ୍ଚମହଲା ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଧର ବାଗ, ଡ. ପ୍ରତ୍ୟୁଷ ରଞ୍ଜନ ଦାସ, ବୈଷ୍ଣବ ତରାଇ, କୁଳମଣୀ ଜଗଦଳା, ଅରୁଣ ମହାନନ୍ଦ, ସୁରୁବାବୁ ହରିପାଲ, ଗୋବିନ୍ଦ ଦାସ ତରାଇ, କିର୍ତନ ମୁନା ପ୍ରମୁଖ ମଞ୍ଚାସୀନ ଥିଲେ। ନାରାୟଣ ହରିପାଲ ମଞ୍ଚ ପରିଚାଳନା କରିଥିବାବେଳେ ହରିଚରଣ ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମାଞ୍ଚଳରେ ଚୈତ୍ରପର୍ବ ପାଳିତ

ଜୁନାଗଡ,୧୬।୪ (ଡି.ଏନ.ଏ.)

ଜୁନାଗଡ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ମଙ୍ଗଳବାର ଚୈତପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଗାଁର ପୂଝାରୀ (ଝାଙ୍କର)ସମସ୍ତ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ପରମ୍ପରା ଅନୁଯାୟୀ ଗ୍ରାମର ଗୋଣ୍ଡିଆଙ୍କ ଘରଠୁ ଘଟଗୁଡିକୁ ବାହାର କରାଯାଇଥିଲା। ଏହି ଘଟଗୁଡିକୁ ଗାଁ ସାରା ପରିକ୍ରମା କରାଯାଇଥିଲା। ଏହି ସମୟରେ ଲୋକମାନେ ଘଟଗୁଡିକୁ ପୂଜା କରିଥିବାବେଳେ କେତେଜଣଙ୍କ ମଧରେ କାଳସି ବିରାଜମାନ ହୋଇଥିଲା। ମଙ୍ଗଳବାର ଅଞ୍ଚଳର ଚିଚୈଗୁଡା ନୂଆଗୁଡା, ବଣ୍ଡାକୁତ୍ରା, ଛୋରିଆଗଡ, କଳିଆକୁଣ୍ଡଲ, ପିଳିକିଆ, ନକଟିଗୁଡା, ମହିଭର, ବାଲିଛଡା, ଆଟିଗାଁ, ମିଚାଗାଁ, ମସିଗାଁ, ତଳମଲା, ଭେଜିପଦର, ଯମୁନାବାହାଲ ଆଦି ଗ୍ରାମରେ ଘଟ ପରିକ୍ରମା ସମୟରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଗ୍ରାମ ପରିକ୍ରମା ପରେ ସନ୍ଧାରେ ଘଟଗୁଡିକୁ ଠାକୁରାଣୀ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏହି ସମୟରେ ମାନସିକ କରିଥିବା ବ୍ୟକ୍ତିମାନେ କୁକୁଡା, ପାରା, ବତକ, ଗଡରା ଆଦି ବଳି ଦେଇଥିଲେ। ଗାଁର ସବୁ ସମ୍ପ୍ରଦାୟର ଲୋକ ଏହି ପର୍ବରେ ସାମିଲ ହୋଇଥିଲେ। ଏହି ଦିନରେ ଆମ୍ବ, ପଣସ, ମହୁଲ, କାନ୍ଦୁଲ ଆଦିକୁ ମଧ ପୂଜା କରାଯାଇ ଭୋଗ ହିସାବରେ ପରିବାରର ସମସ୍ତ ସଦସ୍ୟ ଭକ୍ଷଣ କରିଥାନ୍ତି।



ନୂଆଗୁଡା ଗ୍ରାମରେ ଘଟ ପରିକ୍ରମା କରାଯାଉଛି।

## ଚରଦା ରାମଲୀଳା : ମଞ୍ଚସ୍ଥ ହେଲା ସୀତା ବିବାହ

ବିନିକା, ୧୬।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ରଘୁନାଥ ପଡାଠାରେ ରାମନବମୀଠାରୁ ଚାଲିଥିବା ରାମଲୀଲାର ତୃତୀୟ ସନ୍ଧ୍ୟାରେ ଲୀଳା ନାଟକ ସୀତା ବିବାହ ମଞ୍ଚସ୍ଥ ହୋଇଯାଇଛି। ରଘୁନାଥ ନାଟ୍ୟକଳା ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମିଥିଲାରେ ରାମଚନ୍ଦ୍ର ଶିବ ଧନୁ ଭଗ୍ନ କରି ଜନକ ନନ୍ଦିନୀ ସୀତାଙ୍କୁ ବିବାହ କରିଥିଲେ। ମହାରାଜ ଦଶରଥଙ୍କୁ ରାଣୀ କୌକେୟୀ ୨ଟି ବର ମାଗିବା ପାଇଁ ସତ୍ୟ କରାଇଥିଲେ। ଅନୁଷ୍ଠିତ ରାମଲୀଲାରେ ରାମ ଭୂମିକାରେ ଭାଗ୍ୟଧର ଥନାପତି, ଲକ୍ଷ୍ମଣ ପରିତୋଷ, ସୀତା ରାଜୁ ଥନାପତି, ଦଶରଥ ଯୋଗିନ୍ଦ୍ର ଥନାପତି, ଭରତ ବିଘ୍ନରାଜ ଥନାପତି, ଶତୃଘ୍ନ ସୂର୍ଯ୍ୟନାରାୟଣ ଥନାପତି, ଜନକ ଭୂମିକାରେ ଦେବେନ୍ଦ୍ର ଥନାପତିଙ୍କ ଅଭିନୟ ଚିତାକର୍ଷକ ହୋଇଥିଲା। ରାମଲୀଲା ଗୀତକୁ ମ୍ୟାନେଜର ଆନନ୍ଦ ଥନାପତି ଗାନ କରୁଥିବା ବେଳେ ମହେନ୍ଦ୍ର ପୁରୋହିତ ଓ ରିତ ଥନାପତି ଲୀଳା ନାଟକକୁ ପରିଚାଳନା କରୁଛନ୍ତି।

# ପ୍ରଚାର ଶେଷ : ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି

ସୋନପୁର,୧୬।୪(ନି.ପ୍ର)

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏଥିପାଇଁ ଅଧିକାରୀ ଓ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ମଙ୍ଗଳବାର ସନ୍ଧ୍ୟାରେ ଶେଷ ହୋଇଛି ନିର୍ବାଚନ ପ୍ରଚାର। ସୁବର୍ଣ୍ଣପୁର ଜିଲାର ପ୍ରମୁଖ ତିନି ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ସମେତ ସ୍ୱାଧୀନ ପ୍ରାର୍ଥୀ ଓ ସମର୍ଥକ ପ୍ରଚାରର ଶେଷ ଦିନରେ ସମସ୍ତ ଶକ୍ତି ଲଗାଇ ଭୋଟରଙ୍କୁ ଆକୃଷ୍ଟ କରିବାର ଚେଷ୍ଟା କରିଥିଲେ। ଏବେ ପ୍ରାର୍ଥୀମାନଙ୍କର ଭାଗ୍ୟ ପରୀକ୍ଷାର ବେଳ। ବେଶ୍ କିଛି ଦିନ ଧରି ବିଭିନ୍ନ ଦଳ ପକ୍ଷରୁ ହାଇପ୍ରୋଫାଇଲ ନେତାଙ୍କ ପ୍ରଚାର, ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଚାର ଶେଷ ହୋଇଛି। ହେଲେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଅନ୍ତିମ ପର୍ଯ୍ୟାୟର ଅଭିଯାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରାର୍ଥୀଙ୍କ ସମର୍ଥକମାନେ ଘରକୁ ଘର ବୁଲି ଭୋଟରଙ୍କୁ ଗୋପନରେ ଟଙ୍କା ଯାଚିବା ସହ ବିଭିନ୍ନ ପ୍ରକାର ଉପହାର ଦେବା ପାଇଁ ମଙ୍ଗଳବାର ଓ ବୁଧବାର ରାତିକୁ ଅପେକ୍ଷା କରି ରହିଛନ୍ତି। ବିଶେଷ ଭାବରେ ମହିଳା ଭୋଟକୁ ହାତେଇବା ପାଇଁ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଟାର୍ଗେଟ୍ କରାଯାଉଛି। ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ ରାଜନୈତିକ ଦଳଗୁଡିକର ଅର୍ଥ କାରବାରକୁ ରୋକି ପାରୁ ନ ଥିବା ଅଭିଯୋଗ ହେଉଛି।

ସୋନପୁରରେ ଦ୍ୱିମୁଖୀ ଓ ବୀରମହାରାଜପୁର ବିଧାନସଭା ଆସନରେ ତ୍ରିମୂଖୀ ଲଢେଇର ରମ୍ଭାବନା ରହିଛି। ଏଥିରେ ହାରଜିତ୍‌ର ବ୍ୟବଧାନ କମ୍ ରହିବା ସମ୍ଭାବନା ରହିଛି। ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଦ୍ୱୟ ମତଦାତାଙ୍କୁ ନିଜ ସପକ୍ଷକୁ ନେବା ପାଇଁ ବିଭିନ୍ନ ପ୍ରକାର ଉଦ୍ୟମ କରୁଛନ୍ତି। ବିଭିନ୍ନ କ୍ଲବ, ସଂଗଠନ, ପୂଜା କମିଟି ଓ ପଡାର ଭୋଟରମାନଙ୍କୁ ବିଭିନ୍ନ ଉପାୟରେ ତୃପ୍ତି କରାଯାଉଛି। ମଦ ଓ ଟଙ୍କା ବଣ୍ଟନ ଉପରେ ରୋକ ଲଗାଇବା ପାଇଁ ଜିଲାସ୍ତରରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲେ ମଧ ତାହା ନାମକୁ ମାତ୍ର ବୋଲି ବୁଦ୍ଧିଜୀବୀ ମହଲରୁ ଅଭିଯୋଗ ଆସୁଛି। ଏପଟେ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ କରିବାକୁ ଜିଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ୫୮୬ ଗୋଟି ପୋଲିଂ ବୁଥ ପାଇଁ ଜଣେ ପ୍ରିଜାଇଡିଂ ଅଫିସର, ୫ ଜଣ ଲେଖାଏଁ ପୋଲିଂ ଅଫିସର ଓ ଜଣେ ସୁରକ୍ଷା କର୍ମଚାରୀଙ୍କୁ ମିଶାଇ ୭ଜଣିଆ ପୋଲିଂ ପାର୍ଟି ପ୍ରତି ବୁଥରେ ମଙ୍ଗଳବାର ରାତି ପୂର୍ବରୁ ପହଞ୍ଚି ଯାଇଛନ୍ତି । ସୋନପୁର କଲେଜ ଓ ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିର୍ବାଚନ ପାଇଁ ଇଭିଏମ୍, ଭିଭିପିଏଟି ଓ ଅନ୍ୟାନ୍ୟ ନିର୍ବାଚନ ସାମଗ୍ରୀ ପ୍ରଦାନ ତଥା ଡେସପାଚ ସେଣ୍ଟର କରାଯାଇଥିଲା। ଏହି କାର୍ଯ୍ୟରେ ମୋଟ ୨ହଜାର ୯୩୦ ଜଣ ପୋଲିଂ ଅଫିସର ଓ ୫୮୬ ପ୍ରିଜାଇଡିଂ ଅଫିସରଙ୍କୁ ନିୟୋଜିତ କରାଯାଇଛି। ସେହିଭଳି ନିର୍ବାଚନ ପ୍ରକ୍ରିୟାର ତଦାରଖ ଓ ପରିଚାଳନା ନିମନ୍ତେ ୬୬ ଜଣ ସେକ୍ଟର ଅଫିସର, ୩୭ ଜଣ ନିର୍ବାହୀ ମାଜିଷ୍ଟ୍ରେଟ୍ ଓ ୪୪ ଜଣ ମାଇକ୍ରୋ ଅବଜରର୍ଭର ସାମିଲ ହୋଇଛନ୍ତି। ଚଳିତ ଥର ସୋନପୁର ସହରର ମଝିପଡାସ୍ଥିତ ୧୮୫ ନଂ ବୁଥ ଓ ବୀରମହାରାଜପୁରର ଉଫୁଲାସ୍ଥିତ ୨୨୨ ନଂ ବୁଥ୍‌କୁ ପିଙ୍କ୍ ବୁଥ୍ କରାଯାଇଛି। ଏହି ବୁଥର ପୋଲିଂ ଅଫିସର, ପ୍ରିଜାଇର୍ଡିଂ ଅଫିସର ଓ ସୁରକ୍ଷା ଅଧିକାରୀ ମହିଳା କର୍ମଚାରୀ ରହିବେ। ସେହିପରି ସୋନପୁର ମଝିପଡାର ୧୮୬ନଂ ବୁଥ୍‌ରେ ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସର ଓ ସୁରକ୍ଷା ଦାୟିତ୍ୱରେ କେବଳ ମହିଳା ରହିବେ ବୋଲି ସମସ୍ତ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷେ ମଙ୍ଗଳବାରଠାରୁ ନିର୍ବାଚନ ସରିବା ପର୍ଯ୍ୟନ୍ତ ଜିଲାରେ ମୁତୟନ ହୋଇଥିବା ଫ୍ଲାଇଁ ସ୍କ୍ୱାଡ ସଂଖ୍ୟା ୧୪କୁ ବୃଦ୍ଧି କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ମଧ ବ୍ୟାପକ ପୋଲିସ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉପରୋକ୍ତ ୨ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୂର୍ବରୁ ମାଓବାଦୀ ଉପସ୍ଥିତି ଥବାରୁ ପୋଲିସ ପକ୍ଷରୁ ଅତି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ୧୪୨ଟି ବୁଥ୍‌କୁ ଉତ୍ତେଜନା ପ୍ରବଣ ୬୭ଟି ବୁଥକୁ ଅତି ଉତ୍ତେଜନା ପ୍ରବଣ ବୁଥ୍ ଭାବରେ ଚିହ୍ନଟ ହୋଇଛି। ଏହି ବୁଥ୍ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

## ଫଟୋରେ ଖବର







ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ମଙ୍ଗଳବାର ପୋଲିଂ ଟିମ୍ ବୁଥ୍ ଅଭିମୁଖେ ବାହାରିଛନ୍ତି (ବାମ)। ନିର୍ବାଚନ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ସୋନପୁର ସହରରେ ସିଆରପିଏଫ୍ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି (ମଝି)। କନ୍ଧମାଳ ନିର୍ବାଚନମଣ୍ଡଳୀ ଭାଜପା ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ ଏବଂ ଭାଜପା ବିଧାୟକ ପ୍ରାର୍ଥୀ ଦଳୀୟ କର୍ମକର୍ତ୍ତାଙ୍କ ସହ ମଙ୍ଗଳବାର ମନମୁଣ୍ଡା ଅଞ୍ଚଳରେ ନିର୍ବାଚନୀ ପ୍ରଚାର କରୁଛନ୍ତି।



ସନ୍ତୋଷ ହେଉଛି ପ୍ରକୃତି ଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ। - ସକ୍ରେଟିସ୍



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ୩ ଗୁରୁତର

ବରଗଡ଼ ଅଫିସ୍,୧୬।୪- ବରଗଡ଼ ଜିଲା ବିଜେପୁର ଥାନା ବଲଣ୍ଡା ନିକଟରେ ୨ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ରାମ ସାହୁ, କମଳ ସାହୁ ଏବଂ ଅନିଲ ସାହୁ । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ବିଜେପୁରରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଯୋଗଦେଇ ଘରକୁ ଫେରିବା ବାଟରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

ବରଗଡ଼ ଅଫିସ୍,୧୬।୪- ବରଗଡ଼ ପୌର ପରିଷଦ ଅଧୀନ ୧ନମ୍ବର ୱାର୍ଡ଼ରେ ମଙ୍ଗଳବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜ୍ୟୋତିର୍ମୟ ମିଶ୍ର(୩୫)। ଖବର ପାଇ ବରଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

# ସରିଲା ପ୍ରଚାର, ଦିନକ ପରେ ଭାଗ୍ୟ ପରୀକ୍ଷା

ବରଗଡ଼ ଅଫିସ୍,୧୬।୪

ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୧୮ତାରିଖ ହେବ । ମାଓବାଦୀ ଉପଦ୍ରୁତ ଅଞ୍ଚଳ ଯୋଗୁ ଜିଲାର ପଦ୍ମପୁର ଓ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ଅନ୍ୟପକ୍ଷେ ଜିଲାର ଅନ୍ୟ ୩ଟି ନିର୍ବାଚନ ମଣ୍ଡଳୀ ଅତାବିରା, ବରଗଡ଼ ଓ ବିଜେପୁରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ମଙ୍ଗଳବାର ପ୍ରାର୍ଥୀଙ୍କ ପ୍ରଚାର ଶେଷ ହୋଇଛି । ଦିନକ ପରେ ମତଦାନ ଆରମ୍ଭ ହେଉଥିବା ଯୋଗୁ ନିର୍ବାଚନ କର୍ମଚାରୀ ତଥା ପୋଲିଂ ଓ ପ୍ରିଜାଇଡ଼ିଂ ଅଫିସର ସନ୍ଧ୍ୟାରୁ ନିର୍ଦ୍ଧାରିତ ଭୋଟ କେନ୍ଦ୍ର ଅଭିମୁଖେ ବାହାରିଛନ୍ତି। ବରଗଡ଼ ପଞ୍ଚାୟତ କଲେଜ ଏବଂ ପଦ୍ମପୁର ଆର୍ଏମ୍ସି ଗୋଦାମରେ ପୂର୍ବରୁ ସୁରକ୍ଷିତ ଥିବା ଇଭିଏମ୍, ଭିଭିପିଏଟି ଆଦି ଆବଶ୍ୟକ ଭୋଟ୍ ସାମଗ୍ରୀ ଧରି କର୍ମଚାରୀମାନେ ଭୋଟ କେନ୍ଦ୍ରଗୁଡ଼ିକୁ ଯାଇଛନ୍ତି । ଗତ କିଛିଦିନ ଧରି ପ୍ରାର୍ଥୀଙ୍କ ପ୍ରଚାରରେ ଉଚ୍ଛୁଳି ପଡୁଥିବା ଗାଁରୁ ସହରରେ ଶୂନ୍ୟତା ଦେଖାଯାଇ ଥିବାବେଳେ ଭୋଟରମାନେ ମଧ୍ୟ ପୂର୍ବବତ ନୀରବ ରହିଛନ୍ତି । ଆସନ୍ତା ଗୁରୁବାର ସେମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଭିନ୍ନ ଦଳୀୟ ତଥା ନିର୍ଦ୍ଦଳୀୟ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ ।



ଭୋଟ୍କେନ୍ଦ୍ରକୁ ଯିବା ପାଇଁ ନିର୍ବାଚନ କର୍ମଚାରୀମାନେ ବରଗଡ଼ ପଞ୍ଚାୟତ କଲେଜରେ ପ୍ରସ୍ତୁତ ହେଉଛନ୍ତି ।

- ଭୋଟକେନ୍ଦ୍ର ଅଭିମୁଖେ ଗଲେ ନିର୍ବାଚନ କର୍ମଚାରୀ
- ପଦ୍ମପୁର, ଭଟଲିରେ ଅପରାହ୍ନ ୪ଟା ସୁଦ୍ଧା ମତଦାନ
- ଅନ୍ୟ ୩ ନିର୍ବାଚନ ମଣ୍ଡଳୀରେ ୬ଟା ପର୍ଯ୍ୟନ୍ତ ଚାଲିବ ମତଦାନ
- ନିର୍ବାଚନ ମଇଦାନରେ ୩୧ପ୍ରାର୍ଥୀ
- ଲୋକ ସଭାରେ ୬, ବିଧାନସଭା ପାଇଁ ୨୫ ପ୍ରାର୍ଥୀ

ବରଗଡ଼ ଜିଲାରେ ୫ଟି ବିଧାନସଭା ଆସନ ବରଗଡ଼, ଅତାବିରା, ବିଜେପୁର, ଭଟଲି ଓ ପଦ୍ମପୁର ରହିଛି । ଏହି ଆସନ ସହିତ ବରଗଡ଼ ଲୋକ ସଭା ଆସନ ପାଇଁ ମଧ୍ୟ ଏଠାରେ ପ୍ରତିଦ୍ୱନ୍ଦ୍ୱୀତା ଚାଲିଛି। ଲୋକସଭା ଓ ବିଧାନସଭାକୁ ମିଶାଇ ସମୁଦାୟ ୩୧ଜଣ ପ୍ରାର୍ଥୀ ରହିଛନ୍ତି। ୨୫ଜଣ ବିଧାନସଭା ପ୍ରାର୍ଥୀ ହୋଇଥିବା ବେଳେ ବରଗଡ଼ ଲୋକ ସଭା ପାଇଁ ୬ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଜେପୁର ବିଧାନସଭାରେ ଆସନରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୬ଜଣ ରହିଥିବା ବେଳେ ବରଗଡ଼ ବିଧାନସଭା ଆସନରେ ୪ ଏବଂ ଅତାବିରା, ଭଟଲି ଏବଂ ପଦ୍ମପୁର ବିଧାନସଭା ଆସନରେ ୫ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି । ପ୍ରତି ଆସନରେ କଂଗ୍ରେସ, ବିଜେଡ଼ି, ଭାଜପା, ବିଏସ୍ପି ପ୍ରାର୍ଥୀ ଦେଇଥିବା ବେଳେ ବରଗଡ଼ ଲୋକ ସଭାରେ ଜଣେ ସ୍ୱାଧୀନ ଓ ଅନ୍ୟଜଣେ ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ପ୍ରାର୍ଥୀ ରହିଛନ୍ତି । ସେହିପରି ବରଗଡ଼ ବିଧାନସଭା ଆସନରେ ଜଣେ ସ୍ୱାଧୀନ, ଅତାବିରା ବିଧାନସଭା ଆସନରେ ପଶ୍ଚିମାଞ୍ଚଳ ବିକାଶ ପାର୍ଟି, ଭଟଲି ବିଧାନସଭା ଆସନରେ ସମତାକ୍ରାନ୍ତି ଦଳ, ବିଜେପୁର ବିଧାନସଭା ଆସନରେ ୨ଜଣ ସ୍ୱାଧୀନ ଏବଂ ପଦ୍ମପୁର ବିଧାନସଭା ଆସନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇଛନ୍ତି।

ତେବେ ସବୁ ପ୍ରାର୍ଥୀ ବିଜୟ ପାଇଁ ଆଶାବାଦୀ ଥିବାବେଳେ ଭୋଟରଙ୍କ ମତଦାନ ଉପରେ ତାହା ନିର୍ଭର କରୁଛି । ଜିଲାରେ ସମୁଦାୟ ୧୧ଲକ୍ଷ ୨୯ହଜାର ୩୨୬ ଭୋଟର ରହିଛନ୍ତି । ସେଥିମଧ୍ୟରୁ ପଦ୍ମପୁରରେ ୨,୪୮,୭୯୫, ବିଜେପୁରରେ ୨,୨୫,୫୬୭, ବରଗଡ଼ରେ ୨,୧୬,୩୫୮, ଅତାବିରାରେ ୨,୧୫,୪୮୦ ଏବଂ ଭଟଲିରେ ୨,୨୩,୧୨୬ ଭୋଟର ଅଛନ୍ତି । ଭୋଟରଙ୍କ ମତଦାନ ପାଇଁ ଜିଲାରେ ମୋଟ ୧୩୭୮ ଭୋଟ କେନ୍ଦ୍ର ରହିଛି। ସେଥିରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୩୧୯, ବିଜେପୁର ନିର୍ବାଚନମଣ୍ଡଳୀରେ ୨୮୫, ବରଗଡ଼ ନିର୍ବାଚନମଣ୍ଡଳୀରେ ୨୩୧, ଅତାବିରା ନିର୍ବାଚନମଣ୍ଡଳୀରେ ୨୫୨ ଏବଂ ଭଟଲି ନିର୍ବାଚନମଣ୍ଡଳୀରେ ୨୯୧ ଭୋଟକେନ୍ଦ୍ର ରହିଛି । ଭୋଟ କେନ୍ଦ୍ରଗୁଡ଼ିକରେ ସୁରକ୍ଷିତ ମତଦାନ ପାଇଁ ପୋଲିସ, ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ତଥାପି ମତଦାନ ସମୟରେ ନିର୍ବାଚନୀ ହିଂସା ଘଟିବାର ଆଶଙ୍କା ରହିଥିବା ଯୋଗୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ।

### ସରିଲା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନୀ ପ୍ରଚାର

ବୌଦ୍ଧ,୧୬।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୧୮ତାରିଖରେ ହେବ । ଏନେଇ ମଙ୍ଗଳବାର ସନ୍ଧ୍ୟାରୁ ନିର୍ବାଚନୀ ପ୍ରଚାର ଶେଷ ହେଉଛି। ଅନ୍ୟପକ୍ଷେ ଡାକବାଜି ଯନ୍ତ୍ରରେ ପ୍ରଚାର ଯୋଗୁ ଲୋକ ଅଣନିଃଶ୍ୱାସ ହୋଇପଡିଥିବା ବେଳେ ପ୍ରଚାର ଶେଷ ପରେ ଲୋକ ଆଶ୍ୱସ୍ତ ହୋଇଛନ୍ତି। ବୌଦ୍ଧ ନିର୍ବାଚନମଣ୍ଡଳୀରେ ଭାଜପା, ବିଜେଡି ଏବଂ କଂଗ୍ରେସ ମଧ୍ୟରେ କଡା ମୁକାବିଲା ହେବ ବୋଲି ଜଣାପଡିଛି। ତେବେ ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ କୌଶଳ ଆପଣେଇଛନ୍ତି। ବର୍ତ୍ତମାନ ନିର୍ବାଚନକୁ ଆଉମାତ୍ର କେଇଘଣ୍ଟା ବାକିଥିବା ବେଳେ ସମସ୍ତଙ୍କ ନଜର ଭୋଟରଙ୍କ ଉପରେ ରହିଛି।

### ୨୪ ପ୍ରହର ନାମଯଜ୍ଞ

ଜାମଟିକ୍ରା,୧୬।୪(ଡି.ଏନ.ଏ.)

କୁଲୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପୂଜା କର୍ତ୍ତା ଭାବେ ଅର୍ଜୁନ ଭୋଇ ଓ ସନ୍ଧ୍ୟାରାଣୀ ଭୋଇ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ନିରଞ୍ଜନ ପାଣିଗ୍ରାହୀ ଯଜ୍ଞ ପରିଚାଳନା କରିଥିଲେ। ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଥିଲା। ବାଉଁସେନପାଲି, ମହୁଲପାଲି, ଖଲିଆପାଲି ଉଦଣ୍ଡ ସଂକୀର୍ତ୍ତନ ନାମଯଜ୍ଞରେ ଯୋଗଦେଇଥିଲେ। ନନ୍ଦିଘୋଷ ଭୁଏ, ଘାସିରାମ ଭୁଏ, ପରମେଶ୍ୱର ବାଗ, କରୁଣା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବାପାଙ୍କ ଲାଗି ପୁଅ କଲେ ନିର୍ବାଚନୀ ପ୍ରଚାର

ମନମୁଣ୍ଡା,୧୬।୪(ଡି.ଏନ.ଏ)

ବିଜେଡି ପ୍ରାର୍ଥୀ ମହିଧର ରଣାଙ୍କ ପାଇଁ ତାଙ୍କ ପୁଅ ସୁଧାଂଶୁ ରଣା ମଙ୍ଗଳବାର ୩ ନମ୍ବର ଜୋନର ବିଭିନ୍ନ ପଞ୍ଚାୟତ ବୁଲି ନିର୍ବାଚନୀ ପ୍ରଚାର କରିଥିଲେ । ସୁଧାଂଶୁ ପ୍ରତ୍ୟେକ ଗ୍ରାମର ମୁଖିଆ, ବୁଦ୍ଧିଜୀବୀ, ବୟୋଜ୍ୟେଷ୍ଠଙ୍କ ସହ ଆଲୋଚନା କରି ବିଜେଡି ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ସେ କେତେକ ଅସନ୍ତୁଷ୍ଟ କର୍ମୀଙ୍କୁ ମନାଇ ଥିବା ଜଣାପଡିଛି। ବିଶେଷ କରି ସୁଧାଂଶୁ ଯୋଗିନ୍ଦ୍ରପୁର ପଞ୍ଚାୟତର ମହିଳା ସ୍ୱୟ ସହାୟକ ଗୋଷ୍ଠୀର ଶତାଧିକ ସଦସ୍ୟଙ୍କ ସହ ସାକ୍ଷାତ କରିଥିଲେ। ଏପରିକି ବିଜେଡି ସରକାର ମହିଳାମାନଙ୍କୁ ସମସ୍ତ କ୍ଷେତ୍ରରେ ଅଗ୍ରାଧିକାର ଦେଇ ଆସୁଥିବାରୁ ବିଜେଡିକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। ପ୍ରଚାର କାର୍ଯ୍ୟରେ ଯୋଗିନ୍ଦ୍ରପୁରର ବରିଷ୍ଠ ନେତା ଶଙ୍କର ଗାଇଗୌରିଆ ସହଯୋଗ କରିଥିଲେ। ଏପରି କି ସୁଧାଂଶୁ ଗୋଛାପଡ଼ା, ଶାନ୍ତିପାଲି ଗ୍ରାମରେ ନିର୍ବାଚନୀ ପ୍ରଚାର କରିବା ସହ ଖଟଖଟିଆ, ପଲସାଗୋରା, କଣ୍ଟାମାଳ ପଞ୍ଚାୟତରେ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଥିଲେ।



ବିଜେଡି ପ୍ରାର୍ଥୀ ମହିଧର ରଣାଙ୍କ ପୁଅ ସୁଧାଂଶୁ ରଣା ମଙ୍ଗଳବାର ନିର୍ବାଚନୀ ପ୍ରଚାର କରୁଛନ୍ତି।

# କଡ଼ା ସୁରକ୍ଷାରେ ବୁଥ୍କୁ ଗଲେ ପୋଲିଂ କର୍ମଚାରୀ

ବୌଦ୍ଧ,୧୬।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୧୮ତାରିଖରେ ହେବ । ଏପରି କି ଜିଲାରେ ୨ଟି ନିର୍ବାଚନ ମଣ୍ଡଳୀରେ ମତଦାନ ପାଇଁ ପୋଲିଂ ଓ ପ୍ରିଜାଇଡ଼ିଂ ଅଫିସର ବୁଥରେ ମଙ୍ଗଳବାର ରାତି ସୁଦ୍ଧା ପହଞ୍ଚିଛନ୍ତି। ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧୯୪ ଏବଂ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୨୧୭ ବୁଥରେ ମତଦାନ ସଂଗ୍ରହ କରାଯିବ। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରୁ ଇଭିଏମ୍, ଭିଭିପିଏଟି ଆଦି ଆବଶ୍ୟକ ଭୋଟ୍ ସାମଗ୍ରୀ ଧରି କର୍ମଚାରୀମାନେ ଭୋଟ କେନ୍ଦ୍ରଗୁଡ଼ିକୁ ଯାଇଛନ୍ତି । ନିର୍ବାଚନ ପରିଚାଳନା କାର୍ଯ୍ୟରେ ୨୭୧୨ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ପରିଚାଳନା ତଦାରଖ ପାଇଁ ୫୨ଜଣ ସେକ୍ଟର ଅଫିସର ନିଯୁକ୍ତ କରାଯିବା ସହିତ ସେମାନଙ୍କୁ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରାଯାଇଛି। ନିର୍ବାଚନ ପରିଚାଳନାରେ କର୍ମଚାରୀମାନଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏପରି କି କର୍ମଚାରୀମାନେ ପୋଲିଂ ବୁଥକୁ ଯିବାପାଇଁ ବସ ଓ ଅନ୍ୟ ଛୋଟ ଗାଡିର ବ୍ୟବସ୍ଥା କରାଯାଇଛି। ମତଦାନ କେନ୍ଦ୍ରରେ ରହିବା ବ୍ୟବସ୍ଥା କରାଯାଇଥିବା ବେଳେ ମତଦାତାମାନଙ୍କ ପାଇଁ ଟେଣ୍ଟ ଛାଉଣି ସହ ପାନୀୟଜଳର ବ୍ୟବସ୍ଥା କରାଯାଇଛି। କଣ୍ଟମାଳ ନିର୍ବାଚନ ମଣ୍ଡଳୀ ପାଇଁ ୧୬୩୫୪୭ଜଣ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮୦୧୮୭ଜଣ ମହିଳା ମତଦାତା ରହିଥିବା ବେଳେ ୮୩୩୬୦ଜଣ ପୁରୁଷ ମତଦାତା ରହିଛନ୍ତି। ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ୧୫୯୬୮୮ ମତଦାତାଙ୍କ ନାମ ତାଲିକାଭୁକ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୭୧୬୬୫ ମହିଳା ଓ ୮୨୦୧୭ ପୁରୁଷ ମତଦାତା ରହିଛନ୍ତି। ବୌଦ୍ଧରେ ୧୯୪ ଓ କଣ୍ଟାମାଳରେ ୨୧୭ ଏହିପରି ମୋଟ ୪୧୧ଟି ବୁଥ ରହିଛି। ଜିଲାରେ ୫୭ଟି ବୁଥକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ବୌଦ୍ଧରେ ୩୧ଟି ଓ କଣ୍ଟାମାଳାରେ ୨୬ଟି ବୁଥ ରହିଛି। ଜିଲାରେ ୧୧୫ଟି ବୁଥକୁ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ବୌଦ୍ଧରେ ୫୨ଟି ଏବଂ କଣ୍ଟାମାଳରେ ୬୩ଟି ବୁଥ ରହିଛି। ସ୍ୱଚ୍ଛ ନିର୍ବାଚନ ପାଇଁ ୬୮ଟି ବୁଥରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଶୀତାଂଶୁ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରିଟର୍ନିଂ ଅଫିସର ଏନ୍.ସି. ଜ୍ୟୋତିରଞ୍ଜନ ନାଏକ ଓ ଅନ୍ୟ ଅଧିକାରୀମାନେ ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟ ପରିଚାଳନା କରୁଛନ୍ତି।

**ନିର୍ବାଚନ ପ୍ରସ୍ତୁତି ଚୂଡ଼ାନ୍ତ**



ପୋଲିଂ ଅଧିକାରୀମାନେ ଇଭିଏମ୍, ଭିଭିପିଏଟି ସହ ଅନ୍ୟ ସାମଗ୍ରୀ ଧରି ବୁଥ୍କୁ ଯାଉଛନ୍ତି।

# ରାମଚରିତ ମାନସ ପାରାୟଣ ଉଦ୍ଯାପିତ

ଗାଇସିଲେଟ, ୧୬।୪(ଡି.ଏନ୍.ଏ):

ଗାଇସିଲେଟ ବ୍ଲକ ଅଧୀନ ସରଧାପାଲି ଗାଁରେ ରାମ ନବମୀ ଉଧେ ସନ୍ଥ ତୁଲସୀ ଦାସ ରଚିତ ରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହେଇଥିଲା। ରାମଚରିତ ମାନସ ଗଲା ୭ ତାରିଖ୍ରୁ ଆରମ୍ ହେଇ ୧୬ ତାରିଖ୍ ମଙ୍ଗଲବାର ଦିନ ଉଦ୍ଯାପିତ ହେଇଥିଲା। ଇ କାର୍ୟକରମରେ ଦୁର୍ଗା ପ୍ରସାଦ ସାହୁ ଆର ପତ୍ନୀ ଶ୍ୟାମା ସାହୁ କରତା ଦାଇତିଅ ତୁଲେଇଥିଲେ। ସେନ୍ତା ପଣ୍ଡିତ ଉପେନ୍ଦ୍ର ପଣ୍ଡା ପୂଜକ ଆର ସୁଶ୍ରୀ ସୁବାସିନୀ ମିଶ୍ର ବ୍ୟାସ ଦାଇତିଅ ତୁଲେଇଥିଲେ। ବାଜ୍ନାରେ ତଣ୍ଟିଆ ସାହୁ, ବିକାଶ ଷଡ଼ଙ୍ଗୀ, ସୀମାନ୍ତିନି ଉଦଗାତା ଆର କୁମୁଦିନୀ ନାୟକ ସହଯୋଗ କରିଥିଲେ। ଫିଦିନ କାର୍ୟକରମରେ ଆସର ପାସର ଗାଁଗଁଡ଼ାର ଶହ ଶହ ଭକତ୍ ଠୋଲ ହେଉଥିଲେ। ଗଉଁତିଆ ଯୁଗଲ କିଶୋର ସାହୁ, ସଭାପତି, ଗୋପାଲ ଭୋଇ, ସମ୍ପାଦକ, ଫକିର ଭୋଇ, କୋଷାଧକ୍ଷ ସମେତ ସଭ୍ୟ ସତ୍ୟପ୍ରିୟ ସାହୁ, ଟିକେଲାଲ ଭୋଇ, ଶତ୍ରୁଘ୍ନ ସାହୁ, ନିରଞ୍ଜନ ବାହୁକ, ରୋହୁତ ସାହୁ, ବେଦବ୍ୟାସ ପଧାନ, ମଛିନ୍ଦ୍ର ମିର୍ଦ୍ଧା, ଓକିଲ ସାହୁ, ଥବିର ସାହୁ ଆର କଲ୍ୟାଣ କମିଟି ଗାଁବାସୀକର ସହଯୋଗ, ଉଦିଅମ୍ରେ ଇ କାର୍ୟକରମ ସଫଲ ହେଇଥିଲା।



ସରଧାପାଲିରେ ହେଇଥିବାର ରାମଚରିତ ମାନସ ପାରାୟଣ।

### ପ୍ରଚାର କରିବାକୁ ଯାଇ ହଟହଟା

ଅତାବିରା,୧୬।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ପତ୍ରାପାଲିକୁ ଜଣେ ପ୍ରାର୍ଥୀ ନିର୍ବାଚନୀ ପ୍ରଚାରରେ ଯାଇଥିବାବେଳେ ବିରୋଧ ତଥା ହଟହଟାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି । ଏନେଇ ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପକ୍ଷେ ସମ୍ପୃକ୍ତ ପ୍ରାର୍ଥୀ ଏବଂ ତାଙ୍କ ସମର୍ଥକଙ୍କୁ ଲୋକେ ଦୀର୍ଘ ସମୟ ଧରି ଅଟକ ରଖିଥିବା ଜଣାପଡିଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ । ପ୍ରକାଶ ଯେ, ନିର୍ବାଚନୀ ପ୍ରଚାର ଅବଧି ଶେଷ ହେବା ସତ୍ତ୍ୱେ ସମ୍ପୃକ୍ତ ପ୍ରାର୍ଥୀ ଏକ କାର୍ ଯୋଗେ ପତ୍ରାପାଲିର ଏକ ନିର୍ଦ୍ଦିଷ୍ଟ ପଡ଼ାକୁ ଯାଉଥିଲେ। ସେତିକିବେଳେ ଗ୍ରାମର କେତେଜଣ ଲୋକେ ବିରୋଧ କରିଥିଲେ। ଅନ୍ୟପକ୍ଷେ ପଡ଼ାର କିଛି ମହିଳା ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ବାକ୍ବିତଣ୍ଡା ହୋଇଥିଲା। ଏ ନେଇ ସୋସିଆଲ ମିଡ଼ିଆରେ ଏକ ଭିଡ଼ିଓ କ୍ଲିପିଂ ଭାଇରାଲ ହେବାରେ ଲାଗିଛି। ମତଦାନର ଦିନକ ପୂର୍ବରୁ ପ୍ରାର୍ଥୀଙ୍କୁ ଗ୍ରାମବାସୀଙ୍କ ବିରୋଧ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ମିନିଟ୍ରକ ଓଲଟିଲା, ୧୬ଆହତ

ଗାଇସିଲେଟ୍,୧୬।୪(ଡି.ଏନ.ଏ.)

ବରଗଡ଼ ଜିଲା ଗାଇସିଲେଟ୍ରେ ମଙ୍ଗଳବାର ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଯୋଗଦେଇ ଘରକୁ ଫେରିବା ବାଟରେ କଲଙ୍ଗାପାଲି-ଚାଣ୍ଟିପାଲି ରାସ୍ତାରେ ଏକ ମିନିଟ୍ରକ(ଓଡ଼ି୧୭କ୍ୟୁ ୦୭୦୦) ଦୁର୍ଘଟଣାଗ୍ରସ୍ତ ହେବାରୁ ୧୬ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ, ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ଚାଣ୍ଟିପାଲି ଗ୍ରାମର ବୈଲୋଚନ ଡନସନା(୫୪), ଲକ୍ଷ୍ମୀ ବରିହା(୪୫), ସୌଦାମିନୀ ବରିହା(୪୫), ତପସ୍ୱିନୀ ବରିହା(୪୫), ସୁବନ ବରିହା(୪୫), ଭୂମିସୂତା ବରିହା(୪୫), ମାଳତୀ ଡନସନା(୫୦), ଶକୁନ୍ତଳା ବରିହା(୪୫), ଜାନକୀ ବରିହା(୪୦), ସୁଦାମା ଡନସନା(୪୦), ଉମା ଡନସନା(୨୭), ଚଞ୍ଚଳା ଡନସନା(୨୫), ଚନ୍ଦ୍ରମା ବରିହା(୨୫), ଅହଲ୍ୟା ବରିହା(୨୫), କେଶବ ଡନସନା(୪୫) ଏବଂ ଚୂଡ଼ାମଣି ଡନସନା(୪୫) । ସମସ୍ତ ଆହତଙ୍କୁ ଗାଇସିଲେଟ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । ଗାଇସିଲେଟ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ମିନିଟ୍ରକକୁ ଜବତ୍ କରି ତଦନ୍ତ ଚଲାଇଛି । ପ୍ରକାଶ ଯେ, ଉପରୋକ୍ତ ମିନିଟ୍ରକରେ ଚାଣ୍ଟିପାଲି ଗ୍ରାମର ଲୋକେ ଗାଇସିଲେଟ୍ରେ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଯୋଗଦେବା ପାଇଁ ଆସିଥିଲେ । ସଭା ସରିବା ପରେ ସେମାନେ ପୁଣି ସେହି ମିନିଟ୍ରକରେ ଘରକୁ ଫେରୁଥିଲେ। ତେବେ ଗ୍ରାମ ପାଖକୁ ପହଞ୍ଚିବା ବେଳେ ବାଟରେ ଗାଡ଼ି ଚାଳନାରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ମିନିଟ୍ରକଟି ଓଲଡ଼ି ପଡ଼ିଥିଲା ଏବଂ ସେଥିରେ ବସିଥିବା ଲୋକେ ଆହତ ହୋଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ ।



ଓଲଟି ପଡ଼ିଥିବା ମିନିଟ୍ରକ ।



ଗାଇସିଲେଟ୍ ଡାକ୍ତରଖାନାରେ ଆହତଙ୍କ ଚିକିତ୍ସା ଚାଲିଛି ।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

# 'ଗାଁ, ସହରର ସମାନ୍ତରାଳ ବିକାଶ ହେବ'

**ବଲାଙ୍ଗୀର ଅଫିସ, ୧୬।୪**

ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସକାଶେ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ନିର୍ବାଚନୀ ପ୍ରଚାର ସମୟ ଶେଷ ହୋଇଛି । ପ୍ରଚାର ଶେଷଦିନ ବଲାଙ୍ଗୀର ସଦର ବ୍ଲକ ଅଞ୍ଚଳରେ ବିଧାୟକ ତଥା ରାଜ୍ୟ ବିଧାନସଭା ବିରୋଧୀଦଳ ନେତା ନରସିଂହ ମିଶ୍ର ମାରାଥନ୍ ପ୍ରଚାର କରିଛନ୍ତି । ବିଭିନ୍ନ ଗାଁରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ଉଭୟ ସହର ଓ ଗ୍ରାମାଞ୍ଚଳର ସମାନ୍ତରାଳ ବିକାଶ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ଗତ ୫ ବର୍ଷ ମଧ୍ୟରେ ସେ ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବିକାଶ ପ୍ରକଳ୍ପ ନେଇ ଲୋକଙ୍କ ପାଖକୁ ପହଞ୍ଚିଥିଲେ । ଏଠାରେ ବିକାଶ ହୋଇଛି କି ନାହିଁ ଲୋକେ ବିଚାର କରିବେ। ତେବେ ବିରୋଧୀମାନେ କେବଳ ହିଂସାର ଆଶ୍ରୟ ନେଉଛନ୍ତି । ରାଜପରିବାର ବିଜେଡି ଗୁଣ୍ଡା, ମାଫିଆଙ୍କୁ ଆଣି ଗ୍ରାମାଞ୍ଚଳର ନିରୀହ ଜନସାଧାରଣଙ୍କୁ ଆତଙ୍କିତ କରୁଛି ବୋଲି ଅଭିଯୋଗ କରିଥିଲେ । ଆମେ କେବଳ ଗୋଟିଏ ଦଳ ଯିଏ କି ଗତ ୫ ବର୍ଷର ରିପୋର୍ଟ କାର୍ଡ ଜନସାଧାରଣଙ୍କ ଆଗରେ ରଖୁଛୁ। ବଲାଙ୍ଗୀରରେ ମେଡିକାଲ କଲେଜ, ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି, ଷ୍ଟାଡିୟମ ନିର୍ମାଣ, ଭୀମ ଡୁଙ୍ଗୁରି ପର୍ଯ୍ୟଟନ ସ୍ଥଳି, ୨୯ଟି ରାସ୍ତାର ପ୍ରଶସ୍ତିକରଣ ଏବଂ ସମସ୍ତ ଅଞ୍ଚଳକୁ ପିଇବା ପାଣି ସୁବିଧା ଏହି ୫ ବର୍ଷରେ ଲୋକଙ୍କ ସହଯୋଗରେ ସଫଳତାର ସହିତ କରାଯାଇଛି । କଂଗ୍ରେସ ସରକାରକୁ ଆସିଲେ କୃଷି, କୃଷକ, ବେକାର, ଗରିବ ପରିବାର, ଏସ୍‌ଏଚ୍‌ଜି ମହିଳା, ଗରିବର ସର୍ବନିମ୍ନ ଆୟର ଗ୍ୟାରେଣ୍ଟି, ଧାନର ସର୍ବନିମ୍ନ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୬୦୦ ଟଙ୍କା, ଏପରି ଅନେକ କାମ କରିବାର ଅଛି ବୋଲି କହି ଉଭୟ କଂଗ୍ରେସର ବିଧାନସଭା ଏବଂ ଲୋକସଭା ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ମିଶ୍ର କହିଥିଲେ । ବିଧାୟକ ମିଶ୍ରଙ୍କ ସହ ପ୍ରଦେଶ କଂଗ୍ରେସ କମିଟି ସହପ୍ରଭାରୀ ମସ୍ତାନ ୱାଲି ମଧ୍ୟ ଉପସ୍ଥିତ ଥିଲେ । ଫାସଡ, ଅମାମୁଣ୍ଡା, ମନହୀରା, ଭଇଁଷା, ବଘାପାଲି, କୁଟ୍ରାପାଲି, ରାମସିଂହା, ଖଲିଆପାଲି, କିରାବାହାଲ, ରାନିପାଲି, ସକମା, ଡୁଲଣ୍ଡିରେ ନିର୍ବାଚନୀ ପ୍ରଚାର ଓ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ କଂଗ୍ରେସ ନେତା ଅଶୋକ ନନ୍ଦ, ଲମ୍ବୋଦର ମହାକୁର, ବିପିନ ପଟେଲ, ହରେକୃଷ୍ଣ ପ୍ରଧାନ, ତପନ ପାଣିଗ୍ରାହୀ, ଧନଞ୍ଜୟ ସିଂଦେଓ, ମସିନ ମହାକୁର, ଲୁଠା, ଭାବଗ୍ରାହୀ ପଟେଲ, ଗୋପୀନାଥ ପଟେଲଙ୍କ ସହିତ ସହସ୍ରାଧିକ ଜନସାଧାରଣ ସାମିଲ ଥିଲେ ।



ବିଧାୟକ ନରସିଂହ ମିଶ୍ର ସଦର ବ୍ଲକ୍‌ର ବିଭିନ୍ନ ଗାଁରେ ଶେଷଦିନରେ ନିର୍ବାଚନୀ ପ୍ରଚାର କରୁଛନ୍ତି ।

## ସଂକ୍ଷେପରେ

### ରାତିରେ ଅଁଧାର, ଦିନବେଲା ଜଳୁଛେ ଷ୍ଟ୍ରିଟ୍‌ଲାଇଟ୍

**ଗୁଡ଼ଭେଲା,୧୬।୪(ଡି.ଏନ.ଏ):** ସରକାର ବିଦ୍ୟୁତ ସଞ୍ଚୟ ଲାଗି ଲୁକ୍‌କୁ ସଚେତନ କରୁଛନ୍, ହେଲେ ବଲାଙ୍ଗୀର ଜିଲା ତୁଷୁରା ସହରରେ ଥିବାର ଷ୍ଟ୍ରିଟଲାଇଟମାନ ଦିନବେଲା ଜଳୁଥିଲାବେଲେ ବଡ଼ଭାଗି ଲାଇଟ୍ ରାଏତ୍‌ବେଲି ବଁଦ୍ ରହୁଛେ। ଯେନ୍‌ଥିରଲାଗି ସହରଟା ଗୁଟେ ପରକାର ଅଁଧାର ରହୁଛେ। ଇଥିରଲାଗି ମହିଲାମାନେ ବେଲବୁଡ଼ଲେ ଛିନାଛକା ରାସ୍‌ତାରେ ଯାଆସ କରବାକେ ଡରୁଛନ୍। ଇଆଡ଼େ ଦିନୁ ଦିନ୍‌କେ ଖରା ତାତି ସଂଗେ ଗରମ ବଢ଼ତେଲ ଯାଉଛେ। ଏନ୍‌ତାଥି ସହରରେ ଘନ ଘନ ବିଦ୍ୟୁତ କାଟ୍ ଲୁକ୍‌କୁ ଅଥାଥାଲି କରିଦେଉଛେ। ହେଲେ ଇଠାନେ ଥାନୀୟ ବିଭାଗ ବିଦ୍ୟୁତ ଅପବେଭାରକେ ବଁଦ୍ କରି ନାଇଁପାରୁଥିବାର ଚରଚା ହେଉଛେ। ହେଲେ ବିଦ୍ୟୁତ ବିଭାଗ କହୁଛେ ଏନ୍‌ଏସି କତୃରପକ୍ଷ ଇ ଦିଗେ ଧିଆନ୍ ଦେବାର କଥା। ଇ ବାବ୍‌ଦେ ତୁଷୁରା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପକୁଁ ପଚରାଲରୁ ଗୁଟେ ଘରୋଇ ସଂସ୍ଥାକେ ଷ୍ଟ୍ରିଟ୍‌ଲାଇଟ୍ କାମ୍ ଦିଆଯାଇଛେ, ହେଲେ ସେମାନେ ଟାଇମର ଠିକ୍ ହିସାବେ ସେଟ୍ ନାଇଁ କରିପାରି। ଯେନ୍‌ଥିରଲାଗି ଇ ସମସିଆ ହେଉଛେ, ହେଲେ ବହୁତ ଜଲଦି ସମସିଆର ସମାଧାନ ହେବା ବଲି ସେ କହିଥିଲେ।

## ଟିକ୍ରାପଡ଼ାରେ ତାରିଣୀ ମେଳା ସମ୍ପନ୍ନ

**ଟିକ୍ରାପଡ଼ା, ୧୬।୪(ଡି.ଏନ.ଏ.)**

ସଇଁନ୍ତଳା ବ୍ଲକ ଟିକ୍ରାପଡାଠାରେ ତାରିଣୀ ମେଳା ରବିବାର ସମ୍ପନ୍ନ ହୋଇଛି । ରବିବାର ତାରିଣୀ ମନ୍ଦିରରେ ପଣା ଭୋଗ ଲାଗି ହୋଇଥିଲା । ଭକ୍ତମାନେ ଜନ ସାଧାରଣଙ୍କୁ ପଣା ବଣ୍ଟନ କରିଥିଲେ। ରୁକ୍ମିଣି ରାଜପଲିଆ, ରୋହିତ ରାଜପଲିଆ କର୍ତ୍ତା ଏବଂ ବଳରାମ ଥନାପତି ପୂଜକ ଦାୟିତ୍ୱ ତୁଲାଇଥିଲେ ।

## ଗୁଡଭେଲା ଅଞ୍ଚଳରେ ଭାଲୁ ଆତଙ୍କ

**ଗୁଡଭେଲା,୧୬୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ଅଞ୍ଚଳର କପସିଲା, ଲୁର୍କୀ, ବଡଙ୍ଗୋମୁଣ୍ଡା, ସରଗଡା ଆଦି ଗ୍ରାମରେ ଭାଲୁ ଆତଙ୍କ ଦିନକୁ ଦିନ ବଢ଼ିବାରେ ଲାଗିଛି । ରାତିରେ ଭାଲୁ ବୁଲୁଥିବାରୁ ଲୋକମାନେ ଭୟରେ ଘରୁ ବାହରିବାକୁ ଉଚିତ ମନେ କରୁନାହାନ୍ତି। ସୋମବାର ବିଳମ୍ବିତ ରାତିରେ ଲୁର୍କୀ ଗ୍ରାମର କିଛି ଯୁବକ ଭାଲୁକୁ ଦେଖିବା ସହ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ ମଧ୍ୟ କିଛି ପଦକ୍ଷେପ ନେଉ ନ ଥିବା ପଞ୍ଚାନନ ନାୟକ ନାମକ ଜଣେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗୁଡଭେଲା ଫରେଷ୍ଟରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କର କାର୍ଯ୍ୟାଳୟ ବନ୍ଦ ଥିବାରୁ ମତାମତ ନିଆଯାଇପାରି ନ ଥିଲା ।

## ନିର୍ବାଚନ ପ୍ରଚାର ସରିଲା



ବଲାଙ୍ଗୀର ସହର ରୁଗୁଡିପଡାଠାରେ ଅଦ୍ରିଜା ମଞ୍ଜରୀ ସିଂହଦେଓ ବିଜେଡି ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ଏବଂ କଳିକେଶ ନାରାୟଣ ସିଂଦେଓଙ୍କ ପାଇଁ ଭୋଟ୍ ଭିକ୍ଷା କରୁଛନ୍ତି ।

# ସଂକଳ୍ପ ପତ୍ର ଉନ୍ମୋଚନ କଲେ ଅର୍କେଶ

## ୨୦୨୨ ସୁଦ୍ଧା ଲୋୟର ସୁକ୍‌ତେଲ ପ୍ରକଳ୍ପ କାର୍ଯ୍ୟକ୍ଷମ ପ୍ରତିଶ୍ରୁତି

**ବଲାଙ୍ଗୀର ଅଫିସ, ୧୬।୪**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ଗୋଟିଏ ଦିନ ବାକି ଥିବାବେଳେ ବଲାଙ୍ଗୀର ବିଜେଡି ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଡାକି ଏକ ସଂକଳ୍ପ ପତ୍ର ଉନ୍ମୋଚିତ କରିଛନ୍ତି । ଏହି ଉନ୍ମୋଚନ ଉତ୍ସବରେ ଅର୍କେଶଙ୍କ ସହ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦାନ କରିଥିବା ଭଗବାନ ବଗର୍ତ୍ତୀ, ପ୍ରଦୀପ ସାହୁ, ଭାଜପାରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିବା ଡା ବାସୁଦେବ ପତି ଓ ବିଜେଡିର ଜଗଦୀଶ ଶତପଥୀ ଉପସ୍ଥିତ ଥିଲେ । ଚଳିତ ନିର୍ବାଚନରେ ବଲାଙ୍ଗୀର ଭୋଟରମାନେ ତାଙ୍କୁ ଭୋଟ୍ ଦେଇ ଜୟଯୁକ୍ତ କଲେ ବଲାଙ୍ଗୀରରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କରିବା ଦିଗରେ ସେ ବ୍ୟକ୍ତିଗତ ଉଦ୍ୟମ କରିବେ ବୋଲି ଏହି ସଂକଳ୍ପ ପତ୍ରରେ ଅର୍କେଶ ସୂଚନା ଦେଇଛନ୍ତି । ସଂକଳ୍ପ ପତ୍ରରେ ୨୦୧୩ ବିସ୍ଥାପନ ଓ ପୁନର୍ବାସ ଆଇନ୍ ସହ ୨୦୨୨ ସୁଦ୍ଧା ଲୋୟର ସୁକ୍‌ତେଲ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବା ସହ ବଲାଙ୍ଗୀର ବାଇପାସ୍ ଓ ରିଙ୍ଗରୋଡ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ଉଲ୍ଲେଖ କରିଛନ୍ତି । ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ, କେବିକେ ଅଞ୍ଚଳରେ ଘୋଷିତ ଓଡ଼ିଶା ବିଧାନସଭାର ଗୋଟିଏ ଅଧିବେଶନକୁ ବଲାଙ୍ଗୀରରେ କରିବା, ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଦେଓଗାଁ ଚିନିକଳ ପୁନଃ ଆରମ୍ଭ ଓ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବେ ବୋଲି ଉଲ୍ଲେଖ କରିଛନ୍ତି । ଏହାସହିତ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, କୃଷିଭିତ୍ତିକ ମାର୍କେଟ ଟର୍ମିନାଲ ମାର୍କେଟ ୟାର୍ଡ ସ୍ଥାପନ, ମଲ୍ଟି ମୋଡାଲ ଲଜିଷ୍ଟିକ ହବ୍ ସ୍ଥାପନ, ଡେଲିମାର୍କେଟର ଅତ୍ୟାଧୁନିକରଣ, କୋଶଳ କଳାମଣ୍ଡଳ ପଡିଆକୁ ଲଣ୍ଡନ୍‌ର ଟ୍ରାଫାଲଗାର ସ୍କ୍ୱେର ଭଳି ଅତ୍ୟାଧୁନିକ କେନ୍ଦ୍ର ପାଇଁ ପ୍ରତିଶ୍ରୁତି ଦେଇଥିବା ଉଲ୍ଲେଖ କରିଛନ୍ତି । ଏହି ସଂକଳ୍ପ ପତ୍ରରେ ୩୮ଟି ବିଷୟକୁ ସ୍ଥାନିତ କରାଯାଇଛି । ଏହି ସଂକଳ୍ପ ପତ୍ର ଜରିଆରେ ଅର୍କେଶ ଭୋଟରଙ୍କୁ ଆକୃଷ୍ଟ କରିବା ସହ ତାଙ୍କ ସଂକଳ୍ପ ଜଣାଇଥିବା କହିଛନ୍ତି ।



ବିଜେଡି ବିଧାୟକ ପ୍ରାର୍ଥୀ ଅର୍କେଶ ନାରାୟଣ ସିଂଦେଓ ଓ ଅନ୍ୟମାନେ ସଂକଳ୍ପ ପତ୍ର ଉନ୍ମୋଚନ କରୁଛନ୍ତି ।

# ଆଗ୍ରହ ଦେଖାଉ ନାହାନ୍ତି ଭୋଟର, ପକେଟ ଭୋଟ ହିଁ ଭରସା

**ଗୁଡଭେଲା,୧୬।୪(ଡି.ଏନ.ଏ.)**

ବଲାଙ୍ଗୀର ଲୋକସଭା ଆସନ ଓ ଟିଟିଲାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦ୍ୱିତୀୟ ପ୍ରର୍ଯ୍ୟାୟ ଅର୍ଥାତ ୧୮ ତାରିଖ ଭୋଟ ଗ୍ରହଣ ହେବ । ପ୍ରାର୍ଥୀମାନେ ନିଜ ନିଜର ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରି ସାରିଛନ୍ତି । ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିଲେ ମଧ୍ୟ ପ୍ରାର୍ଥୀମାନେ ସମର୍ଥକଙ୍କ ସହ ଘରଘର ବୁଲି ପ୍ରଚାର କରିଛନ୍ତି । ରାତି ଯାଏଁ ଡାକବାଜିଯନ୍ତ୍ର ସହ ବିଭିନ୍ନ ସମ୍ବଲପୁରୀ ଗୀତ ବାଜିଛି । ବ୍ୟାନର, ହୋର୍ଡିଂ, ପ୍ରଚାର ପତ୍ର ଚାରିଆଡେ ଛାଇ ଯାଇଣି । କିନ୍ତୁ ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ଆଗ ଭଳି ନାହିଁ । ସ୍ଥିତି ଏଭଳି ଯେ, ଚଳିତ ବର୍ଷ ଭୋଟ ହାର ଢେର କମିବା ଆଶଙ୍କା ରହିଛି । ତେଣୁ ନିଜ ପକେଟ ଭୋଟ ହିଁ ପ୍ରାର୍ଥୀମାନଙ୍କ ପାଇଁ ଭରସା ରହିଛି । ଭୋଟହାର କମିଲେ ହାର-ଜିତର ଫଇସଲା ସ୍ୱଳ୍ପ ବ୍ୟବଧାନରେ ହେବା ସ୍ୱାଭାବିକ । ତେଣୁ କିଏ ଆସନ ହାତେଇବ ତାହା ପୂର୍ବାନୁମାନ କରିବା ମୁସ୍କିଲ। କୌଣସି ପ୍ରାର୍ଥୀ ନିଜେ ସହଜ ସ୍ଥିତିରେ ଥିବା ଦାବି କରିପାରୁ ନ ଥିବା ବେଳେ ପୁରୁଣା ହିସାବ ଏବେ ଗଡବଡ ହେବାକୁ ଲାଗିଲାଣି । ଦଳ ଗୁଡିକ ଭିତରେ ଚାପି ରହିଥିବା ଅସନ୍ତୋଷ ମଧ୍ୟ ଏହାର ପ୍ରମୁଖ କାରଣ ରହିଛି। ଅନ୍ୟପକ୍ଷରେ ପ୍ରାର୍ଥୀ ଚୟନ ଏବଂ ଦଳ ବଦଳ ଯୋଗୁ ଭୋଟର ମତଦାନ ପାଇଁ ଆଗ୍ରହ କରୁ ନ ଥିବା ଗ୍ରାଉଣ୍ଡ ଜିରୋ ରିପୋର୍ଟରୁ ଜଣାପଡୁଛି । ଏପରିକି କିଛି ଆଶାୟୀ ନେତାଙ୍କୁ ଟିକଟ ନ ମିଳିବାରୁ ନେତା ଅନ୍ୟ ଦଳକୁ ଡେଇଁଛନ୍ତି । କିନ୍ତୁ ତାଙ୍କ ପୁରୁଖା ସମର୍ଥକ ଏବଂ ସଂଗଠନ ଏହାକୁ ସହଜରେ ହଜମ କରୁନାହାନ୍ତି । ସେମାନେ ମୂଳ ଦଳରେ ରହିବାକୁ ପସନ୍ଦ କରୁଛନ୍ତି । ସେ ସବୁ ଦୃଶ୍ୟ ଦେଖି ଭୋଟରମାନେ ଦ୍ୱନ୍ଦ୍ୱରେ ରହିଛନ୍ତି । ସେମାନେ ଦଳକୁ ଭୋଟ ଦେବେ ନା ପ୍ରାର୍ଥୀଙ୍କୁ ଭୋଟ ଦେବେ କିଛି ଚିନ୍ତା କରିପାରୁ ନ ଥିବା କିଛି ଭୋଟର କହନ୍ତି । ଏହା ଦ୍ୱାରା ଅଧିକାଂଶ ଭୋଟର ନିରବ ରହିବାକୁ ଶ୍ରେୟ ମନେ କରୁଛନ୍ତି। ଅନ୍ୟପକ୍ଷେ କେତେକ ଭୋଟର କହୁଛନ୍ତି ଯେ, ବିଭିନ୍ନ ଦଳ ପୂର୍ବ ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ନୋଟା ପ୍ରୟୋଗ କରିବେ। ମୋଟାମୋଟି ଭାବେ ପ୍ରଚାର ଆଗେଇ ଥିଲେ ହେଁ ଭୋଟର ଉତ୍ସାହ ଦେଖାଉ ନାହାନ୍ତି।

# ଦିନ ଦ୍ୱିପ୍ରହରରେ ଗ୍ରାହକ ସେବା କେନ୍ଦ୍ରରୁ ଟଙ୍କା ଚୋରି

## ଥାନା ଅଧିକାରୀ କହିଲେ ନିର୍ବାଚନ ପରେ ତଦନ୍ତ ହେବ

**ଲାଠୋର,୧୬।୪ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଥିବା ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ରରୁ ମଙ୍ଗଳବାର ଦିନ ଦ୍ୱିପହରରେ ଟଙ୍କା ଚୋରି ହୋଇଥିବା ନେଇ ଲାଠୋର ଥାନାରେ ଅଭିଯୋଗ ହୋଇଛି। ହେଲେ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଏହାକୁ ଗୁରୁତର ସହ ନେବା ପରିବର୍ତ୍ତେ ବେପରୁଆ ମନୋଭାବ ପୋଷଣ କରିଛନ୍ତି। ଏବେ ନିର୍ବାଚନ କାର୍ଯ୍ୟରେ ସମସ୍ତେ ବ୍ୟସ୍ତ । ଏଣୁ ନିର୍ବାଚନ ପରେ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୨ ବର୍ଷ ହେବ ଗ୍ରାମର ଜିତେନ୍ଦ୍ର କୁମାର ଅଗ୍ରୱାଲ ଏସ୍‌ବିଆଇର ଏକ ଗ୍ରାହକ ସେବା କେନ୍ଦ୍ର ଲାଠୋର ଗ୍ରାମରେ ଖୋଲିଛନ୍ତି। ପ୍ରତିଦିନ ସକାଳ ୮ଟାରେ ସେ ଏହି କେନ୍ଦ୍ର ଖୋଲନ୍ତି। ଅପରାହ୍ନ ୫ ପର୍ଯ୍ୟନ୍ତ କାର୍ଯ୍ୟ ଚାଲେ। ମଙ୍ଗଳବାର ଦିନ ୧୨.୩୦ରେ ଗ୍ରାହକ ସେବା କେନ୍ଦ୍ର ବନ୍ଦ କରି ସେ ଘରକୁ ଆସିଥିଲେ। ଅପରାହ୍ନ ୩.୪୫ରେ ଗଲା ବେଳକୁ କେନ୍ଦ୍ରର ପଛପଟୁ କବାଟ ଭାଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ଦେଖିଲା ବେଳକୁ କ୍ୟାଶ୍ କାଉଣ୍ଟରରୁ ପାଖାପାଖି ୧ ଲକ୍ଷ ୫୦ ହଜାର ଟଙ୍କା ଚୋରି ହୋଇଛି। ସଙ୍ଗେ ସଙ୍ଗେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

# ଭାଜପା ଲୋକ ସଭା ପ୍ରାର୍ଥୀ ସଙ୍ଗୀତାଙ୍କ ପ୍ରଚାର

**ଗୁଡଭେଲା,୧୬।୪(ଡି.ଏନ.ଏ)**

ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବେଳେ ୨୪ ଘଣ୍ଟା ପୂର୍ବରୁ ଅର୍ଥାତ ମଙ୍ଗଳବାରରୁ ନିର୍ବାଚନ ପ୍ରଚାର ସରିଛି । ଶେଷଦିନରେ ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ତଥା ପୂର୍ବତନ ଏମ୍‌ପି ସଙ୍ଗୀତା ସିଂଦେଓ ମହିପୁର, ବଡଙ୍ଗୋମୁଣ୍ଡା, ସମରା, ଗୁଡଭେଲା ଆଦି ଗ୍ରାମ ସହ ତୁଷୁରା ସହରରେ ପ୍ରଚାର କରିଥିଲେ । ଏହାପରେ ତୁଷୁରା ମାରୱାଡି ଯୁବା ମଞ୍ଚ, ଜାଗୃତି ଶାଖା ଓ ମହିଳା ମଣ୍ଡଳ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଥା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମୋଦୀ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ବିଷୟରେ ଅବଗତ କରାଇବା ସହ ଆପଣମାନେ ଭାଜପାକୁ ଭୋଟ ଦେଇ ଡବଲ ଇଞ୍ଜିନ ସରକାର ଆଣିଲେ ଓଡିଶାର ବିକାଶ ହୋଇପାରିବ ବୋଲି କହି ନିଜ ଦଳ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରିଥିଲେ ।



ସଙ୍ଗୀତା ସିଂଦେଓ ତୁଷୁରା ମାରୱାଡି ଯୁବା ମଞ୍ଚ, ଜାଗୃତି ମହିଳା ମଣ୍ଡଳ ସହ ଆଲୋଚନା କରୁଛନ୍ତି ।

## ଭୋଟ ମାଗିଲେ ବିଏସ୍‌ପି ପ୍ରାର୍ଥୀ ଲବ ସୁନା

**ଲାଠୋର,୧୬।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ନିର୍ବାଚନ ମଣ୍ଡଳୀର ବିଏସ୍‌ପି ପ୍ରାର୍ଥୀ ଲବ ସୁନା ଦଳୀୟ କର୍ମୀମାନଙ୍କୁ ନେଇ ଲାଠୋର ଗ୍ରାମରେ ମଙ୍ଗଳବାର ରୋଡ ଶୋ କରିଛନ୍ତି। ଗ୍ରାମର ପ୍ରତ୍ୟେକ ପଡାକୁ ଯାଇ ହାତୀ ଚିହ୍ନରେ ଭୋଟ ଦେବା ପାଇଁ ଭୋଟଦାତାମାନଙ୍କୁ ଅନୁରୋଧ କରିଛନ୍ତି। ପାଟଣାଗଡ ନିର୍ବାଚନ ମଣ୍ଡଳୀର ଅବସ୍ଥା କ'ଣ ରହିଛି ସେ ଉପରେ ଲୋକଙ୍କୁ କହିଥିଲେ। ବିଏସ୍‌ପି କ୍ଷମତାକୁ ଆସିଲେ ଗରିବଙ୍କ ପ୍ରତି ନଜର ଦେବା ସହ ବିଭିନ୍ନ ସମସ୍ୟା ଉପରେ କାର୍ଯ୍ୟ କରାଯିବ ବୋଲି କହିଥିଲେ।

## ଫଟୋରେ ଖବର







ଫବଲାଙ୍ଗୀର ସରକାରୀ ଆଇଟିଆଇ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସକାଶେ ପୋଲିଂ ଟିମ୍ ସଦସ୍ୟମାନେ ପୋଲିଂ ସାମଗ୍ରୀ ସଂଗ୍ରହ କରୁଛନ୍ତି (ବାମ)। ବଲାଙ୍ଗୀର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅରିନ୍ଦମ ଡାକୁଆ ନିର୍ବାଚନ ପୋଲିଂ କାର୍ଯ୍ୟକ୍ରମ ନିରୀକ୍ଷଣ କରୁଛନ୍ତି (ମଝି) । ପୋଲିଂ ଅଧିକାରୀ ଓ କର୍ମଚାରୀମାନେ ପୋଲିଂ ସାମଗ୍ରୀ ନେଇ ଗନ୍ତବ୍ୟ ପୋଲିଂ ଷ୍ଟେସନ୍ ଅଭିମୁଖେ ଯାଉଛନ୍ତି । (ଫଟୋ-ସୁନୀଲ)



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ
ନରଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### ପଲମ କ୍ଲଷ୍ଟରର ନୂତନ ସିଆର୍‌ସିସିଙ୍କ ଦାୟିତ୍ୱ ଗ୍ରହଣ

**ପଲମ,୧୬।୪ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ କ୍ଲଷ୍ଟରର ନୂତନ ସିଆରସିସି ଭାବେ ଜ୍ଞାନେନ୍ଦ୍ର କୁମାର ଗହିର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ସହଶିକ୍ଷକ ଭାବେ ରାଏଧୁନୀପଦର ପ୍ରାଥମିକ ବିଦ୍ୟାଳୟରେ କାମ କରୁଥିଲେ। ତାଙ୍କର ଶିକ୍ଷକତା ଭିତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଯୋଗୁ ତାଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଣୁ ତାଙ୍କୁ ପଲମ କ୍ଲଷ୍ଟରର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନେ ସ୍ୱାଗତ ଜଣାଇଛନ୍ତି।

### ଏଲ୍‌ଆଇସି କର୍ମଚାରୀ ଚେକ୍ ବାଉନ୍ସ କେସ୍‌ରେ ଦଣ୍ଡିତ

**ଭବାନୀପାଟଣା,୧୬।୪(ଡି.ଏନ.ଏ.)-** ଜଣେ ଏଲ୍‌ଆଇସି କର୍ମଚାରୀ ଚେକ୍ ବାଉନ୍ସ କେସ୍‌ରେ ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଏସ୍‌ଡିଜେଏମ୍ ସୁଶ୍ରୀ ସଙ୍ଗିତା ମଲ୍ଲିକ ଭବାନୀପାଟଣାର ଏଲ୍‌ଆଇସି କର୍ମଚାରୀ ଗଣପତି ସୁନାନୀଙ୍କ ବିରୋଧରେ ୧ ଲକ୍ଷ ୮୦ ହଜାର ଟଙ୍କା ଜୟନ୍ତ କୁମାର ବିଶ୍ୱାଳଙ୍କୁ ଫେରସ୍ତ କରିବା ପାଇଁ ରାୟ ଦେଇଥିଲେ। ଏଥିସହ ଗଣପତିଙ୍କୁ ୩ ମାସ କାରାଦଣ୍ଡର ଆଦେଶ ଦେଇଛନ୍ତି। ଗଣପତିଙ୍କ ବିରୋଧରେ ସେକ୍‌ସନ୍ ୧୩୮ ନେଗୋସେବୁଲ୍ ଇନ୍‌ଷ୍ଟ୍ରୁମେଣ୍ଟ ଆକ୍ଟ ୧୯୩୮ ଏବଂ ଧାରା ୪୨୦ ଇଣ୍ଡିଆନ୍ ପେନାଲ୍ କୋର୍ଟ ଅନୁଯାୟୀ ଦଣ୍ଡ ଦିଆଯାଇଥିଲା । ଭବାନୀପାଟଣା ସହରସ୍ଥିତ ଇରିକେସନ୍ କଲୋନୀ ନିବାସୀ ଜୟନ୍ତ କୁମାର ବିଶ୍ୱାଳଙ୍କୁ ଏଲ୍‌ଆଇସି କର୍ମଚାରୀ ଗଣପତି ସୁନାନୀ ୧ ଲକ୍ଷ ୧୦ ହଜାର ଟଙ୍କାର ଚେକ୍ ଦେଇଥିଲେ। ସେହି ଚେକ୍‌କୁ ଜୟନ୍ତ ବ୍ୟାଙ୍କରେ ଦାଖଲ କରିଥିଲେ। ଉକ୍ତ ଚେକ୍‌ଟି ବାଉନ୍ସ ହୋଇଥିଲା। ଏହି ବିଷୟରେ ସୁନାନୀଙ୍କୁ ବାରମ୍ବାର ଅବଗତ କରାଇବା ପରେ ମଧ ସେ ଜୟନ୍ତଙ୍କ କଥାକୁ ଭ୍ରୂକ୍ଷେପ କରି ନ ଥିଲେ। ପରେ ଜୟନ୍ତ ଏସ୍‌ଡିଜେଏମ୍ ଭବାନୀପାଟଣାରେ ସୁନାନୀଙ୍କ ବିରୋଧରେ ଏକ କେସ୍ ଦାୟର କରିଥିଲେ। ଭବାନୀପାଟଣା କୋର୍ଟରେ ଏକ ୧ ସିସି ୩୧/୨୦୧୭ରେ ଏକ ମାମଲା ଦାଖଲ କରିଥିଲେ । ଉକ୍ତ କେସ୍‌ର ରାୟ ସୋମବାର ପ୍ରକାଶ ପାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଭାରତ ଭୂଷଣ ପଣ୍ଡା କେସ୍ ପରିଚାଳନା କରିଥିଲେ ।

### ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ୨୦ରେ

ରାଉରକେଲା ଅଫିସ, ୧୬।୪-ସେକ୍ଟର-୨ ଓଏସଆରଟିସି କଲୋନୀଠାରେ ଥିବା ସାଇ ମନ୍ଦିର ୬ଷ୍ଠ ବାର୍ଷିକୋତ୍ସବ ଆସନ୍ତା ୨୦ରେ ଅନୁଷ୍ଠିତ ହେବ। ଏ ନେଇ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତୀ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଉଚ୍ଚଶିକ୍ଷାରୁ ବଞ୍ଚିତ ବନବାସୀ ଆଦିବାସୀ

- ଜିଲାପାଳଙ୍କୁ ଦେଖାକଲେ ଛାତ୍ରୀଛାତ୍ର
- ଅଭିଭାବକଙ୍କ ଅସନ୍ତୋଷ ତେଜୁଛି

**ନୂଆପଡା ଅଫିସ,୧୬।୪**

ସରକାର ରାଜ୍ୟର ସମସ୍ତ ବର୍ଗର ଶିଶୁଙ୍କୁ ଶିକ୍ଷା ବ୍ୟବସ୍ଥା ଭଳି ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ବଦ୍ଧ ପରିକର ଥିବାବେଳେ ନୂଆପଡାଭଳି ଛତିଶଗଡର ସୀମାନ୍ତ ବର୍ତ୍ତି ତଥା ଉପନ୍ତ ଜିଲାରେ ସବୁ ଶିଶୁମାନେ ହାଇସ୍କୁଲ ଶିକ୍ଷାରୁ ବଞ୍ଚିତ ରହୁଥିବା ଅଭିଯୋଗ ଆସିଛି । ନୂଆପଡା ଜିଲା ସଦର ବ୍ଲକ ଧରମବନ୍ଧା ଗ୍ରାମପଞ୍ଚାୟତ ଏହାର ଏକ ଉଦାହରଣ ହୋଇଛି । ଏଠାରେ ପ୍ରାଥମିକ ବିଦ୍ୟାଳୟଠାରୁ କଲେଜ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥା ରହିଛି । ତଥାପି ଏଠିକାର ପ୍ରାଥମିକ ବିଦ୍ୟାଳୟଗୁଡିକରୁ ଉତୀର୍ଣ୍ଣ ହେବା ପରେ ହାଇସ୍କୁଲଗୁଡିକରେ ସିଟ ପାଉ ନ ଥିବା ଭଳି ପରିସ୍ଥିତି ଉପୁଜିଛି। ବାରମ୍ବାର ଚେଷ୍ଟା କରିବା ପରେ ବିଫଳ ହେବାରେ ଶେଷରେ ଛାତ୍ରୀଛାତ୍ର ଅଭିଭାବକମାନେ ନୂଆପଡା ଆସି ଜିଲାପାଳଙ୍କୁ ଦେଖା କରି ଫେରାଦ ହୋଇଛନ୍ତି ।

ପ୍ରକାଶ ଯେ, ଧରମବନ୍ଧା ଅଞ୍ଚଳରେ ଅନୁସୂଚିତ ଜାତ ଓ ଜନଜାତିବର୍ଗର ଛାତ୍ରୀଛାତ୍ରଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ସରକାର ସେଠାରେ ଏକ ସରକାରୀ



ଜିଲାପାଳଙ୍କୁ ଦେଖା କରିବାକୁ ଆସିଥିବା ଧରମବନ୍ଧା ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ।

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ତରଫରୁ ଏକ ହାଇସ୍କୁଲ ଏବଂ କଲେଜ ସ୍ଥାପନ କରିଛନ୍ତି । ଅନ୍ୟପକ୍ଷେ ଏଠାରେ ଅନ୍ୟାନ୍ୟବର୍ଗର ପିଲାଙ୍କ ସଂଖ୍ୟା ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସକାଶେ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଅବସ୍ଥାପିତ ଅଛି । ହେଲେ ଏଠାରୁ ପ୍ରତିବର୍ଷ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଷ୍ଟମ ଶ୍ରେଣୀ ପାସ କରି ବାହାରୁଛନ୍ତି । ହେଲେ ଏମାନଙ୍କୁ ସ୍ଥାନୀୟ ହାଇସ୍କୁଲଗୁଡିକରେ ସିଟ ମିଳୁ ନ ଥିବାରୁ ବାଧ୍ୟ ହୋଇ ଅର୍ଦ୍ଧାଧିକ ପିଲା ପାଠପଢା ଛାଡୁଥିବା ଦେଖାଯାଇଛି । ଏହି ବର୍ଷ ମଧ୍ୟ ସମଦଶା ଭୋଗିବାକୁ ପଡୁଛି । ଏହି ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ୪୦ଜଣ ପିଲା ପାସ କରି ବାହାରିଛନ୍ତି। ହେଲେ ଅନ୍ୟପଟେ ଧରମବନ୍ଧା ସେବାଶ୍ରମ ହାଇସ୍କୁଲରେ ନବମ ଶ୍ରେଣୀରେ ୧୩୩ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବାରୁ ଏମାନଙ୍କୁ ସିଟ ମିଳୁନାହିଁ। ଏପଟେ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ହାଇସ୍କୁଲର ମାନ୍ୟତା ଦେବାକୁ ଗ୍ରାମ ବାସୀମା ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ତେବେ ଅନନ୍ୟୋପାୟ ହୋଇ ଅଷ୍ଟମ ପାସ କରିଥିବା ଛାତ୍ରୀଛାତ୍ର, ଅଭିଭାବକ ଏବଂ ସ୍ଥାନୀୟ ପଞ୍ଚାୟତିରାଜ ପ୍ରତିନିଧିମାନେ ଏକତ୍ରିତ ହୋଇ ଦୀର୍ଘ ୨୦ କି.ମି. ଦୂର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଏଠାରେ ଜିଲାପାଳଙ୍କ ତରଫରୁ ଅତିରିକ୍ତ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଏହା ଉପରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଦାବି ପତ୍ର ଗ୍ରହଣ କରି ଏହା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କାର୍ଯ୍ୟାନୁଷ୍ଠାନ କରିବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହା ପରେ ସମସ୍ତେ ଫେରିଯାଇଥିଲେ ।ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚମନଲାଲ ଚନ୍ଦ୍ରକାର, ଧରମବନ୍ଧା ସରପଞ୍ଚ ଓମପ୍ରକାଶ କଲାର, ଭୁପେନ୍ଦ୍ର କୁମାର ଦଣ୍ଡସେନା, ମନିରାମ ସତନାମୀ, ଆଶାରାମ ଦଣ୍ଡସେନା ପ୍ରମୁଖ ସାମିଲ ଥିଲେ।

କୋର୍ଟ ପରିସରରେ ମହୁମାଛି ଆକ୍ରମଣ

### ୫ରୁ ଉର୍ଦ୍ଧ୍ୱ ଆହତ, ୩ ଘଣ୍ଟା ଅଘୋଷିତ କୋର୍ଟ ବନ୍ଦ

**ନୂଆପଡା ଅଫିସ/ବୋଡେନ, ୧୬।୪**

ନୂଅପାଡ଼ା ଜିଲା ବୋଡେନ ବ୍ଲକ ସଦର ମହକୁମାରେ ଥିବା ଜେଏମଏଫସି କୋର୍ଟ ପରିସରରେ ଆକସ୍ମିକ ଭାବେ ମହୁମାଛି ଆକ୍ରମଣ କରିବାରୁ ୫ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଇଛି । ଅନ୍ୟପଟେ କୋର୍ଟ ଏବଂ ବାର ଆସୋସିଏଶନ ଘରଗୁଡିକୁ କବାଟ ବନ୍ଦ କରି ଦିଆଯାଇଥିବାରୁ ଦୀର୍ଘ ୩ ଘଣ୍ଟା ଧରି କୋର୍ଟକାମ ବନ୍ଦ ହୋଇଥିଲା। ମଙ୍ଗଳବାର ସକାଳ ସାଢେ ୭ଟାବେଳେ କୋର୍ଟ ଖୋଲା ଯିବାବେଳକୁ ମହୁମାଛିମାନେ ମାଡି ଆସିଥିଲେ । ଲୋକଙ୍କୁ ଗୋଡାଇବା ଫଳରେ ଦୌଡି ପଳାଇଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ ଯୁଧିଷ୍ଠିର ମେହେର, କୋର୍ଟ ପିଅନ ବ୍ରଜବନ୍ଧୁ ମହାରଣା, ଜାମଗାଁରୁ ଆସିଥିବା ଦୁଇଜଣ କ୍ଲାଏଣ୍ଟଙ୍କୁ ମହୁମାଛି କାମୁଡିବାରୁ ଗୁରୁତର ଭାବେ ଆହତ ହୋଇଛନ୍ତି ।

# ଗଙ୍ଗାଦେବୀ ଠାକୁରଙ୍କ ନଗର ପରିକ୍ରମା

**ଭବାନୀପାଟଣା,୧୬।୪(ଡି.ଏନ.ଏ.)**

ଗ୍ରାମଦେବୀ ଗଙ୍ଗାଦେବୀ ଠାକୁରାଣୀଙ୍କ ଚୈତ୍ରଯାତ୍ରା ଉପଲକ୍ଷେ ଗତ ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଦେବୀଙ୍କ ଘଟ ନଗର ପରିକ୍ରମା କରିଥିଲା । ପରମ୍ପରା ଅନୁଯାୟୀ ମଙ୍ଗଳବାର କଳାହାଣ୍ଡି ରାଜ ପରିବାର ପକ୍ଷରୁ ଦେବୀଙ୍କ ଘଣ୍ଟ ପ୍ରଦାନ କରାଯାଇଥିଲା । ରବିବାରଠାରୁ ଆରମ୍ଭ କରି ମଙ୍ଗଳବାର ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ପରିସରରେ ଥିବା ଗଙ୍ଗାଦେବୀ ଠାକୁରାଣୀ ମନ୍ଦିରରୁ ଦେବୀଙ୍କ ମାଟି ନିର୍ମିତ ଘଟକୁ ହଳଦି, ମୁକୁଟ ଓ ଫୁଲରେ ସଜ୍ଜିତ କରି ପୂଜକ ଉଦ୍ଧବ ପୂଝାରୀ ମୁଣ୍ଡରେ ବୋହି ସିଂଘ ବାଦ୍ୟର ତାଳେ ତାଳେ ସହରର ବିଭିନ୍ନ ପଡା ଓ ବସ୍ତି ପରିକ୍ରମା କରିଥିଲେ । ସମସ୍ତ ପଡାରେ ଘର ସାମ୍ନାରେ ନଗରବାସୀ ଗୋବର ଲିପାପୋଛା କରି ଝୋଟି ଚିତା ଦେଇ ଦିଲ ଧୂପ ନୈବେଦ୍ୟ ଦେଇ ଗ୍ରାମଦେବୀ ଗଙ୍ଗାଦେବୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରିଥିଲେ । ଗ୍ରାମଦେବୀଙ୍କ ନଗର ପରିକ୍ରମା ପରେ ନିଜର ସନ୍ତାନ ସନ୍ତତିମାନଙ୍କ ମଙ୍ଗଳ ମନାସି ଛୋଟ ଛୋଟ ପିଲାମାନଙ୍କୁ ଗ୍ରାମଦେବୀଙ୍କ ଘଟ ସାମ୍ନାରେ ରାସ୍ତାରେ ସୁଆଇଥିଲେ । ଗ୍ରାମଦେବୀଙ୍କ ଘଣ୍ଟ ବୋହି ଥିବା ପୂଝାରୀ ସମସ୍ତ ପିଲାଛୁଆଙ୍କୁ ଡେଇଁ ଡେଇଁ ଅଭୟ ପ୍ରଦାନ କରି ନଗର ପରିକ୍ରମା କରିଥିଲେ। ଗତ ରବିବାରଠାରୁ ଗ୍ରାମଦେବୀ ଠାକୁରାଣୀ ଗଙ୍ଗଦେବୀଙ୍କ



ଗ୍ରାମଦେବୀ ଗଙ୍ଗାଦେବୀ ଠାକୁରାଣୀଙ୍କ ଚୈତ୍ରଯାତ୍ରା ଉପଲକ୍ଷେ ପୂଜାଅର୍ଚ୍ଚନା କରାଯାଉଛି ।

ସମେତ ପେଙ୍ଗସୁର, ବେହେରାଗୁଡା, ନକଟିଗୁଡା, ପୁରୁଣାପଡା, ମହାବୀର ପଡା ଆଦିରେ ଥିବା ଗ୍ରାମଦେବତୀଙ୍କ ଘଣ୍ଟ ନଗର ପରିକ୍ରମା କରିଥିଲେ । ୬ ଦିନ ନଗର ପରିକ୍ରମା କରିବା ପରେ ସୋମବାର ବିଶ୍ରାମ ନେଇଛନ୍ତି । ମଙ୍ଗଳବାର ଗଙ୍ଗାଦେବୀ ଠାକୁରାଣୀଙ୍କ ସମେତ ଭବାନୀପାଟଣା ଓ ଆଖପାଖ ଅଞ୍ଚଳରେ ଥିବା ଗ୍ରାମଦେବୀଙ୍କ ମନ୍ଦିରରେ ଚୈତ୍ରା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

### ବଡ଼ଗାଁ ରାମଲୀଳା ଯାତ୍ରା

**ବଡ଼ଗାଁ, ୧୬।୪ (ଡି.ଏନ.ଏ)**

ବଡ଼ଗାଁ ରାମଲୀଳା ଯାତ୍ରାର ତୃତୀୟ ରଜନୀରେ ଶ୍ରୀରାମଙ୍କ ଦ୍ୱାରା ଶିବଧନୁ ଭଙ୍ଗ ଓ ସୀତା ସ୍ୱୟମ୍ବର ମଞ୍ଚସ୍ଥ ହୋଇଛି। ଘଟଣାକ୍ରମରେ ଋଷି ବିଶ୍ୱାମିତ୍ରଙ୍କ ସହିତ ଶ୍ରୀରାମ, ଲକ୍ଷ୍ମଣ ଗଙ୍ଗାନଦୀ କୂଳରେ ପହଞ୍ଚିଥିଲେ। ଡଙ୍ଗାରେ ବସିବା ପୂର୍ବରୁ ଧିବର ଶ୍ରୀରାମଚନ୍ଦ୍ରଙ୍କୁ ପାଦ ପ୍ରକ୍ଷ୍ୟାଳନ ନ କଲେ କାଳେ ଡଙ୍ଗ ବା ନାବ ନାରୀ ରୂପ ନେବ ଜଣାଇ ଅତି ଭକ୍ତିର ପରିଚୟ ଦେଇଥିଲେ । ଏହା ପରେ ବିଶ୍ୱାମିତ୍ରଙ୍କ ସହିତ ନଦୀ ପାର କରି ମିଥିଲା ରାଜ୍ୟରେ ପହଞ୍ଚିଥିଲେ। ମିଥିଲା ନରେଶ ଜନକ କନ୍ୟା ସୀତାଙ୍କ ସ୍ୱୟମ୍ବର ଉତ୍ସବରେ ଯାଇ ପହଞ୍ଚିଥିଲେ। ସ୍ୱୟମ୍ବରରେ ରାବଣଙ୍କ ସହିତ ଜମ୍ବୁ ଦ୍ୱିପର ସମସ୍ତ ରାଜା ଯୋଗଦେଇଥିଲେ । ସେଠାରେ ରାଜାଗଣ ଧନୁ ଉଠାଇ ଗୁଣ ଦେଇ ନ ପାରିବା ଦେଖି ରାଜା ଜନକ ଶ୍ରୀରାମଙ୍କୁ ଆମନ୍ତ୍ରଣ କଲେ। ରାମଚନ୍ଦ୍ର ଧନୁରେ ଗୁଣଦେଇ ଧନୁ ଭାଙ୍ଗିଥିଲେ। ଏହି ବିଷୟବସ୍ତୁ ଉପରେ ଯାତ୍ରା ମଞ୍ଚସ୍ଥ ହୋଇଥିଲା। ରାମ, ଲକ୍ଷ୍ମଣ, ରାବଣ, ବାଣାସୁର, କଳିଙ୍ଗ ରାଜା, ଜନକ, ଜନକଙ୍କ ମନ୍ତ୍ରୀ, ଋଷି ବିଶ୍ୱାମିତ୍ର, ଧିବର ଭୂମିକାରେ ଯଥାକ୍ରମେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ବିଟୁ ନାୟକ, ଅବିନାଶ ପଣ୍ଡା, ଟୁଲୁ ନାୟକ, ଦିବ୍ୟଲୋଚନ ମିଶ୍ର (ବଖରିଆ) ଯଶୋବନ୍ତ ପଣ୍ଡା, ସୋନୁ ପାଣିଗ୍ରାହୀ, ସୁବ୍ରତ ସାହୁ ଓ ସୀତାଙ୍କ ସଖି ଭାବରେ ଟିକିଲି, ସତିଆ, ସାହୁ, ଲଲିନ୍ଦ୍ର ସା ଅଭିନୟ କରିଥିଲେ ।

ଲାଞ୍ଜିଗଡ଼ ତହସିଲ ଅଫିସର ଚରମ ଅବହେଳା

# ୪ ବର୍ଷ ହେଲା ଚାଷୀଙ୍କୁ ମିଳିନି ସହାୟତା

- ସପ୍ତାହେ ମଧରେ ବକେୟା ପ୍ରାପ୍ୟ ପ୍ରଦାନ ଦାବି
- ତହସିଲ କାର୍ଯ୍ୟାଳୟ ଘେରାଉ ପାଇଁ ଚାଷୀଙ୍କ ଚେତାବନୀ

**ଲାଞ୍ଜିଗଡ଼,୧୬।୪ (ଡି.ଏନ.ଏ.)**

ଏଥର ନିର୍ବାଚନରେ ସବୁ ରାଜନୈତିକ ଦଳ ଚାଷୀଙ୍କୁ ହିଁ ଫୋକସରେ ରଖିଛନ୍ତି। ଏଥିପାଇଁ ସମସ୍ତେ ନିଜ ଇସ୍ତାହାର ପ୍ରସ୍ତୁତ କରିଥିବା ନିର୍ବାଚନ ପ୍ରଚାର ମଧ ଚାଷୀଙ୍କୁ ଆଖି ଆଗରେ ରଖି କରାଯାଉଛି । ଏପରିକି ରାଜ୍ୟ ସରକାର କାଳିଆ ଯୋଜନା ମାଧ୍ୟମରେ ନିର୍ବାଚନ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଥିବାବେଳେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଚାଷୀମାନଙ୍କୁ ସନ୍ତୁଷ୍ଟ ରଖିବାକୁ ଉଦ୍ୟମ ଚଳାଇଛି । ଏହି ପରିପ୍ରେକ୍ଷୀରେ ଗତ ୪ ବର୍ଷ ହେଲା ଲାଞ୍ଜିଗଡ଼ ତହସିଲ ଅଧୀନ ଚାଷୀ ମରୁଡି ସହାୟତା ରାଶି ପାଇ ନାହାନ୍ତି । ଏଭଳି ଅଭିଯୋଗ ସରକାର ଓ ପ୍ରଶାସନର ଚାଷୀଙ୍କ ପ୍ରତି ଥିବା ଚରମ ଉଦାସୀନତାକୁ ପ୍ରମାଣିତ କରିଛି । ସୂଚନାନୁଯାୟୀ, କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ତହସିଲ ଅଫିସ ଅଧୀନରେ ଗତ ୨୦୧୫-୧୬ ବର୍ଷରେ ଭୟାବହ ମରୁଡି ହୋଇଥିଲା । ପରେ ସରକାରଙ୍କ ପକ୍ଷରୁ ଇନପୁଟ୍ ସହାୟତା ରାଶି ଘୋଷଣା କରାଯାଇଥିଲା । ଏହି ତହସିଲ ଅଧୀନରେ ହଜାରେରୁ ଉର୍ଦ୍ଧ୍ୱ ଚାଷୀ ଏଥିପାଇଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଆଜିଯାଏଁ ଦୁଇଶହରୁ ଉର୍ଦ୍ଧ୍ୱ ଚାଷୀ ଏହି ସହାୟତା ରାଶି ପାଇପାରିନାହାନ୍ତି । ଏପରିକି ବିଶ୍ୱନାଥପୁର ଏସ୍‌ବିଆଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଚାଷୀଙ୍କ ପ୍ରାପ୍ୟକୁ ତହସିଲକୁ ଫେରାଇ ଦେଇଥିବାବେଳେ ୪ ବର୍ଷ ଧରି ତହସିଲ କର୍ତ୍ତୃପକ୍ଷ ଦୁଇଶହ ଚାଷୀଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟକୁ ଜାବୁଡି ରଖିଛନ୍ତି । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ସପ୍ତାହେ ମଧରେ ବକେୟା ପ୍ରାପ୍ୟ ପ୍ରଦାନ କରା ନ ଗଲେ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ଚାଷୀ ସମୂହ ଚେତାବନୀ ଦେଇଛନ୍ତି । ସେହିପରି ଗତ ଖରିଫ ଋତୁରେ ପ୍ରବଳ ବର୍ଷା ଯୋଗୁ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳର ଶହ ଶହ ଏକର ଜମି ବାଲିଚର ହୋଇଥିବାବେଳେ ଆଜିଯାଏଁ ଅଧିକାଂଶ ଚାଷୀଙ୍କୁ ବାଲିଚର ସହାୟତା ରାଶି ମିଳିନାହିଁ । ତହସିଲ କାର୍ଯ୍ୟାଳୟକୁ ଚାଷୀମାନେ ବାରମ୍ବାର ଦୌଡୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । ତହସିଲ ଅଫିସର ଚରମ ଅବହେଳାକୁ ନେଇ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିବାବେଳେ ସମୟ ଥାଉଣୁ ପଦକ୍ଷେପ ନ ନେଲେ ଶତାଧିକ ଚାଷୀ ତହସିଲ ଅଫିସ ଘେରାଉ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଫିସକୁ ଅଚଳ କରିଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ଗ୍ରାମାଞ୍ଚଳରେ ଚୈତ୍ରପର୍ବ ପାଳିତ

**ଜୁନାଗଡ,୧୬।୪ (ଡି.ଏନ.ଏ.)**

ଜୁନାଗଡ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ମଙ୍ଗଳବାର ଚୈତପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଗାଁର ପୂଝାରୀ (ଝାଙ୍କର)ସମସ୍ତ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ପରମ୍ପରା ଅନୁଯାୟୀ ଗ୍ରାମର ଗୋଣ୍ଟିଆଙ୍କ ଘରଠୁ ଘଟଗୁଡିକୁ ବାହାର କରାଯାଇଥିଲା। ଏହି ଘଟଗୁଡିକୁ ଗାଁ ସାରା ପରିକ୍ରମା କରାଯାଇଥିଲା। ଏହି ସମୟରେ ଲୋକମାନେ ଘଟଗୁଡିକୁ ପୂଜା କରିଥିବାବେଳେ କେତେଜଣଙ୍କ ମଧରେ କାଳସି ବିରାଜମାନ ହୋଇଥିଲା। ମଙ୍ଗଳବାର ଅଞ୍ଚଳର ଟିଟୈଗୁଡା ନୂଆଗୁଡା, ବଣ୍ଟାକୁଟ୍ରା, ଛୋରିଆଗଡ, କଳିଆକୁଣ୍ଡଲ, ପିଳିକିଆ, ନକଟିଗୁଡା, ମହିଭର, ବାଲିଛଡା, ଆଟିଗାଁ, ମିଟାଗାଁ, ମସିଗାଁ, ତଳମଲା, ଭେଜିପଦର, ଯମୁନାବାହାଲ ଆଦି ଗ୍ରାମରେ ଘଟ ପରିକ୍ରମା ସମୟରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଗ୍ରାମ ପରିକ୍ରମା ପରେ ସନ୍ଧାରେ ଘଟଗୁଡିକୁ ଠାକୁରାଣୀ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏହି ସମୟରେ ମାନସିକ କରିଥିବା ବ୍ୟକ୍ତିମାନେ କୁକୁଡା, ପାରା, ବତକ, ଗଡରା ଆଦି ବଳି ଦେଇଥିଲେ। ଗାଁର ସବୁ ସମ୍ପ୍ରଦାୟର ଲୋକ ଏହି ପର୍ବରେ ସାମିଲ ହୋଇଥିଲେ। ଏହି ଦିନରେ ଆମ୍ବ, ପଣସ, ମହୁଲ, କାନ୍ଦୁଲ ଆଦିକୁ ମଧ ପୂଜା କରାଯାଇ ଭୋଗ ହିସାବରେ ପରିବାରର ସମସ୍ତ ସଦସ୍ୟ ଭକ୍ଷଣ କରିଥାନ୍ତି।



ନୂଆଗୁଡା ଗ୍ରାମରେ ଘଟ ପରିକ୍ରମା କରାଯାଉଛି।

ବେଦାନ୍ତ ଗଣ୍ଡଗୋଳ ଘଟଣାରେ ପୋଲିସ ଗିରଫଦାରି ଭୟ

# ଅଞ୍ଚଳର ୫୦୦ ପୁରୁଷଙ୍କ ପତ୍ତା ମିଳୁନି

- ପୋଲିସ ପଦକ୍ଷେପକୁ ମହିଳାଙ୍କ ବିରୋଧ ନିଷ୍ପତ୍ତି
- ପୋଲିସ ଏକପାଖିଆ ତଦନ୍ତ କରୁଥିବା ଅଭିଯୋଗ

**ଲାଞ୍ଜିଗଡ଼,୧୬।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡରେ ବିସ୍ଥାପିତଙ୍କ ଆନ୍ଦୋଳନ ଓ ସୁରକ୍ଷା କର୍ମଚାରୀଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ୨ ଜଣଙ୍କ ମୃତ୍ୟୁ ଘଟିବା ଘଟଣାରେ ଏବେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୬ ଜଣଙ୍କୁ ଗିରଫ କରି ଜେଲ ପଠାଇଥିବାବେଳେ ଏବେ ଆହୁରି ଅନେକଙ୍କ ନାମାରେ ଗିରଫଦାରିର ଖଣ୍ଡା ଝୁଲୁଛି । କମ୍ପାନୀ ଭିତରେ ପଶି ଭଙ୍ଗାରୁଜା ସହିତ ପୋଡାଜଳାରେ ସାମିଲ ଥିବା ଅଭିଯୋଗରେ ପ୍ରାୟ ୨୫୦ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ଏବେ ଗିରଫଦାରି ଭୟରେ ଲାଞ୍ଜିଗଡ, ଛତ୍ରପୁର, ବାତେଲିମା, ଜଗନ୍ନାଥପୁର, ବଳଭଦ୍ରପୁର ପଞ୍ଚାୟତର ୫୦୦ରୁ ଉର୍ଦ୍ଧ୍ୱ ଲୋକେ ଘର ଦ୍ୱାର ଛାଡି କୁଆଡେ ଯାଇ ଆତ୍ମଗୋପନ କରିଥିବା ଶୁଣିବାକୁ ମିଳିଛି । ଏପରି କି ଅଞ୍ଚଳର କେତେକ ଘର ପୁରୁଷଶୂନ୍ୟ ହୋଇ ପଡିଥିବା ଜଣାପଡିଛି । ଅପରପକ୍ଷରେ ପୋଲିସ ଏହି ସମ୍ବେଦନଶୀଳ ମାମଲାରେ ଅତ୍ୟନ୍ତ ଚତୁରତାର ସହ ପଦକ୍ଷେପ ନେଉଥିବା ଜଣାପଡିଛି । ଏପରିକି ଜିଲା ପୋଲିସ ପ୍ରଶାସନ ବେଦାନ୍ତ ମାମଲାରେ ସଜାଗ ଦୃଷ୍ଟି ରଖିଥିବାବେଳେ ଖୋଦ୍ ଏସ୍‌ପି ବାତୁଲା ଗଙ୍ଗାଧର ମାମଲାର ପରିଚାଳନା କରୁଛନ୍ତି। ସେହିପରି କମ୍ପାନୀ ମାମଲାରେ ପୋଲିସର ପଦକ୍ଷେପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି । ଏଥର ମହିଳାମାନେ ସମବେତ ହୋଇ ପୋଲିସର ପଦକ୍ଷେପକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଥିବା ଖବର ସାମ୍ନାକୁ ଆସିଛି । ମଙ୍ଗଳବାର ଏ ନେଇ ଅଞ୍ଚଳର ଶତାଧିକ ମହିଳା ଠୁଳ ହୋଇ ପରବର୍ତ୍ତୀ ପଦକ୍ଷେପ ଉପରେ ଆଲୋଚନା କରିଛନ୍ତି ।

ଖବର ମିଳିବା ପରେ ପୋଲିସ ପ୍ରଶାସନର ମୁଣ୍ଡବ୍ୟଥା ଆହୁରି ବଢିଯାଇଛି । ବେଦାନ୍ତ ମାମଲାରେ ପୋଲିସ ଏକପାଖିଆ ତଦନ୍ତ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରୁଥିବାବେଳେ ଘଟଣାରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିବିଶେଷଙ୍କୁ ଗିରଫ କଲେ ପରିସ୍ଥିତି ଭୟାବହ ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଅପରପକ୍ଷରେ ଏହି ମାମଲାରୁ ନଜର ହଟାଇବାକୁ ବେଦାନ୍ତ ଏବେ ଅନେକ ଫନ୍ଦିଫିକର ଆରମ୍ଭ କରିଦେଇଛନ୍ତି । ଏପରି କି ବର୍ଷ ବର୍ଷ ଧରି ଲୋକଙ୍କୁ ଭୁତାଇ ଚାଲିଥିବା କମ୍ପାନୀ ଏବେ ନିଜ ସିଏସ୍‌ଆର୍ ପଲିସୀ ସମ୍ପର୍କରେ କିଛି କିଛି ତଥ୍ୟ ପ୍ରଚାର ପ୍ରସାର କରି ଜନସମର୍ଥନ ହାସଲ ପାଇଁ ଉଦ୍ୟମ ଜାରି ରଖିଥିବାବେଳେ ଏହାକୁ ସାଧାରଣରେ ଜୋରଦାର ବିରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଗକୁ ବେଦାନ୍ତ ଅଡୁଆ ଆହୁରି ବଢିପାରେ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି ।

**ବେଦାନ୍ତର ମିଥ୍ୟା ପ୍ରଚାରକୁ ନିନ୍ଦା**

ଦୀର୍ଘ ବର୍ଷ ଧରି ଲୋକଙ୍କୁ ଭୁତାଇ ଚାଲିଥିବା ବେଦାନ୍ତ ଏବେ ସିଏସ୍‌ଆର୍ ପଲିସି ଦ୍ୱାରା କରିଥିବା କେତେକ କାର୍ଯ୍ୟ ସମ୍ପର୍କରେ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇଛି। ଏହାକୁ ବିଭିନ୍ନ ନାଗରିକ ସଙ୍ଗଠନ, ବିସ୍ଥାପିତ ପରିବାର ବର୍ଗ ଓ ସ୍ଥାନୀୟ ଜନସାଧାରଣ ଦୃଢ ନିନ୍ଦା କରିଛନ୍ତି। ଏହି ମିଥ୍ୟା ପ୍ରଚାର ବଦଳରେ ସାମାନ୍ୟ କିଛି ଖର୍ଚ୍ଚ କରି ସ୍ଥାନୀୟ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ କରିଥିଲେ ଲୋକେ ବେଦାନ୍ତକୁ ସମର୍ଥନ ଦେବାକୁ ଆଗେଇ ଆସନ୍ତେ ବୋଲି ସେମାନେ କହିଛନ୍ତି । ଏପରିକି ସାଧାରଣ ଲୋକଙ୍କ ଜୀବନଜୀବୀକାକୁ ହତାଦର କରିବା ପରେ ବେଦାନ୍ତର ଏ ମିଥ୍ୟା ପ୍ରଚାର ଶୋଭା ପାଉନାହିଁ। କମ୍ପାନୀ ମିଥ୍ୟା ପ୍ରଚାର ବନ୍ଦ କରୁ ସେମାନେ ଚେତାବନୀ ଦେଇଛନ୍ତି ।



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ,
ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ହନୁମାନ ଜୟନ୍ତୀ, ବିଷୁବ ମିଳନ

ଭବାନୀପାଟଣା,୧୬।୪(ଡି.ଏନ.ଏ.)- ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ହନୁମାନ ଜୟନ୍ତୀ ଓ ବିଷୁବ ମିଳନ ପାଳିତ ହୋଇଛି। ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା ଓ ସମ୍ପାଦକ ସତ୍ୟନାରାୟଣ ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ମଙ୍ଗଲୁ ମିଶ୍ର ହନୁମାନଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା ଏବଂ ସ୍ନେହଲତା ପଣ୍ଡା କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ଏହି ଅବସରରେ ୧୦୮ ହନୁମାନ ଚାଳିଶା ସଦାଶିବ ତ୍ରିପାଠୀ ପାଠ କରିଥିଲେ। ସନ୍ଧ୍ୟାରେ ବିଷୁବ ମିଳନରେ ଅନୁଷ୍ଠାନ ପକ୍ଷରୁ ସଂସ୍କୃତି ପ୍ରେମିମାନଙ୍କୁ ନେଇ ଏକ ସମାବେଶର ଆୟୋଜନ କରାଯାଇ ଅର୍ଣ୍ଣଭୋଗ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନ ଉପସଭାପତି ଶାନ୍ତନୁ କୁମାର ବେହେରା, ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ କୁମାର ସିଂହ, ଅନୁଷ୍ଠାନ ବରିଷ୍ଠ ସଦସ୍ୟ ଲଳିତ କୁମାର ପାତ୍ର, ସୁରୁ ବାରିକ, ପ୍ରଦୀପ ସିଂହ, କାର୍ତ୍ତିକ ପଣ୍ଡା, ବିରଞ୍ଚି ନାରାୟଣ ପଣ୍ଡା, ସୁଶିଲ କୁମାର ଗହିରଙ୍କ ସମେତ ଅନୁଷ୍ଠାନର ସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଗର୍ଭବତୀଙ୍କ ପାଇଁ ଟିଟି ଇଞ୍ଜେକ୍ସନ୍ ମିଳୁନି

ଭବାନୀପାଟଣା,୧୬।୪(ଡି.ଏନ.ଏ.)- ମମତା ଯୋଜନାରେ ଗର୍ଭ ସଞ୍ଚାରଠାରୁ ପ୍ରସବ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ପ୍ରସୂତିମାନଙ୍କ ଚିକିତ୍ସା ଓ ପୃଷ୍ଟିକର ଖାଦ୍ୟ ନିମନ୍ତେ ବ୍ୟବସ୍ଥା ରହିଛି। ଉକ୍ତ ଯୋଜନା କଳାହାଣ୍ଡିରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଗର୍ଭବତୀ ମହିଳାମାନେ ଅଭିଯୋଗ କରିଛନ୍ତି। ଏଥିସହ ଓ ଗ୍ରାମାଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ପ୍ରତି ବୁଧବାର ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ଟିକାକରଣ ବ୍ୟବସ୍ଥା କରାଯାଇଥାଏ। ହେଲେ ଜିଲାରେ ଗତ ୩ଟି ବୁଧବାର ହେଲା ଗର୍ଭବତୀଙ୍କୁ ଟିଟାନସ୍ ଟକ୍ସାଇଡ୍ ଇଞ୍ଜେକ୍ସନ ଦିଆଯାଉ ନାହିଁ। ଗର୍ଭବତୀମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ନିରାଶ ହୋଇ ଫେରୁଛନ୍ତି । ଟିଟାନସ୍ ଟକ୍ସାଇଡ୍ ଇଞ୍ଜେକସନ୍ ଶେଷ ଯାଇଥିବାରୁ ବର୍ତ୍ତମାନ ଦିଆଯାଇପାରୁ ନାହିଁ ବୋଲି ଅଙ୍ଗନୱାଡି କର୍ମୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍ କାର୍ଯ୍ୟାଳୟରେ ପଚାରିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେବଳ ଟିଟାନସ୍ ଟକ୍ସାଇଡ୍ ଇଞ୍ଜେକସନ୍ ପରିବର୍ତ୍ତେ ସେଥିରେ ଡିଫ୍‌ଥେରିଆ ଇଞ୍ଜେକସନ୍ ମିସାଇ ସ୍ୱତନ୍ତ୍ର ଟିକା ପ୍ରସ୍ତୁତ କରିଛନ୍ତି । ଏହି ଟିକା ଅଳ୍ପ ଦିନ ମଧ୍ୟରେ କଳାହାଣ୍ଡିରେ ଯୋଗାଣ ହେବ । ଯେହେତୁ ଟିଟାନସ୍ ଟକ୍ସାଇଡ୍ ଓ ଡିଫ୍‌ଥେରିଆ ମିଶାଇ ଏକ ଟିକା ଗର୍ଭବତୀ ମହିଳାଙ୍କୁ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛନ୍ତି । ସେଥିପାଇଁ ଟିଟାନସ୍ ଟକ୍ସାଇଡ୍ ଇଞ୍ଜେକସନ୍ ଯୋଗାଣ ବନ୍ଦ ହୋଇଛି। ନୂତନ ଟିକା ଟିଟାନସ୍ ଟକ୍ସାଇଡ୍ ଓ ଡିଫ୍‌ଥେରିଆ ମିଳିତ ଭାବେ ଜିଲାରେ ପହଞ୍ଚିବା କ୍ଷଣି ଗର୍ଭବତୀ ମହିଳାମାନଙ୍କୁ ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲା ମୁଖ୍ୟ ଡାକ୍ତରଖାନାରେ ମାଗଣାରେ ଉପଲବ୍ଧ ହେବ ବୋଲି ସିଡିଏମ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

# ଅସହ୍ୟ ତାତିରେ ପେଟପାଟଣା ଚିନ୍ତା

## ■ ମୂର୍ତ୍ତି ତିଆରି କରି ପରିବାର ପୋଷୁଛନ୍ତି ରାଜସ୍ଥାନୀ କାରିଗର

ସଞ୍ଜୀବ କୁମାର ଯୋଷୀ
ଭବାନୀପାଟଣା,୧୬।୪ (ଡି.ଏନ.ଏ.)





ଖରାରେ ଜଣେ ରାଜସ୍ଥାନୀ ମହିଳା ଏବଂ ପୁରୁଷ କାରିଗର ମୂର୍ତ୍ତି ନିର୍ମାଣ କରୁଛନ୍ତି ।

ମୁଣ୍ଡ ଉପରେ ଅସହ୍ୟ ତାତି । ତାପମାତ୍ରା ପ୍ରାୟ ୪୨ ଡିଗ୍ରୀ। ତଥାପି ଅସହ୍ୟ ଖରାକୁ ଖାତିର ନ କରି ପେଟପାଟଣା ପାଇଁ ଭବାନୀପାଟଣାରେ ପରିଶ୍ରମରତ ଅଣଓଡିଆ ମୂର୍ତ୍ତି କାରିଗର ପରିବାର। କଳାହାଣ୍ଡି ଜିଲାର ଶ୍ରମିକ କାମଧନ୍ଦା ନ ପାଇ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ବାହାରର ଶ୍ରମିକ ଏଠାକୁ ଆସି ବିଭିନ୍ନ କାମ କରି ପରିବାର ପୋଷିବା ଅନ୍ୟ ପାଇଁ ଉଦାହରଣ ପାଲଟିଛି। ଭବାନୀପାଟଣା ସହର ଦିଲଖୁସ ଢାବା ନିକଟସ୍ଥ ଖୋଲା ପଡିଆରେ ରହୁଛନ୍ତି କିଛି ରାଜସ୍ଥାନୀ ପରିବାର । ସେମାନେ ଅସହ୍ୟ ତାତିରେ ମୂର୍ତ୍ତି ତିଆରି କରି ପାରିବାର ପ୍ରତିପୋଷଣ କରୁଛନ୍ତି। ନିଜ ଅଞ୍ଚଳରେ ପ୍ଲାଷ୍ଟର ଅଫ ପେରିସ ତିଆରି ମୂର୍ତ୍ତିର ଚାହିଦା ନ ଥିବାରୁ ସେମାନେ ଓଡିଶାକୁ ଆସି ମୂର୍ତ୍ତି ତିଆରି କରି ବେଶ ଦୁଇ ପଇସା ଲାଭ ପାଉଥିବା କହିଛନ୍ତି। ଭବାନୀପାଟଣା କେସିଙ୍ଗା ରାସ୍ତାର ଭବାନୀପାଟଣାରୁ କିଛି ଦୂର ଗଲା ପରେ ଦିଲଖୁସ୍ ଢାବା ନିକଟସ୍ଥ ପଡିଆର ଏକ କୋଣରେ କିଛି ମାସ ହେଲା ଅସ୍ଥାୟୀ ପଲିଥିନ କୁଡିଆ ମାରି ସେମାନେ ରହୁଛନ୍ତି। ପଲିଥିନ କୁଡିଆ ଭିତରେ ତିଆରି ହେଉଛି ସୁନ୍ଦର ସୁନ୍ଦର ମୂର୍ତ୍ତି। ଗଣେଶ, ସରସ୍ୱତୀ, ରାଧାକୃଷ୍ଣ, ହନୁମାନ, ଲାଫିଙ୍ଗବୁଦ୍ଧ, ସାଇବାବାଙ୍କ ଭଳି ଅନେକ ଦେବଦେବୀଙ୍କ ମୂର୍ତ୍ତି ତିଆରି କରୁଛନ୍ତି । ଏଥିସହ କଳସ, ହାତୀ, ଘୋଡା, ସୁଆ, କଳଠେଙ୍କୁଆ, ବାଘଙ୍କ ଭଳି ଅନେକ ପଶୁପକ୍ଷୀ ମୂର୍ତ୍ତି ତିଆରି କରି ବଜାରରେ ବିକ୍ରି କରୁଛନ୍ତି। ରାଜସ୍ଥାନର ଜୋତପୁର ଅଞ୍ଚଳରେ କାମ ଧନ୍ଦା ଅଭାବ ଯୋଗୁ ଗତ କିଛି ବର୍ଷ ହେଲା ସେଠାକାର ମୂର୍ତ୍ତି କାରିଗର ଏଠାକୁ ଆସିଛନ୍ତି । ସେମାନଙ୍କ ମଧ୍ୟରେ ସୁନିଲ କୁମାର, ମିଠଲ କୁମାର, ଶିବାରାମାଙ୍କ ଭଳି ୧୫ରୁ ୧୭ଟି ପରିବାର ସହିତ ଭବାନୀପାଟଣାକୁ ଆସିଛନ୍ତି। ଭୁବନେଶ୍ୱର ଓ ଅନ୍ୟାନ୍ୟ ସ୍ଥାନରୁ ପ୍ଲାଷ୍ଟର ଅଫ ପେରିସ କିଣି ଆଣି ଏଠାରେ ମୂର୍ତ୍ତି ତିଆରି କରିବା ଆରମ୍ଭ କରିଥିଲେ। ବିଭିନ୍ନ ପ୍ରକାର ମୂର୍ତ୍ତି ପାଇଁ ଭିନ୍ନ ଭିନ୍ନ ଫ୍ରେମ ରହିଛି। ପ୍ଲାଷ୍ଟର ଅଫ ପ୍ୟାରିସ୍‌କୁ ତରଳାଇ ଫ୍ରେମରେ ଭର୍ତ୍ତି କରାଯାଇ ଶୁଖାଯାଇଥାଏ । ଶୁଖିଲା ପରେ ଫ୍ରେମରୁ ମୂର୍ତ୍ତି ବାହାର କରି ପଲିସ କରାଯାଇଥାଏ। ପଲିସ ପରେ ବିଭିନ୍ନ ପ୍ରକାର ରଙ୍ଗ, ଜିଙ୍କ ଲଗାଇ ଗାଁ ଗାଁ ନେଇ ବିକ୍ରୟ କରାଯାଇଥାଏ ବୋଲି କାରିଗର ସୁନିଲ କୁମାର କହିଛନ୍ତି । ମୂର୍ତ୍ତି ଗୋଟାଏ ପ୍ରତି ୧୦୦, ୧୫୦, ୨୦୦, ଏପରିକି ଗୋଟିଏ ଗୋଟିଏ ୧୫୦୦, ୨୦୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରୟ ହୋଇଥାଏ। ଗଣେଶ ପୂଜା, ସରସ୍ୱତି ପୂଜା ଓ ବିଭିନ୍ନ ପୂଜା ସମୟରେ ଏମାନେ ଗୋଟିଏ ଗୋଟିଏ ମୂର୍ତ୍ତିକୁ ପ୍ରାୟ ୫ ରୁ ୭ ହଜାର ଟଙ୍କାରେ ବିକ୍ରି କରିଥାନ୍ତି। କାରଣ ସେମାନଙ୍କ ଦ୍ୱାରା ତିଆରି ମୂର୍ତ୍ତି ଖୁବ ସୁନ୍ଦର ଦେଖାଯାଏ। ପରିବାରର ପୁରୁଷ, ମହିଳା ମୂର୍ତ୍ତି ତିଆରି କାମରେ ନିୟୋଜିତ ହୋଇଥାନ୍ତି। ରାଜସ୍ଥାନରୁ ଅନେକ ପରିବାର ରାଜ୍ୟର ବିଭିନ୍ନ ସ୍ଥାନକୁ ଆସି ମୂର୍ତ୍ତି ତିଆରି କରି ବିକ୍ରି କରିଥାନ୍ତି। ଭବାନୀପାଟଣା ତଥା ଜିଲାର ବିଭିନ୍ନ ସ୍ଥାନରେ ୮ରୁ ୧୦ ମାସ ରହିବା ପରେ ପୁଣି ନିଜ ରାଜ୍ୟକୁ ଫେରିଯାଇ ଥାନ୍ତି। ଏହା ସେମାନଙ୍କ ନିୟମିତ କାର୍ଯ୍ୟକ୍ରମ। କାମଧନ୍ଦା ଅଭାବରୁ କଳାହାଣ୍ଡି ଜିଲାର ହଜାର ହଜାର ଶ୍ରମିକ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏପରି ପରିସ୍ଥିତିରେ ରାଜସ୍ଥାନୀ ପରିବାର ଭବାନୀପାଟଣା ସମେତ ଜିଲାର ବିଭିନ୍ନ ଅଞ୍ଚଳର ଅସହ୍ୟ ତାତିକୁ ଖାତିର ନ କରି ପରିବାର ଲୋକେ ମୂର୍ତ୍ତି ତିଆରି କରି ବିକ୍ରି କରିବା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

### ଜୁନାଗଡ଼ ସିଭିଲ ବାର ଆସୋସିଏଶନ୍ କର୍ମକର୍ତ୍ତା ଚୟନ

## ସୁଶୀଲ ପଣ୍ଡା ସଭାପତି ମନୋନୀତ

ଜୁନାଗଡ,୧୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ତହସିଲ ଅଫିସ ସମ୍ମୁଖରେ ମଙ୍ଗଳବାର ସ୍ଥାନୀୟ ସିଭିଲ ବାର ଆସୋସିଏଶନ୍ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ସୁଶୀଲ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସୋସିଏଶନ୍‌ର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ବିଷଦ ଭାବେ ଆଲୋଚନା କରଯାଇଥିଲା। ପରେ ଆସୋସିଏଶନକୁ ଠିକ ଭାବରେ ପରିଚାଳନା କରିବା ପାଇଁ ଏକ ନୂତନ କମିଟି ଗଠନ କରଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମରେ ସଭାପତି ଭାବେ ସୁଶୀଲ କୁମାର ପଣ୍ଡା, ଉପସଭାପତି ସୁଶିଲ କୁମାର ପାଢି, ସମ୍ପାଦକ ରାଜେନ୍ଦ୍ର ବୈଠାରୁ, ସହସମ୍ପାଦକ ଲୋକନାଥ ମଙ୍ଗରାଜ, କୋଷାଧ୍ୟକ୍ଷ ଚିନ୍ମୟ ମେହେର, କାର୍ଯ୍ୟକାରୀ ସଦସ୍ୟ ସୁଧିର କୁମାର ବେହେରା, ମମତା ବାରିକ, ଯୁଦେଷ୍ଟି ବାଗ, ବିଷ୍ଣୁପ୍ରସାଦ ବେହେରା, ରଜନୀ ମିଶ୍ର ପ୍ରମୁଖ ମନୋନୀତ ହୋଇଥିଲେ। ବୈଠକରେ ବରିଷ୍ଠ ଆଇନଜୀବୀ ମଦନ ମୋହନ ସାହୁ ଉପସ୍ଥିତ ଥିଲେ।



ମନୋନୀତ ହୋଇଥିବା ସିଭିଲ ବାର ଆସୋସିଏଶନର ସଭାପତି, ସମ୍ପାଦକ, ଉପସଭାପତି ।

### ■ କଳାହାଣ୍ଡି ଲେଖକ କଳା ପରିଷଦ

## ବିଷୁବ ମିଳନ ଉଦ୍‌ଯାପିତ, 'ନୂଆରଙ୍ଗ' ଉନ୍ମୋଚିତ

ଭବାନୀପାଟଣା,୧୬।୪ (ଡି.ଏନ.ଏ.)

ପରିଷଦ ପରିସରରେ କଳାହାଣ୍ଡି ଲେଖକ କଳା ପରିଷଦର ବିଷୁବ ମିଳନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନ ସାଢେ ୫ଟାରେ ଅଧ୍ୟାପକ ଡ. ତପନ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବି ସମ୍ମିଳନୀରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ କବି ଓ କବୟିତ୍ରି ଯୋଗଦେଇ ସ୍ୱରଚିତ କବିତ ଆବୃତ୍ତି କରିଥିଲେ । ପରେ ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ଡ. ବିଜୟ ଶତପଥୀ ମୁଖ୍ୟଅତିଥି, ପରିଷଦ ଉପଦେଷ୍ଟା ନାରାୟଣ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଓ ଅଧ୍ୟାପକ ଡ. ଦାଶରଥୀ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡ. ସୁଶାନ୍ତ ବିଶିଙ୍କୁ ସ୍ୱର୍ଗତ ଗଦାଧର ରାୟଗୁରୁ ସ୍ମୃତି ସମ୍ମାନ, ତ୍ରିଲୋଚନ ସିଂଙ୍କୁ ସ୍ୱର୍ଗତ ରାମଚନ୍ଦ୍ର ରଥ ସ୍ମୃତି ସମ୍ମାନ ଜୟନ୍ତୀ ମିଶ୍ରଙ୍କୁ ସ୍ୱର୍ଗତ ହରିହର ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କବି ସୁଧାଂଶୁ ଶେଖର ମହାପାତ୍ରଙ୍କ କବିତା ସଙ୍କଳନ 'ନୂଆରଙ୍ଗ' ଉନ୍ମୋଚନ କରାଯାଇଥିଲା । କବୟିତ୍ରୀ ଦୀପ୍ତି ମୁଣ୍ଡଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶୁଭେନ୍ଦୁ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାନୁପ୍ରକାଶ ରଥ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ ପରିଷଦ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ସସ୍ମିତା ରାଣୀ ରଥଙ୍କୁ ମାୟାବତୀ ସ୍ମୃତି ସଙ୍ଗୀତ ସମ୍ମାନ ପ୍ରଦାନ କରାଯାଇଥିଲା । ଉପସଭାପତି ବିଶ୍ୱ ମୋହନ ରଥ ଧନ୍ୟବାଦ ଦେଇଥିଲେ।



କଳାହାଣ୍ଡି ଲେଖକ କଳା ପରିଷଦର ବିଷୁବ ମିଳନର ଉଦ୍‌ଯାପିତରେ କବିତା ସଙ୍କଳନ 'ନୂଆରଙ୍ଗ' ଉନ୍ମୋଚନ କରାଯାଇଛି ।

## ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଜୁନାଗଡ଼,୧୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ବୋଦେଲ ତାଲବନ୍ଧ ପଡାନିକଟସ୍ଥ ଏକ ଚାଷଜମିରୁ ମଙ୍ଗଳବାର ଜଣେ ଅଚିହ୍ନା ଯୁବକଙ୍କୁ ଝୁଲନ୍ତା ମୃତଦେହକୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ମୃତ ଯୁବକଙ୍କ ବର୍ତ୍ତମାନ ସୁଦ୍ଧା ମଧ୍ୟ କୌଣସି ପରିଚୟ ମିଳିପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳରେ ବୋଦେଲ ବନ୍ଧପଡା ନିକଟସ୍ଥ ଚାଷ ଜମି ହୁଡରେ ଥିବା ଏକ ନିମ୍ବ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଜମିର ମାଲିକ ଓ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହା ପରେ ସେମାନେ ଜୁନାଗଡ ପୋଲିସକୁ ଖବର ଦେଇଥିଲେ। ଅପରାହ୍ନରେ ମାଜିଷ୍ଟ୍ରେଟ ତଥା ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କ ଉପସ୍ଥିତିରେ ସ୍ଥାନୀୟ ପୋଲିସ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ମୃତଦେହ ଉଦ୍ଧାର ପରେ ଶବ ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ବୁଧବାର ଯୁବକଙ୍କ ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଯୁବକ ଜଣକ କିଏ,ଏଠାକୁ କିପରି ଆସିଲେ ତାହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି, ନା ତାଙ୍କୁ କେହି ହତ୍ୟା କରି ଗଛରେ ଟାଙ୍ଗିଦେଇଛନ୍ତି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୧୯) ରୁଜୁ ହୋଇଛି।

### ସର୍ଜେଣ୍ଟ, ହାବିଲଦାରଙ୍କ ଦୁର୍ବ୍ୟବହାର

## ଗ୍ରାମରକ୍ଷୀ ସଂଘର ପ୍ରତିବାଦ

ଭବାନୀପାଟଣା,୧୬।୪ (ଡି.ଏନ.ଏ.)

ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ନିମନ୍ତେ କଳାହାଣ୍ଡି ଜିଲାର ଗ୍ରାମରକ୍ଷୀମାନେ ସୋମବାର ବରଗଡ ଜିଲା ଅଭିମୁଖେ ଯାତ୍ରା କରିବାର ଥିଲା । ଏଥି ନିମନ୍ତେ କଳାହାଣ୍ଡି ଜିଲାର ଗ୍ରାମରକ୍ଷୀମାନେ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଏକତ୍ରିତ ହୋଇଥିଲେ । ତେବେ ସେଠାରେ ରିଜର୍ଭ ପୋଲିସ ସର୍ଜେଣ୍ଟ ନିଳକଣ୍ଠ କହଁର ଓ ହାବିଲଦାର ଜ୍ୟୋତରଞ୍ଜନ ପ୍ରଧାନ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଅଶାଳିନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଗ୍ରାମରକ୍ଷୀମାନେ ରିଜର୍ଭ ପୋଲିସ ପଡିଆରେ ଧାରଣା ଦେଇଥିଲେ । ସେମାନେ ଅଭିଯୋଗ କରିଛନ୍ତି ଯେ, ସର୍ଜେଣ୍ଟ ନିଳକଣ୍ଠ କହଁର ଓ ହାବିଲଦାର ଜ୍ୟୋତିରଞ୍ଜନ ପ୍ରଧାନ ସେମାନଙ୍କୁ ଅଶାଳିନ ଭାଷାରେ ଗାଳିଗୁଲଜ କରିବା ସହ ଚପଲ ମାଡ ଦେଇ ବସାଇବାକୁ ହେବ ନ ହେଲେ ଗ୍ରାମରକ୍ଷୀମାନେ ଜିବେ ନାହିଁ ବୋଲି ଧମକ ଦେଇଥିଲେ । ଏହିଭଳି ଦୁର୍ବ୍ୟବହାରର ପ୍ରତିବାଦରେ ଗ୍ରାମରକ୍ଷୀମାନେ ଧାରଣାରେ ବସିଥିଲେ । ଟାଉନ ଥାନା ଆଇଆଇସି ସତ୍ୟକୁମାର ନନ୍ଦ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମରକ୍ଷୀ ସଂଘର ଦାବିପତ୍ର ଗ୍ରହଣ କରିବା ସହ କଳାହାଣ୍ଡି ଏସ୍‌ପି ନିର୍ବାଚନ ଦାୟିତ୍ୱରେ ବାହାରେ ଥିବାରୁ ସେ ଆସିବା ପରେ ଦାବିପତ୍ର ପ୍ରଦାନ କରାଯିବ ଏବଂ ଘଟଣାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ କଳାହାଣ୍ଡି ଗ୍ରାମରକ୍ଷୀ ସଂଘ ସଦସ୍ୟମାନେ ନିର୍ବାଚନ ଡ୍ୟୁଟିରେ ବରଗଡ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ।



ଗ୍ରାମରକ୍ଷୀମାନେ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଧାରଣାରେ ବସିଛନ୍ତି ।

## କୋକସରାରେ ମା' ଠାକୁରାଣୀଙ୍କ ଘଟଯାତ୍ରା

କୋକସରା,୧୬।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଠାରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଗ୍ରାମଦେବୀ ମା' ଠାକୁରାଣୀଙ୍କ ଘଟଯାତ୍ରା ପୂର୍ବ ନିର୍ଦ୍ଧାରିତ ଲଗ୍ନ ଅନୁସାରେ ଆରମ୍ଭ ହୋଇଛି । ଦେବୀଙ୍କ ଆଜ୍ଞାରେ ମା' ଠାକୁରାଣୀଙ୍କ ପୂଜକ କୁମାରୀ କନ୍ୟାଙ୍କ ଦେହରେ ମା'ଙ୍କ ପ୍ରତିମା ସ୍ୱରୁପା ଦେବୀ ବିଜେ ହୁଅନ୍ତି । ପ୍ରଥମେ ଗ୍ରାମଦେବୀ ପୀଠରେ କୁମାରୀକନ୍ୟାଙ୍କୁ ପୂଜାର୍ଚ୍ଚନା ପରେ ପ୍ରଥମେ ଦେବୀଙ୍କ ପୂଜକ, ପରେ ଗ୍ରାମ ଗହନ୍ତିଆ ଓ ଗଣ୍ଡା ଘରକୁ ଯାଇ ପ୍ରଥମେ ଭୋଗ ଲାଗିବା ପରେ ଗ୍ରାମ ପରିକ୍ରମା ପାଇଁ ବାହାରିଥାନ୍ତି । ପ୍ରତିଘରେ ଝୋଟି ସହ ମୁଆ ନଡିଆ କଦଳି, ମହୁଲ, ଚାର, ଆମ୍ବ ଭୋଗ ଦେଇ ମା'ଙ୍କୁ ଆରାଧନା ସହିତ ମାନସିକ କରିଥାନ୍ତି । ଏହି ଘଟଯାତ୍ରାରେ ମା' ଠାକୁରାଣୀଙ୍କ ସହ ଅନ୍ୟାନ୍ୟ ପାର୍ଶ୍ୱ ଦେବୀ ଦେବତାମାନେ ମଧ୍ୟ ବୁଲିଥାନ୍ତି । ଦୁଇଦିନ ଧରି ଚାଲିଥିବା ଏହି ଘଟଯାତ୍ରା ସୋମବାର ସମାପନ ହେବ । ଏହି ସମାପନ ଅବସରରେ ମାନସିକଧାରୀମାନେ ମା'ଙ୍କ ପୀଠରେ ଶୁକ୍ଲଭୋଗ ସହ ବୋଦା, ପାରା, କୁକୁଡା ଆଦି ବଳି ଦେବାର ମଧ୍ୟ କାର୍ଯ୍ୟକ୍ରମ ଥିବା ଦେବୀଙ୍କ ପୂଝାରୀ ନନ୍ଦ କିଶୋର ଧରୁଆ, ଦିଲୀପ କୁମାର ଧରୁଆ, ଦିଲୁ ଧରୁଆ, ଗାଁ ଗହନ୍ତିଆ ରମେଶ ଚନ୍ଦ୍ର ପ୍ରଧାନୀ ଓ ଗାଁ ଗଣା ଗୋବର୍ଦ୍ଧନ ବାଗ ପ୍ରମୁଖ ପ୍ରକାଶ କରିଛନ୍ତି । ଏହା ସହିତ କୋକସରା ବ୍ଲକର ପୁରପଲ୍ଲିଠାରେ ମଧ୍ୟ ଘଟଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ମା' ଠାକୁରାଣୀଙ୍କ ନଗର ପରିକ୍ରମା ।

# କ୍ୟାଣ୍ଡିଡେଟ୍ ମାନୁଆଲ୍ ଦେଖାଇ ପୁଣି ପଡ଼ିଲା ଷ୍ଟ୍ରଙ୍ଗ୍‌ରୁମ୍‌ରେ ତାଲା

ଭବାନୀପାଟଣା,୧୬।୪ (ଡି.ଏନ.ଏ.)

ଜିଲା ପ୍ରଶାସନର ଅବହେଳା ଯୋଗୁ ଇଭିଏମ୍ ମେଶିନଗୁଡିକର ନିରାପତ୍ତା ଅଭାବ ନେଇ କଂଗ୍ରେସ ଓ ଭାଜପା ପ୍ରାର୍ଥୀମାନେ ଅଭିଯୋଗ କରି ଇଭିଏମ୍ ଥିବା ଷ୍ଟ୍ରଙ୍ଗରୁମରେ ନିଜସ୍ୱ ତାଲା ପକାଇବାକୁ ଦାବି କରିଛନ୍ତି। ଏ ନେଇ ପ୍ରଶାସନ ସହ ମୁହାମୁହିଁ ହେବା ପରେ ଶେଷରେ ସୋମବାର ନିଜସ୍ୱ ତାଲା ପକାଇବା ପାଇଁ ଜିଲା ପ୍ରଶାସନ ଅନୁମତି ଦେଇଛନ୍ତି । ଫଳରେ ଜଣେ କଂଗ୍ରେସ ଓ ଜଣେ ଭାଜପା ବିଧାୟକ ପୁଣି ତାଲା ପକାଇବା ସହ ଷ୍ଟ୍ରଙ୍ଗ୍‌ରୁମ୍ ସିଲ୍ କରିବା ଘଟଣା ଏଠାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କଳାହାଣ୍ଡି ଜିଲାପାଳ ତଥା ନିର୍ବାଚନ ଅଧିକାରୀ ଡ.ଗାଭାଲି ପରାଗ ହର୍ଷଦ ଏବଂ ଧର୍ମଗଡ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ପଦ୍ମନାଭ ବେହେରାଙ୍କ ଉପସ୍ଥିତିରେ ଜୁନାଗଡ ବିଧାନସଭା କଂଗ୍ରେସ ପ୍ରାର୍ଥୀ ଅନିଲ କୁମାର ସିଂଦେଓ ଓ ଭାଜପା ପ୍ରାର୍ଥୀ ମନୋଜ ମେହେର ଜୁନାଗଡର ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗ୍‌ରୁମ ସିଲ କରିଥିଲେ। ପ୍ରକାଶ ଯେ, ଗତ ୧୧ ତାରିଖ ପର୍ଯ୍ୟାୟ ନିର୍ବାଚନରେ କଳାହାଣ୍ଡି ଜିଲାର ୫ ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନ ପାଇଁ ଭୋଟ୍ ଗ୍ରହଣ ହୋଇଥିଲା। ଏହା ପରେ ଇଭିଏମଗୁଡିକୁ ବାନ୍ଦୋପଲା ସରକାରୀ ଇଞ୍ଜିନିୟରିଂ କଲେଜ କ୍ୟାମ୍ପସରେ ରହିଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଭୋଟ ଗଣତି ଦିନ (ମେ ୨୩) ଯାଏ ମେଶିନଗୁଡିକୁ ସେଠାରେ ରଖାଯିବା ବ୍ୟବସ୍ଥା କାରାଯାଇ ଥିବା ବେଳେ ଇଭିଏମ୍ ଟାମ୍ପରିଂ ଆଶଙ୍କା କରି ଜୁନାଗଡ ବିଧାନସଭା କଂଗ୍ରେସ ପ୍ରାର୍ଥୀ ଅନିଲ ସିଂଦେଓ ଏବଂ କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ଭକ୍ତଚରଣ ଦାସ ଷ୍ଟ୍ରଙ୍ଗରୁମ୍‌ରେ ସରକାରୀ ତାଲା ସହ ନିଜସ୍ୱ ତାଲା ପକାଇବାକୁ ଦାବି କରି ଧାରଣା ଦେଇଥିଲେ। କିନ୍ତୁ ଷ୍ଟ୍ରଙ୍ଗରୁମରେ ବ୍ୟକ୍ତିଗତ ତାଲା ପକାଇବା ଭଳି କୌଣସି ନିୟମ ନ ଥିବା କହି ଜିଲାପାଳ ରୋକ ଠୋକ ମନା କରିବା ସହ ପ୍ରାର୍ଥୀ ଚାହିଁଲେ ନିଜସ୍ୱ ଏଜେଣ୍ଟ ନିଯୁକ୍ତ କରି ୨୪ ଘଣ୍ଟା ପହରା ଦେଇ ପାରିବେ ବୋଲି କହିଥିଲେ। ପରେ ସିଂହ ଦେଓ କେଣ୍ଡିଡେଟ୍ ମେନ୍ୟୁଏଲ୍‌ରେ ଏଭଳି ନିୟମ ଥିବା ବିଷୟରେ ଜିଲାପାଳଙ୍କୁ ଦେଖାଇଥିଲେ । ଏଥିରେ ଜିଲାପାଳ ତାଲା ପକାଇବା ପାଇଁ ସ୍ୱିକୃତୀ ଦେଇଥିଲେ। ପରେ ଧର୍ମଗଡ ଉପଜିଲାପାଳ ଓ କଳାହାଣ୍ଡି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ଇଭିଏମ୍ ରଖାଯାଇ ଥିବା ଷ୍ଟ୍ରଙ୍ଗରୁମ୍‌ରେ କଂଗ୍ରେସର ସିଂଦେଓ ଓ ଭାଜପାର ମେହେର ନିଜସ୍ୱ ତାଲା ପକାଇ ସିଲ୍ କରିଛନ୍ତି।



ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୭ ଏପ୍ରିଲ, ୨୦୧୯

> ଅସଲ କଥା ହେଲା ବିଶ୍ୱାସ। ବାଳକର ବିଶ୍ୱାସ ଭଳି, ଗୁରୁବାକ୍ୟରେ ବିଶ୍ୱାସ କର।
> -ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ରାମନବମୀ ଆଖଡ଼ା ଶୋଭାଯାତ୍ରା ଶେଷ

କୁଆଁରମୁଣ୍ଡା, ୧୬।୪(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାର ସଲଙ୍ଗାବାହାଲରେ ହନୁମାନ ଜୟନ୍ତୀ ଓ ଓଡିଆ ନବବର୍ଷ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବିଶେଷକରି ହନୁମାନ ଜୟନ୍ତୀରେ ଏକ ବିରାଟ ଶୋଭାଯାତ୍ରା ସଲଙ୍ଗାବାହାଲ ବଜାର ପରିକ୍ରମା କରିଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଆଖଡ଼ା କୌଶଳ ପ୍ରଦର୍ଶନ କରି ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ମୁଗ୍ଧ କରିଥିଲେ। ଏହି ଆଖଡ଼ା ଶୋଭାଯାତ୍ରାକୁ ଦେଖିବା ପାଇଁ ସାହାଜବାହଲ, ଦଲକି, ଧୋୟାଟୋଲି, ଜାମବାହାଲ ଇତ୍ୟାଦି ଅଞ୍ଚଳରୁ ଶତାଧିକ ମହିଳା, ପୁରୁଷ ସଲଙ୍ଗାବାହଲ ବଜାରରେ ଉପସ୍ଥିତ ରହି ଆଖଡ଼ାର ମଜା ନେଇଥିଲେ। ଆଖଡ଼ା କମିଟି ସଭାପତି ସୁମନ୍ତ ସାହୁଙ୍କ ସହ ଅନାମ ସାହୁ, ଅଶୋକ ସାହୁ, ସୁନିଲ ସାହୁ, ସୁକାନ୍ତ ରାଉତ, ଯଦୁମଣି ମିଞ୍ଜଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ରାଏବୋଗା ଥାନା ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ସତର୍କ ନଜର ରଖିଥିଲା।

> ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।





ଭାଜପା ବିଧାୟିକା ପ୍ରାର୍ଥିନୀ କୁସୁମ ଟେଟେ ପଦଯାତ୍ରାରେ ଯାଉଛନ୍ତି (ବାମ)। ବିଜେଡି ବିଧାୟକ ପ୍ରାର୍ଥୀ ଯୋଗେଶ ସିଂ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି (ମଝି) ଓ କଂଗ୍ରେସ ବିଧାୟକ ପ୍ରାର୍ଥିନୀ ଅମିତା ବିଶ୍ୱାଳ ରୋଡ଼ ଶୋ'ରେ ପ୍ରଚାର କରୁଛନ୍ତି।

# ଶେଷ ଦିବସରେ ପ୍ରଚାର ଜୋରଦାର

- ରୋଡ ଶୋ, ଘରଘର ବୁଲି ଭୋଟ ଭିକ୍ଷା କଲେ ପ୍ରାର୍ଥୀ
- ପ୍ରଚାରକୁ ଆସିଲେନି କଂଗ୍ରେସର ହେଭିୱେଟ ନେତା

ସୁନ୍ଦରଗଡ, ୧୬।୪ (ଡି.ଏନ୍.ଏ)

ଆସନ୍ତା ୧୮ରେ ସୁନ୍ଦରଗଡ ଲୋକସଭା ଓ ଏହା ଅଧୀନ ୭ଟି ବିଧାନସଭା ନିମନ୍ତେ ଭୋଟଗ୍ରହଣ ହେବାକୁ ଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହୋଇଛି। ପ୍ରଚାରର ଅନ୍ତିମ ଦିବସରେ ବିଜେଡି, ଭାଜପା, କଂଗ୍ରେସ ସମେତ ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାରକୁ ଜୋରଦାର କରିଥିଲେ। ସୁନ୍ଦରଗଡ ବିଧାନସଭା ଆସନରେ ଭାଜପା ବିଧାୟକ ପ୍ରାର୍ଥିନୀ କୁସୁମ ଟେଟେ ଓ କଂଗ୍ରେସ ପ୍ରାର୍ଥିନୀ ଅମିତା ବିଶ୍ୱାଳ ରୋଡ ଶୋ ମାଧ୍ୟମରେ ପ୍ରଚାର କରିଥିଲେ। ବିଜେଡି ପ୍ରାର୍ଥୀ ଯୋଗେଶ ସିଂ ଘରକୁ ଘର ବୁଲି ପ୍ରଚାରକରି ଭୋଟଭିକ୍ଷା କରିଥିଲେ। ପ୍ରଚଣ୍ଡ ଟାଣଖରାକୁ ଖାତିର ନ କରି ପ୍ରାର୍ଥୀ, କର୍ମୀ ଓ ସମର୍ଥକମାନେ ବିପୁଳ ଉତ୍ସାହ ସହକାରେ ପ୍ରଚାର କରୁଥିବା ଦେଖାଯାଇଥିଲା। ଅନ୍ତିମ ଦିବସରେ ଭାଜପା ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ ଓ ବିଧାୟିକା ପ୍ରାର୍ଥିନୀ କୁସୁମଙ୍କ ସପକ୍ଷରେ ବଲିଉଡ ତାରକା ବାବୁସାନ୍ ଓ ଦଳୀୟ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ସୁନ୍ଦରଗଡରେ ପ୍ରଚାର କରିଥିଲେ। କୁସୁମଙ୍କ ସହ ଜିଲା ସଭାପତି ବଟକିଶୋର ମିଶ୍ର ଓ ଦଳୀୟ ପଦାଧିକାରୀମାନେ ପ୍ରଚାରରେ ସାମିଲ ହୋଇଥିଲେ। କଂଗ୍ରେସ ପ୍ରାର୍ଥିନୀ ଅମିତାଙ୍କ ରୋଡ ଶୋରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନାନୀ, ଜିଲା ସଭାପତି ବେଣୁ ମାଧବ ତ୍ରିପାଠୀ, ଜିଲା ଉପସଭାପତି ଅଜିତ ପ୍ରସାଦ, ମଣ୍ଟୁ ଯୋଶୀ, ରାଜ୍ୟ ମହିଳା କଂଗ୍ରେସର ବିନିତା ନାଏକ, କଳ୍ପନା ଆପଟ ପ୍ରମୁଖ ସାମିଲ ଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ଯୋଗେଶ ସିଂଙ୍କ ପ୍ରଚାରରେ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ସହ ସୁନ୍ଦରଗଡ ରାଜପରିବାର ସଦସ୍ୟମାନେ ମଙ୍ଗୁଆଳ ସାଜିଥିବା ଦେଖାଯାଇଥିଲା। ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ସୁନ୍ଦରଗଡ ରାଜମାତା ପଦ୍ମିନୀ ଶେଖର ଦେଓ, ରାଜା ସମରେନ୍ଦ୍ର ଶେଖର ଦେଓ, ରାଣୀ ବିଙ୍କାନୀ କୁମାରୀ ଶେଖର ଦେଓ, ବରିଷ୍ଠ ବିଜେଡି ନେତା ହରଜେନ୍ଦ୍ର ସିଂ, ଜନ୍ମେଜୟ ମହାପାତ୍ର, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ରଞ୍ଜନାପଣ୍ଡା, ଲଲାଟ ପରିଡା, ଗୋପାଳ ପ୍ରଧାନ , ସୁନିଲ ପାଟଯୋଶୀ ବିଜେଡି ଛାତ୍ର ନେତା ବୈକୁଣ୍ଠ ପ୍ରଧାନ, ସୁକାନ୍ତ ପତି, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷା ଜଟିଆ ମୁଣ୍ଡା, ସ୍ୱରାଜ ପଟେଲ, ନଗରକମିଟି ସଭାପତି ଅମିତାଭ ଯୋଶୀ, ସୁନିଲ ମହାପାତ୍ର ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ପୂର୍ବରୁ ଜିଲାରେ ଭାଜପା ଲୋକସଭା ଓ ବିଧାୟକ ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ପ୍ରମୁଖ ହେଭିୱେଟ ନେତା ଓ ସିନେତାରକା ଅନୁ ଚୌଧୁରୀ, ବାବୁସାନ୍ ପ୍ରଚାର କରି ଯାଇଥିଲେ। ସେହିପରି ବିଜେଡି ଲୋକସଭା ପ୍ରାର୍ଥିନୀ ସୁନିତା ବିଶ୍ୱାଳ ଓ ବିଧାନସଭା ପ୍ରାର୍ଥୀଙ୍କ ସପକ୍ଷରେ ଖୋଦ୍ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୋଟିଏ ଦିନରେ ୫ଟି ନିର୍ବାଚନୀ ସଭା ଓ ରାଉରକେଲାରେ ରୋଡ ଶୋ ମାଧ୍ୟମରେ ମାରାଥନ ପ୍ରଚାର କରିଥିଲେ। ମାତ୍ର କଂଗ୍ରେସ ଲୋକସଭା ପ୍ରାର୍ଥୀ ଜର୍ଜ ତିର୍କୀ ଓ କଂଗ୍ରେସ ବିଧାନସଭା ପ୍ରାର୍ଥୀଙ୍କ ସପକ୍ଷରେ ରାଜ୍ୟ କିମ୍ବା ଜାତୀୟସ୍ତରର କୌଣସି ହେଭିୱେଟ ନେତା ସୁନ୍ଦରଗଡ ଜିଲାକୁ ଆସି ନ ଥିଲେ। କଂଗ୍ରେସ ପ୍ରାର୍ଥୀମାନେ ସ୍ଥାନୀୟ ନେତାଙ୍କୁ ଧରି ନିଜ ଦକ୍ଷତା ଓ ସାଙ୍ଗଠନିକ ସ୍ଥିତିକୁ ଭରସା ରଖି କଂଗ୍ରେସର ଇସ୍ତାହାରକୁ ଧରି ଭୋଟରଙ୍କ ନିକଟରେ ପହଞ୍ଚି ନିର୍ବାଚନ ପ୍ରଚାର କରିଥିଲେ। ପ୍ରାର୍ଥୀମାନଙ୍କର ପ୍ରଚାର ଓ ନିର୍ବାଚନୀ ସଙ୍ଗୀତରେ ଗାଁଠୁ ସହର ପର୍ଯ୍ୟନ୍ତ ସତେ ଯେମିତି ଉତ୍ସବ ମୁଖର ହୋଇପଡିଥିଲା। ପ୍ରଚାର କାର୍ଯ୍ୟ ଶେଷ ହେବା ପରେ ପ୍ରାର୍ଥୀଙ୍କ ଏବେ ଅନ୍ଧାରି ବିଜେ ଅଭିଯାନ ଆରମ୍ଭ ହୋଇଛି। ଭୋଟଦିନ କିଭଳି ତାଙ୍କ ସପକ୍ଷରେ ଅଧିକ ଭୋଟ ପଡିବ ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ପ୍ରାୟୋଜିତ ଭୋଜିଭାତ ଆଦି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

### ଭାଜପାରେ ଯୋଗଦେଲେ ଶତାଧିକ ଯୁବତୀଯୁବକ

ବଡ଼ଗାଁ, ୧୬।୪ (ଡି.ଏନ.ଏ)

ବଡ଼ଗାଁ ବ୍ଲକ ଅଞ୍ଚଳରେ ଭାଜପାର ମିଶ୍ରଣ ପର୍ବରେ ବିଭିନ୍ନ ଦଳର କର୍ମୀ, ଯୁବତୀଯୁବକ, ନୂତନ ଭୋଟର ଯୋଗଦେଉଥିବା ଦେଖାଯାଇଛି। ଡୁଡାଲଗା କିଷାନପଡାସ୍ଥିତ ମଣ୍ଡପଠାରେ ୪୦ ଯୁବତୀ ଯୁବକ, ମହିଳା,ପୁରୁଷ ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଜ୍ୟ ସମ୍ପାଦକ ରଞ୍ଜନ ପଟେଲ, ଜିଲା ସଙ୍ଗଠନ ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଡୁଡାଲଗା ଗ୍ରାମର ୪୦ଜଣ ଭାଜପାରେ ଯୋଗଦେଇଥିଲେ। ଏ ସମ୍ପର୍କରେ ଜଣେ ଯୁବକ କଳାକର ମିଞ୍ଜଙ୍କୁ ପଚାରିବାରେ ସେ ମୋଦିଙ୍କ ନେତୃତ୍ୱ, କାର୍ଯ୍ୟ ଉପରେ ଆସ୍ଥା ପ୍ରକଟ କରି ଯୋଗଦେଇଥିବା କହିଛନ୍ତି। ସେହିପରି ସୋମବାର କଣ୍ଟିଆମୁରା ଗ୍ରାମର ବିଜେଡି କର୍ମୀ ଜୟଚନ୍ଦ୍ର କିଷାନ, ଜଟି କିଷାନ ଭାଜପାରେ ଯୋଗଦେଇଥିଲେ। ତାଙ୍କ ସହିତ ଅନ୍ୟ ୨୬ ଜଣ ଭାଜପା ଜିଲା କାର୍ଯ୍ୟକାରିଣୀ ସଭ୍ୟ ବସନ୍ତ ସାହୁ, ଶିଶିର ରାଉତରାୟ, ଡୁଡାଲଗା ପଞ୍ଚାୟତ ସଭାପତି ସୁରେନ୍ଦ୍ର ଭୋଲଙ୍କ ଉପସ୍ଥିତିରେ ଯୋଗଦେଇଥିଲେ। ଫଳରେ ବିଜେଡିର ଭୋଟ କଟିବା କ୍ରମଶଃ ବଢ଼ିଚାଲିଛି।

### ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ୨୦ରେ

ରାଉରକେଲା ଅଫିସ, ୧୬।୪

ସେକ୍ଟର-୨ ଓଏସଆରଟିସି କଲୋନୀ ଠାରେ ଥିବା ସାଇ ମନ୍ଦିର ୬ଷ୍ଠ ବାର୍ଷିକୋତ୍ସବ ଆସନ୍ତା ୨୦ରେ ଅନୁଷ୍ଠିତ ହେବ। ଏନେଇ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୯ ସନ୍ଧ୍ୟାରେ ଅଙ୍କୁରା ରୋପଣ ଅନୁଷ୍ଠିତ ହେବ। ୨୦ ସକାଳ ୮ଟାରେ କଳସ ଶୋଭାଯାତ୍ରାରେ ଯୋଗଦେବେ ଶତାଧିକ ଶ୍ରଦ୍ଧାଳୁ। ପୂର୍ବାହ୍ନ ୧୦ଟାରେ ଯଜ୍ଞାରମ୍ଭ କରାଯିବ। ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତୀ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ମତଦାନ କେନ୍ଦ୍ରରେ ପହଞ୍ଚିଲେ ପୋଲିଂ ଦଳ

ସୁନ୍ଦରଗଡ଼, ୧୬।୪ (ଡି.ଏନ୍.ଏ)

ସୁନ୍ଦରଗଡ ଜିଲାରେ ଆସନ୍ତା ୧୮ ତାରିଖ ଭୋଟ ଗ୍ରହଣ ହେବ। ସୁନ୍ଦରଗଡ ଲୋକସଭା ଓ ଏହା ଅଧୀନ ୭ ବିଧାନସଭା ଆସନ ପାଇଁ ଅବାଧ ଓ ନିରପେକ୍ଷ ଭାବେ ଭୋଟ ଗ୍ରହଣ ସକାଶେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ଜିଲାରେ ଥିବା ୧୫ଲକ୍ଷ ୨୮ହଜାର ୯୯୭ ଭୋଟରଙ୍କ ସକାଶେ ମଦତାନ ପାଇଁ ୧୮୪୬ ମତଦାନ କେନ୍ଦ୍ରର ବ୍ୟବସ୍ଥା ହୋଇଛି। ଗତ ୨୦୧୪ ସାଧାରଣ ନିର୍ବାଚନରେ ଜିଲାରେ ୧୭୩୦ଟି ଭୋଟ ଗ୍ରହଣ କେନ୍ଦ୍ର ଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ଭାରତର ନିର୍ବାଚନ ଆୟୋଗଙ୍କ ଅନୁମୋଦନ କ୍ରମେ ଜିଲାର ଭୋଟଦାନ କେନ୍ଦ୍ରଗୁଡିକ ପୁନର୍ଗଠନ କରାଯାଇ ୧୧୬ଗୋଟି ନୂତନ ଭୋଟ ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି। ଫଳରେ ଜିଲାରେ ସମୁଦାୟ ୧୮୮୬ଟି ଭୋଟଗ୍ରହଣ କେନ୍ଦ୍ର ଗଠିତ ହୋଇଛି। ଜିଲାରେ ସମୁଦାୟ ଭୋଟରଙ୍କ ମଧ୍ୟରେ ୭ଲକ୍ଷ ୬୪ହଜାର ୨୩୦ଜଣ ମହିଳା ଭୋଟର, ୭ଲକ୍ଷ ୬୪ହଜାର ୬୪୨ ପୁରୁଷ ଭୋଟର ଓ ୧୨୫ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ମଙ୍ଗଳବାର ଜିଲାର ସୁନ୍ଦରଗଡ, ତଳସରା, ରାଜଗାଙ୍ଗପୁର, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା ଓ ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟଗ୍ରହଣ ସକାଶେ ପୋଲିଂ କର୍ମଚାରୀମାନେ ନିର୍ଦ୍ଧାରିତ ବୁଥ ଗୁଡିକରେ ପହଞ୍ଚିଛନ୍ତି। ସୁନ୍ଦରଗଡ ମାଦ୍ରି କାଲୋ ଭବନଠାରେ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ, ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟଠାରେ ସୁନ୍ଦରଗଡ ଓ ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ପୋଲିଂ ଦଳମାନଙ୍କୁ ଇଭିଏମ୍, ଭିଭିପାଟ ଓ ଅନ୍ୟାନ୍ୟ ଭୋଟିଂ ଉପକରଣ ପ୍ରଦାନ କରାଯାଇଛି। ସେହିପରି ରାଉରକେଲା ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ ପ୍ରାଙ୍ଗଣରେ ରାଉରକେଲା, ବୀରମିତ୍ରପୁର, ରଘୁନାଥପାଲି ଏବଂ ବଣାଇ ଉପଜିଲାପାଳ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ପୋଲିଂଦଳକୁ ଭୋଟିଂ ସାମଗ୍ରୀ ପ୍ରଦାନ ପରେ ସ୍ୱତନ୍ତ୍ର ଗାଡି ଯୋଗେ ନିର୍ଦ୍ଧାରିତ ବୁଥଗୁଡିକୁ ପଠାଯାଇଛି। ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୭ଟି, ସୁନ୍ଦରଗଡରେ ୨୯୬, ବୀରମିତ୍ରପୁରରେ ୩୦୧, ରଘୁନାଥପାଲିରେ ୧୯୩, ରାଉରକେଲାରେ ୧୯୭, ରାଜଗାଙ୍ଗପୁରରେ ୨୭୪ ଓ ବଣାଇଁ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୩୦୮ଟି ମତଦାନ କେନ୍ଦ୍ର ରହିଛି। ଜିଲାର ସୁନ୍ଦରଗଡ, ତଳସରା, ରାଜଗାଙ୍ଗପୁର, ରାଉରକେଲା, ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୧୮ତାରିଖ ସକାଳ ୭ଟାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ରଘୁନାଥପାଲି ଓ ବଣାଇ ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ଅନୁଷ୍ଠିତ ହେବ। ଜିଲାର ଉଭୟ ଝାଡଖଣ୍ଡ ଓ ଛତିଶଗଡ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ରାଜ୍ୟ ବାହାରୁ ଆସୁଥିବା ବିଭିନ୍ନ ଗାଡିମୋଟରଗୁଡିକୁ ଯାଞ୍ଚ କରାଯିବା ସହ ପାଟ୍ରୋଲିଂ ଓ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

**ଭୋଟ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି**



ସୁନ୍ଦରଗଡ଼ ମାଦ୍ରିକାଲୋ ଭବନଠାରେ ବୁଥକୁ ଯିବା ପୂର୍ବରୁ ପୋଲିଂ କର୍ମଚାରୀମାନେ ଭୋଟିଂ ସାମଗ୍ରୀ ଯାଞ୍ଚ କରୁଛନ୍ତି।

# ସୀତାଙ୍କ ସ୍ୱୟଂମ୍ବର ଓ ଶିବଧନୁ ଭଙ୍ଗ

**ବଡଗାଁ ରାମଲୀଳା ଯାତ୍ରା**

ବଡ଼ଗାଁ, ୧୬।୪ (ଡି.ଏନ.ଏ)

ବଡ଼ଗାଁ ରାମଲୀଳା ଯାତ୍ରାର ତୃତୀୟ ରଜନୀରେ ଶ୍ରୀରାମଙ୍କ ଦ୍ୱାରା ଶିବଧନୁ ଭଙ୍ଗ ଓ ସୀତା ସ୍ୱୟମ୍ବର ମଞ୍ଚସ୍ଥ ହୋଇଛି। ଘଟଣାକ୍ରମରେ ଋଷି ବିଶ୍ୱାମିତ୍ରଙ୍କ ସହିତ ଶ୍ରୀରାମ, ଲକ୍ଷ୍ମଣ ଗଙ୍ଗାନଦୀ କୂଳରେ ପହଞ୍ଚିଥିଲେ। ଡଙ୍ଗାରେ ବସିବା ପୂର୍ବରୁ ଧିବର ଶ୍ରୀରାମଚନ୍ଦ୍ରଙ୍କୁ ପାଦ ପ୍ରକ୍ଷାଳନ ନ କଲେ କାଳେ ଡଙ୍ଗ ବା ନାବ ନାରୀ ରୂପ ନେବ ଜଣାଇ ଅତି ଭକ୍ତିର ପରିଚୟ ଦେଇଥିଲେ । ଏହା ପରେ ବିଶ୍ୱାମିତ୍ରଙ୍କ ସହିତ ନଦୀ ପାର କରି ମିଥିଲା ରାଜ୍ୟରେ ପହଞ୍ଚିଥିଲେ। ମିଥିଲା ନରେଶ ଜନକ କନ୍ୟା ସୀତାଙ୍କ ସ୍ୱୟମ୍ବର ଉତ୍ସବରେ ଯାଇ ପହଞ୍ଚିଥିଲେ। ସ୍ୱୟମ୍ବରରେ ରାବଣଙ୍କ ସହିତ ଜମ୍ବୁ ଦ୍ୱିପର ସମସ୍ତ ରାଜା ଯୋଗଦେଇଥିଲେ । ସେଠାରେ ରାଜାଗଣ ଧନୁ ଉଠାଇ ଗୁଣ ଦେଇ ନ ପାରିବା ଦେଖି ରାଜା ଜନକ ଶ୍ରୀରାମଙ୍କୁ ଆମନ୍ତ୍ରଣ କଲେ। ରାମଚନ୍ଦ୍ର ଧନୁରେ ଗୁଣଦେଇ ଧନୁ ଭାଙ୍ଗିଥିଲେ। ଏହି ବିଷୟବସ୍ତୁ ଉପରେ ଯାତ୍ରା ମଞ୍ଚସ୍ଥ ହୋଇଥିଲା। ରାମ, ଲକ୍ଷ୍ମଣ, ରାବଣ, ବାଣାସୁର, କଳିଙ୍ଗ ରାଜା, ଜନକ, ଋଷି ବିଶ୍ୱାମିତ୍ର, ଧିବର ଭୂମିକାରେ ଯଥାକ୍ରମେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ବିଟୁ ନାୟକ, ଅବିନାଶ ପଣ୍ଡା, ଗୁଲୁ ନାୟକ, ଦିବ୍ୟଲୋଚନ ମିଶ୍ର (ବଖରିଆ) ଯଶୋବନ୍ତ ପଣ୍ଡା, ସୋନୁ ପାଣିଗ୍ରାହୀ, ସୁବ୍ରତ ସାହୁ ଓ ସୀତାଙ୍କ ସଖି ଭାବରେ ଟିଙ୍କିଲି, ସତିଆ, ସାହୁ, ଲଳିନ୍ଦ୍ର ସା ଅଭିନୟ କରିଥିଲେ ।



ସୀତା ସ୍ୱୟଂମ୍ବରରେ ଉପସ୍ଥିତ ରାଜାଗଣ ।

# ଏକ ଦିବସୀୟ ମୁଷ୍ଟିଯୁଦ୍ଧ ପ୍ରଶିକ୍ଷଣ ଶିବିର

ବଡ଼ଗାଁ, ୧୬।୪ (ଡି.ଏନ.ଏ.)

ବଡ଼ଗାଁସ୍ଥିତବିଗ୍ରେଡ ସ୍କୁଲରେଏକଦିବସୀୟ ମୁଷ୍ଟିଯୁଦ୍ଧ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ସୁନ୍ଦରଗଡ଼ ଆର.କେ ସ୍ପୋର୍ଟ୍ସ ଏକାଡେମୀ ଏବଂ ଜନସେବା ସମିତି ଯୋଗିମାଲ ଆନୁକୂଲ୍ୟରେ ବକ୍ସିଂ, ଉଷୁ, କରାଟେ, ଆତ୍ମସୁରକ୍ଷା କୌଶଳ ତାଲିମ ଦିଆଯାଇଥିଲା। ସୁନ୍ଦରଗଡର ଉଦୀୟମାନ ଯୁବ କୋଚ ରୂପକ କୁମାର ପ୍ରସାଦଙ୍କ ନେତୃତ୍ୱରେ ଯାଜ୍ଞାସେନୀ ସିଂ, ଗୀତା କାଣ୍ଡୁଲାନା, ଖ୍ରୀଷ୍ଟିନା କାଣ୍ଡୁଲାନା, ପ୍ରଦ୍ୟୁମ୍ନ ଷଡଙ୍ଗୀ, ସୋନାଲି ପଟେଲ, ବୀର ଶର୍ମା, ତିସାନ ରାଜା, ନୀଲା ନାଏକ, ସଞ୍ଜିବ କୁମାର ସିଂ, ଅନୁରାଗ ଠାକୁର, ଦେବାଶିଷ ଖେଳାଳିମାନେ ବିଭିନ୍ନ ପ୍ରକାର ତାଲିମ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ଉତ୍ସାହର ସହିତ ତାଲିମ ନେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୂରଲୀଧର ସିକା, ଯୋଗୀମାଲ ଡିଗ୍ରୀ କଲେଜର ଅଧ୍ୟକ୍ଷା ଅଞ୍ଜଳି ପଟେଲ, ଦୀପକ କୁମାର ପଟେଲ, ସୁଶାନ୍ତ କୁମାର ଷଡଙ୍ଗୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ସହଯୋଗ କରିଥିଲେ। ଆର.କେ ସ୍ପୋର୍ଟ୍ସ ଏକାଡେମୀ ଏତାଦୃଶ କାର୍ଯ୍ୟକ୍ରମ ଦ୍ୱାରା ତୃଣମୂଳ ବା ଗ୍ରାମାଞ୍ଚଳର ଖେଳାଳି ସହଯୋଗ ପାଉଛନ୍ତି। ସରକାର କିମ୍ବା ପ୍ରଶାସନର ବିନା ସାହାଯ୍ୟ, ସହଯୋଗରେ ଗତ ବର୍ଷ ୫୦ ବାଳିକା, ବାଳକ ଜାତୀୟସ୍ତରକୁ ଏକାଡେମୀର ସହଯୋଗରେ ପହଞ୍ଚି ପାରିଛନ୍ତି। ଆଗାମୀ ଦିନରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ବକ୍ସିଂ ତାଲିମ ବ୍ୟବସ୍ଥା କରାଯିବାର ଯୋଜନା ରହିଛି ।



ଏକ ଦିବସୀୟ ତାଲିମ ପାଉଥିବା ଛାତ୍ରୀଛାତ୍ର ଓ କୋଚ୍ ।

## ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସରିଲା ପ୍ରଚାର

# ସ୍ୱାଧୀନ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ନେବେ

ପଙ୍କଜ କୁମାର ସାହୁ
ରାଜଗାଙ୍ଗପୁର, ୧୬।୪ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗଳବାର ନିର୍ବାଚନ ପ୍ରଚାର ସମୟସୀମା ସମାପ୍ତ ହୋଇଯାଇଛି। ଏବେ ପ୍ରାର୍ଥୀମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ, ଭାଜପା ଓ ବିଜେଡିକୁ ନେଇ ମୁଖ୍ୟ ଲଢ଼େଇ ହେବ ବୋଲି କୁହାଯାଉଛି। ତେବେ ସ୍ୱାଧୀନ ପ୍ରାର୍ଥୀ ହିଁ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ହେଉଛି। ଏହି ନିର୍ବାଚନ ମଣ୍ଡଳୀରେ ଗତ ୨୦୧୪ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ମଙ୍ଗଳା କିଷାନ ୫୪ ହଜାର ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସର ଗ୍ରେଗୋରୀ ମିଞ୍ଜ ୪୨ ହଜାର ୫୦୦ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ, ୨୯ ହଜାର ଭୋଟ ପାଇ ଭାଜପା ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୯ ନିର୍ବାଚନରେ ବିଜେଡ଼ି ମଙ୍ଗଳା କିଷାନଙ୍କୁ ଟିକେଟ ଦେଇ ପୁଣି ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ପୂର୍ବତନ ବିଧାୟକ ଖ୍ରୀଷ୍ଟୋଫର ଏକ୍କାଙ୍କ ପୁଅ ରାଜନ ଏକ୍କାଙ୍କୁ ପ୍ରାର୍ଥୀ କରିଛି। ଭାଜପା ରାଜଗାଙ୍ଗପୁର ବ୍ଲକର ଲାଇଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ନରସିଂହ ମିଞ୍ଜଙ୍କୁ ପ୍ରାର୍ଥୀ କରିଛି। ୨୦୧୪ ରେ ଅଳ୍ପଭୋଟ ବ୍ୟବଧାନରେ ପରାଜୟ ବରଣ କରିଥିବା କଂଗ୍ରେସର ପୂର୍ବତନ ବିଧାୟକ ଗ୍ରେଗୋରୀ ମିଞ୍ଜଙ୍କୁ ଦଳୀୟ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସେହିପରି ପ୍ରିୟଦର୍ଶନୀ ଭୋଇ ଏକମାତ୍ର ମହିଳା ପ୍ରାର୍ଥୀ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି। ଏହା ଛଡା ଆମ ଆଦମି ପାର୍ଟି, କୋଶଳ କ୍ରାନ୍ତି ଦଳ, ଝାଡ଼ଖଣ୍ଡ ପାର୍ଟିକୁ ମିଶାଇ ସମୁଦାୟ ୧୩ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ଏହି ନିର୍ବାଚନ ମଣ୍ଡଳୀରେ ବହୁ ମାତ୍ରାରେ କିଷାନ ସମାଜର ଲୋକ ବସବାସ କରନ୍ତି। କିଷାନସମାଜର ଭୋଟର ମଙ୍ଗଳା କିଷାନଙ୍କୁ ସମର୍ଥନ ଦେଇ ଆସୁଥିବାରୁ ସେ ବହୁବାର ଏଠାରେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ଏଥର ଭାଜପା କିଷାନ ସମାଜର ସରପଞ୍ଚ ପଦବୀରେ ଥିବା ଜଣେ ଯୁବ ନେତାଙ୍କୁ ପ୍ରାର୍ଥୀ କରିଥିବାବେଳେ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ହାୱା ଥିବାରୁ ଭାଜପା ପ୍ରାର୍ଥୀ ସପକ୍ଷରେ ଭୋଟ ବଢ଼ିବା ନେଇ ଚର୍ଚ୍ଚା ହେଉଛି। ଏହାଛଡା ଗତ ୨୦୧୪ ନିର୍ବାଚନରେ ବିଜେଡ଼ିର ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୧୨ ହଜାର ଭୋଟ ନେଇଥିବା କୁତୁଣିଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବିକ୍ରମ ଟପ୍ପୋ ଭାଜପାରେ ଯୋଗଦେଇଥିବାରୁ ମଙ୍ଗଳା କିଷାନଙ୍କୁ ଅଡୁଆରେ ପକାଇପାରେ ବୋଲି କୁହାଯାଉଛି। କିନ୍ତୁ ଏଭଳି ଚର୍ଚ୍ଚା ମଙ୍ଗଳାଙ୍କୁ କୌଣସି ଅସୁବିଧା କରିପାରିବ ନାହିଁ ବୋଲି ତାଙ୍କ ସମର୍ଥକ ପ୍ରକାଶ କରିଛନ୍ତି। ଅନ୍ୟପଟେ କଂଗ୍ରେସରୁ ଦୁଇଥର ବିଧାୟକ ଥିବା ଗ୍ରେଗୋରୀ ମିଞ୍ଜ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ବେଳେ ତାଙ୍କୁ ବହୁ ଲୋକ ସମର୍ଥନ କରୁଥିବାରୁ ଏହା କଂଗ୍ରେସ ପାଇଁ ଚିନ୍ତାଜନକ ବିଷୟ ହୋଇଛି। ହେଲେ କଂଗ୍ରେସ ନେତା ନିଜ ସପକ୍ଷରେ ଜନସମର୍ଥନ ରହିଥିବା ଦାବି କରୁଛନ୍ତି। ଏକମାତ୍ର ଶିକ୍ଷିତା ମହିଳା ସ୍ୱାଧୀନ ପ୍ରାର୍ଥିନୀ ପ୍ରିୟଦର୍ଶନୀ ଭୋଇଙ୍କୁ ବିଭିନ୍ନ ଅଞ୍ଚଳରେ ବହୁମାତ୍ରାରେ ସମର୍ଥନ ମିଳୁଥିବା ଦେଖିବାକୁ ମିଳୁଛି। ସେ ନିଶ୍ଚିତ ଭାବେ ଜିତିବେ ବୋଲି ତାଙ୍କ ସମର୍ଥକ କହୁଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ଣ୍ଣାୟକ ଭୂମିକା ନେବା ବଦଳରେ ବିଜୟୀ ହେବା ଅସମ୍ଭବ ନୁହେଁ ବୋଲି ଚର୍ଚ୍ଚା ହେଉଛି।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ

# ରଘୁନାଥପାଲ୍ଲିରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

**ରାଉରକେଲା ଅଫିସ, ୧୬।୪**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରଘୁନାଥପାଲ୍ଲି ଗସ୍ତରେ ଆସି ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇଙ୍କ ପାଇଁ ନିର୍ବାଚନ ପ୍ରଚାର ସାରି ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଆଇଡିଏଲ ଖେଳ ପଡିଆରେ ଆସି ହେଲିକପ୍ଟର ଯୋଗେ ଓହ୍ଲାଇବା ପରେ ଅପରାହ୍ନ ୩ଟାବେଳେ ରୋଡ ଶୋରେ କରିଥିଲେ । ସେ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଲକ୍ଷ୍ମୀ ମାର୍କେଟ, ତାରପୁର, ଲାଲଟାଙ୍କି, ଅଟୋ କଲୋନୀ, ମଡର୍ଣ୍ଣ ଇଣ୍ଡିଆ, ଲୋକନାଥ ମାର୍କେଟ, ପାଣିଟାଙ୍କି ବଜାର, ନବକୃଷ୍ଣନଗର ଛକ, ଫର୍ଟିଲାଇଜର ଟାଉନଶିପ୍ ମୁଖ୍ୟରାସ୍ତା ଦେଇ ୧୪୩ନଂ. ଜାତୀୟ ରାଜପଥ ରଙ୍ଗିଲା ଛକ ପର୍ଯ୍ୟନ୍ତ ଆସିଥିଲେ। ଏହି ଅବସରରେ ସେ ଲକ୍ଷ୍ମୀ ମାର୍କେଟ, ଟାଙ୍ଗରପାଲ୍ଲୀ, ନବକୃଷ୍ଣନଗର ଓ ଫର୍ଟିଲାଇଜର ମଙ୍ଗଳା ଛକ ଭଳି କେତେକ ସ୍ଥାନରେ ଗାଡିରୁ ଥାଇ ଲୋକଙ୍କୁ ସଂକ୍ଷିପ୍ତ ଭାଷଣ ଦେଇଥିଲେ। ଜୟ ଜଗନ୍ନାଥ। ଆପଣମାନେ ଖୁସି ତ ମୁଁ ବି ଖୁସି। ନିର୍ବାଚନରେ ରଘୁନାଥପାଲ୍ଲି ବିଧାୟକ ପ୍ରାର୍ଥୀ ସୁବ୍ରତ ତରାଇ ଓ ଲୋକସଭା ପ୍ରାର୍ଥିନୀ ସୁନୀତା ବିଶ୍ୱାଳଙ୍କୁ ଜିତାଇବାକୁ ସେ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ସ୍ଥାନୀୟ ବାସିନ୍ଦାଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଅପେକ୍ଷା କରିଥିଲେ। ବିଭିନ୍ନ ସ୍ଥାନରେ ବାଜା ଓ ଆତସବାଜି ସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ଅଞ୍ଚଳବାସୀ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଶହଶହ ମହିଳା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଦୀର୍ଘ ଘଣ୍ଟାଏ ଧରି ମୁଖ୍ୟମନ୍ତ୍ରୀ ଦକ୍ଷିଣ ରାଉରକେଲାର ମୁଖ୍ୟ ରାସ୍ତାରେ ପଥପ୍ରାନ୍ତ ସଭା କରି ବିଜେଡି କର୍ମୀଙ୍କ ମନରେ ଉତ୍ସାହ ଭରି ଦେଇଥିଲେ।



ଦକ୍ଷିଣ ରାଉରକେଲାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ଼ ଶୋ ।

## ସଂକ୍ଷେପରେ



### ଚାମ୍ପିୟନଶିପ୍ ଖେଳିବାକୁ ଛାତ୍ରୀ ମନୋନୀତ

**ରାଉରକେଲା ଅଫିସ, ୧୬।୪-** ୧୪ବର୍ଷରୁ କମ ବାଳିକା ବର୍ଗଙ୍କୁ ନେଇ ଭୁବନେଶ୍ୱର କିଟ ପରିସରରେ ଗତ ୧୪ରେ ଏକ ଜାତୀୟ ସ୍ତରୀୟ ମିନି ଭଲିବଲ ଚାମ୍ପିୟନଶିପ ଉଦ୍ଦେଶ୍ୟରେ ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ଚୟନ କରାଯାଇଛି। ଏହି ଚାମ୍ପିୟନଶିପ ଏପ୍ରିଲ ୧୫ରୁ ୨୭ ପର୍ଯ୍ୟନ୍ତ ମହାରାଷ୍ଟ୍ରଠାରେ ଅନୁଷ୍ଠିତ ହେବ। ଏଥିରେ ବିଶ୍ରା ବ୍ଲକ ଅନ୍ତର୍ଗତ ବିଜାଡିହି ଠାରେ ଥିବା ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀ ଅନୁସ୍କା ମୁଣ୍ଡାରୀଙ୍କୁ ଚୟନ କରାଯାଇଛି। ପୂର୍ବରୁ ଏହି ବିଦ୍ୟାଳୟ ଛାତ୍ରୀ ସ୍ୱାତୀ କେର୍କେଟା ରାଜ୍ୟ ସ୍ତରୀୟ ସର୍ଗିଫୁଲ ପର୍ବ ନିମନ୍ତେ ମନୋନୀତ ହୋଇଥିଲେ। ସହଯୋଗ ମିଳିଲେ ଆହୁରି ଅନେକ ଛାତ୍ରୀ ତାଙ୍କ ପାରଦର୍ଶିତା ଦେଖାଇ ପାରନ୍ତେ ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବେନିଜିତ ଡୁଙ୍ଗଡୁଙ୍ଗ ଆଶା ବ୍ୟକ୍ତ କରିଛନ୍ତି। ଛାତ୍ରୀ ଅନୁସ୍କାଙ୍କ ଚୟନ ନେଇ ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନ ସମ୍ପାଦକ ଦେବଦତ ଜେନାଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି।

### ହମିରପୁରରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର

**ରାଉରକେଲା ଅଫିସ, ୧୬। ୪** ରଘୁନାଥପାଲ୍ଲୀ ଭାଜପା ପ୍ରାର୍ଥୀ ଜଗବନ୍ଧୁ ବେହେରା ମଙ୍ଗଳବାର ହମିରପୁରଠାରେ ଡୋର କ୍ୟାମ୍ପେନିଂ କରିଥିଲେ। ନିଜ ସମର୍ଥକଙ୍କୁ ନେଇ ବେହେରା ଘରକୁ ଘର ବୁଲି ଭାଜପାକୁ ଭୋଟ ଦେବାକୁ ନିବେଦନ କରିଥିଲେ। ବିଜେଡି ଦୀର୍ଘ ୧୯ବର୍ଷ ଶାସନରେ ଅଞ୍ଚଳବାସୀଙ୍କ ଉନ୍ନତି ନେଇ ଶାସକ ଦଳ ପ୍ରଦର୍ଶନ ନୈରାଶ୍ୟଜନକ ବୋଲି ସେ ଅଭିଯୋଗ କରିଥିଲେ। ରାଜ୍ୟ ଓ କେନ୍ଦ୍ରରେ ଦୃଢ ସରକାର ଗଠନ ସହ ବିକାଶ ପ୍ରକ୍ରିୟା ତଥା ଏକ ନୂଆ ଓଡିଶା ଗଠନରେ ଭାଗିଦାର ହେବାକୁ ଆହ୍ୱାନ ଦେଇଥିଲେ ବେହେରା। ଏଥିରେ ଭାଜପା ସମର୍ଥକଙ୍କ ସହ ଲୋକ ଜନଶକ୍ତି ପାର୍ଟି କର୍ମକର୍ତା ନୀରଞ୍ଜନ ନାୟକ, ବିଜନ ପାନିକର, ଦିଲ୍ଲୀପ ସାମଲ, ମହେନ୍ଦ୍ର ସିଂ, ପ୍ରସନ୍ନ ନାୟକ, ମେରୀ ମିନାକ୍ଷୀ ପୃଷ୍ଟି ଓ ପବିତ୍ର ନାୟକ ପ୍ରମୁଖ ସାମିଲ ଥିଲେ।

## ରାମଲୀଳା ଯାତ୍ରା

**ବଡ଼ଗାଁ, ୧୬।୪ (ଡି.ଏନ.ଏ)**

ବଡ଼ଗାଁ ରାମଲୀଳା ଯାତ୍ରାର ତୃତୀୟ ରଜନୀରେ ଶ୍ରୀରାମଙ୍କ ଦ୍ୱାରା ଶିବଧନୁ ଭଙ୍ଗ ଓ ସୀତା ସ୍ୱୟମ୍ବର ମଞ୍ଚସ୍ଥ ହୋଇଛି। ବିଶ୍ୱାମିତ୍ରଙ୍କ ସହିତ ଶ୍ରୀରାମ, ଲକ୍ଷ୍ମଣ ଗଙ୍ଗାନଦୀ କୂଳରେ ପହଞ୍ଚିଥିଲେ। ଡଙ୍ଗାରେ ବସିବା ପୂର୍ବରୁ ଧିବର ଶ୍ରୀରାମଚନ୍ଦ୍ରଙ୍କୁ ପଦ ପ୍ରକ୍ଷାଳନ ନ କଲେ କାଳେ ଡଙ୍ଗ ବା ନାବ ନାରୀ ରୂପ ନେବ ଜଣାଇ ଅତି ଭକ୍ତିର ପରିଚୟ ଦେଇଥିଲେ । ଏହା ପରେ ବିଶ୍ୱାମିତ୍ରଙ୍କ ସହିତ ନଦୀ ପାର କରି ମିଥିଳା ରାଜ୍ୟରେ ପହଞ୍ଚିଥିଲେ। ମିଥିଳା ନରେଶ ଜନକ କନ୍ୟା ସୀତାଙ୍କ ସ୍ୱୟମ୍ବର ଉତ୍ସବରେ ଯାଇ ପହଞ୍ଚିଥିଲେ। ସ୍ୱୟମ୍ବରରେ ରାବଣଙ୍କ ସହିତ ଜମ୍ବୁ ଦ୍ୱିପର ସମସ୍ତ ରାଜା ଯୋଗଦେଇଥିଲେ । ସେଠାରେ ରାଜାଗଣ ଧନୁ ଉଠାଇ ଗୁଣ ଦେଇ ନ ପାରିବା ଦେଖି ରାଜା ଜନକ ଶ୍ରୀରାମଙ୍କୁ ଆମନ୍ତ୍ରଣ କଲେ। ରାମଚନ୍ଦ୍ର ଧନୁରେ ଗୁଣଦେଇ ଧନୁ ଭାଙ୍ଗିଥିଲେ। ଏହି ବିଷୟବସ୍ତୁ ଉପରେ ଯାତ୍ରା ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଭୂମିକାରେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ବିଟୁ ନାୟକ, ଅବିନାଶ ପଣ୍ଡା, ଟୁଲୁ ନାୟକ, ଦିବ୍ୟଲୋଚନ ମିଶ୍ର, ଯଶୋବନ୍ତ ପଣ୍ଡା, ସୋନୁ ପାଣିଗ୍ରାହୀ ଅଭିନୟ କରିଥିଲେ ।

ଏନ୍ଆଇଟି ଛାତ୍ରଙ୍କୁ ନିଟ୍ରା ପକ୍ଷରୁ ସ୍ୱାଗତ

# ଅନୁସନ୍ଧାନ ପାଇଁ ୬ ଅଧ୍ୟାପକ ସମ୍ମାନିତ



ଏନ୍ଆଇଟି ପରିସରରେ ସ୍ୱତନ୍ତ୍ର ସ୍ୱାଗତ ସମାରୋହ।

**ରାଉରକେଲା ଅଫିସ, ୧୬।୪**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ରାଉରକେଲା ପୂର୍ବ ଛାତ୍ର ସଂଘ(ନିଟ୍ରା) ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଅନୁଷ୍ଠାନ ପରିସରରେ ଏକ ସ୍ୱତନ୍ତ୍ର ସ୍ୱାଗତ ସମାରୋହ ଆୟୋଜନ କରିଥିଲା। ଏଥିରେ ଏନ୍ଆଇଟି ପୂର୍ବତନ ଛାତ୍ର ତଥା ଭିଲାଇ ଷ୍ଟିଲ ପ୍ଲାଣ୍ଟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅରୁଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ନିଜ ବକ୍ତବ୍ୟରେ କହିଥିଲେ, ନିଟ୍ରା କେବଳ ଗୋଟିଏ ସଙ୍ଗଠନ ନୁହେଁ, ଏହା ଏକ ସ୍ୱପ୍ନ। ଏକ ବିଶ୍ୱାସ । ଏହାକୁ ସାଙ୍ଗରେ ନେଇ ଆଗକୁ ବଢିବାକୁ ହେବ। ସମୟ ଆସିବ ଏହାର ମହତ୍ୱକୁ ସମସ୍ତେ ଉପଲବ୍ଧି କରିବେ। ନିଟ୍ରା ଅଧ୍ୟକ୍ଷ ପ୍ରବୋଧ ପାଢି କହିଥିଲେ, ଏନଆଇଟି ମୋର ସ୍ୱପ୍ନକୁ ସାକାର କରିଛି। ଜାଣିବାର କଳା ଓ ଉପଯୋଗ ବିଧି ହିଁ ମୋତେ ପରିପୂର୍ଣ୍ଣ କରିଛି। ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଆନିମେଶ ବିଶ୍ୱାସ କହିଥିଲେ, ଓଡିଶାର ସର୍ବଶ୍ରେଷ୍ଠ ଅନୁଷ୍ଠାନର ନିର୍ଦ୍ଦେଶକ ଭାବେ ମୁଁ ବିଶେଷ ଗର୍ବିତ। ଆଗାମୀ ଦିନରେ ଏନଆଇଟିକୁ ଶେଷ୍ଠ ସଂସ୍ଥାନ କରିବାକୁ ଆମ ପ୍ରୟାସ ଜାରି ରହିବ ବୋଲି ବିଶ୍ୱାସ କହିଥିଲେ। ସଂଘ ସାଧାରଣ ସମ୍ପାଦକ ପ୍ରଫେସର ଶାନ୍ତନୁ ବେହେରୋ କହିଥିଲେ, ନିଟ୍ରା ହେଉଛି ନିଚ୍ଛକ ଭାଇଚାରାର ପ୍ରତୀକ। ଏଠି କେହି କାହା ପାଇଁ ଅଜଣା ନୁହଁନ୍ତି। ସମସ୍ତେ ମିଳିମିଶି ଏନଆଇଟିର ବିକାଶ କରିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଫେସର ଅର୍ଚ୍ଚନା ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଅଙ୍କିତା ମହାନ୍ତିଙ୍କୁ ଅସୀମ ଚୋଧୁରୀ ମେମୋରିଆଲ ସମ୍ମାନ, ଅଙ୍କିତା ବେହେରାଙ୍କୁ ଦେବାଶିଷ ସାହୁ ମେମୋରିଆଲ ସମ୍ମାନ, ବୈଜ୍ଞାନିକ ଡାକ୍ତର ସୁରେନ୍ଦ୍ର ବିଶ୍ୱାଳଙ୍କୁ ଶୈଳଲତା ମେମୋରିଆଲ ସମ୍ମାନ ସହ ଅନୁସନ୍ଧାନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ନେଇ ପ୍ରଫେସର ବିଦ୍ୟାଧର ସୁବୁଦ୍ଧି, ପ୍ରଫେସର ଦୁର୍ଗାପ୍ରସାଦ ମହାପାତ୍ର, ପ୍ରଫେସର ଶାନ୍ତନୁ ପରିହା, ପ୍ରଫେସର ପ୍ରକାଶନାଥ ବିଶ୍ୱକର୍ମା, ପ୍ରଫେସର ସୁର୍ବତ ପଣ୍ଡା ଓ ଭାସ୍କର କୁଣ୍ଡୁଙ୍କୁ ସମ୍ମାନିତ କରାଯାଇଥିଲା।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

**ବାମରା, ୧୬।୪(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ନିକଟ ଗଡ଼ପୋଷଠାରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଡ଼ପୋଷ ପଞ୍ଚାୟତ ବଡ଼ ଫିନଗିବାହାଲ ଗ୍ରାମର ରୟାନ ହେମ୍ବ୍ରମଙ୍କ ପୁଅ ସଞ୍ଜୀବ (୩୫)। ସେ ମାନସିକ ରୋଗରେ ଆକ୍ରାନ୍ତ ଥିବାବେଳେ ଆଗରୁ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ନେବାକୁ ଘର ଲୋକେ ପ୍ରସ୍ତୁତ ହେଉଥିବାବେଳେ ସୋମବାର ରାତିରେ ସେ ଘର ଝରକା ଭାଙ୍ଗି କେଉଁଆଡ଼େ ପଳାଇଥିଲେ। ବୁଣ୍ଡୁକାମାଲ ପାଖ ରେଳ ଲାଇନ କଡ଼ରୁ ରାଜଗାଙ୍ଗପୁର ଜିଆରପି ମଙ୍ଗଳବାର ତାଙ୍କ ମୃତଦେହ ଜବତ କରିଥିଲା। କୌଣସି ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ସେ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରାଜଗାଙ୍ଗପୁରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଦିଲୀପ ରାୟଙ୍କ ସମର୍ଥକଙ୍କୁ ନେଇ ଦ୍ୱନ୍ଦ୍ୱ

**ରାଉରକେଲା ଅଫିସ, ୧୬।୪**

ଆଉ ଦିନକ ପରେ ଭୋଟ। ଏପରି ଅବସ୍ଥାରେ ରାଉରକେଲାର ପୂର୍ବତନ ବିଧାୟକ ଦିଲ୍ଲୀପ ରାୟଙ୍କ ସମର୍ଥକ କେଉଁ ଆଡକୁ ଢଳିବେ ଆଜି ପର୍ଯ୍ୟନ୍ତ ଚିତ୍ର ସ୍ପଷ୍ଟ ହୋଇପାରୁନି। ଏନେଇ ଅନେକଙ୍କ ମନରେ ଦ୍ୱନ୍ଦ ଦୂର ହେଉନି। ଦିଲ୍ଲୀପଙ୍କ ହାତ ଗଣତି କେଇଜଣ ସମର୍ଥକ ବିଜେଡିରେ ସାମିଲ ହୋଇଥିବାବେଳେ ଏକ ବଡ ଗୋଷ୍ଠୀର ନିରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ରାହ୍ମଣୀ ସେତୁ ଓ ସୁପରସ୍ପେଶିଆଲିଟି ହସ୍‌ପିଟାଲ ନେଇ ଯେଉଁ ଦଳ ସହଯୋଗ କଲାନି ତାକୁ ଭୋଟ ନଦେବାକୁ ପ୍ରଥମେ ଆହ୍ୱାନ ଦେଇଥିବା ଦିଲ୍ଲୀପ ପରେ ମତ ପରିବର୍ତ୍ତନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ଏନେଇ ତାଙ୍କୁ ଅବଗତ କରାଗଲା। ଉପରୋକ୍ତ ଦୁଇ ପ୍ରକଳ୍ପ ନେଇ କେନ୍ଦ୍ର ସରକାରଙ୍କ ପଦକ୍ଷେପ ଓ ଅର୍ଥ ବ୍ୟବସ୍ଥାକୁ ଦ୍ୱିଲ୍ଲୀପ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜ୍ଞାପନ କଲେ। ଏମିତି ଅବସ୍ଥାରେ ତାଙ୍କ ସମର୍ଥକ କାହାକୁ ସମର୍ଥନ ଦେବେ ସେନେଇ ସଂଶୟ ଲାଗି ରହିଛି। ରାଉରକେଲା ଭାଜପା ପ୍ରାର୍ଥୀ ନିହାର ରାୟ ଓ ବିଜେଡି ପ୍ରାର୍ଥୀ ସାରଦା ନାୟକ ଦିଲ୍ଲୀପ ସମର୍ଥକଙ୍କ ଭୋଟ ହାତେଇବାକୁ ଚେଷ୍ଟା ଜାରି ରଖିଛନ୍ତି। ତେବେ ଏଥିରେ କିଏ କେତେ ସଫଳ ହେଉଛି ତାହା ସମୟ ଉପରେ ନିର୍ଭର କରୁଛି।

## ଭାଜପାର ଘରକୁ ଘର ବୁଲି ପ୍ରଚାର

**ରାଉରକେଲା ଅଫିସ, ୧୬।୪**

ରାଉରକେଲାରୁ ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ନିହାର ରାୟଙ୍କ ସମର୍ଥକଙ୍କୁ ନେଇ ମଙ୍ଗଳବାର ଦଳର ପ୍ରମୁଖ କର୍ମୀ ପ୍ରଭାସ ଜେନାଙ୍କ ନେତୃତ୍ୱରେ ଘରକୁ ଘର ବୁଲି ପ୍ରଚାର କରାଯାଇଥିଲା। ବାଜା ବଜାଇ ଦେଓଗାଁ ଅଞ୍ଚଳର ବିଭିନ୍ନ ବସ୍ତି ପରିକ୍ରମା କରାଯାଇଥିଲା। ଏହି ଅବସରରେ ସେମାନେ ଭାଜପାର ସଂକଳ୍ପପତ୍ର ବାବଦରେ ଲୋକଙ୍କୁ ଅବଗତ କରାଇଥିଲେ। ଦଳ କ୍ଷମତାକୁ ଆସିଲେ ଦେଓଗାଁ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ସାଧିତ ହେବ ବୋଲି ଏଥିରେ କୁହାଯାଇଥିଲା। ଶାସକ ଦଳ ସମୟରେ ଅଞ୍ଚଳ ପ୍ରତି କରାଯାଇଥିବା ଅବହେଳା ନେଇ ଉପସ୍ଥିତ ଭାଜପା ନେତା ସମାଲୋଚନା କରିଥିଲେ। ଦଳ କ୍ଷମତାସୀନ ହେଲେ ଦେଓଗାଁ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଏଥିରେ କୁହାଯାଇଥିଲା। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ହାତ ମୁଠାକୁ ଟାଣ କରିବାକୁ ହେଲେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରାଯାଇଥିଲା।



ଦେଓଗାଁ ଅଞ୍ଚଳର ବିଭିନ୍ନ ବସ୍ତି ପରିକ୍ରମା କରୁଛନ୍ତି ଭାଜପା କର୍ମୀ।

# ଗ୍ରାମାଞ୍ଚଳରେ ଚୈତ୍ରପର୍ବ ପାଳିତ

**ଜୁନାଗଡ, ୧୬।୪ (ଡି.ଏନ.ଏ.)**

ଜୁନାଗଡ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ମଙ୍ଗଳବାର ଚୈତପର୍ବମହାସମାରୋହରେ ପାଳିତ ହୋଇଯାଇଛି। ଗାଁର ପୂଝାରୀ (ଝାଙ୍କର)ସମସ୍ତ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ପରମ୍ପରା ଅନୁଯାୟୀ ଗ୍ରାମର ଗୋନ୍ତିଆଙ୍କ ଘରଠୁ ଘଟଗୁଡିକୁ ବାହାର କରାଯାଇଥିଲା। ଏହି ଘଟଗୁଡିକୁ ଗାଁ ସାରା ପରିକ୍ରମା କରାଯାଇଥିଲା।

ଏହି ସମୟରେ ଲୋକମାନେ ଘଟଗୁଡିକୁ ପୂଜା କରିଥିବାବେଳେ କେତେଜଣଙ୍କ ମଧ୍ୟରେ କାଳସି ବିରାଜମାନ ହୋଇଥିଲା। ମଙ୍ଗଳବାର ଅଞ୍ଚଳର ଚିଚୈଗୁଡା ନୂଆଗୁଡା, ବଣ୍ଡାକୁଟ୍ରା, ଛୋରିଆଗଡ, କଳିଆକୁଣ୍ଡଲ, ପିଳିକିଆ, ନକଟିଗୁଡା, ମହିଭର, ବାଲିଛଡା, ଆଟିଗାଁ, ମିଚାଗାଁ, ମସିଗାଁ, ତଳମଲା, ଭେଜିପଦର, ଯମୁନାବାହାଲ ଆଦି ଗ୍ରାମରେ ଘଟ ପରିକ୍ରମା ସମୟରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଗ୍ରାମ ପରିକ୍ରମା ପରେ ସନ୍ଧାରେ ଘଟଗୁଡିକୁ ଠାକୁରାଣୀ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏହି ସମୟରେ ମାନସିକ କରିଥିବା ବ୍ୟକ୍ତିମାନେ କୁକୁଡା, ପାରା, ବତକ, ଗଡରା ଆଦି ବଳି ଦେଇଥିଲେ। ଗାଁର ସବୁ ସମ୍ପ୍ରଦାୟର ଲୋକ ଏହି ପର୍ବରେ ସାମିଲ ହୋଇଥିଲେ।

# ଶେଷ ଦିନରେ ସାରଦାଙ୍କ ପ୍ରଚାର

**ରାଉରକେଲା ଅଫିସ, ୧୬।୪**

ଆସନ୍ତା ୧୮ରେ ମତଦାନ ଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଶେଷ ହୋଇଛି ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟକ୍ରମ। ଏପରି ଅବସ୍ଥାରେ ପ୍ରଚାର ଶେଷ ଦିନରେ ବିଭିନ୍ନ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଥିଲା। ସହରରେ ମାଳମାଳ ଗାଡି ଓ କାନଫଟା ସ୍ଲୋଗାନ ଶୁଣିବାକୁ ମିଳିଥିଲା। ନିଜ ପ୍ରାର୍ଥୀଙ୍କ ସପକ୍ଷରେ ମତଦାତାଙ୍କୁ ମନାଇବାକୁ ଶେଷ ଚେଷ୍ଟା କରିଥିଲେ ସମର୍ଥକ। ଶାସକ ବିଜେଡି ପ୍ରାର୍ଥୀ ସରକାରଙ୍କ ଜନହିତକର ଯୋଜନା ଓ ପ୍ରାର୍ଥୀଙ୍କ ଦକ୍ଷତା ନେଇ ଲୋକଙ୍କୁ ବୁଝାଇଥିଲେ। ବିରୋଧି କଂଗ୍ରେସ ଓ ଭାଜପା ପକ୍ଷରୁ ପରିବର୍ତ୍ତନ ସ୍ୱରକୁ ଶାଣିତ କରାଯିବା ଶୁଣାଯାଇଥିଲା। କର ମର ସ୍ଥିତିରେ ସମସ୍ତେ ଲାଗି ପଡିଥିଲେ ଶେଷ ସୁଯୋଗ ହାତେଇବାକୁ। ଏହି ଅବସରରେ ରାଉରକେଲା ବିଜେଡି ପ୍ରାର୍ଥୀ ସାରଦା ନାୟକ ବିଭିନ୍ନ ସାହିବସ୍ତି ବୁଲି ପ୍ରଚାର କରିବା ଦେଖା ଯାଇଥିଲା। ଗଳିକନ୍ଦି ବୁଲି ନିଜ ସମର୍ଥକଙ୍କ ସହ ସେ ଦଳ ସପକ୍ଷରେ ମତଦାନ କରିବାକୁ ନିବେଦନ କରିବା ଶୁଣାଯାଇଥିଲା।



ବିଜେଡି ପ୍ରାର୍ଥୀ ସାରଦା ନାୟକ ବିଭିନ୍ନ ସାହିବସ୍ତି ବୁଲି ପ୍ରଚାର କରୁଛନ୍ତି।

କୋର୍ଟ ପରିସରରେ ମହୁମାଛି ଆକ୍ରମଣ

## ୫ରୁ ଉର୍ଦ୍ଧ୍ୱ ଆହତ, ୩ ଘଣ୍ଟା ଅଘୋଷିତ କୋର୍ଟ ବନ୍ଦ

**ନୂଆପଡା ଅଫିସ/ବୋଡେନ, ୧୬।୪**

ନୂଆପାଡ଼ା ଜିଲା ବୋଡେନ ବ୍ଲକ ସଦର ମହକୁମାରେ ଥିବା ଜେଏମଏଫସି କୋର୍ଟ ପରିସରରେ ଆକସ୍ମିକ ଭାବେ ମହୁମାଛି ଆକ୍ରମଣ କରିବାରୁ ୫ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଇଛି । ଅନ୍ୟପଟେ କୋର୍ଟ ଏବଂ ବାର ଆସୋସିଏଶନ ଘରଗୁଡିକୁ କବାଟ ବନ୍ଦ କରି ଦିଆଯାଇଥିବାରୁ ଦୀର୍ଘ ୩ ଘଣ୍ଟା ଧରି କୋର୍ଟକାମ ବନ୍ଦ ହୋଇଥିଲା। ମଙ୍ଗଳବାର ସକାଳ ସାଢେ ୭ଟାବେଳେ କୋର୍ଟ ଖୋଲା ଯିବାବେଳକୁ ମହୁମାଛିମାନେ ମାଡି ଆସିଥିଲେ । ଲୋକଙ୍କୁ ଗୋଡାଇବା ଫଳରେ ଦୌଡି ପଳାଇଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ ଯୁଧିଷ୍ଠିର ମେହେର, କୋର୍ଟ ପିଅନ ବ୍ରଜବନ୍ଧୁ ମହାରଣା, ଜାମଗାଁରୁ ଆସିଥିବା ଦୁଇଜଣ କ୍ଲାଏଣ୍ଟଙ୍କୁ ମହୁମାଛି କାମୁଡିବାରୁ ଗୁରୁତର ଭାବେ ଆହତ ହୋଇଛନ୍ତି ।

# କୁସୁମ, ଯୋଗେଶଙ୍କ ପାଇଁ ସମ୍ମାନର ପ୍ରଶ୍ନ

**ସୁନ୍ଦରଗଡ଼, ୧୬।୪ (ଡି.ଏନ୍.ଏ.)**

ଅନ୍ୟ ନିର୍ବାଚନ ଅପେକ୍ଷା ଚଳିତ ସାଧାରଣ ନିର୍ବାଚନରେ ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଛି। ବିଶେଷକରି ଭାଜପା ପ୍ରାର୍ଥିନୀ କୁସୁମ ଟେଟେ ଓ ବିଜେଡ଼ି ପ୍ରାର୍ଥୀ ଯୋଗେଶ ସିଂଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଅନୁଷ୍ଠିତ ୧୫ଟି ନିର୍ବାଚନରେ ଏହି ଆସନରେ ସର୍ବାଧିକ ୭ଥର କଂଗ୍ରେସ ବିଜୟୀ ହୋଇଆସିଥିବା ବେଳେ ଗତ ୨୦୦୯ ଓ ୨୦୧୪ ରେ ଯୋଗେଶ ସିଂ କଂଗ୍ରେସ ଟିକଟରେ ଲଗାତାର ୨ଥର ବିଧାୟକ ହୋଇଥିଲେ। ଚଳିତ ନିର୍ବାଚନରେ ସେ କଂଗ୍ରେସ ଛାଡି ବିଜେଡି ଟିକେଟରେ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ସେ ବିଜୟୀ ହୋଇ ହ୍ୟାଟ୍ରିକ କରିବାର ଆଶା ରଖିଛନ୍ତି। ସେହିପରି ଗତ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଭାବେ କୁସୁମ ଟେଟେ ଯୋଗେଶ ସିଂଙ୍କଠାରୁ ପରାଜିତ ହୋଇଥିଲେ। ତଥାପି ଗତ ୫ବର୍ଷ ବିଜେଡି ସଙ୍ଗଠନକୁ ମଜଭୁତ କରି ନିଜର ସ୍ଥିତି ନିର୍ବାଚନ ମଣ୍ଡଳୀରେ ସୁଦୃଢ କରିଥିଲେ। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ଓ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ। ହେଲେ ଚଳିତ ନିର୍ବାଚନରେ ତାଙ୍କୁ ବିଜେଡିରେ ଟିକେଟ ନ ମିଳିବାରୁ ସେ ଭାଜପାରେ ଯୋଗଦେଇ ନିର୍ବାଚନ ଲଢୁଛନ୍ତି। ସେହିପରି କଂଗ୍ରେସରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳ ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି। ଗୋବିନ୍ଦ ଚନ୍ଦ୍ର ଭୋଇ ହିନ୍ଦୁସ୍ଥାନ ନିର୍ମାଣ ଦଳରୁ ପ୍ରାର୍ଥୀ ହୋଇଛନ୍ତି। ଏହି ଆସନରେ ମୋଟ ୪ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବ ବୋଲି କୁହାଯାଉଛି। ତେବେ ମୁଖ୍ୟତଃ ଭାଜପା ପ୍ରାର୍ଥିନୀ କୁସୁମ ଟେଟେ ଓ ବିଜେଡି ପ୍ରାର୍ଥୀ ଯୋଗେଶ ସିଂଙ୍କ ମଧ୍ୟରେ କଡା ମୁକାବିଲା ହେଉଛି। ଉଭୟ ପ୍ରାର୍ଥୀଙ୍କ ଧୂଆଁଧାର ପ୍ରଚାର ଓ ରଣ କୌଶଳ ଯୋଗୁ ହାରଜିତର ବ୍ୟବଧାନ କମ ହେବାର ସମ୍ଭାବନା ରହିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ସ୍ୱଚ୍ଛଶାସନ ଓ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ନିର୍ବାଚନରେ ବିଜୟୀ ହେବେ ବୋଲି ଯୋଗେଶ ଦୃଢୋକ୍ତି ବାଢୁଥିବାବେଳେ ଭାଜପା ପ୍ରାର୍ଥିନୀ କୁସୁମ ବିଜେଡିରୁ ଟିକେଟ ନ ମିଳିବା ନେଇ ଭୋଟରଙ୍କ ଠାରୁ ସମବେଦନା ଭୋଟ ହାତେଇବା ସହ କେନ୍ଦ୍ରର ମୋଦି ସରକାରଙ୍କ ଯୋଜନା ଆଧାରରେ ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି। ଯୋଗେଶ ନବୀନଙ୍କ ଭରସାରେ ଓ କୁସୁମ ମୋଦିଙ୍କ ଭରସାରେ ଭୋଟ ହାତେଇବା ପାଇଁ ଯୋଜନା ରଖିଥିବା ବେଳେ କଂଗ୍ରେସ ପ୍ରାର୍ଥିନୀ ଅମିତା କଂଗ୍ରେସର ପାରମ୍ପରିକ ଭୋଟ ସାଙ୍ଗକୁ ବାପା ହେମାନନ୍ଦଙ୍କ ଜନସମ୍ପର୍କ ଆଧାରରେ ଭୋଟରଙ୍କ ଆସ୍ଥା ଭାଜନ ହୋଇ କଂଗ୍ରେସ ଗଡରକ୍ଷା ନିମନ୍ତେ ଆଶାବାନ୍ଧିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ବିଶେଷକରି ଭୂୟାଁ ଓ ଅଘରିଆମାନଙ୍କର ଭୋଟ ନିର୍ଣ୍ଣାୟକ ହୋଇଥିବା ବେଳେ ଏହି ନିର୍ବାଚନରେ କେଉଁ ପ୍ରାର୍ଥୀ ନିଜ ସପକ୍ଷରେ ଏହି ଭୋଟ ନେବାରେ ସଫଳ ହେବେ ତାହା ଦେଖିବାକୁ ବାକି ରହିଛି । ଅନୁସୂଚିତ ଜନଜାତିଙ୍କ ସକାଶେ ସଂରକ୍ଷିତ ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୨ଲକ୍ଷ ୩୧ହଜାର ୭୧୩ଜଣ ଭୋଟର ରହିଛନ୍ତି। ଏଥିମଧ୍ୟରେ ୧ଲକ୍ଷ ୧୬ ହଜାର ୨୨୫ଜଣ ମହିଳା, ୧ଲକ୍ଷ ୧୫ ହଜାର ୪୭୭ ପୁରୁଷ ଓ ଅନ୍ୟାନ୍ୟ ୧୧ଜଣ ଭୋଟର ରହିଛନ୍ତି। ଭୋଟରଙ୍କ ମତଦାନ ପାଇଁ ୨୯୬ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା ରହିଛି।

**ସୁନ୍ଦରଗଡ଼ ବିଧାନସଭା ଆସନ**



ଅମିତା ବିଶ୍ୱାଳ।



ଯୋଗେଶ ସିଂ



କୁସୁମ ଟେଟେ



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ଜୟଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍
#### ଅଭିଯୁକ୍ତ ନାବାଳକ ଧରାପଡ଼ିଲେ

ସମ୍ବଲପୁର,୧୬।୪(ବ୍ୟୁରୋ)
ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ ହୋଇଥିଲା। ପ୍ରାୟ ୧୫ ଦିନ ତଳେ କେହି ତାଙ୍କ ଆକାଉଣ୍ଟ ହ୍ୟାକ୍ କରିଥିବା ମିଶ୍ର ଟାଉନଥାନରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଜଣେ ନାବାଳକଙ୍କୁ କବ୍‌ଜାକୁ ନେଇଛି। ମିଶ୍ରଙ୍କ ଫେସ୍‌ବୁକ ଆକାଉଣ୍ଟକୁ ଯାଇ ନାବାଳକ ଜଣକ ପାସ୍‌ୱାର୍ଡ ପରିବର୍ତ୍ତନ କରିଦେଇଥିଲେ ବୋଲି ଜଣାପଡ଼ିଛି। ମିଶ୍ରଙ୍କ ଫେସ୍‌ବୁକ୍ ଆକାଉଣ୍ଟ ମାଧ୍ୟମରେ ସେ କେତେଜଣଙ୍କୁ ଟଙ୍କା ମଧ ମାଗିଥିଲେ। ଏହି ଖବର ପାଇ ମିଶ୍ର ଥାନାରେ ଅଭିଯୋଗ କରିଥିଲେ।

### ସଭା ପରେ ବିଶ୍ରାମ ନେଲେ ମୋଦି

ସମ୍ବଲପୁର, ୧୬।୪ (ବ୍ୟୁରୋ):
ସମ୍ବଲପୁରରେ ଭାଜପା ବିଜୟ ସଙ୍କଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇଥିଲେ। ମୋଦିଙ୍କ ପ୍ରାୟ ଅଧଘଣ୍ଟା ଉଦ୍‌ବୋଧନ ପରେ ସଭା ଶେଷ ହୋଇଥିଲା। ପରେ ମୋଦି ସଭାସ୍ଥଳରେ ନିର୍ମିତ ବିଶ୍ରାମାଗାରକୁ ଯାଇଥିଲେ। ସେଠାରେ ପ୍ରାୟ ଅଧଘଣ୍ଟା ବିଶ୍ରମ ନେବା ପରେ ମୋଦି ପୁଣି ହେଲିକପ୍ଟର ଯୋଗେ ବାହାରି ଯାଇଥିଲେ। ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବାରୁ କିଛି ସମୟ ବିଶ୍ରାମ ନେଇଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ସାଧାରଣ ନିର୍ବାଚନ ପ୍ରସ୍ତୁତି

# ପ୍ରଚାର ଶେଷ, ବୁଥ୍ ଅଭିମୁଖେ ପୋଲିଂ କର୍ମଚାରୀ

ଝାରସୁଗୁଡା ଅଫିସ,୧୬।୪
ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। କେବଳ ଭୋଟ ଗ୍ରହଣକୁ ଅପେକ୍ଷା। ମଙ୍ଗଳବାର ନିର୍ବାଚନ ପାଇଁ ନିୟୋଜିତ ସରକାରୀ କର୍ମଚାରୀମାନେ ବୁଥ୍ ଅଭିମୁଖେ ଯାଇଛନ୍ତି। ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲରେ ହୋଇଥିବା ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌ରେ ପୁଲିଂ କର୍ମଚାରୀ ଏକାଠି ହୋଇଥିଲେ। ସେଠାରୁ ଇଭିଏମ୍ ସଂଗ୍ରହ କରିବା ସହ ସନ୍ଧ୍ୟାସୁଦ୍ଧା ପୁଲିଂ କର୍ମଚାରୀ ବୁଥରେ ପହଞ୍ଚିଥିବା ରିଟର୍ଣ୍ଣିଂ ଅଫିସର ଶିବ ଟପ୍ପୋ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶାନୁସାରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରାର୍ଥୀଙ୍କ ପ୍ରଚାର ମଧ ଶେଷ ହୋଇଛି। ଏବେ ଭୋଟରଙ୍କ ହାତରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଭର କରୁଛି। କାହାକୁ ଜିତାଇବେ, କାହାକୁ ହରାଇବେ ତାହା ମତଦାନ ପରେ ଜଣାପଡିବ। ପ୍ରତି ପୁଲିଂ ଟିମ୍‌ରେ ଜଣେ ପ୍ରିଜାଇଡିଂ ଅଫିସରଙ୍କୁ ମିଶାଇ ମୋଟ ୬ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏହିପରି ଭାବେ ୫୧୦ ବୁଥ୍ ମଧ୍ୟରୁ ଦୁଇ ପିଙ୍କ୍ ବୁଥ୍‌କୁ ବାଦଦେଇ ଅନ୍ୟ ୫୦୮ଟି ବୁଥ୍‌ର ୩୦୪୮ ପୁଲିଂ ଷ୍ଟାଫ୍ ମଙ୍ଗଳବାର ଇଭିଏମ୍ ଓ ଭିଭିପିଏଟି ମେସିନ୍ ନେଇ ବୁଥ୍ ଅଭିମୁଖେ ଗସ୍ତ କରିଛନ୍ତି। ତାଙ୍କ ସହ ନିୟୋଜିତ ପୋଲିସ କର୍ମଚାରୀ ମଧ ବୁଥ୍‌କୁ ଯାଇଛନ୍ତି। ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି। ଜିଲାରେ ୫୧୦ଟି ବୁଥ୍ ମଧ୍ୟରୁ ୧୦୩ଟି କ୍ରିଟିକାଲ ବୁଥ୍ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଜିଲା ପୋଲିସ ପକ୍ଷରୁ ୪୫ଟି ମୋବାଇଲ ପାର୍ଟି ଗଠନ କରାଯାଇଛି। ପ୍ରତ୍ୟେକ ଥାନାକୁ ଗୋଟିଏ ସେକ୍ଟର ଭାବେ ବିବେଚନା କରାଯାଇ ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପାଇଁ ଜଣେ ଲେଖାଏଁ ଅତିରିକ୍ତ ଏସ୍‌ପି, ୩ ଜଣ ଲେଖାଏଁ ଡିଏସ୍‌ପି ନିୟୋଜିତ ହେବା ସହ ୨୩ ଜଣ ଇନସ୍ପେକ୍ଟର, ୭୪ ଜଣ ସବଇନସ୍ପେକ୍ଟର, ୪୫ ହାଭିଲଦାର, ୧୫୭ ଜଣ କନଷ୍ଟେବଲ, ୯୨ ଓଏସ୍‌ଏଫ, ୧୧୬ ଜଣ ଏପିଆର, ୨୮୨ ଗୃହରକ୍ଷୀ, ୧୮୮ ଗ୍ରାମରକ୍ଷୀ, କେନ୍ଦ୍ରୀୟ ସୁରକ୍ଷାକର୍ମୀ ୧୬୦ ଜଣ, ୧୨ ପ୍ଲାଟୁନ୍ ଓଏସ୍‌ଏପି ବାଟାଲିୟନ ସମେତ ଗୋଟିଏ ପ୍ଲାଟୁନ୍ ସିଆରପିଏଫ୍ ନିୟୋଜିତ ରହିବେ ବୋଲି ଏସ୍‌ପି ଅଶ୍ୱିନୀକୁମାର ମହାନ୍ତି କହିଛନ୍ତି। ସେହିପରି ଆନ୍ତଃରାଜ୍ୟ ସୀମାନ୍ତ ଅଞ୍ଚଳର ତିନୋଟି ପ୍ରବେଶ ପଥରେ ଏବଂ ଆନ୍ତଃଜିଲା ୩ଟି ପ୍ରବେଶ ପଥରେ ନାକାପୋଷ୍ଟ ଏବଂ ସିସି ଯାଞ୍ଚ ଚାଲିଛି। ଅପରାଧିକ କାର୍ଯ୍ୟକଳାପ, ଟଙ୍କା ନେବାଆଣିବା, ମାରଣାସ୍ତ୍ର, ମାଦକଦ୍ରବ୍ୟ ଭଳି ନିର୍ବାଚନକୁ ପ୍ରଭାବିତ କରୁଥିବା ଜିନିଷ ଉପରେ କଡା ନଜର ରଖାଯାଇଛି ବୋଲି ଏସପି ମହାନ୍ତି କହିଛନ୍ତି।

#### କଡା ସୁରକ୍ଷା ବଳୟରେ ଝାରସୁଗୁଡା ଜିଲା




ପୋଲିଂ କର୍ମଚାରୀ ଇଭିଏମ୍ ନେଇ ବୁଥ୍ ଅଭିମୁଖେ ଯାଉଛନ୍ତି।

### ପୋଲିସ-ଧର୍ମେନ୍ଦ୍ର ବଚସା

ସମ୍ବଲପୁର,୧୬।୪(ବ୍ୟୁରୋ)
ଏକ ରୋଡ୍ ଶୋରେ ଯୋଗଦେବା ପାଇଁ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ସମ୍ବଲପୁର ଗସ୍ତରେ ଆସିଥିଲେ। ବରଗଡ଼ର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର କରି ପ୍ରଧାନ ଅପରାହ୍ନ ପ୍ରାୟ ୪ଟାରେ ହେଲିକପ୍ଟର ଯୋଗେ ସମ୍ବଲପୁର ପହଞ୍ଚିଥିଲେ। ଏମ୍‌ସିଏଲ୍ ହେଲିପ୍ୟାଡ୍‌ରେ ସେ ଅବତରଣ କରିବାକୁ ବ୍ୟବସ୍ଥା କରାଯାଇଥିଲା। ଏହି ସମୟରେ କଡ଼ା ପୋଲିସ ସୁରକ୍ଷା ବ୍ୟବସ୍ଥା ରହିଥିଲା। ତେବେ ହେଲିପ୍ୟାଡ୍‌ରେ ପ୍ରଧାନ ଓହ୍ଲାଇବା ପରେ ସେଠାରେ ଉପସ୍ଥିତ ଫ୍ଲାଇଂ ସ୍କ୍ୱାଡ୍ ପ୍ରଧାନଙ୍କ ବ୍ୟାଗଗୁଡ଼ିକ ଯାଞ୍ଚ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ କିଛି ସମୟ ପ୍ରଧାନଙ୍କ ସହ ସେଠାରେ ଉପସ୍ଥିତ ଏସ୍‌ଡିପିଓ ଶିଶୁରଞ୍ଜନ ମହାପାତ୍ର ଏବଂ ବୁର୍ଲା ଥାନା ଅଧିକାରୀ ବିଭୂତି ଭୂଷଣ ଭୋଇଙ୍କ ବଚସା ହୋଇଥିଲା। ପରେ ଯାଞ୍ଚ କରିବାକୁ ପ୍ରଧାନ ରାଜି ହୋଇଥିଲେ। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ ପୋଲିସ ଅଧିକାରୀ କଥା ହେଉଥିବା ବେଳେ ପ୍ରଧାନ ତାଙ୍କ ଉପରେ ରାଗ ତମତମ ହେଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ନେଇ ଏସ୍‌ଡିପିଓ ମହାପାତ୍ର କହିଛନ୍ତି ଯେ ଫ୍ଲାଇଂ ସ୍କ୍ୱାଡ୍ ଯାଞ୍ଚ କରିଥିଲେ। ହେଲିପ୍ୟାଡ୍ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ଉପସ୍ଥିତ ଥିଲା। ସେମିତି କିଛି ବଡ଼ ଘଟଣା ହୋଇ ନାହିଁ ବୋଲି ମହାପାତ୍ର କହିଥିଲେ।

## ନବବଧୂଙ୍କ ଅସ୍ୱାଭାବିକ ମୃତ୍ୟୁ
### ତଦନ୍ତ ଦାବିକଲେ ବାପଘର ଲୋକେ



ରେମେଣ୍ଡା ଗ୍ରାମରେ ପୋଲିସ୍ ପହଞ୍ଚି ତଦନ୍ତ କରୁଛି।

ଲଖନପୁର,୧୬।୪(ଡି.ଏନ୍.ଏ.)
ଝାରସୁଗୁଡା ଜିଲା ଲଖନପୁର ଥାନା ଅଧୀନ ରେମଣ୍ଡା ଗ୍ରାମର ଗୁଠେନ୍‌ପଡାରେ ସୋମବାର ରାତିରେ ଜଣେ ନବବଧୂଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ସେ ହେଲେ କୁନୁ ଖିଲେଇଙ୍କ ସ୍ତ୍ରୀ ପଙ୍କଜିନୀ ଖିଲେଇ(୨୧)। ଖବରପାଇ ଲଖନପୁର ଥାନା ପୋଲିସ୍ ଗ୍ରାମରେ ପହଞ୍ଚି ନବବଧୂଙ୍କ ମୃତଦେହ ଜବତ କରିଛି । ମାଜିଷ୍ଟ୍ରେଟ୍ ତଥା ଲଖନପୁର ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ୍ ହସ୍ତାନ୍ତର କରିଛି । ତେବେ ନବବଧୂଙ୍କ ବାପା ଝିଅର ଅସ୍ୱାଭାବିକ ମୃତ୍ୟୁକୁ ନେଇ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତ ଶ୍ୱଶୁରଘର ଲୋକଙ୍କ ବିରୋଧରେ ଆଇନ୍ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ପୋଲିସ୍ ଏ ନେଇ ଲଖନପୁର ଥାନାରେ ଏକ ଅପମୃତ ମାମଲା (ନଂ.୩/୧୯) ରୁଜୁ କରି ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ପୋଲିସ୍ ଅଧିକାରୀ ଜି.ଆର୍. ସା କହିଛନ୍ତି।

ରେମଣ୍ଡାର କୁନୁ ଖିଲେଇ ଝାରସୁଗୁଡାର ପଙ୍କଜିନୀଙ୍କୁ ଗତ ଜୁଲାଇ ମାସରେ ବିବାହ କରିଥିଲେ । ସୋମବାର ରାତିରେ କୁଲରରେ ପାଣି ଭରିବାକୁ ନେଇ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲା । କୁନୁ ରାଗରେ ଘରେ ନ ଶୋଇ ବାହାରେ ଶୋଇଥିଲେ । ସ୍ତ୍ରୀ ପଙ୍କଜିନୀ ଏକାକି ଘରେ ଶୋଇଥିଲେ । ପଙ୍କଜିନୀ ଏକ ଟାୱେଲ୍ ବେକରେ ଫାସ କରି ଘର ଭିତରେ ଝୁଲି ପଡିଥିଲେ । ମଙ୍ଗଳବାର ଭୋରରୁ ପଙ୍କଜିନୀଙ୍କ ଶାଶୁ ଏହା ଦେଖି ପୁଅକୁ ଡାକିଥିଲେ। କୁନୁ ମୃତଦେହକୁ ତଳକୁ ଓହ୍ଲାଇଥିଲେ । ଏହାପରେ ପଙ୍କଜିନୀଙ୍କ ବାପାଘର ଲୋକଙ୍କୁ ଏମାନେ ଖବର ଦେଇଥିଲେ । ଖବର ପାଇ ପଙ୍କଜିନୀଙ୍କ ବାପଘର ଲୋକେ ରେମଣ୍ଡାରେ ପହଞ୍ଚି ଥିଲେ । ହେଲେ ପାରିପାର୍ଶିକ ସ୍ଥିତିକୁ ଦେଖିଲେ ପଙ୍କଜିନୀ ନିଜେ ବେକରେ ଟାୱେଲ୍‌ବାନ୍ଧି ଆତ୍ମହତ୍ୟା କରିବାକୁ ନେଇ ବାପଘର ଓ ଗାଁଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଣୁ ବାପଘର ଲୋକେ ଏହାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

## ପରିବାର ସଦସ୍ୟଙ୍କ ମାଡ଼ରେ ଚୋର ମୃତ
### ଡାକ୍ତରଖାନାରେ ଉତ୍ତେଜନା, ୩ ଅଟକ

ଝାରସୁଗୁଡା ଅଫିସ,୧୬।୪
ଝାରସୁଗୁଡା ସହରରେ ସୋମବାର ବିଳମ୍ବିତ ରାତିରେ ଚୋରି କରିବା ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତିଙ୍କ ଘରେ ପଶିଥିବା ଜଣେ ଯୁବକଙ୍କୁ ଘର ପରିବାରର ସଦସ୍ୟମାନେ ପିଟିଥିବା ଅଭିଯୋଗ ହୋଇଛି। ଫଳରେ ମଙ୍ଗଳବାର ସକାଳେ ଉକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଓରାମପଡାର ବିକି ସୁନା(୨୬)। ଏହାକୁ ନେଇ ଡାକ୍ତରଖାନା ପରିସରରେ ମଙ୍ଗଳବାର ଉତ୍ତେଜନା ଲାଗି ରହିଥିଲା। ପୋଲିସ ବୁଝାସୁଝା କରି ତଦନ୍ତ ପୂର୍ବକ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା। ଅନ୍ୟପକ୍ଷରେ ବିକିକୁ ମାଡ ମାରିବା ଅଭିଯୋଗରେ ମାଟିପଡାର ଶିବ ବିହାରୀ ପାଲଙ୍କ ପରିବାରର ୩ ସଦସ୍ୟଙ୍କୁ ଅଟକ ରଖାଯାଇଥିବା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି କହିଛନ୍ତି।

ପୋଲିସ ସୂଚନା ମୁତାବକ, ସୋମବାର ରାତି ପ୍ରାୟ ସାଢେ ଗୋଟାଏରେ ବିକି ସୁନା ମାଟିପଡାର ଶିବ ପାଲଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନା ଅଳଙ୍କାର ଚୋରି ଉଦ୍ୟମ କରିଥିଲେ। ସେ ଚିତ୍କାର କରିବାରୁ ପୁଅ ବିନୋଦ ଏବଂ ଗଣେଶ ଉଠିଯାଇ ବିକିଙ୍କୁ କାବୁ କରିଥିଲେ। ଘର ଭିତରେ ବିକିଙ୍କୁ ରଶିରେ ବାନ୍ଧି ଠେଙ୍ଗାରେ ପିଟିଥିବା ପୋଲିସ କହିଛି। ଏହାପରେ ଘଟଣା ସମ୍ପର୍କରେ ଶିବ ପାଲଙ୍କ ପରିବାର ପୋଲିସକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ବିକିଙ୍କୁ ଉଦ୍ଧାର କରିବା ସହ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଏକ୍ସ-ରେ କରିବାକୁ କହି ବିକିଙ୍କୁ ଫେରାଇ ଦେଇଥିଲେ। ରାତିରେ ବିକିଙ୍କୁ ଥାନାରେ ରଖାଯାଇଥିଲା। ସକାଳେ ବିକିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ବିକିଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ବୁର୍ଲାରେ ପୁନଶ୍ଚ ବ୍ୟବଚ୍ଛେଦ କରିବା ସହ ନିରପେକ୍ଷ ତଦନ୍ତ କରିବାକୁ ବିକିଙ୍କ ପରିବାର ଦାବି କରିଛନ୍ତି।



ଝାରସୁଗୁଡା ଜିଲା କୋଲାବିରା ନିକଟସ୍ଥ କୁମ୍ଭାରପଡାସ୍ଥିତ ହନୁମାନ ମନ୍ଦିରରେ ରାମଲୀଳା ଉତ୍ସବର ଏକ ଦୃଶ୍ୟ...।

## ସୋନ ସେତୁ ଉପରୁ ମୃତଦେହ ଉଦ୍ଧାର

ଉଦଳା, ୧୬।୪ (ଡି.ଏନ.ଏ.)
ମୟୂରଭଞ୍ଜ ଜିଲା ଉଦଳା ଅଠଣଗାଁ ରାସ୍ତାର ସୋନ ସେତୁ ଉପରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଉଦଳା ଥାନା ପୋଲିସ ମଙ୍ଗଳବାର ସକାଳେ ଉଦ୍ଧାର କରିଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୧୯ )ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଉଦଳା ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି । ପ୍ରାଥମିକ ତଦନ୍ତ ପରେ ପୋଲିସ ମୃତଦେହକୁ ଚିହ୍ନଟ କରିଥିବା କହିଛି। ଏହି ମୃତକ ହେଲେ କପ୍ତିପଦା ଥାନା ହରଡଡାହି ଗ୍ରାମର ବୁଦ୍ଧିଆ ନାଏକ(୫୦)। ସେ ସୋମବାର ସନ୍ଧ୍ୟାରେ ନିଜ ଘରୁ ବାହାରି ଉଦଳା ଅଭିମୁଖେ ଆସିଥିଲେ। ପରେ ରାତିରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ କିଛି ସନ୍ଧାନ ପାଇ ନ ଥିଲେ ବୋଲି ମୃତକଙ୍କ ପୁଅ ପୋଲିସ୍‌କୁ କହିଛି । ବୁଦ୍ଧିଆଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ । କେହି କେହି ଏହାକୁ ଦୁର୍ଘଟଣା ଜନିତ ମୃତ୍ୟୁ କହୁଥିବା ବେଳେ ଅନ୍ୟମାନେ ନାନା ସନ୍ଦେହ ବ୍ୟକ୍ତ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ବିଜେଡି-କଂଗ୍ରେସ କର୍ମୀ ମୁହାଁମୁହିଁ

ରେଢ଼ାଖୋଲ,୧୬।୪(ଡି.ଏନ୍.ଏ.)
ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରଚାରକୁ ଜୋରଦାର କରିଛି। ମଙ୍ଗଳବାର ଅପରାହ୍ନରେ ଶତାଧିକ କର୍ମୀ ବାଇକ୍ ଶୋଭାଯାତ୍ରାରେ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ଶୋଭାଯାତ୍ରା ଚାଲିଥିବା ବେଳେ ସହରର ଖନ୍ଦାଡ଼ିପ ଛକରେ ବିଜେଡି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୁଇ ଦଳର କର୍ମୀ ହାତାହାତି ହୋଇଥିବା ଜଣାପଡ଼ିଛି। ଉଭୟ ପକ୍ଷ ଥାନା ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ସହ ଅଧିକ ଉତ୍ତେଜନା ଏଡ଼ାଇବା ଖନ୍ଦାଡ଼ିପ ଛକରେ ଫୋର୍ସ ମୁତୟନ କରିଛି। ଏବେ ପରିସ୍ଥିତି ଶାନ୍ତ ରହିଛି। ସୂଚନାଯୋଗ୍ୟ, ଏହି ବାଇକ୍ ଶୋଭାଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଶରତ ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ଆସଫଅଲ୍ଲୀ ଖାଁ, ପୂର୍ବତନ ପିସିସି ସମ୍ପାଦକ ସତ୍ୟେନ୍ଦ୍ର ନାରାୟଣ ବହିଦାର, ଜିଲା ସଭାପତି ଅଶ୍ୱିନୀ ଗୁରୁ, ବିପିନ ପ୍ରଧାନ, ଗୌରୀଶଙ୍କର ପାତ୍ର, ସୁନୀଲ ପ୍ରଧାନ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

#### ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା
## ରେଢ଼ାଖୋଲରେ ୧,୯୮,୮୯୭ ଭୋଟର

ରେଢ଼ାଖୋଲ,୧୬।୪(ଡି.ଏନ୍.ଏ.)
ଏପ୍ରିଲ ୨୩ରେ ହେବାକୁ ଥିବା ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ସ୍ଥାନୀୟ ଭୀମ ଭୋଇ କଲେଜରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ବିଶିକେଶନ ଦେହୁରୀ ସୂଚନା ଦେଇ କହିଛନ୍ତି ଯେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ମୋଟ ୧ ଲକ୍ଷ ୯୮ ହଜାର ୮୯୭ ଭୋଟର ରହିଛନ୍ତି। ଏମାନଙ୍କ ମଧରେ ୧ ଲକ୍ଷ ୩୫୪ ପୁରୁଷ, ୯୮ ହଜାର ୫୦୯ ମହିଳା ଭୋଟର ଥିବାବେଳେ ୨୪ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ୨୦୧୪ ନିର୍ବାଚନରେ ୧ଲକ୍ଷ ୭୪ ହଜାର ୫୨୬ ଭୋଟର ଥିବାବେଳେ ୨୦୧୯ରେ ୨୪ ହଜାର ୩୭୧ ଜଣ ନୂଆ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ସେହିପରି ୨୦୧୪ରେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ବୁଥ୍ ସଂଖ୍ୟା ୨୩୮ ଥିବା ବେଳେ ୨୦୧୯ରେ ଏହା ବୃଦ୍ଧିପାଇ ୨୪୭ କରାଯାଇଛି। ରେଢ଼ାଖୋଲ ସହରର ବୁଥ ନଂ ୧୭୪ (ଗୌରଚନ୍ଦ୍ର ହାଇସ୍କୁଲ)କୁ ପିଙ୍କ୍ ବୁଥ୍ ଭାବେ ଗଠନ କରାଯାଇଛି। ଏହି ବୁଥ୍‌ରେ କେବଳ ମହିଳା କର୍ମଚାରୀ ନିୟୋଜିତ ହେବେ ଓ ସେମାନେ ନିର୍ବାଚନ ପରିଚାଳନା କରିବେ ବୋଲି ଦେହୁରୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ତହସିଲଦାର ରୁବି ବେହେରା, ବିଡିଓ ପରୀକ୍ଷିତ ସାହୁ, ଏସ୍‌ଡିପିଓ ଗଜେନ୍ଦ୍ର ବାରିକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହାରାଧନ ମେଣ୍ଡଲୀ ପ୍ରମୁଖ ଉପସ୍ଥିତ ଥିଲେ।

#### ବରିଷ୍ଠ କର୍ମୀଙ୍କୁ ବିଜେଡିରେ ଅଣଦେଖା
# ଦୁଇ ଗୋଷ୍ଠୀ ମଧରେ ପାଟିତୁଣ୍ଡ, ଠେଲାପେଲା

ବାମରା,୧୬।୪(ସ୍ୱ.ପ୍ର.)
କିଛିମାସ ତଳେ ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ଦଳ ପକ୍ଷରୁ ତାଙ୍କୁ କୁଚିଣ୍ଡା ନିର୍ବାଚନମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ନିର୍ବାଚନମଣ୍ଡଳୀର ବରିଷ୍ଠ କର୍ମୀଙ୍କୁ ଅଣଦେଖା କରାଯାଇ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଅନ୍ୟ ଜିଲା କର୍ମୀଙ୍କୁ ଦାୟିତ୍ୱ ଦିଆଯାଉଥିବା ଅଭିଯୋଗ ହୋଇଆସୁଥିଲା। ସ୍ଥାନୀୟ କର୍ମୀମାନେ ଏହାକୁ ଘୋର ବିରୋଧ କରୁଥିଲେ। ବର୍ତ୍ତମାନ ବିରୋଧର ସ୍ୱର ଶାଣିତ ହେବାରେ ଲାଗିଛି। ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ସର୍ଗିଡିହିଠାରେ ସୋମବାର ବିଜେଡି ପ୍ରାର୍ଥୀ କିଶୋର ଚନ୍ଦ୍ର ନାଏକ ପଡ଼ୋଶୀ ଝାରସୁଗୁଡ଼ା ଜିଲା ପକ୍ଷରୁ ନିର୍ବାଚନ ପ୍ରଚାର ପାଇଁ ନିୟୋଜିତ ବାମରା ବ୍ଲକ ପର୍ଯ୍ୟବେକ୍ଷକ ନରେଶ ଶତପଥୀ, ବନମାଳୀ କର୍ସେଲ ଓ ଅନ୍ୟ କର୍ମୀଙ୍କ ସହ ପ୍ରଚାର କରୁଥିଲେ। ଏହି ସମୟରେ ବାମରା ଅଞ୍ଚଳର କେତେଜଣ ବରିଷ୍ଠ କର୍ମୀ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। କଥା ଠେଲାପେଲା ପର୍ଯ୍ୟନ୍ତ ଯାଇଥିଲା। କେତେଜଣ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ମାମଲା ଶାନ୍ତ ପଡ଼ିଥିଲା। ଏହାକୁ ନେଇ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଜିଲା ବିଜେଡି ଉପସଭାପତି ଶଶୀଭୂଷଣ ସେଠୀଙ୍କ ଅଧକ୍ଷତାରେ ବାମରାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବରିଷ୍ଠ ତଥା ଯୁବ କର୍ମୀଙ୍କୁ ଅଣଦେଖା ଓ ଜିଲା ବାହାର କର୍ମୀଙ୍କୁ ନିୟୋଜନକୁ ଖୋଲାଖୋଲି ବିରୋଧ କରାଯାଇଥିଲା। ଏହା ସହ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ପଠାଯାଇଥିବା ଜଣାପଡ଼ିଛି। ବରିଷ୍ଠ କର୍ମୀଙ୍କୁ ଅଣଦେଖା ଯୋଗୁ ସେମାନଙ୍କ ମନୋବଳ ଭାଙ୍ଗିବା ସହ ଏହା ନିର୍ବାଚନ ଫଳାଫଳରେ ବିପରିତ ପ୍ରଭାବ ପକାଇବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଶୀଘ୍ର ଏହାର ସମାଧାନ ପାଇଁ ମଧ ଅନୁରୋଧ କରାଯାଇଛି। ବୈଠକରେ ଏସ୍‌ଡିଏ ଅଧକ୍ଷ ତଥା ବିଜେଡି ନେତା ବିଜୟ ମହାନ୍ତି, ପୂର୍ବ ବିଜେଡି ବ୍ଲକ ସଭାପତି ଦିଲୀପ ଚୌଧୁରୀ, ଆଦିବାସୀ ନେତା ଶ୍ୟାମସୁନ୍ଦର ମୁଣ୍ଡା, ବାମରା ବ୍ଲକ ବିଜେଡି ମହିଳା ମୋର୍ଚ୍ଚା ସଭାପତି ଜୟନ୍ତୀ ନାଏକ, ସୁଶିଲ ପ୍ରସାଦ, ପୂର୍ବତନ ବ୍ଲକ ସଭାପତି ସୁରେନ୍ଦ୍ର ଗୌନ୍ତିଆ, ଭୁପେନ ଜିତ, ସୁନୀଲ ଖଣ୍ଡେଲୱାଲ, ଆନନ୍ଦ ଜଳାନିଆ, ରୁକ୍ମଣ ପଟେଲ, ଟଙ୍କଧର ରୋହିଦାସ, ପ୍ରବୀର ସେଠୀ, କୁନ୍ଦର ରାଏ, ଦୀନେଶ ଚୌଧୁରୀ, ଅମନ କଂସଲ ଓ ଦୀନେଶ ରକ୍ସା ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଆଉ ୬ ଦିନ ପରେ ମତଦାନ ହେବାକୁ ଯାଉଥିବା ବେଳେ ବାରମ୍ବାର ବିଜେଡିର ବିବାଦ ଦଳକୁ ଦୁର୍ବଳ କରୁଥିବା ଚର୍ଚ୍ଚା ଜୋର ଧରିଛି।



ବିଜେଡି ସଭାରେ ଉପସ୍ଥିତ ବରିଷ୍ଠ କର୍ମୀ।